# ଧରିତ୍ରୀ
DHARITRI

50 Years

ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୪/୨୦୨୪ (୧୬ ପୃଷ୍ଠା) | Bhubaneswar, Thursday, January 4/2024 | Page 16 | ₹ 7.00

୫୦ଶ ଭାଗ ୪୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 42 | ମୂଲ୍ୟ₹୭/-




### ଇଜିପ୍ଟରେ ଛୁଟି କଟାଉଛନ୍ତି ସୋନାକ୍ଷୀ

ବଲିଉଡ୍ ଦବଙ୍ଗ ଗର୍ଲ ସୋନାକ୍ଷୀ ସିହ୍ନା ଇଜିପ୍ଟରେ ନୂଆବର୍ଷକୁ ସ୍ୱାଗତ କରିବା ସହ ଛୁଟି କଟାଉଥିବା ନେଇ କିଛି ଫଟୋ ପୋଷ୍ଟ କରିଛନ୍ତି।

୧୫

୧୬

### ସିରାଜଙ୍କୁ ୬ ଉଇକେଟ ସଫଳତା

କେପ୍ ଟାଉନ୍‌ରେ ବୁଧବାର ଆରମ୍ଭ ହୋଇଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟେଷ୍ଟର ପ୍ରଥମ ଇନିଂସରେ ୬ ଉଇକେଟ ସଫଳତା ପାଇଛନ୍ତି ଭାରତର ମହମ୍ମଦ ସିରାଜ।



# 'ବଲାଙ୍ଗୀର ବିକାଶରେ ଆସିବ ନୂଆ ଯୁଗ'

## ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ଲୋକାର୍ପିତ

**ବଲାଙ୍ଗୀର ସହରଠାରୁ ୨୨ କି.ମି. ଦୂର ମାଗୁରବେଡାଠାରେ ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଉଦ୍‌ଘାଟନ କରିଛନ୍ତି। ୨୦୦୧ ନଭେମ୍ବର ୨୪ରୁ ବହୁ ବାଦ ବିବାଦ, ଆନ୍ଦୋଳନ ଏବଂ ରାଜନୈତିକ ଆରୋପ ପ୍ରତ୍ୟାରୋପରେ ଏହି ପ୍ରକଳ୍ପ ଛନ୍ଦି ହୋଇପଡ଼ିଥିଲା। ଦୀର୍ଘ ୨୩ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟି ଲୋକାର୍ପିତ ହୋଇଥିବା ଏହି ପ୍ରକଳ୍ପ ଚାଷୀଙ୍କ ଜଳକଷ୍ଟ ଦୂର କରିବ ବୋଲି ଆଶା କରାଯାଉଛି।**




ଲୋୟର ସୁକ୍‌ତେଲ ପ୍ରକଳ୍ପ ଉଦ୍‌ଘାଟନୀ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ।

- ୨,୭୨୩ କୋଟି ବ୍ୟୟରେ ନିର୍ମିତ ହୋଇଛି ପ୍ରକଳ୍ପ
- ୨,୨୨୦ କୋଟି ଟଙ୍କାର ୧୧୨ ପ୍ରକଳ୍ପର ଶିଳାନ୍ୟାସ
- ୩୦୫ କୋଟି ଟଙ୍କାର ୬୯ ପ୍ରକଳ୍ପର ଉଦ୍‌ଘାଟନ

**ବଲାଙ୍ଗୀର, ୩।୧ (ବୀରେନ୍ଦ୍ର କୁମାର ଝାଙ୍କର)**

ପ୍ରକଳ୍ପ ଲୋକାର୍ପଣ ନିମନ୍ତେ ଡ୍ୟାମ ନିକଟରେ ଅନୁଷ୍ଠିତ ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ, ଲୋୟର ସୁକ୍‌ତେଲ ପ୍ରକଳ୍ପ ବଲାଙ୍ଗୀରର ଜଳସେଚନ ଓ କୃଷି କ୍ଷେତ୍ରରେ ରୂପାନ୍ତର ଆଣିବ। ଚାଷୀର ବିକାଶରେ ରାଜ୍ୟର ବିକାଶ। ବଲାଙ୍ଗୀର ଜିଲା ବିକାଶରେ ଏହି ପ୍ରକଳ୍ପ ନୂଆ ଯୁଗ ଆଣିବ। ପ୍ରକଳ୍ପ ଦ୍ୱାରା ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲାର ୨୦୦ରୁ ଅଧିକ ଗାଁର ୧ ଲକ୍ଷ ଏକର ଚାଷ ଜମିକୁ ପାଣି ମାଡ଼ିବ। ଉଭୟ ଜିଲାର ୮୦ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଉପକୃତ ହେବେ। ଜିଲାର ୭୦ ହଜାରରୁ ଅଧିକ ଲୋକେ ପିଇବା ପାଣି ପାଇବେ। କୃଷକ ରାଜ୍ୟ ଅର୍ଥନୀତିର ସାରଥି। ଚାଷୀମାନଙ୍କୁ ସାଥିରେ ଧରି ଆମେ ଆଗକୁ ବଢୁଛୁ। ସେମାନଙ୍କ ପାଇଁ କାଳିଆ, ଏକ ଲକ୍ଷ ଟଙ୍କାର ବିନା ସୁଧରେ ଋଣ, ମାଗଣା ଫସଲ ବୀମା, ଚାଷୀଘର ପିଲାଙ୍କ ପାଇଁ ଛାତ୍ରବୃତ୍ତି ଏବଂ ଆହୁରି ଅନେକ ଯୋଜନା ଜାରି ରହିଛି। ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ହୋଇଥିବା ଗାଁର ☞ପୃଷ୍ଠା-୪

# ପ୍ରଥମ ଭର୍ଚୁଆଲ ଗଣବଳାତ୍କାର

## ମେଟାଭର୍ସରେ ମାନସିକ ଯୌନ ଯନ୍ତ୍ରଣାର ଶିକାର ହେଲେ ବ୍ରିଟିଶ୍ ତରୁଣୀ

**ନ୍ୟୁୟର୍କ,୩।୧**

କାଳ୍ପନିକ ଦୁନିଆ 'ମେଟାଭର୍ସ'ରେ ପ୍ରଥମ ଥର ପାଇଁ ବ୍ରିଟେନ୍‌ର ଜଣେ ୧୬ ବର୍ଷୀୟା ନାବାଳିକା ଭର୍ଚୁଆଲ ଗଣବଳାତ୍କାରର ଶିକାର ହୋଇଛନ୍ତି। ଭର୍ଚୁଆଲ ରିଅଲିଟି ଗେମ୍‌ରେ ପୀଡ଼ିତାଙ୍କ ଅବତାରକୁ କେତେଜଣ ଅଜ୍ଞାତ ବ୍ୟକ୍ତି ବଳାତ୍କାର କରିଥିବା ସେ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। ଶାରୀରିକ ଭାବେ ତାଙ୍କର କୌଣସି କ୍ଷତି ହୋଇନାହିଁ। ତେବେ ଏଥିଯୋଗୁ ତାଙ୍କୁ ସତସତିକା ଗଣବଳାତ୍କାରର ଶିକାର ହେବା ଭଳି ମାନସିକ ସ୍ତରରେ ଗଭୀର ଆଘାତ ଲାଗିଛି। ଏଭଳି ଘଟଣା ମେଟାଭର୍ସରେ ପ୍ରଥମ ହୋଇଥିବାବେଳେ ଉପରେ ବ୍ରିଟିଶ୍ ପୋଲିସ ତଦନ୍ତ ଚଳାଇଛି। ଏହି ଘଟଣା ସାମ୍ନାକୁ ଆସିବା ପରେ ଅନ୍‌ଲାଇନ୍‌ରେ ଯୌନ ଅପରାଧ ଚିନ୍ତା ବଢ଼ିଯାଇଛି। ନ୍ୟୁୟର୍କ ପୋଷ୍ଟ(ଏନ୍‌ୱାଇପି)ରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ପୀଡ଼ିତା ଇମର୍ସିଭ୍ ଗେମ୍‌ରେ ଏକ ଭର୍ଚୁଆଲ ରିଅଲିଟି ହେଡ୍‌ସେଟ୍ ପିନ୍ଧିଥିଲେ। ଏହି ସମୟରେ କେତେଜଣ ପୁରୁଷ ତାଙ୍କ ଅବତାରକୁ ଗଣବଳାତ୍କାର କରିଥିଲେ। ତେବେ ଏଭଳି ଅପରାଧର ଶିକାର ହେବା ☞ପୃଷ୍ଠା-୪

ଆଜିର ସମ୍ପାଦକୀୟ | ଏକଛତ୍ରବାଦର ମଡେଲ







## ସଂକ୍ଷେପରେ

### ଜେଲରେ ଜାତିଆଣ ଭେଦଭାବ: କେନ୍ଦ୍ରକୁ ସୁପ୍ରିମକୋର୍ଟ ନୋଟିସ

**ନୂଆଦିଲ୍ଲୀ,୩।୧(ପି.ଟି.):** ଦେଶର ଜେଲଗୁଡ଼ିକରେ ପ୍ରିଜନ୍ ମାନୁଆଲ ଅନୁସାରେ ନିୟମ ଚାଲୁନାହିଁ। ଜାତି ଭିତ୍ତିରେ କଏଦୀମାନଙ୍କୁ କାର୍ଯ୍ୟ ଓ ସୁବିଧା ଦିଆଯାଉଥିବା ଦର୍ଶାଇ ମହାରାଷ୍ଟ୍ରର କଲ୍ୟାଣ ନିବାସୀ ସୁକନ୍ୟା ସନ୍ଥ ସୁପ୍ରିମକୋର୍ଟରେ ଏକ ପିଆଇଏଲ୍ ଦାଖଲ କରିଛନ୍ତି। ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ଏହାର ଶୁଣାଣି କରି ବୁଧବାର କେନ୍ଦ୍ର ସମେତ ଉତ୍ତର ପ୍ରଦେଶ ଓ ପଶ୍ଚିମବଙ୍ଗ ସମେତ ୧୧ ରାଜ୍ୟକୁ ଜବାବ ମାଗିଛନ୍ତି। ଏହି ପ୍ରସଙ୍ଗରେ ପରବର୍ତ୍ତୀ ଶୁଣାଣି ୪ ସପ୍ତାହ ପରେ କରାଯିବ।

### ନାମ୍ବିଆ ଚିତା 'ଆଶା' ଜନ୍ମଦେଲା ୩ ଶାବକ

**ଭୋପାଳ,୩।୧:** ଆଫ୍ରିକୀୟ ରାଷ୍ଟ୍ର ନାମ୍ବିଆରୁ ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନକୁ ଅଣାଯାଇଥିବା ଚିତା 'ଆଶା' ୩ଟି ଶାବକଙ୍କୁ ଜନ୍ମ ଦେଇଥିବା ବୁଧବାର ବନ୍ୟପ୍ରାଣୀ ଅଧିକାରୀମାନେ ସୂଚନା ଦେଇଛନ୍ତି। ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ଅସୀମ ଶ୍ରୀବାସ୍ତବ କହିଛନ୍ତି, ଆଶାକୁ ବର୍ତ୍ତମାନ ଏକ ବୃହତ୍ ଏନ୍‌କ୍ଲୋଜରରେ ରଖାଯାଇଛି। ସେ ନିଜ ଛୁଆମାନଙ୍କ ଯତ୍ନ ନେଉଛି। ଆଶା ଗର୍ଭବତୀ ଥିବା ନେଇ ଆମେ ପୂର୍ବରୁ ସନ୍ଦେହ କରୁଥିଲୁ। ଆଜି ତାହା ପ୍ରମାଣିତ ହୋଇଛି। ପ୍ରକାଶ ଯେ, ୨୦୨୨ ସେପ୍ଟେମ୍ବର ୧୭ରେ ଆଶା ସମେତ ୨୦ ଚିତାଙ୍କୁ ନାମ୍ବିଆ ଓ ଦକ୍ଷିଣ ଆଫ୍ରିକାରୁ ଶେଓପୁର ଜିଲାସ୍ଥିତ କୁନୋ ନ୍ୟାଶନାଲ ପାର୍କକୁ ଅଣାଯାଇଥିଲା। ତେବେ ୨୦୨୩ ମାର୍ଚ୍ଚ ପରଠୁ ୬ ଚିତାଙ୍କ ମୃତ୍ୟୁ ଘଟିସାରିଲାଣି।

### ୨୦୨୧ ଏପ୍ରିଲ ପରଠୁ ୧୦,୩୦୦ କୋଟି ଲୁଟିଲେଣି ସାଇବର ଅପରାଧୀ

**ନୂଆଦିଲ୍ଲୀ,୩।୧:** ୨୦୨୧ ଏପ୍ରିଲ ୧ ପରଠାରୁ ସାଇବର ଅପରାଧୀମାନେ ଦେଶରେ ୧୦,୩୦୦ କୋଟିରୁ ଅଧିକ ଟଙ୍କା ଲୋକଙ୍କଠାରୁ ଲୁଟିସାରିଲେଣି। ଏଜେନ୍ସିଗୁଡ଼ିକ ସେଥିରୁ ମାତ୍ର ୧,୧୨୭ କୋଟି ଟଙ୍କାକୁ ବ୍ଲକ୍ କରିବାରେ ସକ୍ଷମ ହୋଇଛନ୍ତି ବୋଲି ଇଣ୍ଡିଆନ୍ ସାଇବର କ୍ରାଇମ୍ କୋଅର୍ଡିନେଶନ୍ ସେଣ୍ଟର (୧୪ସି) ପକ୍ଷରୁ କୁହାଯାଇଛି। ୧୪ସି ସିଇଓ ରାଜେଶ କୁମାର କହିଛନ୍ତି, ଏହି ସମୟ ମଧ୍ୟରେ ୫,୦୦୦ରୁ ଊର୍ଦ୍ଧ୍ୱ ସାଇବର ଅପରାଧ ଅଭିଯୋଗ ନ୍ୟାଶନାଲ ସାଇବରକ୍ରାଇମ୍ ରିପୋର୍ଟିଂ ପୋର୍ଟାଲ (ଏନ୍‌ସିଆର୍‌ପି) ଜରିଆରେ ରିପୋର୍ଟ ହୋଇଛି। ସେଥିରୁ ୪୦ରୁ ୫୦% ଚାଇନା ଏବଂ କମ୍ବୋଡିଆ ଓ ମ୍ୟାନ୍‌ମାରର କେତେକ ଅଞ୍ଚଳରୁ ଗ୍ୟାଙ୍ଗଗୁଡ଼ିକ ଦ୍ୱାରା ଅପରେଟ୍ ହୋଇଥିବା ଜଣାପଡ଼ିଛି।

# ହିଣ୍ଡେନ୍‌ବର୍ଗ ମାମଲାରେ ଆଦାନୀ ଆଶ୍ୱସ୍ତ

## ଖବରକାଗଜ ରିପୋର୍ଟ ପ୍ରମାଣ ନୁହେଁ: ସୁପ୍ରିମକୋର୍ଟ




**ଅଦାନୀ ଗ୍ରୁପ୍ ବିରୋଧରେ ଆସିଥିବା ଅଭିଯୋଗରେ ସେବି ୨୪ ମାମଲା ମଧ୍ୟରୁ ୨୨ଟିର ତଦନ୍ତ ଶେଷ କରିଛି। ଅନ୍ୟ ୨ଟି ମାମଲାର ତଦନ୍ତ ୩ ମାସ ମଧ୍ୟରେ ଶେଷ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଏହା ଉପରେ ଗୌତମ ଆଦାନୀ ନିଜ ପ୍ରତିକ୍ରିୟାରେ କହିଛନ୍ତି, ସତ୍ୟର ବିଜୟ ହୋଇଛି। ଭାରତର ଅଭିବୃଦ୍ଧି କାହାଣୀକୁ ତାଙ୍କ ଗ୍ରୁପ୍ ଅବଦାନ ଜାରି ରଖିବ ବୋଲି ମାଇକ୍ରୋବ୍ଲଗିଂ ସାଇଟ୍ ଏକ୍ସ'ରେ ଆଦାନୀ ପୋଷ୍ଟ କରିଛନ୍ତି।**

**ନୂଆଦିଲ୍ଲୀ,୩।୧**

ଆଦାନୀ-ହିଣ୍ଡେନ୍‌ବର୍ଗ ବିବାଦ ମାମଲାର ରାୟ ବୁଧବାର ସୁପ୍ରିମକୋର୍ଟରେ ପ୍ରକାଶ ପାଇଛି। ବିଶିଷ୍ଟ ଶିଳ୍ପପତି ଗୌତମ ଆଦାନୀଙ୍କ ଆଦାନୀ ଗ୍ରୁପ୍‌କୁ ବଜାର ନିୟନ୍ତ୍ରକ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ଦେଇଥିବା କ୍ଲିନ୍‌ଚିଟ୍ ସପକ୍ଷରେ ସର୍ବୋଚ୍ଚ ଅଦାଲତ ନିଷ୍ପତ୍ତି ଶୁଣାଇଛନ୍ତି। ବିଲିଅନେୟାର ଜର୍ଜ ସୋରୋସ୍ ପାଣ୍ଠି ଯୋଗାଉଥିବା ସଂସ୍ଥା ଅର୍ଗାନାଇଜ୍‌ଡ କ୍ରାଇମ୍ ଆଣ୍ଡ୍ କରପ୍ସନ ରିପୋର୍ଟିଂ ପ୍ରୋଜେକ୍ଟ (ଓସିସିଆର୍‌ପି) ପକ୍ଷରୁ ପ୍ରକାଶିତ ରିପୋର୍ଟ ଭିତ୍ତିରେ ପୁଞ୍ଜିବଜାର ନିୟନ୍ତ୍ରକର ତଦନ୍ତକୁ ସନ୍ଦେହ କରାଯାଇପାରିବ ନାହିଁ ବୋଲି ୩ ଜଣିଆ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ଏହି ରାୟ ଆଦାନୀଙ୍କୁ ଆଶ୍ୱସ୍ତି ଆଣିଦେଇଛି।

ଗତବର୍ଷ ଜାନୁଆରୀରେ ଆମେରିକୀୟ ଶର୍ଟ ସେଲର ନାଥନ୍ ଆଣ୍ଡର୍ସନଙ୍କ ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ପକ୍ଷରୁ ଏକ ବିସ୍ତୃତ ରିପୋର୍ଟ ପ୍ରକାଶ ପାଇଥିଲା। ଆଦାନୀ ଓ ତାଙ୍କ ପରିବାର ସଦସ୍ୟମାନେ କିପରି ଭାବେ ଆଦାନୀ ଗ୍ରୁପ୍ ଅଧୀନ ୧୦ଟି କମ୍ପାନୀର ଷ୍ଟକ୍ସ ମୂଲ୍ୟ ବଢ଼ାଇବା ସହ ଆକାଉଣ୍ଟ ହେରଫେର କରିଥିଲେ, ତାହା ଉକ୍ତ ରିପୋର୍ଟରେ ପ୍ରଘଟ ହୋଇଥିଲା। ରିପୋର୍ଟ ଆସିବା ପରେ ଆଦାନୀଙ୍କ କମ୍ପାନୀଗୁଡ଼ିକର ଶେୟାର ମୂଲ୍ୟ ଖସିଯାଇଥିଲା। ଫଳରେ ଆଦାନୀଙ୍କୁ ୧୪୦ ବିଲିୟନ୍‌ରୁ ଊର୍ଦ୍ଧ୍ୱ ଡଲାର କ୍ଷତି ସହିବାକୁ ପଡ଼ିଥିଲା। ଭାରତୀୟ ନିବେଶକମାନେ ମଧ୍ୟ ବିପୁଳ କ୍ଷତି ସହିଥିଲେ। ଏଭଳି ସ୍ଥିତି ଏଡ଼ାଇବା ପାଇଁ ନିଶ୍ଚିତ କରିବା ସକାଶେ ସେବିକୁ ନିର୍ଦ୍ଦେଶ ଦେବା ଲାଗି ୨୦୨୩ ଏପ୍ରିଲରେ ୪ଟି ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଖଲ ହୋଇଥିଲା। ମାର୍ଚ୍ଚ ୨ରେ ସୁପ୍ରିମକୋର୍ଟ ୨ ମାସ ମଧ୍ୟରେ ଅଭିଯୋଗର ତଦନ୍ତ ଶେଷ କରିବାକୁ ସେବିକୁ ନିର୍ଦ୍ଦେଶ ଦେଇଥିଲେ। ଗତବର୍ଷ ମେ'ରେ ସୁପ୍ରିମକୋର୍ଟ ନିଯୁକ୍ତ ବିଶେଷଜ୍ଞ କମିଟି ନିଜ ରିପୋର୍ଟ ଦାଖଲ କରିଥିଲା। ଖଣ୍ଡପୀଠ ଗତ ନଭେମ୍ବର ୨୪ରେ ପିଆଇଏଲ୍‌ଗୁଡ଼ିକର ଶୁଣାଣି ଶେଷକରି ରାୟ ସଂରକ୍ଷିତ ରଖିଥିଲେ। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧକ୍ଷତାରେ ତଥା ଜଷ୍ଟିସ୍ ଜେ.ବି. ପରଦିୱାଲା ଏବଂ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ ବୁଧବାର ଉକ୍ତ ରାୟ ପ୍ରକାଶ କରିଛନ୍ତି। ଖଣ୍ଡପୀଠ ସେବିର ତଦନ୍ତ ଉପରେ ଆସ୍ଥା ପ୍ରକଟ କରିବା ସହ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ ପାଇଁ ହୋଇଥିବା ଆବେଦନଗୁଡ଼ିକୁ ଖାରଜ କରିଦେଇଛନ୍ତି। ବିନା କୌଣସି ନିରପେକ୍ଷ ଯାଞ୍ଚରେ ଓସିସିଆର୍‌ପି ପକ୍ଷରୁ ପ୍ରକାଶିତ ରିପୋର୍ଟ ଉପରେ ଆବେଦନକାରୀଙ୍କ ଭରସାକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ସିଜେଆଇ କହିଛନ୍ତି, ଖବରକାଗଜ ରିପୋର୍ଟ ଏବଂ ତୃତୀୟପକ୍ଷ ସଙ୍ଗଠନଗୁଡ଼ିକ ଉପରେ ନିର୍ଭର କରି ବୈଧାନିକ ନିୟନ୍ତ୍ରକଙ୍କୁ ପ୍ରଶ୍ନ କରିବା ପାଇଁ ପ୍ରକାଶିତ ରିପୋର୍ଟରେ ଦୃଢ଼ତା ନାହିଁ। ଏହାକୁ ଏକ ସମ୍ପୂର୍ଣ୍ଣ ନିଷ୍ପତ୍ତିମୂଳକ ବା ଚୂଡ଼ାନ୍ତ ପ୍ରମାଣ ରୂପେ ଦେଖାଯାଇପାରିବ ନାହିଁ ବୋଲି ୪୬ ପୃଷ୍ଠା ସମ୍ବଳିତ ରାୟରେ ଅଦାଲତ ଉଲ୍ଲେଖ କରିଛନ୍ତି। ଏହା ପୂର୍ବରୁ ୧୯୮୮ରେ ସୁପ୍ରିମକୋର୍ଟ ତାମିଲନାଡୁର ଏକ ହତ୍ୟା ମାମଲାରେ ଖବରକାଗଜ ରିପୋର୍ଟକୁ ପ୍ରମାଣ ଭାବେ ଗ୍ରହଣ କରାଯାଇପାରିବ ନାହିଁ ବୋଲି ରାୟ ଦେଇଥିଲେ।

### ସେବିକୁ ଅତ୍ୟଧିକ ଅନୁଗ୍ରହ: କଂଗ୍ରେସ

ଆଦାନୀ ଗ୍ରୁପ୍ ମାମଲାରେ ସୁପ୍ରିମକୋର୍ଟ ରାୟରେ କେତେକ ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ସେବିକୁ ଅତ୍ୟଧିକ ଅନୁଗ୍ରହ ଦେଖାଯାଇଛି ବୋଲି କଂଗ୍ରେସ ଅସନ୍ତୋଷ ବ୍ୟକ୍ତ କରିଛି। କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି, ଗତ ଏକ ଦଶନ୍ଧିରେ ଯେଉଁମାନେ ଜାଲିଆତି କରି ବ୍ୟବସ୍ଥାକୁ ବାଟବଣା କରିଛନ୍ତି, ସେମାନଙ୍କ ମୁହଁରୁ 'ସତ୍ୟମେବ ଜୟତେ' ଶୁଣିଲା ବେଳକୁ ସତ୍ୟ ହଜାରେ ଥର ମରିସାରିଛି। ସେବି ଆଦାନୀ ଅନିୟମିତତାର ତଦନ୍ତ ଶେଷ କରିବାରେ ବିଫଳ ହୋଇଛି।

## ଇଡିରେ ହାଜର ହେଲେନି କେଜ୍‌ରିୱାଲ



**ନୂଆଦିଲ୍ଲୀ,୩।୧**

ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ବୁଧବାର ହାଜର ହେବା ପାଇଁ ତୃତୀୟ ସମନ୍ ପଠାଯାଇଥିଲା। କିନ୍ତୁ କେଜ୍‌ରିୱାଲ ରାଜ୍ୟ ସଭା ନିର୍ବାଚନ ଓ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ଆଦିରେ ବ୍ୟସ୍ତ ଥିବା ଦର୍ଶାଇ ଏଜେନ୍ସି ମୁଖ୍ୟାଳୟରେ ହାଜର ହୋଇନାହାନ୍ତି। ଆମ୍ ଆଦ୍‌ମୀ ପାର୍ଟି (ଏଏପି) ସଂଯୋଜକ କେଜ୍‌ରିୱାଲ ଇଡି ନିକଟକୁ ଏକ ପତ୍ର ପଠାଇଛନ୍ତି। ସେଥିରେ ସେ ଲେଖିଛନ୍ତି, କୌଣସି ପ୍ରକାର ପ୍ରଶ୍ନ କରିବାର ଥିଲେ ଲିଖିତ ଆକାରରେ ପଠାନ୍ତୁ। ସେ ଉତ୍ତର ଦେବେ। ଇତିମଧ୍ୟରେ କେଜ୍‌ରିୱାଲଙ୍କୁ ଗିରଫ କରିବା ପାଇଁ ଏହି ସମନ୍‌ଗୁଡ଼ିକ ପଠାଯାଇଥିବା ଏଏପି ଅଭିଯୋଗ ଆଣିଛି। ପ୍ରକାଶ ଯେ, ଏହା ପୂର୍ବରୁ ଗତ ନଭେମ୍ବର ୨ ଓ ଡିସେମ୍ବର ୨୧ରେ ମଧ୍ୟ ହାଜର ହେବା ପାଇଁ କେଜ୍‌ରିୱାଲଙ୍କୁ ଇଡି ନୋଟିସ କରିଥିଲା। କିନ୍ତୁ ସେ ଏ ଯାଏ ହାଜର ହୋଇନାହାନ୍ତି। ତେଣୁ ପ୍ରଶାସନିକ ଓ ନ୍ୟାୟିକ ବ୍ୟବସ୍ଥା ଉପରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ଭରସା ନାହିଁ ବୋଲି ଭାଜପା ସମାଲୋଚନା କରିଛି।

# ଇଲେକ୍ଟୋରାଲ ବଣ୍ଡରୁ ଭାଜପା ପାଇଛି ୭୦% ଚାନ୍ଦା

**ନୂଆଦିଲ୍ଲୀ,୩।୧**

୨୦୨୨-୨୩ରେ ରାଜନୈତିକ ଦଳଗୁଡ଼ିକ ଇଲେକ୍ଟୋରାଲ୍ ବଣ୍ଡରୁ ଯେଉଁ ପାଣ୍ଠି ପାଇଛନ୍ତି, ସେଥିରୁ ଭାଜପା କେବଳ ୭୦% ଚାନ୍ଦା ପାଇଛି ବୋଲି ଆସୋସିଏଶନ ଫର୍ ଡେମୋକ୍ରାଟିକ ରିଫର୍ମର୍ସ(ଏଡିଆର୍) ପକ୍ଷରୁ ପ୍ରକାଶ ପାଇଛି। ଏଡିଆର୍ ରିପୋର୍ଟ ଅନୁସାରେ ଭାରତ ରାଷ୍ଟ୍ରୀୟ ସମିତି(ବିଆର୍‌ଏସ୍) ୨୫% ଚାନ୍ଦା ପାଇଛି। ୩୯ଟି କର୍ପୋରେଟ ଏବଂ ବିଜ୍‌ନେସ୍ ହାଉସ୍ ୩୬୩ କୋଟି ଇଲେକ୍ଟୋରାଲ ଟ୍ରଷ୍ଟକୁ ଚାନ୍ଦା ଦେଇଥିବାବେଳେ ୩୪ କର୍ପୋରେଟ ଏବଂ ବ୍ୟବସାୟିକ ପ୍ରତିଷ୍ଠାନ ପ୍ରୁଡେଣ୍ଟ ଇଲେକ୍ଟୋରାଲ ଟ୍ରଷ୍ଟକୁ ୩୬୦କୋଟି ଟଙ୍କା ଚାନ୍ଦା ଦେଇଛନ୍ତି। ସେହିପରି ସମାଜ ଇଲେକ୍ଟୋରାଲ୍ ଟ୍ରଷ୍ଟକୁ ଗୋଟିଏ କମ୍ପାନୀ ୨କୋଟି, ପରିବର୍ତ୍ତନ ଇଲେକ୍ଟୋରାଲ ଟ୍ରଷ୍ଟକୁ ୨ଟି କମ୍ପାନୀ ୭୫.୫କୋଟି ଏବଂ ଟ୍ରମ୍ଫ ଇଲେକ୍ଟୋରାଲ ଟ୍ରଷ୍ଟକୁ ୨ଟି କମ୍ପାନୀ କେବଳ ୫୦କୋଟି ଟଙ୍କା ଚାନ୍ଦା ଆକାରରେ ଦେଇଛନ୍ତି।

ଇଲେକ୍ଟୋରାଲ୍ ଟ୍ରଷ୍ଟରୁ ବିଭିନ୍ନ ରାଜନୈତିକ ଦଳଗୁଡ଼ିକୁ ମିଳିଥିବା ମୋଟ ଚାନ୍ଦାରୁ ଭାଜପାକୁ କେବଳ ୨୫୯.୦୮କୋଟି ଅର୍ଥାତ୍ ୭୦.୬୯% ମିଳିଛି। ବିଆର୍‌ଏସ୍‌କୁ ୯୦କୋଟି ଅର୍ଥାତ୍ ୨୪.୫୬% ମିଳିଛି। ୱାଇଏସ୍‌ଆର୍ କଂଗ୍ରେସ, ଏଏପି ଏବଂ କଂଗ୍ରେସକୁ ମୋଟ ୧୭.୪୦କୋଟି ଟଙ୍କା ମିଳିଥିବା ଏଡିଆର୍ ରିପୋର୍ଟରେ ଉଲ୍ଲେଖ ରହିଛି। ପ୍ରୁଡେଣ୍ଟ ଇଲେକ୍ଟୋରାଲ୍ ଟ୍ରଷ୍ଟ ଭାଜପାକୁ ୨୫୬.୨୫କୋଟି ଟଙ୍କା ଚାନ୍ଦା ମିଳିଛି। ୨୦୨୧-୨୨ରେ ୩୩୬.୫୦କୋଟି ଟଙ୍କା ମିଳିଥିଲା। ସମାଜ ଇଲେକ୍ଟୋରାଲ୍ ଟ୍ରଷ୍ଟ ଆସୋସିଏଶନ ଭାଜପାକୁ ୧.୫୦କୋଟି ଟଙ୍କା ଦେଇଥିବାବେଳେ କଂଗ୍ରେସକୁ ୫୦କୋଟି ଟଙ୍କା ଦେଇଥିଲା।

# ଭାରତକୁ ମସ୍କ ଭରସା

## ସ୍ପେସେକ୍ସ ରକେଟରେ ଯୋଗାଯୋଗ ଉପଗ୍ରହ ଲଞ୍ଚ୍ କରିବ ଇସ୍ରୋ

**ନୂଆଦିଲ୍ଲୀ,୩।୧**

ଭାରତ ପ୍ରଥମ ଥର ପାଇଁ ନିଜର ଏକ ନେକ୍ସଟ୍ ଜେନେରେଶନ୍ ଭାରି ଯୋଗାଯୋଗ ଉପଗ୍ରହକୁ ଲଞ୍ଚ କରିବା ପାଇଁ ସ୍ପେସେକ୍ସ ଉପରେ ଭରସା କରିଛି। ବିଶିଷ୍ଟ ଧନୀ ଏଲନ୍ ମସ୍କଙ୍କ ସ୍ପେସେକ୍ସ ରକେଟ ଫାଲ୍‌କୋନ୍-୯ ଜରିଆରେ ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ) ପକ୍ଷରୁ ଜିଏସ୍‌ଏଟି-୨୦ର ଉଦ୍‌କ୍ଷେପଣ କରାଯିବ। ଆମେରିକାର ଫ୍ଲୋରିଡାରୁ ଏହି ମିଶନ ଲଞ୍ଚ କରାଯିବ। ଏହି ଡିଲ୍ ଇସ୍ରୋର ଦୁର୍ବଳତାକୁ ପଦାରେ ପକାଇଦେଇଛି ଯେ, ମହାକାଶ ଗବେଷଣା ସଂସ୍ଥା ଅଦ୍ୟାବଧି ବୃହତ୍ କମ୍ୟୁନିକେଶନ୍ ସାଟେଲାଇଟ୍ ଲଞ୍ଚ କରିପାରିବା ଭଳି ଦକ୍ଷତାସମ୍ପନ୍ନ ରକେଟ ବିକଶିତ କରିପାରି ନାହିଁ। ଏନେଇ ଇସ୍ରୋ ଅଧକ୍ଷ ଏସ୍. ସୋମନାଥନ୍ କହିଛନ୍ତି, ଭାରତ ପାଖରେ ଏଭଳି ରକେଟ ଉପଲବ୍ଧ ନ ଥିବାରୁ ଆମକୁ ସ୍ପେସେକ୍ସର ସହାୟତା ନେବାକୁ ପଡ଼ିବ।




ବିଶିଷ୍ଟ ଧନୀ ଏଲନ୍ ମସ୍କଙ୍କ ଦ୍ୱାରା ୨୦୦୨ରେ ପ୍ରତିଷ୍ଠିତ ସ୍ପେସେକ୍ସ ଏକ୍ସପ୍ଲୋରେଶନ୍ ଟେକ୍ନୋଲୋଜି କର୍ପୋରେଶନ୍ ହେଉଛି ଏକ ଆମେରିକୀୟ ମହାକାଶଯାନ ନିର୍ମାଣକାରୀ କମ୍ପାନୀ। ସ୍ପେସେକ୍ସ ମହାକାଶଯାନ ଉତ୍‌କ୍ଷେପଣ ସେବା, ପ୍ରତିରକ୍ଷା କଣ୍ଟ୍ରାକ୍ଟ ଓ ସାଟେଲାଇଟ୍ କମ୍ୟୁନିକେଶନ ଆଦି କ୍ଷେତ୍ରରେ ଉତ୍କର୍ଷ ଲାଭ କରିଛି। ଆମେରିକାର କାଲିଫର୍ନିଆସ୍ଥିତ ହଓ୍ୱୋର୍ନ୍‌ରେ ଏହାର ମୁଖ୍ୟାଳୟ ଅବସ୍ଥିତ। ଏହି କମ୍ପାନୀ ବର୍ତ୍ତମାନ ଫାଲ୍‌କୋନ୍ ୯ ଓ ଫାଲ୍‌କୋନ୍ ହେଭି ରକେଟ୍ ପରିଚାଳନା କରୁଛି। ସ୍ପେସେକ୍ସ ସହାୟତାରେ ଇସ୍ରୋ ପକ୍ଷରୁ ୪.୭ ଟନ୍ ଓଜନର କମ୍ୟୁନିକେଶନ୍ ସାଟେଲାଇଟ୍‌କୁ ଚଳିତବର୍ଷର ଦ୍ୱିତୀୟ ତ୍ରୈମାସିକରେ ଉତ୍‌କ୍ଷେପଣ କରିବ ବୋଲି ବୁଧବାର ନ୍ୟୁ ସ୍ପେସ୍ ଇଣ୍ଡିଆ ଲିମିଟେଡ୍ (ଏନ୍‌ଏସ୍‌ଆଇଏଲ୍) ଘୋଷଣା କରିଛି। ଜିସାଟ୍-୨୦ କମ୍ୟୁନିକେଶନ୍ ସାଟେଲାଇଟ୍ ଜରିଆରେ ଇନ୍‌ଫ୍ଲାଇଟ୍ ଆଣ୍ଡ୍ ମାରିଟାଇମ୍ କମ୍ୟୁନିକେଶନ୍ସ (ଆଇଏଫ୍‌ଏମ୍‌ସି) ଏବଂ ସେଲୁଲାର ସର୍ଭିସ୍ କ୍ଷେତ୍ରରେ ଭାରତର ବ୍ରଡ୍‌ବ୍ୟାଣ୍ଡ ଆବଶ୍ୟକତା ପୂରଣ ହେବ ବୋଲି ଆଶାବାଦୀ ଥିବା ଏନ୍‌ଆଇଏସ୍‌ଏଲ୍ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଡ. ରାଧାକ୍ରିଷ୍ଣନ୍ ଦୁରାଇରାଜ ସୂଚନା ଦେଇଛନ୍ତି।

# ବିମାନ ଯାତ୍ରୀଙ୍କ ଘୃଣ୍ୟ କାର୍ଯ୍ୟ

## ଫ୍ଲାଇଟ୍‌ରେ ଖାଲିପାଦରେ ବୁଲିବାଠୁ ନେଇ ଧୂମପାନ ଯାଏ

**ବିମାନ ଯାତ୍ରାବେଳେ ଆଚରଣ କିପରି ହେବା କଥା ତାହା ଅନେକ ଯାତ୍ରୀ ଭୁଲିଗଲେଣି। ସେମାନେ ନିଜ ନଖରେ ନେଲ୍ ପଲିସ୍ ଲଗାଇବାଠୁ ନେଇ ୩୫,୦୦୦ ଫୁଟ୍ ଉଚ୍ଚତାର ଫ୍ଲୋରରେ ଶୌଚହେବା ପର୍ଯ୍ୟନ୍ତ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳୁଛି। ବିମାନରେ ଯାତ୍ରୀଙ୍କ ଶିଷ୍ଟାଚାର ବିଫଳତାର କେତେକ ନିକୃଷ୍ଟତମ ନମୁନା ଏଠାରେ ଉଲ୍ଲେଖ କରାଗଲା।**



**ୱାଶିଂଟନ୍,୩।୧**

ଚେକ୍ ଗଣତନ୍ତ୍ରର ରାଜଧାନୀ ପ୍ରାଗ୍ ଅଭିମୁଖେ ଯାଉଥିବା ଏକ ବିମାନର ବଜେଟ କ୍ଲାସ୍‌ରେ ଯାତ୍ରୀମାନେ ବିବାହ ସେଲିବ୍ରେଶନ କରିବାକୁ ଯାଇ ଜଗରମେଇଷ୍ଟର ପାନ ପୂର୍ବକ ଅନ୍ୟମାନଙ୍କୁ ଦୁର୍ବ୍ୟବହାର କରିଥିଲେ। ଆଜିକାଲି ସୁଉଚ୍ଚ ଆକାଶରେ ଉଡ଼ାଣ ବେଳେ ଏଭଳି ଦୁର୍ବ୍ୟବହାର କରୁଥିବା ଲୋକଙ୍କ ତାଲିକା ଲମ୍ବିବାରେ ଲାଗିଛି। ଏହି ସୂଚୀରେ ସଦ୍ୟ ଯୋଡ଼ି ହୋଇଯାଇଛନ୍ତି ଆମେରିକାର ରାଷ୍ଟ୍ରପତି ପ୍ରାର୍ଥୀ ରବର୍ଟ ଏଫ୍. କେନେଡି ଜୁନିୟର। ରବର୍ଟ ଏକ ବିମାନର ବାଥ୍‌ରୁମକୁ ଖାଲିପାଦରେ ଚାଲିକି ଯାଉଥିବାବେଳେ ଅନ୍ୟମାନଙ୍କୁ ଘୃଣିତ ବ୍ୟବହାର ଦେଖାଇଥିବା ଅଭିଯୋଗ ହୋଇଛି। ସେହିପରି ଜଣେ କମ୍ ଜଣାଶୁଣା ବ୍ୟକ୍ତି ଏକ ବିମାନ ବାହାରର ଫଟୋ ଉଠାଇବାକୁ ଯାଇ ୱିଣ୍ଡୋ ସିଟ୍‌ରେ ବସିଥିବା ମହିଳାଙ୍କ ଉପରକୁ ଢଳିଯାଇଥିଲେ।

ଏକ ଦଶନ୍ଧି ପୂର୍ବରୁ ଖରାପ ବ୍ୟବହାର ଦେଖାଉଥିବା ଯାତ୍ରୀଙ୍କ ବିରୋଧରେ ସହଯାତ୍ରୀମାନେ ଅଭିଯୋଗ କଲେ ହିଁ ତା'ର ବିଚାର ହେଉଥିଲା। ଆଜିକାଲି ଯାତ୍ରୀ ଘଟାଉଥିବା ଅପରାଧର ଫଟୋ ଓ ଭିଡିଓ ନିଆଯାଇପାରୁଛି। ସେଗୁଡ଼ିକ ସୋସିଆଲ ମିଡିଆ ଜରିଆରେ ଇଣ୍ଟରନେଟ୍‌ରେ ବହୁଳ ପ୍ରସାର ଲାଭ କରୁଥିବାରୁ ସମ୍ପୃକ୍ତ ଯାତ୍ରୀଙ୍କୁ ହଟହଟା ହେବାକୁ ପଡୁଛି। ସବୁଠୁ ଖରାପ ଅପରାଧ ବ୍ୟତୀତ ନିଶାସକ୍ତ ହୋଇ ମାରପିଟ କିମ୍ବା ଜାତିଆଣ ଆକ୍ଷେପ କରିବା ଏପରି କି କ୍ୟାବିନ୍ କ୍ରିଉଙ୍କୁ ଆକ୍ରମଣ କରିବା ଭଳି ଯାତ୍ରୀଙ୍କ ଦୁର୍ବ୍ୟବହାରର ଅଗଣିତ ଉଦାହରଣ ରହିଛି। ଏଭଳି ଯାତ୍ରୀମାନଙ୍କୁ ବିମାନରୁ ବାହାର କରାଯିବା ସମ୍ଭବ ହେଉ ନ ଥିବାରୁ ସେମାନଙ୍କ ସହ ଦୁର୍ଭାଗ୍ୟବଶତଃ ସମାନ କ୍ୟାବିନ୍‌ରେ ଯାତ୍ରା କରୁଥିବା ଅନ୍ୟମାନେ କ୍ରୋଧିତ ହୋଇଯାଆନ୍ତି। ଗତ କିଛି ବର୍ଷରେ ବିମାନ ଯାତ୍ରାବେଳେ ମାନବ ଜାତି ବିରୋଧରେ ସବୁଠୁ ନିକୃଷ୍ଟ ଅପରାଧଗୁଡ଼ିକୁ ଯୋଡ଼ି ଦେଖିଲେ ଭ୍ରୂକୁଞ୍ଚନ ସୃଷ୍ଟିକାରୀ ଅନେକ ଦୃଷ୍ଟାନ୍ତ ସାମ୍ନାକୁ ଆସିଥାଏ।

### ହେୟାର ହାରାସ୍‌ମେଣ୍ଟ

ଲମ୍ବା ଚୁଟି ରଖିଥିବା ଯାତ୍ରୀମାନେ ନିଜ କେଶକୁ ସେମାନଙ୍କ ସିଟ୍ ପଛକୁ କରିଦେବା ଏକ ବିରକ୍ତିକର ବ୍ୟବହାର। ବିଶେଷକରି ଯାତ୍ରାବେଳେ ବାରମ୍ବାର ଏପରି ହେଲେ ଆହୁରି ଖରାପ ଲାଗିଥାଏ। ଏନେଇ ବିମାନ ଯାତ୍ରୀ ବେଞ୍ଜାମିନ୍ ପାର୍କର ନିଜ ତିକ୍ତ ଅନୁଭୂତିର ଅବତାରଣା କରିଛନ୍ତି। ବେଞ୍ଜାମିନ୍ କହିଛନ୍ତି, ଏକଦା ଯାତ୍ରାବେଳେ ସେ ଅନେକ ଥର ଏଭଳି ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଆଗ ସିଟ୍‌ରେ ବସିଥିବା ଯାତ୍ରୀଙ୍କ ଚୁଟିକୁ ହଟେଇଦେବା ବ୍ୟତୀତ ଅନ୍ୟ କିଛି ଉପାୟ ନ ଥିଲା ତାଙ୍କର। ବିମାନରେ ରାତ୍ରିଭୋଜନର ଚିକେନ୍ ଓ ଆଳୁରେ ଜଣେ ଯାତ୍ରୀଙ୍କ ଚୁଟି ଲାଗିଯାଇଥିଲା। ସେ ବାଧହୋଇ ବିରକ୍ତି ପ୍ରକାଶ କରିଥିଲେ। କିନ୍ତୁ ଟ୍ରେ ଉପରେ ଯାତ୍ରୀଙ୍କ କେଶ ପୁଣି ଥରେ ପଡ଼ିଯାଇଥିଲା।

### ଫୁଟ୍‌ଲୁଜ୍ (ଦାୟିତ୍ୱହୀନ ଚାଲି)

ଆମେରିକୀୟ ରାଜନେତା ରବର୍ଟ ଏଫ୍ କେନେଡି ଜୁନିୟର ନିକଟରେ ଏକ ବିମାନ ଟଏଲେଟ୍‌କୁ ଖାଲିପାଦରେ ଯାଇ ବିବାଦୀୟ ହୋଇଥିଲେ। ଡେମୋକ୍ରାଟ୍ ରବର୍ଟ ହେଉଛନ୍ତି ଆମେରିକାର ୩୫ତମ ରାଷ୍ଟ୍ରପତି ଜନ୍ ଏଫ୍. କେନେଡିଙ୍କ ପୁତୁରା। ୨୦୨୪ ରାଷ୍ଟ୍ରପତି ନିର୍ବାଚନରେ ସେ ସ୍ୱାଧୀନ ପ୍ରାର୍ଥୀ ରୂପେ ମଇଦାନକୁ ଓହ୍ଲାଇଛନ୍ତି। ସେ ବିନା ଜୋତାରେ ବିମାନ ଭିତରେ ବୁଲିବାବେଳର ଫଟୋ ସାମାଜିକ ଗଣମାଧ୍ୟମରେ ହଇଚଇ ସୃଷ୍ଟି କରିଛି।

ହାର୍ଟଲ୍ୟାଣ୍ଡ ଇନ୍‌ଷ୍ଟିଟ୍ୟୁଟ୍‌ର କାର୍ଯ୍ୟନିର୍ବାହୀ ସମ୍ପାଦକ ତଥା ଷ୍ଟପିଙ୍ଗ୍‌ସୋସିଆଲିଜମ୍ ଡଟ୍ କମ୍ ମୁଖ୍ୟ ସମ୍ପାଦକ ଜଷ୍ଟିନ୍ ହସ୍କିନ୍ସ ନିକଟରେ ଫାଷ୍ଟକ୍ଲାସ୍ ଟ୍ରିପ୍‌ରେ ଯାତ୍ରା ବେଳର ନିଜ ଅଦ୍ଭୁଆ ଅନୁଭୂତି ବଖାଣିଛନ୍ତି। ଜଷ୍ଟିନ୍ କହିଛନ୍ତି, ତାଙ୍କ ସାମ୍ନା ସିଟ୍‌ରେ ବସିଥିବା ଜଣେ ଯାତ୍ରୀଙ୍କୁ ସେ ରବର୍ଟ ବୋଲି ମନେକରିଥିଲେ। ବ୍ୟକ୍ତି ଜଣକ ବାଥ୍‌ରୁମ ଆଡ଼କୁ ଯାଉଥିବାବେଳେ ପାଦରେ ଜୋତା କି ମୋଜା ନ ଥିଲା। ଫ୍ଲୋର୍‌ରେ ଖାଦ୍ୟ ବିଛାଡ଼ିହୋଇ ପଡ଼ିଥିଲା। ରାଷ୍ଟ୍ରପତି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଜଣେ ବ୍ୟକ୍ତି ପ୍ଲେନ୍‌ର ଫାଷ୍ଟ କ୍ଲାସ୍‌ରେ ଏପରି କରିପାରନ୍ତି। ଏହା କ'ଣ ବୋଲି ସେ ପ୍ରଶ୍ନ କରିଛନ୍ତି।

### ପଛରୁ ଗୋଇଠା

ବିମାନ ଯାତ୍ରୀ ନାଟାଲିଏ ୱିଲ୍‌ସନ୍ ଝିଅଙ୍କ ଛୁଟିଦିନରେ ର୍ୟାନ୍‌ଏୟାର ପ୍ଲେନ୍‌ରେ ନିଜ ବାନ୍ଧବୀଙ୍କ ସହ କ୍ରୋଏସିଆକୁ ଯାଉଥିଲେ। ସେମାନଙ୍କୁ ସ୍ୱଳ୍ପବୟସ୍କ ପିଲାଙ୍କ ଧାଡ଼ି ସାମ୍ନାରେ ବସାଯାଇଥିଲା। ୨ ଘଣ୍ଟା ୨୦ ମିନିଟ୍‌ର ଯାତ୍ରାବେଳେ ଭବିଷ୍ୟତରେ ଭଲ ଫୁଟ୍‌ବଲ ଖେଳାଳି ହେବାକୁ ଆଶା ରଖିଥିବା ଏହି ପିଲାମାନେ ସେମାନଙ୍କ ପିଠିରେ ମସାଜ୍ କରିବାରେ ଲାଗିଥିଲେ। ମନେହେଉଥିଲା, ମା'ମାନେ ସେମାନଙ୍କୁ ଶିଖାଇଥିବା ଭଦ୍ରାମିର କୌଣସି ପ୍ରଭାବ ପିଲାଙ୍କ ଉପରେ ପଡ଼ିନାହିଁ। ନାଟାଲିଏ ସମ୍ପୂର୍ଣ୍ଣ ଯାତ୍ରାବେଳେ ତାଙ୍କ ମୁଣ୍ଡକୁ ପଛରୁ ଗୋଇଠା ମାରୁଥିବା ପିଲା ଓ ସେମାନଙ୍କ ରିଙ୍ଗଲିଡର 'ସେଲ୍‌ୱିନ୍'ଙ୍କୁ ଅଭିଶାପ ଦେଇଚାଲିଥିଲେ।

### ନେଲ୍ ପଲିସ୍

ନିକଟରେ ଜଣେ ମହିଳା ବିମାନ ଯାତ୍ରୀ ନିଜ ନଖରେ ନେଲ୍ ପଲିସ୍ ଲଗାଉଥିଲେ। ସେ ସାଙ୍ଗରେ ବିୟର ମଧ୍ୟ ନେଇଥିଲେ। ଜଣେ ସହଯାତ୍ରୀ ଏହାର ଫଟୋ ଉଠାଇଥିଲେ, ଯାହାକୁ ଆଭିଏଶନ୍ ରାଇଟର ଜେଟି ଜେଣ୍ଟର ମାଇକ୍ରୋବ୍ଲଗିଂ ସାଇଟ୍ ଏକ୍ସ'ରେ ଶେୟାର କରିଥିଲେ। ସେଥିରେ ସେ ଲେଖିଥିଲେ- ନେଲ୍ ପଲିସ୍ ୟୁଜର୍ସ, ଆପଣ ଏକ ଆବଦ୍ଧ ସ୍ଥାନରେ ଥିବା ଯାଏ ଦୟାକରି ଅପେକ୍ଷା କରନ୍ତୁ ନାହିଁ। ଆମ ମଧ୍ୟରୁ ଅନେକେ ଏଭଳି ବିଷାକ୍ତ ଗନ୍ଧକୁ ସହ୍ୟ କରିପାରୁ ନାହୁଁ। ଆପଣ ସାଙ୍ଗରେ ଏଫ୍‌ୱାଇଆଇ ଆଲ୍‌କୋହଲ ଡ୍ରିଙ୍କ୍ସ ବିମାନକୁ ନେଇ ଯାଇଥିବା ମଧ୍ୟ ଆଇନ ସମ୍ମତ ନୁହେଁ। ତେବେ ଫଟୋଟି ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ସମ୍ପୃକ୍ତ ମହିଳା ଯାତ୍ରୀଙ୍କୁ ଅନ୍‌ଲାଇନ୍‌ରେ ହଟହଟା ହେବାକୁ ପଡ଼ିଥିଲା।

### ଧୂମପାନ

୨୦୨୨ ଡିସେମ୍ବରରେ ଜଣେ ବିମାନ ଯାତ୍ରୀ ପକେଟରୁ ସିଗାରେଟ୍ ଓ ଲାଇଟର ବାହାର କଲେ। ସେ ସିଗାରେଟ୍‌ରେ ନିଆଁ ଲଗାଇବାକୁ ଯାଉଥିବାବେଳେ ଜଣେ ସୁନ୍ଦରୀ ଫ୍ଲାଇଟ୍ ଆଟେଣ୍ଡାଣ୍ଟ ତାଙ୍କ ହାତରୁ ସିଗାରେଟ୍ ଛଡ଼ାଇନେଇଥିଲେ। ଏହି ଦୃଶ୍ୟକୁ ଜଣେ ସହଯାତ୍ରୀ ନିଜ କ୍ୟାମେରାରେ କଏଦ୍ କରିଥିଲେ। ଫଟୋଟି ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ହୋଇଥିଲା।

### ଟଏଲେଟ୍ ଟ୍ରବୁଲ

ଗତ ଅକ୍ଟୋବରରେ ଲଣ୍ଡନ ଯାଉଥିବା ଇଜିଜେଟ୍ ବିମାନର ଟଏଲେଟ୍ ଫ୍ଲୋର୍‌ରେ ଜଣେ ଯାତ୍ରୀ ଝାଡ଼ା କରିଦେଇଥିଲେ। ଫଳରେ ଉକ୍ତ ବିମାନର ଉଡ଼ାଣକୁ ସ୍ଥଗିତ ରଖାଯାଇଥିବା ପାଇଲଟ୍ ଘୋଷଣା କରିଥିଲେ। କ୍ଷୁବ୍ଧ ଯାତ୍ରୀମାନେ ଟେନେରିଫେରେ ଅଧିକ ଗୋଟିଏ ରାତି ରହିବାକୁ ବାଧ୍ୟ ହୋଇଥିଲେ। ଏକ୍ସ'ରେ ଶେୟାର କରାଯାଇଥିବା ଏକ ଭିଡିଓରେ ଦେଖାଯାଇଥିଲା, ବିମାନର ପାଇଲଟ୍ କହୁଥିଲେ- ଆମକୁ ଏଠାରେ ରାତିଟିଏ ରହିବାକୁ ପଡ଼ିବ। ଯେଉଁମାନଙ୍କର ଶୌଚ ହେବାର ଅଛି ସେମାନେ ଯାଇପାରିବେ।




# କେନ୍ଦୁଝରରେ ଅନାହାର ମୃତ୍ୟୁ

**■ ଖାଦ୍ୟ ଅଭାବରୁ ରୋଗାଗ୍ରସ୍ତ ହୋଇ ଚିକିତ୍ସାଧୀନ ଥିଲେ**

**■ ଜୀବନ ଯୁଦ୍ଧରେ ହାରିଗଲେ ନନ୍ଦୀ**

କେନ୍ଦୁଝର,୩।୧ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

ଅନାହାରରୁ ମୃତ୍ୟୁ ସହ ସଂଘର୍ଷ କରୁଥିଲେ। ସ୍ଥିତି ଏପରି ହୋଇଥିଲା ଯେ ବିଛଣାରୁ ଉଠିବାକୁ ବଳ ପାଉ ନ ଥିଲା। ୩ ଛୁଆ ମଧ୍ୟ ଖାଦ୍ୟ ଅଭାବରୁ ରୋଗାଗ୍ରସ୍ତ ହୋଇଯାଇଥିଲେ। ଅବଶ୍ୟ ପ୍ରଶାସନ ପକ୍ଷରୁ ଉକ୍ତ ପରିବାରକୁ ସହାୟତା କରାଯାଇଥିଲା। ମାତ୍ର ଭୋକ ଉପାସ ଯୋଗୁ ରୋଗାଗ୍ରସ୍ତ ହୋଇପଡ଼ିଥିବା କେନ୍ଦୁଝର ଜିଲା ସଦର ବ୍ଲକ୍ ଅନ୍ତର୍ଗତ ପଦ୍ମପୁରର କୁଦୁରୁ ସାହିର ନନ୍ଦୀ ମୁଣ୍ଡାଙ୍କ ବୁଧବାର ମୃତ୍ୟୁ ଘଟିଛି।

ସୂଚନା ଅନୁଯାୟୀ, ପଦ୍ମପୁର ଗ୍ରାମର ରାଇସମିଲ ପାଖ କୁଦୁରୁ ସାହିରେ ନନ୍ଦୀ ପରିବାର ସହ ରହୁଥିଲେ। ସ୍ୱାମୀଙ୍କ ମୃତ୍ୟୁ ପରେ ଖାଦ୍ୟ ଅଭାବରୁ ନନ୍ଦୀ ବିଛଣାରେ ପଡ଼ି ଛଟପଟ ହେଉଥିଲେ। ଝିଅ ସେବତୀଙ୍କ ମଧ୍ୟ ଗୋଡ଼ ଫୁଲି ଘା ଓ ଚର୍ମ ରୋଗ ହୋଇଯାଇଥିଲା। ଏଭଳି ସ୍ଥିତିରେ ସେବତୀ ପର ଘରେ କାମ କରି ମା' ଓ ୨ ଭାଇଙ୍କ ମୁହଁରେ ଆହାର ଯୋଗାଇବାକୁ ଚେଷ୍ଟା କରୁଥିଲେ। ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ପ୍ରଶାସନ


ମେଡିକାଲ୍ ଯିବା ପୂର୍ବରୁ ଶଯ୍ୟାଶାୟୀ ନନ୍ଦୀ।

ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଗତ ୨୯ ତାରିଖରେ ସଦର ବ୍ଲକ୍ ବିଡିଓ ତିଲୋତ୍ତମା ପୃଷ୍ଟି, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ମେଡିକାଲ ଟିମ୍ ଧରି ସାହିରେ ପହଞ୍ଚି ନନ୍ଦୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଅଧିକ ଚିକିତ୍ସା ଆବଶ୍ୟକତାକୁ ନେଇ ପ୍ରଥମେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ୩୦ ତାରିଖରେ କେନ୍ଦୁଝର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ବୁଧବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଜିଲା ସ୍ୱାସ୍ଥ୍ୟ ଅଧିକାରୀ କିଶୋର ଚନ୍ଦ୍ର ପୃଷ୍ଟି କହିଛନ୍ତି। ଯୁବ ଓ ଶ୍ରମ ବିକାଶ ମଞ୍ଚ ପକ୍ଷରୁ ଏ ନେଇ ଏକ ନିରବ ସଭା କରି ନନ୍ଦୀଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଛି। ନନ୍ଦୀଙ୍କ ପରି ଆଉ କାହାର ଭୋକ ଉପବାସରେ ଜୀବନ ନ ଯାଉ ବୋଲି ସଦସ୍ୟମାନେ କହିଥିଲେ। ଅନାଥ ପିଲାଙ୍କ ଭବିଷ୍ୟତ ବ୍ୟବସ୍ଥା ସରକାର କରିବାକୁ ଦାବି ହେଉଛି। ବିଡିଓ ତିଲୋତ୍ତମା ପୃଷ୍ଟି କହିଛନ୍ତି, ତାଙ୍କ ପାଖରେ ଖବର ନାହିଁ। ତେବେ ସରକାରଙ୍କ ନିୟମାନୁଯାୟୀ ତାଙ୍କ ପରିବାର ଓ ପିଲାଙ୍କୁ ସହାୟତା ମିଳିବ।

# ଅର୍ଥତତ୍ତ୍ୱର ସବୁ ସମ୍ପତ୍ତି ବାଜ୍ୟାପ୍ତି ନିର୍ଦ୍ଦେଶ

**ବାଜ୍ୟାପ୍ତି ସମ୍ପତ୍ତି ନିଲାମ ପରେ ଜମାକାରୀଙ୍କୁ ବଣ୍ଟାଯିବ**

କଟକ,୩।୧ (କାର୍ତ୍ତିକ ସାହୁ)

ଚିଟ୍‌ଫଣ୍ଡ ସଂସ୍ଥା ଅର୍ଥତତ୍ତ୍ୱର ସମସ୍ତ ସମ୍ପତ୍ତି ବାଜ୍ୟାପ୍ତି କରି ସାଧାରଣରେ ନିଲାମ କରିବାକୁ କଟକ ସ୍ୱତନ୍ତ୍ର ଚିଟ୍‌ଫଣ୍ଡ କୋର୍ଟ ବୁଧବାର ନିର୍ଦ୍ଦେଶ ଦେଇଛନ୍ତି। ବାଜ୍ୟାପ୍ତି ସମ୍ପତ୍ତି ନିଲାମ ପରେ ଲବ୍ଧ ଅର୍ଥକୁ ଜମାକାରୀଙ୍କ ମଧ୍ୟରେ ବଣ୍ଟାଯିବ ବୋଲି କୋର୍ଟଙ୍କ ନିର୍ଦ୍ଦେଶ ରହିଛି। କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ, ଅର୍ଥତତ୍ତ୍ୱର ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ବାଜ୍ୟାପ୍ତି ହେବ। ବାଜ୍ୟାପ୍ତି ସମ୍ପତ୍ତି ମଧ୍ୟରେ ସଂସ୍ଥାର ଭୁବନେଶ୍ୱର, ଖୋର୍ଦ୍ଧା, ପୁରୀ, ଗଞ୍ଜାମ ଓ ଅନୁଗୋଳ ଆଦି ସ୍ଥାନରେ ଥିବା ପ୍ରାୟ ୧୧୦ ଏକର ଜମି ଓ ୧୧ଟି ଦାମୀ ଗାଡ଼ି ରହିଛି। ସେହିପରି ବ୍ୟାଙ୍କରେ ଜମା ଥିବା ରାଶି ୨ କୋଟି ୧୭ ଲକ୍ଷରୁ ଅଧିକ ଟଙ୍କା ମଧ୍ୟ ବାଜ୍ୟାପ୍ତି କରି ଜମାକାରୀଙ୍କୁ ବଣ୍ଟାଯିବ। ସୂଚନାଯୋଗ୍ୟ, ଅର୍ଥତତ୍ତ୍ୱ ଚିଟ୍‌ଫଣ୍ଡ ସଂସ୍ଥାର ଠକେଇ ମାମଲା ରାଜ୍ୟ ତଥା ଦେଶରେ ହଇଚଇ ସୃଷ୍ଟି କରିଥିଲା। ଏଥିରେ ରାଜ୍ୟର ଅନେକ ନେତା, ମନ୍ତ୍ରୀ, କ୍ରୀଡାବିତ୍ ଓ ପ୍ରତିଷ୍ଠିତ ବ୍ୟକ୍ତିମାନେ ଅଭିଯୁକ୍ତ ହୋଇ ସିବିଆଇ ଦ୍ୱାରା ଗିରଫ ହୋଇଛନ୍ତି। ୨୦୧୪ରୁ ଏହି ମାମଲା ରାଜନୀତିକୁ ସରଗରମ କରିଥିଲା।




# ଓଡ଼ିଶାର ୭ ଉତ୍ପାଦକୁ ଜିଆଇ ମାନ୍ୟତା









ଭୁବନେଶ୍ୱର,୩।୧ (ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶାର ୭ ଉତ୍ପାଦକୁ ଜିଆଇ ମାନ୍ୟତା ମିଳିଛି। ଚେନ୍ନାଇସ୍ଥିତ ଜିଓଗ୍ରାଫିକାଲ ଇଣ୍ଡିକେଶନ (ଜିଆଇ) ବା ଭୌଗୋଳିକ ସୂଚକାଙ୍କ ପକ୍ଷରୁ ଏ ନେଇ ବୁଧବାର ସୂଚନା ଦିଆଯାଇଛି। ଜିଆଇ ଟ୍ୟାଗ୍ ପାଇଥିବା ଉତ୍ପାଦ ହେଲା ଓଡ଼ିଶା ଖଜୁରି ଗୁଡ଼(ଗଜପତି), ଢେଙ୍କାନାଳ ମଗଜି, ଶିମିଳିପାଳ କାଇ ଚଟଣି, ନୟାଗଡ଼ର କଣ୍ଟେଇମୁଣ୍ଡି ବାଇଗଣ, କାପଡ଼ାଗୁନ୍ଦା ଡଙ୍ଗରିଆ କନ୍ଧ ଏମ୍ବ୍ରୋଡରୀ ସାଲ୍, କୋରାପୁଟ କଳାଜିରା ଚାଉଳ ଓ ଲାଞ୍ଜିଆ ସଉରା ଚିତ୍ରକଳା(ଇଡିତାଲ)। ପୂର୍ବରୁ ଅର୍ଥାତ୍ ଗତ ଅକ୍ଟୋବର ୩ରେ କେନ୍ଦ୍ରାପଡ଼ାର ରସାବଳି ଜିଆଇ ମାନ୍ୟତା ପାଇଥିଲା। ଏସବୁକୁ ମିଶାଇ ଏଯାବତ୍ ଓଡ଼ିଶାର ମୋଟ ୨୫ଟି ଉତ୍ପାଦକୁ ଜିଆଇ ଟ୍ୟାଗ ମିଳିଛି।

କଳାଜିରା ଚାଉଳ କୋରାପୁଟ ଜିଲାର ଟୋଲା ପାତ୍ରପୁଟ, ପୂଜାରିପୁଟ, ବାଲିଗୁଡ଼ା ଓ ମୋହୁଲି ଅଞ୍ଚଳରେ ଚାଷ କରାଯାଏ। ଏହା ମଧୁମେହ ନିୟନ୍ତ୍ରଣ କରିବା ସହ ହିମୋଗ୍ଲୋବିନ ଓ ଶରୀରରେ ମେଟାବୋଲିଜିମ୍ ବୃଦ୍ଧି କରେ ବୋଲି ବିଶ୍ୱାସ କରାଯାଏ। ଜିଆଇ ଟ୍ୟାଗ୍ ମିଳିଥିବା କାପଡ଼ାଗୁନ୍ଦା ସାଲକୁ ରାୟଗଡ଼ା ଓ କଳାହାଣ୍ଡି ଜିଲା ନିୟମଗିରିର ଡଙ୍ଗରିଆ କନ୍ଧ ସମ୍ପ୍ରଦାୟର ମହିଳାମାନେ ବୁଣିଥାନ୍ତି। ଏହି ସାଲ୍‌ରେ ସବୁଜ, ହଳଦିଆ ଓ ଲାଲ ରଙ୍ଗର ସୂତା ଦ୍ୱାରା ଏମ୍ବ୍ରୋଡରୀରେ ସଜାଯାଇଥାଏ। ସେହିପରି ରାୟଗଡ଼ା ଜିଲାର ଲାଞ୍ଜିଆ ସଉରାଙ୍କ ଇଡିଟାଲ ଚିତ୍ରକଳା ପ୍ରାୟତଃ ଆଦିବାସୀ ଘରଗୁଡ଼ିକର କାନ୍ଥରେ ଦେଖିବାକୁ ମିଳିଥାଏ। ଆଜିକାଲି ଏହି ଚିତ୍ରକଳାକୁ ଯୁବପିଢ଼ି କାନଭାସ୍‌ରେ ଆକ୍ରାଲିକ ରଙ୍ଗରେ କରୁଛନ୍ତି। ଅନ୍ୟପକ୍ଷରେ ଜିଆଇ ଟ୍ୟାଗ୍ ପାଇଥିବା ମୟୂରଭଞ୍ଜ ଜିଲାର କାଇ ଚଟଣି ଏକ ସୁସ୍ୱାଦୁ ଖାଦ୍ୟ ଭାବେ ସ୍ଥାନୀୟ ଅଞ୍ଚଳରେ ପରିଚିତ। କାଇକୁ ମାରି ଚଟଣି ପ୍ରସ୍ତୁତ କରାଯାଏ। ଏହି ଚଟଣିର ବହୁ ଔଷଧୀୟ ଗୁଣ ରହିଛି। ପ୍ରୋଟିନ, କ୍ୟାଲ୍‌ସିୟମ, ଜିଙ୍କ, ଭିଟାମିନ ବି-୧୨, ଆଇରନ, ମାଗ୍ନେସିୟମ, ପୋଟାସିୟମ, ସୋଡିୟମ, ତମ୍ବା, ଫାଇବର ଆଦି ଭରି ଥିବାରୁ ଏହା ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ଏଥିସହ ଜଣ୍ଡିସ, ସାଧାରଣ ଥଣ୍ଡା, ଗଣ୍ଠି ଯନ୍ତ୍ରଣା, କାଶ ଏବଂ ଦୃଷ୍ଟିଶକ୍ତିଜନିତ ସମସ୍ୟା ଦୂର କରିଥାଏ। ସେହିପରି ନୟାଗଡ଼ କଣ୍ଟେଇମୁଣ୍ଡି ବାଇଗଣ ପ୍ରଥମେ କଣ୍ଟିଲୋରେ ଚାଷ କରାଯାଉଥିଲା। ପରେ ଏହା ମହାନଦୀ ପଠା, ବଡ଼ବାଣପୁର, ରତନପୁର, ଧାନଚାଙ୍ଗଡ଼ା, ଲକ୍ଷ୍ମୀପ୍ରସାଦ, କୁମୁଣ୍ଡି, ଫତେଗଡ଼ ଅଞ୍ଚଳ ସମେତ ବିଭିନ୍ନ ଅଞ୍ଚଳରେ ହେଉଛି। ଏହି ବାଇଗଣ ଦେଖିବାକୁ ନୀଳ ଓ ଗଛ, ପତ୍ର, ଫଳମୁଣ୍ଡିରେ କଣ୍ଟା ରହିଥାଏ। ଏହା ବାଲିଆ ମାଟିରେ ଅଧିକ ଫଳିବା ସହ ଭିନ୍ନ ସ୍ୱାଦ ରହିଥାଏ। ଗଜପତି ଜିଲାର ଖଜୁରି ଗୁଡ଼ ଖଜୁରି ଗଛର ମିଠା ରସରୁ ମିଳିଥିବା ଏକ ପ୍ରକାର ପ୍ରାକୃତିକ ମିଠା। ପାରମ୍ପରିକ ଭାବେ ଏହାକୁ ପାତାଳି ଗୁଡ଼ ମଧ୍ୟ କୁହାଯାଏ। ଢେଙ୍କାନାଳ ମଗଜି ହେଉଛି ଏକ ମିଠା ଲଡୁ। ଢେଙ୍କାନାଳ ସହର ସମେତ ଭୁବନ, ମନ୍ଦାର, କାଶିପୁର, ଗଁଦିଆ, ଦେଓଗାଁ ଅଞ୍ଚଳରେ ପ୍ରାୟତଃ ଦେଖିବାକୁ ମିଳେ। ୧୦୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଏହା ସେଠାରେ ପ୍ରସ୍ତୁତ କରାଯାଉଛି।

ଜିଆଇ ବିଶେଷଜ୍ଞ ଡ. ଅନିତା ସାବତ କହିଛନ୍ତି, ଓଡ଼ିଶାର ଆହୁରି ଅନେକ ଉତ୍ପାଦର ଜିଆଇ ମାନ୍ୟତା ପାଇଁ କ୍ଷମତା ରହିଛି। ଏଥିପାଇଁ ଠିକ୍ ତଥ୍ୟ ଦେଇ ଜିଆଇ ଆବେଦନ କରିବା ଆବଶ୍ୟକ। ଜିଆଇ ମାନ୍ୟତାପ୍ରାପ୍ତ ଦ୍ରବ୍ୟଗୁଡ଼ିକ ଦୋକାନଗୁଡ଼ିକରେ ଯେତେ ମାତ୍ରାରେ ଉପଲବ୍ଧ ହେବ ସେତେ ଭଲ। କାରଣ ଏସବୁ ହେଉଛି ଆମ ଗର୍ବ ଓ ପରିଚୟ।

# ଇରାନରେ ବିସ୍ଫୋରଣ: ୧୦୩ ନିହତ


ଇରାନର କେରମାନ୍‌ରେ ବିସ୍ଫୋରଣ ପର ଦୃଶ୍ୟ।

ଦୁବାଇ,୩।୧

୪ ବର୍ଷ ତଳେ ଆମେରିକାର ଡ୍ରୋନ୍ ଆକ୍ରମଣରେ ପ୍ରାଣ ହରାଇଥିବା ଇରାନୀୟ ଜେନେରାଲ କାସିମ୍ ସୋଲେମାନିଙ୍କ ଶ୍ରାଦ୍ଧବାର୍ଷିକୀ ବେଳେ ବୁଧବାର ଆତଙ୍କବାଦୀମାନେ ଅତର୍କିତ ଆକ୍ରମଣ କରିଛନ୍ତି। କେରମାନ୍ ସହରରେ ତାଙ୍କ ସମାଧି ନିକଟରେ ଲଗାତର ୨ଟି ଶକ୍ତିଶାଳୀ ବିସ୍ଫୋରଣ ଘଟିଛି। ଏଥିରେ ୧୦୩ ନିହତ ଓ ୨୧୧ ଜଣ ଆହତ ହୋଇଛନ୍ତି। ଗାଜା ଷ୍ଟ୍ରିପ୍‌ରେ ଇସ୍ରାଏଲୀ ଆକ୍ରମଣକୁ ନେଇ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଲାଗିରହିଥିବାବେଳେ ସଦ୍ୟ ବିସ୍ଫୋରଣ ସ୍ଥିତିକୁ ଆହୁରି ସଙ୍ଗିନ କରିଦେଇଛି। ୧୯୭୯ ଇସ୍‌ଲାମୀୟ ବିପ୍ଳବ ପରେ ଇରାନରେ ଏହାକୁ ସବୁଠୁ ଘାତକ ଆକ୍ରମଣ ବୋଲି କୁହାଯାଉଛି। ତେବେ ଏହି ଆକ୍ରମଣ ପାଇଁ କୌଣସି ସଙ୍ଗଠନ ନିଜକୁ ଦାୟୀ କରିନାହିଁ। ୨୦୨୦ ଜାନୁଆରୀ ୩ରେ ତତ୍କାଳୀନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ନିର୍ଦ୍ଦେଶକ୍ରମେ ଆମେରିକୀୟ ସୈନ୍ୟମାନେ ଇରାନ ରିଭୋଲ୍ୟୁଶନାରି ଗାର୍ଡର ଶୀର୍ଷ କମାଣ୍ଡର ସୋଲେମାନିଙ୍କୁ ହତ୍ୟା କରିଥିଲେ। ରାଜଧାନୀ ତେହରାନର ଦକ୍ଷିଣ ପଶ୍ଚିମରେ ୮୨୦ କି.ମି. ଦୂରରେ ସ୍ଥିତ କେରମାନ୍‌ରେ ବୁଧବାର ଅପରାହ୍ନ ୩ଟାରେ ତାଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଚାଲିଥିଲା। ସୋଲେମାନିଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ତାଙ୍କ ସମାଧି ନିକଟରେ ବହୁ ସଂଖ୍ୟକ ଲୋକ ଏକତ୍ରିତ ହୋଇଥିଲେ। ଏହି ସମୟରେ ୨୦ ମିନିଟ୍ ବ୍ୟବଧାନରେ ଦୁଇଟି ଶକ୍ତିଶାଳୀ ବିସ୍ଫୋରଣରେ ସମ୍ପୃକ୍ତ ଅଞ୍ଚଳ ଦୋହଲିଯାଇଥିଲା। ଏହି ଆକ୍ରମଣରେ ଶତାଧିକ ନାଗରିକଙ୍କ ମୃତ୍ୟୁ ଘଟିଛି। ଅନେକ ଆହତଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି।



**ଆଜିର ମନ୍ତବ୍ୟ**

"ଲୋକ ସଭା ନିର୍ବାଚନ ପୂର୍ବରୁ ଭାଜପା ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ପ୍ରସଙ୍ଗ ଉଠାଇ ଏହାକୁ ଭୋଟ ଧ୍ରୁବୀକରଣର ଅସ୍ତ୍ର ରୂପେ ବ୍ୟବହାର କରୁଛି। ଧର୍ମ କେବେହେଲେ ନାଗରିକତ୍ୱର ଆଧାର ହୋଇ ନ ପାରେ। **-ମନୀଷ ତିୱାରୀ, କଂଗ୍ରେସ ଏମ୍‌ପି**

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଥୋଡ଼େ ତିରିଶ ଫୁଲ ବିଂଶ**
**ଯୋଡ଼ା ମୁଖ ହେଲେ ତେର ଦିବସ,**
**ବୁଝି ଶୁଝି ଚଷା କାଟିଲେ ଶସ୍ୟ**
**ତହିଁରୁ ଗୋଟିଏ ନ ହୁଏ ନାଶ ।**

ଧାନ ଥୋଡ଼ ହେବା ଓ ଫୁଲ ଉଡ଼ାଇବା ସମ୍ପର୍କରେ ସମ୍ୟକ ସୂଚନା। ଏଠାରେ ଧାନ କାଟିବାର ଉପଯୁକ୍ତ ସମୟ ବିଷୟରେ ବର୍ଣ୍ଣନା କରାଯାଇଛି।

**ଥିଲା ଲୋକ ପାଖକୁ ସଭିଏଁ ଧାଇଁ**
**ନ ଥିଲା ଲୋକକୁ ପୁଚ୍ଛନ୍ତି ନାହିଁ ।**

ସାଧାରଣତଃ ଧନୀ ଲୋକକୁ ସମସ୍ତେ ଆଦର ଅଭ୍ୟର୍ଥନା ଦେଖାଇଥାନ୍ତି। ସେମାନଙ୍କୁ ମାନ୍ୟତା ଦେବା ସହ ନିଜର କୃତଜ୍ଞତା ଜଣାଇଥାନ୍ତି। ଏପରିକି ଭଲ ମନ୍ଦରେ ସେମାନଙ୍କ ପଛେ ଛିଡ଼ା ହୋଇଥାନ୍ତି। ତେବେ ଦୀନହୀନ ବ୍ୟକ୍ତିଙ୍କ କ୍ଷେତ୍ରରେ ଏହାର ପୂରାପୂରି ଓଲଟା ଚିତ୍ର ଦେଖିବାକୁ ମିଳିଥାଏ। ସେମାନଙ୍କ ଭଲ ମନ୍ଦ ପଚାରିବା ତ ଦୂରର କଥା ତାଙ୍କୁ ଆଡ଼ ଆଖିରେ ମଧ୍ୟ ଚାହିଁ ନ ଥାନ୍ତି। ଏହାହିଁ ସଂସାରର ରୀତି ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ବୁଧବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।




# ସୁନ୍ଦରଗଡ଼କୁ ବିଶ୍ୱସ୍ତରରେ ପରିଚୟ ଦେଇଛନ୍ତି ମୁଖ୍ୟମନ୍ତ୍ରୀ: ପାଣ୍ଡିଆନ

ଭୁବନେଶ୍ୱର/ ସୁନ୍ଦରଗଡ/ବାଲିଶଙ୍କରା/ସବ୍‌ଡେଗା (ଅନିଲ ଦାସ/ ଜୟନାରାୟଣ ମେଣ୍ଡୁଲୀ/ହୃଦାନନ୍ଦ ବାରିକ, ଅନନ୍ତ ପଟେଲ) ୩।୧

ସୁନ୍ଦରଗଡ଼କୁ ମୁଖ୍ୟମନ୍ତ୍ରୀ ବହୁତ ଭଲ ପାଆନ୍ତି। ସୁନ୍ଦରଗଡ଼ବାସୀ ହକିକୁ ଭଲ ପାଆନ୍ତି। ମୁଖ୍ୟମନ୍ତ୍ରୀ ମଧ୍ୟ ହକିକୁ ବହୁତ ଭଲ ପାଆନ୍ତି। ସେଥିପାଇଁ ଏ ଭଲପାଇବା ଆହୁରି ମଜଭୁତ ହୋଇଛି। ସୁନ୍ଦରଗଡ଼କୁ ମୁଖ୍ୟମନ୍ତ୍ରୀ ବିଶ୍ୱସ୍ତରରେ ନୂଆ ପରିଚୟ ଦେଇଛନ୍ତି। ଦୁଇଦିନିଆ ସୁନ୍ଦରଗଡ଼ ଗସ୍ତରେ ଯାଇଥିବା ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସୁନ୍ଦରଗଡ଼ର କିରେଇ ଓ ବାଲିଶଙ୍କରାଠାରେ ସାଧାରଣ ସଭାକୁ ଉଦ୍‌ବୋଧନ ଦେବାବେଳେ ଏହା କହିଛନ୍ତି।

ପାଣ୍ଡିଆନ କହିଛନ୍ତି, ସୁନ୍ଦରଗଡ଼ ହେଉଛି ଓଡ଼ିଶା ହକିର ରାଜଧାନୀ। ୨୦୧୯ରେ ହକି ବିଶ୍ୱକପ୍ ଆୟୋଜନ ପାଇଁ ଯେତେବେଳେ ଓଡ଼ିଶାକୁ ଚୟନ କରାଯାଇଥିଲା ସେ ସମୟରେ ମୁଖ୍ୟମନ୍ତ୍ରୀ ଉଭୟ ଭୁବନେଶ୍ୱର ଓ ସୁନ୍ଦରଗଡ଼ରେ ବିଶ୍ୱକପ୍‌ର ଆୟୋଜନ ପାଇଁ ଆଗ୍ରହ ପ୍ରକାଶ କରିଥିଲେ। କିନ୍ତୁ ସେ ସମୟରେ ହକି ବିଶ୍ୱକପ୍ ଆୟୋଜନ ପାଇଁ ସୁନ୍ଦରଗଡ଼ରେ ଆବଶ୍ୟକ ଭିତ୍ତିଭୂମି ନ ଥିଲା। ବିଶ୍ୱସ୍ତରୀୟ ଖେଳାଳିଙ୍କ ପାଇଁ ହକି ଗ୍ରାଉଣ୍ଡ ନ ଥିଲା, ବିମାନବନ୍ଦର ନ ଥିଲା କି ଭଲ ହୋଟେଲ ନ ଥିଲା, ମାତ୍ର ୪ ବର୍ଷ ମଧ୍ୟରେ ଏତେବଡ଼ ଭିତ୍ତିଭୂମି ବିକାଶ କରାଯାଇପାରିବ କି ନାହିଁ ସେନେଇ ଏଫ୍‌ଆଇଏଚ୍ ସନ୍ଦେହ ପ୍ରକାଶ କରିଥିଲା। କିନ୍ତୁ ସୁନ୍ଦରଗଡ଼ ହକିର ଅନ୍ତୁଡିଶାଳ ହୋଇଥିବାରୁ ସେଠାରେ ବିଶ୍ୱକପ୍‌ର ଆୟୋଜନ ସୁନ୍ଦରଗଡ଼ ପାଇଁ ଥିଲା ସମ୍ମାନର କଥା। ମୁଖ୍ୟମନ୍ତ୍ରୀ ଦିନରାତି ଏକକରି କିଭଳି ସୁନ୍ଦରଗଡ଼ରେ ହକିବିଶ୍ୱକପ୍ ହେବ ସେନେଇ ଲାଗିପଡ଼ିଥିଲେ। ମାତ୍ର ୧୫ ମାସ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଅକ୍ଲାନ୍ତ ଉଦ୍ୟମ ଓ ସୁନ୍ଦରଗଡ଼ବାସୀଙ୍କ ସହଯୋଗରୁ ତିଆରି ହେଲା ବିଶ୍ୱର ସର୍ବବୃହତ୍‌ହକିଷ୍ଟାଡିୟମ। ସ୍ୱାଧୀନତା ସଂଗ୍ରାମୀ ତଥା ଜନଜାତିଙ୍କ ଜନନାୟକ ବିର୍ସା ମୁଣ୍ଡାଙ୍କ ନାଁରେ ଏହି ଷ୍ଟାଡିୟମର ନାଁ ରଖାଗଲା । ରାଉରକେଲାରେ କାର୍ଯ୍ୟକ୍ଷମ ହେଲା ବିମାନବନ୍ଦର। ଏଥିସହ ପ୍ରତି ବ୍ଲକରେ ଆଷ୍ଟ୍ରୋଟର୍ଫ ଷ୍ଟାଡିୟମ ପାଇଁ ମୁଖ୍ୟମନ୍ତ୍ରୀ ଉଦ୍ୟମ କରୁଛନ୍ତି ବୋଲି ପାଣ୍ଡିଆନ କହିଛନ୍ତି।

ଗତ ମାର୍ଚ୍ଚରେ ସେ ସୁନ୍ଦରଗଡ଼ବାସୀଙ୍କଠାରୁ ୨୫୦ରୁ ଅଧିକ ଆବେଦନପତ୍ର ଗ୍ରହଣ କରିଥିଲେ। ୮ମାସ ପରେ ସେସବୁ ପ୍ରତିଶ୍ରୁତି ପାଳନର ହିସାବ ଦେଇଥିଲେ ପାଣ୍ଡିଆନ। ସୁନ୍ଦରଗଡ଼ ନିର୍ବାଚନମଣ୍ଡଳୀରୁ ତାଙ୍କୁ ୧୬୦ଟି ଦରଖାସ୍ତ ମିଳିଥିଲା। ସେମଧ୍ୟରୁ ୧୪୦ଟି ଦରଖାସ୍ତ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଆବେଦନକାରୀଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଉତ୍ତର ପଠାଯାଇଥିବା କହିଛନ୍ତି। କେବଳ ଜମିଜମା ସମ୍ପର୍କିତ ଆବେଦନର ସମାଧାନ ହୋଇନି। ସେସବୁର ସମାଧାନ ଖୁବ୍‌ଶୀଘ୍ର ହୋଇଯିବ ବୋଲି ସେ ଆଶ୍ୱାସନା ଦେଇଛନ୍ତି। ମନ୍ଦିର, ମସ୍‌ଜିଦ, ଚର୍ଚ୍ଚ, କମ୍ୟୁନିଟି ସେଣ୍ଟରର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଆବଶ୍ୟକ ସହାୟତା ରାଶି ମଞ୍ଜୁର କରିଛନ୍ତି। ବିକାଶମୂଳକ କାମରେ ସେ ଲୋକଙ୍କ ସହଯୋଗ ଲୋଡ଼ିଛନ୍ତି। ଗତ ଗସ୍ତ ସମୟରେ ମିଳିଥିବା ଦାବି ଅନୁଯାୟୀ, ହେମଗିରି ବ୍ଲକରେ ଥିବା ଉଚ୍ଚମାଧ୍ୟମିକ ସ୍କୁଲରେ ବିଜ୍ଞାନ ଏବଂ ବାଣିଜ୍ୟ ବିଭାଗ ଖୋଲିବା ଦାବିକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି ବୋଲି ସେ କହିଛନ୍ତ। ଏଇ ବର୍ଷ କଲେଜରେ ଏହି ଦୁଇଟି ଷ୍ଟ୍ରିମ୍ ଖୋଲାଯିବ। ଇବ୍ ନଦୀ ଉପରେ ଇନ୍‌ଷ୍ଟ୍ରିମ ଷ୍ଟୋରେଜ୍ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି। ଏଥିଲାଗି ୨୬୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଟାଙ୍ଗରପାଲି ପାଇଁ ୧ କୋଟି ୭୦ ଲକ୍ଷ, ସମଲେଇ ମନ୍ଦିର ରୂପାନ୍ତରଣ ପାଇଁ ୧ କୋଟି ୪୦ ଲକ୍ଷ ଟଙ୍କା, ସୁନ୍ଦରଗଡ଼ରେ ଅଘରିଆ ଭବନ ପାଇଁ ୧ କୋଟି ଟଙ୍କା, ହେମଗିରି ଉଚ୍ଚ ମାଧ୍ୟମିକ ସ୍କୁଲର ରୂପାନ୍ତର ପାଇଁ କୋଟିଏ ଟଙ୍କା ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଛନ୍ତି। ଗତ ୮ ମାସ ମଧ୍ୟରେ ସୁନ୍ଦରଗଡ଼ ନିର୍ବାଚନମଣ୍ଡଳୀ ପାଇଁ ୩୫୦ କୋଟି ଟଙ୍କା ଅନୁମୋଦନ କରାଯାଇଛି। କିରେଇରେ ନଗର ବନ ପ୍ରକଳ୍ପ ପାଇଁ ୩ କୋଟିରୁ ଅଧିକ ଟଙ୍କା ମଞ୍ଜୁର କରାଯାଇଛି।

ଏହି ଅବସରରେ ପାଣ୍ଡିଆନ୍ ସୁନ୍ଦରଗଡ଼ ପାଇଁ ଆଗକୁ ଥିବା ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ ସମ୍ପର୍କରେ ମଧ୍ୟ ସୂଚନା ଦେଇଥିଲେ। ଦୁଇ ମାସରେ ସୁନ୍ଦରଗଡ଼ର ସବୁ ପଞ୍ଚାୟତରେ ମିଳିବ ବ୍ୟାଙ୍କ ସୁବିଧା। ମିଶନ ଶକ୍ତି ମା' ଓ ଭତ୍ତା ପାଉଥିବା ହିତାଧିକାରୀ ଏହାଦ୍ୱାରା ଉପକୃତ ହେବେ। ଫେବୃଆରୀରେ ସୁନ୍ଦରଗଡ଼ରେ ଆରମ୍ଭ ହେବ ଲକ୍ଷ୍ମୀ ଯୋଜନା। ଆସନ୍ତା ୬ ତାରିଖରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ- ନବୀନ କାର୍ଡର ଆବେଦନ ଆରମ୍ଭ ହେଉଛି। ଗ୍ରାମାଞ୍ଚଳରେ ଯେଉଁମାନେ ବିଏସ୍‌କେୱାଇ ଯୋଜନାରୁ ବଞ୍ଚିତ ହେଉଛନ୍ତି ସେମାନେ ବିଏସ୍‌କେୱାଇ-ନବୀନ କାର୍ଡ ପାଇଁ ଆବେଦନ କରିପାରିବେ।

କିରେଇ ଗସ୍ତପରେ ବାଲିଶଙ୍କରାରେ ସାଧାରଣ ସଭାକୁ ସମ୍ବୋଧିତ କରି ପାଣ୍ଡିଆନ କହିଛନ୍ତି, ରାଜ୍ୟ ସରକାର ତଳସରା ନିର୍ବାଚନମଣ୍ଡଳୀରେ ୮ ମାସ ମଧ୍ୟରେ ୨୦୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏଥିରେ ରହିଛି ଫୁଲବାରୀ ସଫେଇ ନଦୀ ଉପରେ ୧୨୩ କୋଟି ଟଙ୍କାର ନଦୀବନ୍ଧ ଯୋଜନା। ରାଜବାହାଲ-ଉଷାକୋଠି ରାସ୍ତା ଲାଗି ୨୬ କୋଟି ଅନୁମୋଦନ ହୋଇଛି। ଜୋର ନାଲା ରସରାଜପୁର ବ୍ରିଜ ପାଇଁ ୩ କୋଟି ଏବଂ କାରିଆଖମନ ବ୍ରିଜ ଲାଗି ୪ କୋଟି ସହ ଅନ୍ୟ ପ୍ରକଳ୍ପ ଲାଗି ମଧ୍ୟ ରାଜ୍ୟ ସରକାର ଅର୍ଥ ଅନୁମୋଦନ କରିଛନ୍ତି। ତଳସରାରେ ମିଳିଥିବା ୯୩ ଦରଖାସ୍ତରୁ ୮୦ ଦରଖାସ୍ତର ସମାଧାନ ହୋଇଛି। ଜମିଜମା ସମ୍ପର୍କିତ ଆବେଦନକୁ ବାଦ୍ ଦେଇ ଅନ୍ୟସବୁ ଆବେଦନର ସମାଧାନ ହୋଇଛି ବୋଲି ସେ କହିଛନ୍ତି।




## ■ ସୁନ୍ଦରଗଡବାସୀଙ୍କ ସବୁ ଆବେଦନର ସମାଧାନ ହେବ
## ■ ୨ ମାସରେ ସବୁ ପଞ୍ଚାୟତରେ ହେବ ବ୍ୟାଙ୍କ
## ■ ଫେବୃଆରୀରେ ଜିଲାରେ ଗଢ଼ିବ ଲକ୍ଷ୍ମୀ ବସ୍

**ପ୍ରଥମ ପୃଷ୍ଠାରୁ...**

## 'ବଲାଙ୍ଗୀର ବିକାଶରେ ...

ଲୋକମାନଙ୍କୁ ମନେପକାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ପ୍ରକଳ୍ପ ପାଇଁ ୨୯ଟି ଗାଁର ଲୋକମାନେ ବହୁତ ବଡ଼ ତ୍ୟାଗ କରିଛନ୍ତି। ସେମାନଙ୍କ ତ୍ୟାଗକୁ ମୁଁ ସମ୍ମାନ ଜଣାଉଛି। ବଲାଙ୍ଗୀରର ବିକାଶ ପାଇଁ ସେମାନଙ୍କ ତ୍ୟାଗ ସବୁଦିନ ମନେରହିବ। ଏହାସହିତ ଜିଲାର ବିକାଶ ପାଇଁ ସ୍ୱାସ୍ଥ୍ୟ ଭିତ୍ତିଭୂମି, ପର୍ଯ୍ୟଟନ, ଗମନାଗମନ ଏବଂ କ୍ରୀଡ଼ାର ଉନ୍ନତି ହୋଇଛି। ଏହାସହିତ ଐତିହ୍ୟର ବିକାଶ ଓ ସୁରକ୍ଷା ପାଇଁ ଅନେକ ପ୍ରକଳ୍ପ ଆରମ୍ଭ ହୋଇଛି ବୋଲି ସେ କହଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ବଲାଙ୍ଗୀର ଜିଲା ପାଇଁ ୨୨୨୦ କୋଟି ଟଙ୍କା ବ୍ୟୟରେ ୧୧୨ଟି ଭିତ୍ତିଭୂମି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ଓ ୩୦୫ କୋଟି ଟଙ୍କାର ୬୯ଟି ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି। ସଭାରେ ମୁଖ୍ୟମନ୍ତ୍ରୀଙ୍କ ସହ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଉପସ୍ଥିତ ଥିଲେ।

ପ୍ରାରମ୍ଭରେ ଉନ୍ନୟନ କମିଶନର ଅନୁ ଗର୍ଗ ସମସ୍ତ ଅତିଥିଙ୍କୁ ସ୍ୱାଗତ କରି ଲୋୟର ସୁକ୍‌ତେଲ ପ୍ରକଳ୍ପ ବିବରଣୀ ଉପସ୍ଥାପନ କରିଥିଲେ। ସେ କହିଥିଲେ, ଏହା ହେଉଛି ରାଜ୍ୟର ନବମ ବୃହତ୍ ବନ୍ଧ। ସଭାରେ ଜଳସମ୍ପଦ ବିଭାଗ ମନ୍ତ୍ରୀ ଟୁକୁନୀ ସାହୁ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ବଲାଙ୍ଗୀରର ଲୋକ ସଭା ସଦସ୍ୟ ସଙ୍ଗୀତା କୁମାରୀ ସିଂଦେଓ, ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି, ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ପାଟଣାଗଡ଼ ବିଧାୟକ ସରୋଜ ମେହେର, ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ, ରାଜ୍ୟ ଗୃହ ନିର୍ମାଣ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ, ବଲାଙ୍ଗୀର ଜିଲା ପରିଷଦ ସଭାପତି ଦେବକୀ ସାହୁ ମଞ୍ଚାସୀନ ହୋଇ ବକ୍ତବ୍ୟ ଦେଇଥିଲେ। ଶେଷରେ ଜିଲାପାଳ ଚଞ୍ଚଳ ରାଣା ଧନ୍ୟବାଦ ଅର୍ପଣ କରିଥିଲେ।

## ଲୋୟର ସୁକ୍‌ତେଲ ପ୍ରକଳ୍ପ ଇତିବୃତ୍ତ

୨୦୦୧ ନଭେମ୍ବର ୨୪ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋୟର ସୁକ୍‌ତେଲ ପ୍ରକଳ୍ପର ଶିଳାନ୍ୟାସ କରିବାକୁ ବଲାଙ୍ଗୀର ଆସିଥିଲେ। ମାଗୁରବେଡ଼ାଠାରେ ଶିଳାନ୍ୟାସ ପ୍ରସ୍ତାବିତସ୍ଥଳ କରାଯାଇଥିଲା। ତେବେ ୨୯ ପ୍ରଭାବିତ ଗାଁ ସହ ଏହି ଅଞ୍ଚଳର ସହସ୍ରାଧିକ ଲୋକଙ୍କ ପ୍ରବଳ ବିରୋଧ ଯୋଗୁ ସେଠାରେ ଶିଳାନ୍ୟାସ କରିନପାରି ପ୍ରସ୍ତାବିତ ସ୍ଥାନରୁ ପ୍ରାୟ ୫ କିଲୋମିଟର ଦୂର ବାନ୍ଧନଘୋରଠାରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହାପରେ ୨୦୦୫ ମେ ୧୧ ତାରିଖରେ ତତ୍କାଳୀନ ଲୋଇସିଂହା ବିଧାୟକ ତଥା ଏବର ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଲୋୟର ସୁକ୍‌ତେଲ ସ୍ଲିଲୱେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ତେବେ ଲୋକଙ୍କ ପ୍ରବଳ ବିରୋଧ ଯୋଗୁ ଏହି ପ୍ରକଳ୍ପ ଦୀର୍ଘ ୨୩ ବର୍ଷ ଧରି ଅତି ମନ୍ଥର ଗତିରେ ଚାଲିଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ପ୍ରକଳ୍ପ ପାଇଁ ୨୧୭.୧୩ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା। ଏହାପରେ ୨୦୦୯ ମସିହାରେ ଏହି ପ୍ରକଳ୍ପର ସଂଶୋଧିତ ବ୍ୟୟ ଅଟକଳ ୧୦୪୧.୮୧ କୋଟିକୁ ମଞ୍ଜୁରୀ ମିଳିଥିଲା। ୨୦୧୫ ମସିହାରେ ପୁଣି ଥରେ ଏହି ପ୍ରକଳ୍ପର ବ୍ୟୟ ଅଟକଳ ସଂଶୋଧନ କରାଯାଇ ୨୪୪୮.୦୯ କୋଟିକୁ ମଞ୍ଜୁରୀ ମିଳିଥିଲା। ଏହାପରେ ଏହି ପ୍ରକଳ୍ପର ବ୍ୟୟ ଅଟକଳ ବଢ଼ି

**ପ୍ରଥମ ପୃଷ୍ଠାରୁ...**

ଚାଲିଥିଲେ ମଧ୍ୟ ପ୍ରକଳ୍ପ କାର୍ଯ୍ୟ ଆଗେଇ ପାରୁ ନ ଥିଲା। ୨୦୧୩ ନୂଆ ଭୂମି ଅଧିଗ୍ରହଣ ଆଇନ ଦେଶରେ କାର୍ଯ୍ୟକାରୀ ହେବା ପରେ ଏହି ପ୍ରକଳ୍ପ ଅଗ୍ରଗତି ଆହୁରି ଜଟିଳ ହୋଇପଡିଥିଲା। ୨୦୧୯ ମସିହାରେ ଏହି ପ୍ରକଳ୍ପକୁ ରାଜ୍ୟ ସରକାର ୫-ଟି ଅଧୀନରେ ଅନ୍ତର୍ଭୁକ୍ତ କରିବା ପରେ କାମ ତ୍ୱରାନ୍ୱିତ ହୋଇଥିଲା। ଏହି ପ୍ରକଳ୍ପରେ ବଲାଙ୍ଗୀର ଓ ଲୋଇସିଂହା ବ୍ଲକ୍‌ର ୨୯ଗାଁ ପ୍ରଭାବିତ ହୋଇଛି। ଏଥିରେ ୧୨ ହଜାର ପରିବାର ନିଜର ଭିଟାମାଟି ଓ ଜୀବନ ଜୀବିକା ହରାଇଛନ୍ତି। ରାଜ୍ୟର ପ୍ରଥମ ପ୍ରକଳ୍ପ ଭାବେ ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପରେ ଖୋଲା କେନାଲରେ ଜଳସେଚନ କରା ନ ଯାଇ ଭୂତଳ ଚାପଯୁକ୍ତ ଜଳସେଚନ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉଛି। ଏଥିପାଇଁ ଅତିରିକ୍ତ ଭାବେ ୨୫୦୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି।



ଲୋୟର ସୁକ୍‌ତେଲ ଓ ଅନ୍ୟାନ୍ୟ ପ୍ରକଳ୍ପ ଉଦ୍‌ଘାଟନ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ନିକଟରେ ଉପସ୍ଥିତ ଅତିଥିମାନେ।

## ପ୍ରଥମ ଭର୍ଚୁଆଲ ...

ସମୟରେ ତରୁଣୀ ଜଣକ ନିର୍ଦ୍ଦିଷ୍ଟ ଭାବେ କେଉଁ ଗେମ୍‌ରେ ବ୍ୟସ୍ତ ଥିଲେ ତାହା ସ୍ପଷ୍ଟ ହୋଇନାହିଁ। ମାମଲାର ତଦନ୍ତ ଚଳାଇଥିବା ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଏଭଳି ମାମଲା ସାମ୍ନାକୁ ଆସିବା ପରେ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାଗୁଡ଼ିକ ପାଇଁ ଅନେକ ଆହ୍ୱାନ ସୃଷ୍ଟି ହୋଇଛି। କାରଣ ବର୍ତ୍ତମାନର ପ୍ରଚଳିତ ଆଇନରେ ଏହାକୁ ରୋକିବା ନେଇ କୌଣସି ବ୍ୟବସ୍ଥା ନାହିଁ। ପୋଲିସ ଓ ତଦନ୍ତକାରୀ ଅଧିକାରୀମାନେ ପୂର୍ବରୁ ପଡ଼ିରହିଥିବା ବହୁ ବାସ୍ତବ ବଳାତ୍କାର ମାମଲାର ତଦନ୍ତରେ ନିୟୋଜିତ ଥିବାବେଳେ ଏହି ଐତିହାସିକ ମାମଲା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୋଲିସ ଭର୍ଚୁଆଲ ଅପରାଧଗୁଡ଼ିକ ଉପରେ ଡିଲ୍ କରିବା ଉଚିତ କି ନୁହେଁ ଏବଂ ଯଦି କରିବ ତାହା କେଉଁ ଢଙ୍ଗରେ କରିବ, ତାହା ଏକ ବଡ଼ ପ୍ରଶ୍ନ ବୋଲି ଆମେରିକୀୟ ଖବରକାଗଜ ଏନ୍‌ୱାଇପି ରିପୋର୍ଟ କରିଛି।

ଅନ୍ୟପକ୍ଷେ ବ୍ରିଟେନ୍ ଗୃହମନ୍ତ୍ରୀ ଜେମ୍ସ କ୍ଲେଭର୍ଲି ଭର୍ଚୁଆଲ ରିଅଲିଟି ବଳାତ୍କାର ତଦନ୍ତ ସପକ୍ଷରେ ମତ ଦେଇଛନ୍ତି। କ୍ଲେଭର୍ଲି କହିଛନ୍ତି, ଝିଅଟି ମାନସିକ ସ୍ତରରେ ହେଲେ ବି 'ଯୌନ ଯନ୍ତ୍ରଣା' ଅନୁଭବ କରିଛି। ବାସ୍ତବ ଜୀବନରେ ବଳାତ୍କାରର ଶିକାର ହୋଇନାହାନ୍ତି ବୋଲି ଏହି ପ୍ରସଙ୍ଗକୁ ଏଡ଼ାଇଯିବା ସହଜ ହୋଇପାରେ। କିନ୍ତୁ ଭର୍ଚୁଆଲ ପରିବେଶ ଅବିଶ୍ୱସନୀୟ ଭାବେ କ୍ରମଶଃ ଅସୁରକ୍ଷିତ ହେବାରେ ଲାଗିଛି। ସେହିପରି କେହିଜଣେ ଜଣେ ଝିଅପିଲାଙ୍କୁ ଡିଜିଟାଲି 'ଯୌନ ଯନ୍ତ୍ରଣା' ଦେବାକୁ ଆଗ୍ରହ ପ୍ରକାଶ କରିବା ଦ୍ୱାରା ଯେଉଁ ପୈଚାଶିକ ସୁଖ ଅନୁଭବ କରୁଛନ୍ତି, ତାହା ତାଙ୍କୁ ବାସ୍ତବ ଜୀବନରେ ମଧ୍ୟ ଏଭଳି କାଣ୍ଡ ଭିଆଇବା ପାଇଁ ପ୍ରେରିତ କରିପାରେ ବୋଲି କ୍ଲେଭର୍ଲି ଆଶଙ୍କା ବ୍ୟକ୍ତ କରିଛନ୍ତି।

ଏନେଇ ମେଟାର ଜଣେ ମୁଖପାତ୍ର କହିଛନ୍ତି, ଆମ ପ୍ଲାଟ୍‌ଫର୍ମରେ ଏଭଳି ଆଚରଣର ସ୍ଥାନ ନାହିଁ। ତେଣୁ ଆମେ ପ୍ରତ୍ୟେକ ୟୁଜର୍ସଙ୍କ ପାଇଁ ଏକ ବ୍ୟକ୍ତିଗତ ପରିସୀମା ସ୍ଥିର କରିବାକୁ ବାଧ୍ୟ ହୋଇଛୁ, ଯଦ୍ୱାରା ୟୁଜର୍ସଙ୍କଠାରୁ ଷ୍ଟ୍ରେଞ୍ଜର୍ସଙ୍କୁ ନିରାପଦ ଦୂରତାରେ ରଖାଯାଇପାରିବ। ଫେସ୍‌ବୁକ୍‌ର ପ୍ୟାରେଣ୍ଟ କମ୍ପାନୀ ମେଟା ଦ୍ୱାରା ପରିଚାଳିତ ଦେୟମୁକ୍ତ ଭିଆର୍ ଗେମ୍ ହରାଇଜନ୍ ୱାର୍ଲ୍ଡରେ ଅନେକ ଥର ଭର୍ଚୁଆଲ ଯୌନ ଅପରାଧ ଅଭିଯୋଗ ହୋଇଛି।

### ମେଟାଭର୍ସ କ'ଣ

ମେଟା କମ୍ପାନୀ ଦ୍ୱାରା ପରିଚାଳିତ 'ମେଟାଭର୍ସ' ହେଉଛି ବୈଷୟିକ ଜ୍ଞାନକୌଶଳ ଆଧାରିତ କାଳ୍ପନିକ ଦୁନିଆ, ଯେଉଁଠିକୁ ଇଣ୍ଟରନେଟ୍ ମାଧ୍ୟମରେ ପହଞ୍ଚିହୁଏ। ବାସ୍ତବିକ ଦୁନିଆରେ ଯେକୌଣସି ବସ୍ତୁକୁ ଛୁଇଁ ଅନୁଭବ କରିହୁଏ। କିନ୍ତୁ ମେଟାଭର୍ସରେ ତାହା ଓଲଟା। ଏଥିରେ ଭର୍ଚୁଆଲ ରିଅଲିଟି (ଭିଆର୍) ଏବଂ ଅଗ୍‌ମେଣ୍ଟେଡ୍ ରିଅଲିଟି (ଏଆର୍) ହେଡ୍‌ସେଟ୍ ପିନ୍ଧି ଦୁନିଆର ଅବାସ୍ତବ ପରିକଳ୍ପନା କରିହୁଏ। ବୈଜ୍ଞାନିକ ଗବେଷଣାରେ ଏହାର ସଂଜ୍ଞାକୁ ୩ଡି ଅନ୍‌ଲାଇନ୍ ଇଣ୍ଟଭାଇରନମେଣ୍ଟ ରୂପେ ପରିଭାଷିତ କରାଯାଇଛି, ଯହିଁରେ ୟୁଜର୍ସ ବା ବ୍ୟବହାରକାରୀ ଅବତାର ରୂପ ନେଇଥାଆନ୍ତି। ଅବତାରମାନେ ଭର୍ଚୁଆଲ ସ୍ପେସ୍‌ରେ ଭୌତିକ ଦୁନିଆରୁ ଉର୍ଦ୍ଧ୍ୱଗାମୀ ହୋଇ ପରସ୍ପର ସହ ଭାବର ଆଦାନପ୍ରଦାନ କରିଥାଆନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଧନାଧିପ ଧନସ୍ଥାନକୁ ଦେଖୁଥିବାରୁ ଦିନଟି ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବ। ବକେୟା ଟଙ୍କା ଦେଉ ନ ଥିବା ଲୋକଟି ଘରକୁ ଆସି ଟଙ୍କା ଦେଇଯିବ। ଅଭାବ ଅସୁବିଧା ଦୂରୀକରଣରେ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସଫଳତା ହାସଲ କରିବେ।

**ବୃଷ** କୃତ୍ତିକା ନକ୍ଷତ୍ର ଭୁଲ୍ ନିଷ୍ପତ୍ତି ନେଇ ସମାଲୋଚିତ ହେବାକୁ ପଡିପାରେ। ରୋହିଣୀ ନକ୍ଷତ୍ରର ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ, ଯାହାକି କାମ ହାସଲ କରିବାରେ ସହାୟକ ହେବ। ପୁତ୍ରକନ୍ୟାଙ୍କ ହେତୁକ ସୁଖ ମିଳିବ ଏବଂ ପରିବାରରେ ଶାନ୍ତି ଫେରି ଆସିବ। ମନ ଚାହୁଁ ନ ଥିଲେ ମଧ୍ୟ ପରିସ୍ଥିତିରେ ପଡି ଖର୍ଚ୍ଚାନ୍ତ ହେବେ।

**ମିଥୁନ** ବୁଧ ସହ ଶୁକ୍ର ସଂଯୋଗରୁ ଆଜିର ଦିନଟି ବହୁତ ବଢ଼ିଆ। ପାରିବାରିକ କ୍ଷେତ୍ରରେ ସବୁ ଜାଣିଶୁଣି କେତେକ ବିବାଦୀୟ ଘଟଣାରେ ନୀରବତା ଅବଲମ୍ବନ କରିବେ। କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇ ବ୍ୟସ୍ତତା ମଧ୍ୟରେ ରହିପାରନ୍ତି। ବନ୍ଧୁ ଗହଣରେ କୌଣସି ଆଲୋଚନାରେ ମଧ୍ୟସ୍ଥତା କଲେ ଅପମାନିତ ହୋଇପାରନ୍ତି।

**କର୍କଟ** ମଜାମଉଜର ଆଲୋଚନାରେ ନିଜକୁ ହଜାଇଦେଇ ପାରନ୍ତି। ଦକ୍ଷତାର ସହ କାର୍ଯ୍ୟ ସମ୍ପାଦନ କରିଥିବାରୁ ବନ୍ଧୁଙ୍କଠାରୁ ପ୍ରଶଂସା ପାଇ ମନୋବଳ ବୃଦ୍ଧି ପାଇବ। ଅଶ୍ଳେଷା ନକ୍ଷତ୍ର ପେଟ ଗୋଳମାଳଜନିତ ପୀଡ଼ା ଅନୁଭବ କରିପାରନ୍ତି। ଶିଳ୍ପ, ବ୍ୟବସାୟ, ନିର୍ମାଣ ଓ ପରିବହନ, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ।

**ସିଂହ** ସହଜାତ ପ୍ରବୃତ୍ତିର ପରିଚୟ ଦେଇ ସମ୍ପର୍କୀୟଙ୍କ ସୁଖଦୁଃଖର ସାଥୀ ବନିଯିବେ। ପୂର୍ବାଫାଲଗୁନୀ ନକ୍ଷତ୍ର ଯେମିତି ପାଇବେ ଅନ୍ୟମାନଙ୍କୁ ମଧ୍ୟ ଦେବାରେ କୁଣ୍ଠାବୋଧ କରିବେ ନାହିଁ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ଭୁଲ୍ ବୁଝାମଣାଜନିତ ଦ୍ୱନ୍ଦ୍ୱରେ ପଡି ପାରନ୍ତି। ଭ୍ରମଣ, ରାଜନୀତି, ପ୍ରକାଶନ ଓ ପ୍ରଶାସନ ପାଇଁ ଦିନଟି ଭଲ।

**କନ୍ୟା** ଆପଣ ଯେଉଁ କାମ ସହଜରେ କରିପାରୁଛନ୍ତି, ଆଜି ଚେଷ୍ଟକଲେ ମଧ୍ୟ ନିରାଶ ହେବାକୁ ପଡିପାରେ। କ୍ରୀଡା, କଳା, ସାହିତ୍ୟ, ସାମ୍ବାଦିକତା, ଚଳଚ୍ଚିତ୍ର କ୍ଷେତ୍ରରେ ସଫଳତା ମିଳିବ। ଶ୍ରୁତିରୋଚକ କଥା କହିଲେ ମଧ୍ୟ ବନ୍ଧୁଙ୍କୁ ତାହା ସୁହାଇ ନ ପାରେ। ଗୁରୁପାକ ଦ୍ରବ୍ୟ ଭୋଜନରୁ ଅଜୀର୍ଣ୍ଣ ଓ ଆମାଶୟ ଦେଖା ଦେବାର ଆଶଙ୍କା ରହିଛି।

**ତୁଳା** ଆଲୋଚନା ପରିସରରେ ଭଲ ସମ୍ପର୍କ ନ ଥିବା ନିକଟ ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ନୀଚଜାତି ବିଶେଷଙ୍କ ଦ୍ୱାରା ମିଥ୍ୟା ଗୁଜବ ମନକୁ ଆନ୍ଦୋଳିତ କରିପାରେ। ସ୍ୱାତୀ ନକ୍ଷତ୍ର ସକାଶେ ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବ। ଯାତ୍ରା, ପ୍ରଶାସନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି।

**ବିଛା** ଯେତେ ଅସୁବିଧା ହେଲେ ମଧ୍ୟ ଆପଣ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାପାଇଁ ସମର୍ଥ ହେବେ। ଜ୍ୟେଷ୍ଠା ନକ୍ଷତ୍ର ସକାଶେ ଆନୁଷ୍ଠାନିକ କାମରେ ସମ୍ମାନ ବୃଦ୍ଧି ପାଇବ। ଘର କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ସୃଷ୍ଟିହେଲା ଭଳି କାମ କରିବେ। ଜମିଜମା, ଗାଡିମୋଟର, କ୍ରୟବିକ୍ରୟ, ନିର୍ମାଣ ସମ୍ପର୍କିତ ଦୁଶ୍ଚିନ୍ତା ଆସିପାରେ।

**ଧନୁ** ବନ୍ଧୁଙ୍କ ସହ ବ୍ୟବହାରରେ କଠୋରତା ଅଯଥା ଶତ୍ରୁତା ସୃଷ୍ଟି କରିବ। ପରସ୍ପର ମିଳାମିଶା ଓ ଆପୋସ ଆଲୋଚନାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ଅବହେଳାଜନିତ କାର୍ଯ୍ୟ ସମ୍ପାଦନରେ ଅନିୟମିତତା ହେତୁକ କୈଫିୟତ ଦେବାକୁ ପଡିପାରେ। ମୂଳା ନକ୍ଷତ୍ର ସ୍ୱାର୍ଥକୁ ଧରି ଅନ୍ୟଙ୍କୁ ନଜରହୀନ କରି ସମାଲୋଚିତ ହେବେ।

**ମକର** ନିଜ ଲୋକ ମୁହଁରେ ମିଠାକଥା କହି ପଛରେ ଖାଲରେ ପକାଇବାକୁ ଚେଷ୍ଟା କରିପାରନ୍ତି। ଉତ୍ତରାଷାଢା ନକ୍ଷତ୍ର ଅବିଚଳିତ ରହି କାମକଲେ ସମସ୍ୟାର ସମାଧାନ ହେବ। ଅତ୍ୟାବଶ୍ୟକ ଜିନିଷଟି ଅପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ଆଜି ନିର୍ମାଣାଧୀନ ଗୃହକାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବା ପୂର୍ବରୁ କୌଣସି ସମସ୍ୟା ଦେଖାଦେଇପାରେ।

**କୁମ୍ଭ** ଆଜି ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଗାଳି ଖାଇବାକୁ ପଡିପାରେ। ଶତଭିଷା ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ସାବଧାନତା ସହକାରେ କାମ କରିବା ଭଲ। ବନ୍ଧୁଙ୍କ ସମର୍ଥନ ଲାଭକରି ଯୁକ୍ତତର୍କ କରି ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିପାରନ୍ତି।

**ମୀନ** ବୈଷମ୍ୟତା ଲାଗିରହିଥିଲେ ମଧ୍ୟ ଅନ୍ୟମାନଙ୍କ ସମ୍ମୁଖରେ ସାମ୍ୟଭାବ ପ୍ରଦର୍ଶନ କରିବେ। ଉତ୍ତରଭାଦ୍ରପଦ ନକ୍ଷତ୍ରର ସାମୟିକ ଅସୁସ୍ଥତା ହେତୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ପ୍ରତିଶ୍ରୁତି ଦେଇଥିବା ବନ୍ଧୁଙ୍କୁ ପ୍ରତୀକ୍ଷା କରି ବିରକ୍ତ ହେବେ କିନ୍ତୁ ତାଙ୍କ ଦେଖା ମିଳିବ ନାହିଁ। ଆନୁଷ୍ଠାନିକ କାମରୁ କିମ୍ବା ଶୁଭେଚ୍ଛୁଙ୍କ ନିକଟରୁ ବସ୍ତ୍ରଭୂଷଣ ପ୍ରାପ୍ତି ଯୋଗ ରହିଛି।

ଆଜି ଜାନୁଆରୀ ୪ ତାରିଖ, ପୌଷ କୃଷ୍ଣ ଅଷ୍ଟମୀ ଗୁରୁବାର, ସିଦ୍ଧାନ୍ତ ଦର୍ପଣ ପ୍ରଣେତା ପଠାଣି ସାମନ୍ତ ଓ ବାଇକୋଳି ଜ୍ୟୋତିଷ ବିଶାରଦଙ୍କ ଜୟନ୍ତୀ, ବିଶ୍ୱ ବ୍ରେଲି ଦିବସ, ରାଶି ନକ୍ଷତ୍ର-ହସ୍ତା/କନ୍ୟା, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୨୫ମି. ଗତେ ଘ.୦୮।୫୨ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ଣ ଘ.୦୧।୧୨ମି. ଗତେ ଘ.୦୨।୩୩ ମି. ମଧ୍ୟେ ରାହୁ କାଳ ।

## ସଂକ୍ଷେପରେ

### ଆଉ ଜଣେ ଏସି ଟେକ୍ନିସିଆନ୍‌ଙ୍କ ମୃତ୍ୟୁ

**ହାଇଟେକ୍ ହସ୍ପିଟାଲ ବିସ୍ଫୋରଣ ଘଟଣା**

ଭୁବନେଶ୍ୱର,୩।୧(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ହାଇଟେକ୍ ହସ୍ପିଟାଲରେ ବିସ୍ଫୋରଣ ଘଟଣାରେ ଚିକିତ୍ସାରତ ଆଉଜଣେ ଏସି ଟେକ୍ନିସିଆନ୍‌ଙ୍କ ବୁଧବାର ମୃତ୍ୟୁ ହୋଇଛି। ସେ ହେଲେ ପୁରୀ ଜିଲା ଡେଲାଙ୍ଗ ଅଞ୍ଚଳର ଶ୍ରୀତମ ସାହୁ (୨୩)। ପୋଲିସ ତାଙ୍କ ମୃତଦେହକୁ କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏହାକୁ ମିଶାଇ ଏହି ଘଟଣାରେ ମୃତ୍ୟୁ ସଂଖ୍ୟା ୨ରେ ପହଞ୍ଚିଛି। ୩ଦିନ ତଳେ ଚିକିତ୍ସାଧିନ ଅବସ୍ଥାରେ ଅନ୍ୟତମ ଏସି ଟେକ୍ନିସିଆନ ଖୋର୍ଦ୍ଧା ଜଟଣୀ ଅଞ୍ଚଳର ଦିଲୀପ ସାମନ୍ତରାୟଙ୍କ ମୃତ୍ୟୁ ହୋଇଥିଲା। ହସ୍ପିଟାଲ ଛାତ ଉପରେ ଏଜେନ୍ସି ଦ୍ୱାରା ଏସି ମେଣ୍ଟେନାନ୍ସ କାମ ଚାଲିଥିବା ବେଳେ ଡିସେମ୍ବର ୨୯ ଅପରାହ୍ଣ ପ୍ରାୟ ୫ଟାରେ ଏହି ଅଘଟଣ ଘଟିଥିଲା। କମ୍ପ୍ରେସର୍‌ରେ ସମସ୍ୟା ଯୋଗୁ ତାହା ଫାଟିଯାଇଥିଲା। ଏଥିରେ ୪ଜଣ କର୍ମଚାରୀ ଗୁରୁତର ଆହତ ହୋଇଥିଲେ। ଏବେ ଆଉ ଦୁଇଜଣ ହାଇଟେକ୍ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

### ନିଆଁ ପୋଇଁବା ବେଳେ ଜଳିଗଲେ ବୃଦ୍ଧା

କେନ୍ଦୁଝର,୩।୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ଥାନା ଅନ୍ତର୍ଗତ ଖଜୁରୀପାଣି ଗ୍ରାମର ଶୁକଦେବ ପାତ୍ରଙ୍କ ସ୍ତ୍ରୀ ମନ୍ଦୋଦରୀ ପାତ୍ର(୫୫)ଙ୍କ ପୋଡ଼ି ହୋଇ ମୃତ୍ୟୁ ଘଟିଛି। ମଙ୍ଗଳବାର ସନ୍ଧ୍ୟାରେ ସେ ଘରେ ନିଆଁ ପୋଇଁ ହେଉଥିବାବେଳେ ଅସାବଧାନତା ଯୋଗୁ ତାଙ୍କର ଶାଢ଼ିରେ ନିଆଁ ଲାଗି ଯାଇଥିଲା। ଫଳରେ ଶରୀରର ୭୦ ଭାଗ ପୋଡ଼ିଯାଇଥିଲା। ପରିବାର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସିତ ଅବସ୍ଥାରେ ମନ୍ଦୋଦରୀଙ୍କ ମୃତ୍ୟୁ ଘଟିଛି। ଖବର ପାଇ ପୋଲିସ ମେଡିକାଲରେ ପହଞ୍ଚି ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏକ ମାମଲା(ନଂ. ୧/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ସାମାନ୍ୟ ବଚସାରୁ ଯୁବକଙ୍କୁ ହତ୍ୟା

ବ୍ରଜରାଜନଗର,୩।୧(ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ଲଇକେରା ଥାନା ସାରଙ୍ଗଲୋଇ ପଞ୍ଚାୟତର ପତରାପାଲି ଗାଁରେ ମଙ୍ଗଳବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ସାମାନ୍ୟ ବଚସାରୁ ଜଣେ ଯୁବକଙ୍କୁ ପିଟି ହତ୍ୟା କରାଯାଇଛି। ହତ୍ୟାର ଶିକାର ହୋଇଥିବା ଯୁବକ ହେଲେ ଉକ୍ତ ଗ୍ରାମର ବିପିନ ଭୋଇ (୨୫)। ସୂଚନା ଅନୁସାରେ ମଙ୍ଗଳବାର ରାତି ପ୍ରାୟ ୧ଟା ବେଳେ ପତରାପାଲି ଗ୍ରାମର ଜଣେ ଯୁବକଙ୍କ ସହ ବିପିନଙ୍କ କୌଣସି କାରଣକୁ ନେଇ ବଚସା ହୋଇଥିଲା। ପାଟିତୁଣ୍ଡ ଶୁଣି ସମ୍ପୃକ୍ତ ଯୁବକଙ୍କ ପରିବାରର ୬ଜଣ ସଦସ୍ୟ ପହଞ୍ଚି ବିପିନଙ୍କୁ ଗୋଡ଼ାଇ ଗୋଡ଼ାଇ ଠେଙ୍ଗାରେ ପିଟିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ବୁଧବାର ସକାଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ୬ଜଣଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି।

# ବସ୍ ଧକ୍କାରେ ଛାତ୍ର ମୃତ, ସମ୍ବଲପୁରରେ ଉତ୍ତେଜନା

**ଥାନା ଘେରାଉ, ପୋଲିସର ମୃଦୁ ଲାଠିଚାଳନା**

ସମ୍ବଲପୁର,୩।୧
(ପ୍ରମୋଦ ବହିଦାର)

ସମ୍ବଲପୁର ସହରର ପଟ୍ଟନାୟକପଡ଼ା ଫ୍ରେଜର କ୍ଲବ ସମ୍ମୁଖରେ ବୁଧବାର ସନ୍ଧ୍ୟାରେ ଏକ ବସ୍ ଧକ୍କାରେ ଜଣେ କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ର ହେଉଛନ୍ତି ମୁଦିପଡ଼ା ଆମ୍ବେଡକର ନଗରର ଦିଶାନ୍ତ ନାୟକ(୧୪)। ସେ ୯ମ ଶ୍ରେଣୀର ଛାତ୍ର ଥିଲେ। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲା। ପରେ ଉତ୍ତ୍ୟକ୍ତ ଲୋକେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିକରି ଟାଉନ ଥାନା ଘେରାଉ କରିଥିଲେ। ଏହି ସମୟରେ ସ୍ଥିତି ନିୟନ୍ତ୍ରଣ ପାଇଁ ପୋଲିସ ପକ୍ଷରୁ ମୃଦୁ ଲାଠି ଚାଳନା କରାଯାଇଥିଲା। ଲୋକେ ସହର ମଧ୍ୟକୁ ଭାରିଯାନ ପ୍ରବେଶ କଟକଣା କଡ଼ାକଡ଼ି ଲାଗୁ କରିବାକୁ ଦାବି କରିଥିଲେ। ମିଳିଥିବା ସୂଚନା ଅନୁଯାୟୀ, ଦିଶାନ୍ତ ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାରେ ତାଙ୍କ ଅସୁସ୍ଥ ମା'ଙ୍କ ପାଇଁ ଔଷଧ ଆଣିବାକୁ ସ୍କୁଟର (ଓଡି୧୫ଏକ୍ସ-୪୧୪୦)ରେ ଏକାକୀ ଯାଉଥିବା ବେଳେ ବିପରୀତ ଦିଗରୁ କୁଞ୍ଜେଲପଡ଼ା ଛକପଟେ ଯାଉଥିବା ଏକ ବସ୍ (ଓଡି୧୧ବି-୬୬୬୧) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ଟାଉନ ଥାନା ଓ ଟ୍ରାଫିକ ପୋଲିସ ଘଟଣାସ୍ଥଳରେ ପହଞ୍ଚି ନାବାଳକଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପୋଲିସ ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଦୁର୍ଘଟଣାଗ୍ରସ୍ତ ବସ୍ ଓ ସ୍କୁଟରକୁ ଜବତ କରିଛି। ଖବର ଲେଖାହେବା ସୁଦ୍ଧା (ରାତି ସାଢେ ୧୦ଟା) ଉତ୍ତେଜନା ଲାଗିରହିଥିବାବେଳେ ପୋଲିସ ପ୍ରାୟ ୧୫ଜଣଙ୍କୁ ଧରିନେଇ ଥାନାରେ ଅଟକ ରଖିଥିବା ଜଣାପଡିଛି। ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ସହର ମଧ୍ୟକୁ ପ୍ରବେଶ କରୁଥିବା ରାତ୍ରକାଳୀନ ବସ୍ ଉପରେ ରୋକ ଲଗାଯାଇଛି।



ଟାଉନ ଥାନା ଘେରାଉ କରିଛନ୍ତି ଉତ୍ତ୍ୟକ୍ତ ଲୋକେ।

# ଆଜିଠୁ ଛାତ୍ରୀଛାତ୍ରଙ୍କୁ ଏନ୍‌ଇଇଟି, ଜେଇଇ କୋଚିଂ

**୮ଟାରୁ ୧୦ଟା କମ୍ବାଇନ୍‌ଡ ୱାର୍ମ ଅପ୍ କ୍ଲାସ୍**

ଭୁବନେଶ୍ୱର, ୩।୧(ଅସମାପିକା ସାହୁ)

ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତାମୂଳକ ଦକ୍ଷତା ବୃଦ୍ଧି ପାଇଁ ଗୁରୁବାରଠାରୁ ଏନ୍‌ଇଇଟି ଏବଂ ଜେଇଇ ଆଶାୟୀଙ୍କୁ ଅନ୍‌ଲାଇନ୍ କୋଚିଂ ମିଳିବ। ସମ୍ପୂର୍ଣ୍ଣ ରୂପେ ଆଭାସି ବା ଭର୍ଚୁଆଲ୍ ମୋଡ୍‌ରେ ଦିଆଯିବାକୁ ଥିବା ଏହି କୋଚିଂ ପାଇଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ତରରେ ସ୍ମାର୍ଟ ଟିଭି ଓ ଇଣ୍ଟରାକ୍ଟିଭ୍ ପ୍ୟାନେଲ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ସକାଳ ସାଢ଼େ ୮ଟାରୁ ୧୦ଟା ପର୍ଯ୍ୟନ୍ତ ଏହି କମ୍ବାଇନ୍‌ଡ ୱାର୍ମ ଅପ୍ କ୍ଲାସ୍ କରିବାକୁ କୁହାଯାଇଛି। ଏ ନେଇ ବୁଧବାର ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ପୁଣି ସମସ୍ତ ସରକାରୀ ଓ ବେସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ସ୍କୁଲ ଅଧ୍ୟକ୍ଷଙ୍କୁ ଚିଠି ଲେଖାଯାଇଛି। ୪ ତାରିଖରେ ରସାୟନ ବିଜ୍ଞାନ, ୫ରେ ପଦାର୍ଥ ବିଜ୍ଞାନ ଏବଂ ୬ ତାରିଖରେ ଉଦ୍ଭିଦ ବିଜ୍ଞାନ, ପ୍ରାଣୀ ବିଜ୍ଞାନ ଓ ଗଣିତ ପାଇଁ ୱାର୍ମ ଅପ୍ କ୍ଲାସ ହେବ। ୮ ତାରିଖରୁ ସିଡ୍ୟୁଲ କ୍ଲାସ୍ ସମ୍ପର୍କରେ ପରବର୍ତ୍ତୀ ସମୟରେ ଜଣାଯିବ ବୋଲି ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି।

ଏଥିସହ କେତେକ ଗାଇଡ୍‌ଲାଇନ୍ ଜାରି କରିଛି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ। ଏନ୍‌ଇଇଟି ଏବଂ ଜେଇଇ ପାଇଁ ମନୋନୀତ ବା ପଞ୍ଜୀକୃତ ହୋଇଥିବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକର ବିଜ୍ଞାନ ଛାତ୍ରୀଛାତ୍ରଙ୍କ ସୂଚନା ନିମନ୍ତେ ଅଧ୍ୟକ୍ଷ/ନୋଡାଲ ଅଧିକାରୀ ପଦକ୍ଷେପ ନେବେ। ପ୍ରତ୍ୟେକ କ୍ଲାସ୍ ଆରମ୍ଭ ହେବା ପୂର୍ବରୁ ଆଗୁଆ ଭାବେ ସମ୍ପୃକ୍ତ ବିଷୟର ଷ୍ଟଡି ମ୍ୟାଟେରିଆଲ ଛାତ୍ରୀଛାତ୍ରଙ୍କୁ ଯୋଗାଇ ଦିଆଯିବ। ଛାତ୍ରୀଛାତ୍ରଙ୍କ ନିରନ୍ତର ଉପସ୍ଥାନ ନୋଡାଲ ଅଧିକାରୀ ସୁନିଶ୍ଚିତ କରିବେ। ଅଧ୍ୟକ୍ଷ ଶିକ୍ଷକଙ୍କୁ ପ୍ରତ୍ୟେକ ସେସନ୍‌ର ଦାୟିତ୍ୱ ଦେବେ। ଯଦି ବିଜ୍ଞାନ ଶିକ୍ଷକ ନ ଥା'ନ୍ତି କିମ୍ବା ଅନ୍ୟ କାର୍ଯ୍ୟରେ ନିୟୋଜିତ ଥାଆନ୍ତି, ତା'ହେଲେ ଶ୍ରେଣୀରେ ଶୃଙ୍ଖଳା ବଜାୟ ରଖିବା ତଥା ଦ୍ୱନ୍ଦ୍ୱ ଦୂର ପାଇଁ ସହାୟତା କରିବାକୁ ଯେକୌଣସି ଶିକ୍ଷକଙ୍କୁ ନିୟୋଜିତ କରାଯାଇପାରିବ। ଅନ୍‌ଲାଇନ୍ କ୍ଲାସ୍‌ରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୨୦ ତଳକୁ ରହିଲେ, ସେଠାରେ ଏନ୍‌ଇଇଟି ଏବଂ ଜେଇଇ ପାଇଁ ଜଣେ ଲେଖାଏ ମେଣ୍ଟର ଶିକ୍ଷକ ରହିବେ। ସେହିପରି ୨୦ରୁ ଅଧିକ ହେଲେ ୪୦-୫୦ ଛାତ୍ରୀଛାତ୍ରଙ୍କୁ ନେଇ ଗ୍ରୁପ୍ କରାଯାଇ ଜଣେ ଲେଖାଏ ମେଣ୍ଟର ଶିକ୍ଷକ ନିଯୁକ୍ତ ହେବେ। ଯେକୌଣସି ବିଭାଗରୁ ମେଣ୍ଟର ଶିକ୍ଷକ ନିଯୁକ୍ତି ହୋଇପାରିବେ। ଅଭିଭାବକଙ୍କ ଭଳି ମେଣ୍ଟର ଶିକ୍ଷକ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ ଓ ପରାମର୍ଶ ଦେବେ। ପ୍ରତ୍ୟେକ କ୍ଲାସ୍ ସମାପ୍ତ ହେବା ପରେ ନୋଡାଲ ଅଧିକାରୀ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟକୁ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ତଥ୍ୟ ଦେବେ। ସୂଚନାଯୋଗ୍ୟ, ସର୍ବଭାରତୀୟ ପ୍ରବେଶିକା ପରୀକ୍ଷାରେ ଓଡ଼ିଆ ଛାତ୍ରୀଛାତ୍ରଙ୍କ ସଫଳତା ହାର ବଢ଼ାଇବାକୁ ନିର୍ଦ୍ଦେଶାଳୟ ପକ୍ଷରୁ ଏଭଳି ଯୋଜନା କରାଯାଇଛି।

# ୨୫ ଜଣ ପାଇବେ ଚଳଚ୍ଚିତ୍ର ଜଗତ ପ୍ରତିଭା ସମ୍ମାନ

କଟକ,୩।୧ (କାର୍ତ୍ତିକ ସାହୁ)

ସିନେମା ପତ୍ରିକା ଚଳଚ୍ଚିତ୍ର ଜଗତ ପକ୍ଷରୁ ଚଳିତବର୍ଷର ଚଳଚ୍ଚିତ୍ର ଜଗତ ପ୍ରତିଭା ସମ୍ମାନ ବୁଧବାର ଘୋଷଣା କରାଯାଇଛି। ୨୦୨୩ରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଥିବା ଓଡ଼ିଆ ଚଳଚ୍ଚିତ୍ରଗୁଡ଼ିକର ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠ ବିବେଚିତ ୨୫ ଜଣ କଳାକାର ଓ ଟେକ୍ନିସିଆନ୍‌ଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ଏଥିସହ ଚିକିତ୍ସା, ଶିକ୍ଷା, ବିଜ୍ଞାନ, ସାହିତ୍ୟ, କୃଷି, ନୃତ୍ୟ, ବୈଷୟିକ ଜ୍ଞାନକୌଶଳ, କଳା ସ୍ଥାପତ୍ୟ ଆଦି ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ୧୦ ଜଣଙ୍କୁ ସ୍ୱତନ୍ତ୍ର ସମ୍ମାନ ପ୍ରଦାନ କରାଯିବ। କଟକ ରାଣୀହାଟସ୍ଥିତ ଆଇଏମ୍ଏ ହାଉସ୍‌ଠାରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ସମ୍ପାଦକ ଆଦିକନ୍ଦ ରାଉତ ଏନେଇ ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ, ବରିଷ୍ଠ ଅଭିନେତ୍ରୀ ସରସ୍ୱତୀ ଦେବୀଙ୍କୁ ଚଳଚ୍ଚିତ୍ର ଜଗତ ପ୍ରଦତ୍ତ ନିତାଇ ପାଲିତ ସମ୍ମାନ, ନିର୍ଦ୍ଦେଶକ ତଥା ଅଭିନେତା ପ୍ରମୋଦ ରଞ୍ଜନ ମହାନ୍ତିଙ୍କୁ ଭୀମ ସିଂ ସମ୍ମାନ ଏବଂ ସଙ୍ଗୀତ ନିର୍ଦ୍ଦେଶକ ତଥା ତବଲା ବାଦକ ଦିବଂଗତ ରାଧାକାନ୍ତ ନନ୍ଦଙ୍କୁ ମରଣୋତ୍ତର ଭାବେ ଜେଇ କ୍ୟାସେଟ୍ କମ୍ପାନୀର ପ୍ରତିଷ୍ଠାତା ସତ୍ୟନାରାୟଣ ଅଗ୍ରୱାଲଙ୍କ ନାମରେ ନାମିତ ସମ୍ମାନ ପ୍ରଦାନ ପାଇଁ ମନୋନୀତ କରାଯାଇଛି। ପ୍ରତ୍ୟେକଙ୍କୁ ମାନପତ୍ର, ଅଙ୍ଗବସ୍ତ୍ର ଓ ଟ୍ରଫି ସହ ୧୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ। ମହାରାଜା ପିକ୍ଚର ପ୍ୟାଲେସର ପ୍ରତିଷ୍ଠାତା ଆଶୁତୋଷ ମହାପାତ୍ରଙ୍କ ନାମରେ ନାମିତ ପ୍ରେକ୍ଷାଳୟ ସମ୍ମାନ କଟକର ସଙ୍ଗମ ସିନେପ୍ଲେକ୍ସ ପାଇବେ। କଟକ ସାରଳା ଭବନରେ ଆସନ୍ତା ୭ ତାରିଖରେ ହେବାକୁ ଥିବା ଚଳଚ୍ଚିତ୍ର ଜଗତର ୪୮ତମ ବାର୍ଷିକ ଉତ୍ସବରେ ଏହି ପ୍ରତିଭାଧାରୀମାନଙ୍କୁ ସମ୍ମାନିତ କରାଯିବ। ଅନୁଷ୍ଠାନର ଉପଦେଷ୍ଟା ପ୍ରଫେସର ଡା. ଶକ୍ତି ପ୍ରସାଦ ଦାସ, ଡା. ଅଜିତ୍ ପ୍ରସାଦ ଜେନା, ଶିଳ୍ପୋଦ୍ୟୋଗୀ ସୁନିଲ ମୁରାରକା, ବିଜୟ ମଲ୍ଲ, ବିଜୟ ରାଉତରାୟ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ସମ୍ମିଳନୀରେ ଚଳଚ୍ଚିତ୍ର ଜଗତର ସହ ସମ୍ପାଦକ ଇଂ. ସ୍ଥିତପ୍ରଜ୍ଞ ରାଉତ, ମନ୍ଦାକିନୀ ରାଉତ, ବନସ୍ମିତା ରାଉତରାୟ, ରଣଜିତ୍ ଚୌଧୁରୀ, ମୋହନ ସେଠୀ, ସାରଦା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଚଳଚ୍ଚିତ୍ର ଜଗତ ୧୯୭୭ ମସିହାରୁ ପ୍ରତିବର୍ଷ ଏହି ପ୍ରତିଭା ସମ୍ମାନ ପ୍ରଦାନ କରିଆସୁଛି।

### ଘନକୁହୁଡ଼ିରେ ଭୁବନେଶ୍ୱର ବିମାନବନ୍ଦରରେ ଅବତରଣ କରିପାରିବ ବିମାନ

ଭୁବନେଶ୍ୱର, ୩।୧(ଅସମାପିକା ସାହୁ)

ଘନ କୁହୁଡ଼ିରେ ବି ବିମାନ ଅବତରଣ କରିପାରିବ। ପାଇଲଟଙ୍କୁ ରନ୍‌ୱେ ଦୃଶ୍ୟମାନ ହେବ। ଏଥିପାଇଁ ଭୁବନେଶ୍ୱର ବିମାନବନ୍ଦରରେ କାଟାଗୋରୀ-୨ ଭିଜନ ସମ୍ପ୍ରସାରଣ ପାଇଁ କାମ ଚାଲିଥିବା ବିମାନବନ୍ଦର ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ଏଥିପାଇଁ ରନ୍‌ୱେରେ ୪୦ କୋଟି ଟଙ୍କା ବ୍ୟୟରେ ସେଣ୍ଟର ଲାଇଟ୍ ଲଗାଯାଉଛି, ଯାହାକି ରନ୍‌ୱେ ତଳେ ରହିବ। ମାର୍ଚ୍ଚ ୩୧ ସୁଦ୍ଧା ଲାଇଟିଂ ବ୍ୟବସ୍ଥା ସରିବ। ଏହାପରେ ଭୁବନେଶ୍ୱର ବିମାନବନ୍ଦରରେ ଇନ୍‌ଷ୍ଟ୍ରୁମେଣ୍ଟାଲ ଲାଇଟିଂ ସିଷ୍ଟମ ଲଗାଯିବ। ଏହାଦ୍ୱାରା ୩ଶହ ମିଟର ଯାଏ ଦୃଶ୍ୟମାନ ଦୂରତାରେ ବିମାନ ଅବତରଣ କରିପାରିବ। ଏବେ ୫ଶହ ମିଟର ପର୍ଯ୍ୟନ୍ତ ଦୃଶ୍ୟମାନରେ ବିମାନ ଅବତରଣ କରିପାରୁଛି। କାଟାଗୋରୀ-୨ ବ୍ୟବସ୍ଥା ପାଇଁ ରାଜ୍ୟ ସରକାର ୨ ଏକର ଜମି ବିମାନବନ୍ଦର ନାମରେ କରିଥିଲେ ମଧ୍ୟ ଜବରଦଖଲ ସମସ୍ୟାରୁ ହସ୍ତାନ୍ତର ହୋଇପାରିନି। ରାଜ୍ୟ ସରକାର ଶୀଘ୍ର ଜମି ଯୋଗାଇବାର ପ୍ରତିଶ୍ରୁତି ଦେଇଛନ୍ତି। ଜମି ମିଳିଲେ ମେ' ସୁଦ୍ଧା ଭୁବନେଶ୍ୱର ବିମାନବନ୍ଦର କାଟାଗୋରୀ-୨ ଦୃଶ୍ୟମାନ ବିମାନବନ୍ଦରରେ ହେବ।

# ରାଜ୍ୟପାଳଙ୍କ ୩ ପରାମର୍ଶଦାତା ନିଯୁକ୍ତ

ଭୁବନେଶ୍ୱର, ୩।୧(ଅସମାପିକା ସାହୁ)

ଓଡ଼ିଶା ରାଜ୍ୟପାଳ ରଘୁବର ଦାସଙ୍କ ପରାମର୍ଶଦାତା ଭାବେ ୩ଜଣଙ୍କୁ ବୁଧବାର ନିଯୁକ୍ତି ଦିଆଯାଇଛି। ମୁଖ୍ୟ ପରାମର୍ଶଦାତା ଭାବେ ପୂର୍ବତନ ପ୍ରଶାସନିକ ଅଧିକାରୀ ସନ୍ତୋଷ କୁମାର ଶତପଥିଙ୍କୁ ନିଯୁକ୍ତ କରାଯାଇଛି। ସେହିପରି ପ୍ରଫେସର ଶୁକ୍ଳା ମହାନ୍ତିଙ୍କୁ ଏକାଡେମିକ୍ ଏବଂ ସୁବ୍ରତ କୁମାର ମହାନ୍ତିଙ୍କୁ ମିଡିଆ ଏବଂ ଆଇଟି ପରାମର୍ଶଦାତା ଭାବେ ନିଯୁକ୍ତ କରାଯାଇଛି। ଏ ନେଇ ବୁଧବାର ରାଜଭବନ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶନାମା ବାହାରିଛି।

# ଆହ୍ଲୁୱାଲିଆ ପ୍ଲାଣ୍ଟରେ ବିସ୍ଫୋରଣ



ବରପଦାସ୍ଥିତ କେଜେଏସ୍ ଆହ୍ଲୁୱାଲିଆ ପ୍ଲାଣ୍ଟ୍।

**ତରଳ ଲୁହା ପଡ଼ି ଟ୍ରକ୍ ଡାଲା ଜଳିଗଲା**

ବଡ଼ବିଲ,୩।୧(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ରୁଗୁଡ଼ି ଥାନା ଅଧୀନ ବରପଦାସ୍ଥିତ କେଜେଏସ୍ ଆହ୍ଲୁୱାଲିଆ ପ୍ଲାଣ୍ଟର ଇଣ୍ଡକ୍ସନ ଫର୍ନେସରେ ବୁଧବାର ବିସ୍ଫୋରଣ ଘଟିଛି। ଅଘଟଣରେ କୌଣସି କ୍ଷତି ହୋଇ ନ ଥିବା ବେଳେ ଏକ ଟ୍ରକ୍ ଡାଲାରେ ତରଳ ଲୁହା ପଡ଼ି ଜଳିଯାଇଛି।

ସୂଚନା ଅନୁଯାୟୀ, ପ୍ଲାଣ୍ଟର ଇଣ୍ଡକ୍ସନ ଫର୍ନେସରେ ଗରମ ତରଳ ଲୁହା ଭର୍ତ୍ତି କଣ୍ଟେନରକୁ ତଳକୁ ଓହ୍ଲାଇବା ବେଳେ ସେଥିରେ ପଙ୍କଚର ହୋଇଯାଇଥିଲା। ଫଳରେ ପ୍ରଚଣ୍ଡ ଶବ୍ଦ କରି ସେଠାରେ ବିସ୍ଫୋରଣ ଘଟିଥିଲା। ତରଳ ଲୁହା ଏକ ଟ୍ରକ୍ ଡାଲା ଉପରେ ପଡିଥିଲା। ଶବ୍ଦ ଶୁଣି ଟ୍ରକ୍ ଛାଡ଼ି ଚାଳକ ପଳାୟନ କରିବାରୁ ବର୍ତ୍ତିଯାଇଥିବା ବେଳେ ତତଲା ତରଳ ଲୁହାରେ ଟ୍ରକ୍‌ର ଡାଲା ଜଳିଯାଇଥିଲା। ବିସ୍ଫୋରଣର ପ୍ରଚଣ୍ଡ ଶବ୍ଦରେ ଶ୍ରମିକ ଓ କର୍ମଚାରୀମାନେ ଭୟଭୀତ ହୋଇପଡ଼ିଥିବାବେଳେ ଖବର ପାଇ ରୁଗୁଡ଼ି ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଏ ନେଇ ରୁଗୁଡ଼ି ଥାନା ଦାୟିତ୍ୱରେ ଥିବା ପୋଲିସ ଅଧିକାରୀ ତରଣୀସେନ ବାଗ୍ କହିଛନ୍ତି, ଘଟଣାରେ କେହି ମୃତାହତ ହୋଇ ନାହାନ୍ତି। କିନ୍ତୁ ଏ ନେଇ ପ୍ଲାଣ୍ଟ ପକ୍ଷରୁ ପୋଲିସକୁ ଅବଗତ କରାଯାଇନାହିଁ। ଘଟଣା ସମ୍ପର୍କରେ ପ୍ଲାଣ୍ଟ ଏଚ୍‌ଆର୍ ଚାରୁଚନ୍ଦ୍ର ନାଏକ କହିଛନ୍ତ, ଫର୍ନେସରେ ପଙ୍କଚର ଯୋଗୁ ଦୁର୍ଘଟଣା ଘଟିଛି। ଏଥିରେ କେହି ମୃତାହତ ହୋଇନାହାନ୍ତି। କେବଳ ଟ୍ରକର ଡାଲା ଆଂଶିକ ଜଳିଯାଇଛି।

### ଗୋଡ଼ାଇ ଗୋଡ଼ାଇ କାମୁଡ଼ିଲା ଭାଲୁ

ନୀଳଗିରି, ୩।୧(ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରି ଉପଖଣ୍ଡ ଅଧୀନ ବାଉଁଶବଣିଆ, ଦକ୍ଷିଣ ନରସିଂହପୁର ଓ ଟଣକା ଗାଁରେ ଭାଲୁ ଆତଙ୍କ ଖେଳାଇଛି। ଖାଦ୍ୟ ଅନ୍ବେଷଣରେ ଭାଲୁ କୁଲଡିହା ଅଭୟାରଣ୍ୟରୁ ବାହାରି ଗାଁ ମୁହାଁ ହୋଇଥିବା ବେଳେ ବୁଧବାର ସକାଳେ ବାଟବଣା ହୋଇ ଲୋକଙ୍କୁ ଗୋଡାଇ ଗୋଡାଇ ଆକ୍ରମଣ କରୁଥିବା ଭିଡିଓ ସାମ୍ନାକୁ ଆସିଛି। ଆକ୍ରମଣରେ ବାଉଁଶବଣିଆ ଗ୍ରାମର ଶିବଶଙ୍କର ସିଂ ଆହତ ହୋଇଥିବା ବେଳେ ଟଣକା ଗ୍ରାମର ଲକ୍ଷ୍ମୀଧର ନାୟକ ଗୁରତର ହୋଇଥିଲେ। ଉଭୟଙ୍କୁ ପରିବାର ଲୋକେ ନୀଳଗିରି ମେଡିକାଲରେ ଚିକିତ୍ସା କରାଇଛନ୍ତି। ନୀଳଗିରି ବନବିଭାଗ ପହଞ୍ଚି ପ୍ରତାପଡ଼ା ଗାଁରୁ ଭାଲୁକୁ ଉଦ୍ଧାର କରି କୁଲଡ଼ିହା ଜଙ୍ଗଲରେ ଛାଡ଼ିଛନ୍ତି।

# ହାତୀ ଦାନ୍ତ ଜବତ, ୨ ଗିରଫ


ଜବତ ହାତୀଦାନ୍ତ ଓ ଗିରଫ ୨ ବେପାରୀ।

ଠାକୁରମୁଣ୍ଡା,୩।୧(ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ସାତକୋଶିଆ ରେଞ୍ଜ ଅଞ୍ଚଳରୁ ବୁଧବାର ବନବିଭାଗ ୨ ହାତୀ ଦାନ୍ତ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ୨ ବେପାରୀ ହୋଇଛନ୍ତି। ସେମାନେ ହେଲେ ଠାକୁରମୁଣ୍ଡା ବ୍ଲକ ମହୁଲଡ଼ିହା ଥାନା ଅଧୀନ ସାତକୋଶିଆ ଗ୍ରାମର ବାବୁଲି ହାଇବୁରୁ ଓ କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅନ୍ତର୍ଗତ ସୁନ୍ଦରିଆ ଗ୍ରାମର କାଳନ୍ଦୀ ଶଙ୍ଖୁଆଳ।

ସୂଚନା ଅନୁଯାୟୀ, ଆନନ୍ଦପୁର ରେଞ୍ଜ କର୍ମଚାରୀମାନେ ଭଗପୁରଠାରେ ଚଢ଼ାଉ କରି ବାବୁଲି ଓ କାଳନ୍ଦୀଙ୍କୁ ଧରିବା ସହ ହାତୀଦାନ୍ତ ଜବତ କରିଥିଲେ। ଜବତ ହାତୀ ଦାନ୍ତର ଓଜନ ୬ କେ.ଜି.୧୦୦ଗ୍ରାମ ହେବ ବୋଲି ବନ ବିଭାଗ କହିଛି। ତେବେ ଏହି ହାତୀ ଦାନ୍ତ କେଉଁଠୁ ଆସିଲା ସେନେଇ ବିଭାଗ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

# ନର୍ସିଂ, ଫାର୍ମାସୀ ଛାତ୍ରୀଛାତ୍ରଙ୍କ ଷ୍ଟାଇପେଣ୍ଡ ବଢ଼ିଲା

**ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ପ୍ରୋତ୍ସାହିତ କରିବ: ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର,୩।୧(ଅନିଲ ଦାସ)

ରାଜ୍ୟ ସରକାର ନର୍ସିଂ, ଫାର୍ମାସୀ ଓ ଅନୁବନ୍ଧିତ ମେଡିକାଲ ଛାତ୍ରୀଛାତ୍ରମାନଙ୍କର ବୃତ୍ତି (ଷ୍ଟାଇପେଣ୍ଡ) ଅର୍ଥରାଶି ୫୦୦ରୁ ୩ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଏନେଇ ଘୋଷଣା କରିଛନ୍ତି। ଛାତ୍ରୀଛାତ୍ରମାନଙ୍କ ସେବାର ଗୁରୁତ୍ୱକୁ ଉପଲବ୍ଧି କରି ମୁଖ୍ୟମନ୍ତ୍ରୀ ଏହି ଅର୍ଥରାଶି ବୃଦ୍ଧି କରିଛନ୍ତି। ଏହି ବୃଦ୍ଧି ଫଳରେ ଏଣିକି ଡି.ଫାର୍ମା ଛାତ୍ରୀଛାତ୍ରମାନେ ମାସିକ ୫୦୦ ଟଙ୍କା ପାଇବାକୁ ଥିବାବେଳେ ଏଏନ୍ଏମ୍ ୨ ହଜାର, ବିଏସ୍‌ସି (ନର୍ସିଂ) ୫ ହଜାର ଟଙ୍କା ଇଣ୍ଟର୍ନଶିପ୍ ପାଇବେ। ସେହିପରି କ୍ଲିନିକାଲ ସାଇକୋଲୋଜିରେ ଏମ୍‌ଫିଲ୍ କରୁଥିବା ଛାତ୍ରୀଛାତ୍ରମାନେ ମାସିକ ୧୦ ହଜାର ଟଙ୍କା ପାଇବାକୁ ଥିବାବେଳେ ସାଇକିଆଟ୍ରିକ୍ ସୋସିଆଲ ୱାର୍କରେ ଏମ୍‌ଫିଲ କରୁଥିବା ଛାତ୍ରୀଛାତ୍ରଙ୍କ ଷ୍ଟାଇପେଣ୍ଡ ୧୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ପୂର୍ବରୁ ଡି.ଫାର୍ମା ଛାତ୍ରୀଛାତ୍ରମାନେ ମାସିକ ୨୫୦ ଟଙ୍କା ଷ୍ଟାଇପେଣ୍ଡ ପାଉଥିବା ବେଳେ ଏଏନ୍ଏମ୍ ୧ ହଜାର, ବିଏସ୍‌ସି (ନର୍ସିଂ) ୨୫୦୦ ଟଙ୍କା ଇଣ୍ଟର୍ନଶିପ୍ ପାଉଥିଲେ। ସେହିପରି କ୍ଲିନିକାଲ ସାଇକୋଲୋଜିରେ ଏମ୍‌ଫିଲ୍ କରୁଥିବା ଛାତ୍ରୀଛାତ୍ରମାନେ ମାସିକ ୭ ହଜାର ଟଙ୍କା ପାଉଥିବା ବେଳେ ସାଇକିଆଟ୍ରିକ୍ ସୋସିଆଲ ୱାର୍କରେ ଏମ୍‌ଫିଲ କରୁଥିବା ଛାତ୍ରୀଛାତ୍ରଙ୍କୁ ୭ ହଜାର ଟଙ୍କା ଷ୍ଟାଇପେଣ୍ଡ ମିଳୁଥିଲା।

ଏହି ଅର୍ଥରାଶି ବୃଦ୍ଧି ଲୋକଙ୍କୁ ଉତ୍ତମ ସେବା ଯୋଗାଇ ଦେବା କ୍ଷେତ୍ରରେ ଛାତ୍ରୀଛାତ୍ରମାନଙ୍କୁ ପ୍ରୋତ୍ସାହିତ କରିବା ସହିତ ରାଜ୍ୟରେ ସ୍ୱାସ୍ଥ୍ୟସେବାକୁ ଆହୁରି ସୁଦୃଢ଼ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକଟ କରିଛନ୍ତି। ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଗଞ୍ଜାମ ଜିଲା ବ୍ରହ୍ମପୁରର ମହାରାଜା କୃଷ୍ଣଚନ୍ଦ୍ର ଗଜପତି(ଏମ୍‌କେସିଜି) ମେଡିକାଲ କଲେଜ ଗସ୍ତ ସମୟରେ ଛାତ୍ରୀଛାତ୍ରମାନେ ସେମାନଙ୍କ ଷ୍ଟାଇପେଣ୍ଡ ବଢ଼ାଇବାକୁ ଅନୁରୋଧ କରିଥିଲେ।

ଏଠାରେ ଉଲ୍ଲେଖଯୋଗ୍ୟ, ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ରାଜ୍ୟରେ ବିଭିନ୍ନ ଡିଗ୍ରୀ ଓ ଡିପ୍ଲୋମା କୋର୍ସ ପାଠ୍ୟକ୍ରମ ଯଥା ବିଏସ୍‌ସି ନର୍ସିଂ, ଅକ୍ଜିଲାରି ନର୍ସିଂ ଆଣ୍ଡ ମିଡ୍‌ୱାଇଫେରି (ଏଏନ୍ଏମ୍) ପାଠ୍ୟକ୍ରମ, ଫାର୍ମାସୀରେ ଡିପ୍ଲୋମା, କ୍ଲିନିକାଲ ସାଇକୋଲୋଜିରେ ଏମ୍‌ଫିଲ ଓ ସାଇକିଆଟ୍ରିକ୍ ସୋସିଆଲ ୱାର୍କରେ ଏମ୍‌ଫିଲ ପାଠ୍ୟକ୍ରମ ପ୍ରଚଳନ କରୁଛନ୍ତି। ରାଜ୍ୟ ସରକାର ଉକ୍ତ ଷ୍ଟାଇପେଣ୍ଡ ଛାତ୍ରୀଛାତ୍ରମାନଙ୍କର ପାଠପଢ଼ା ସମୟରେ ପ୍ରଦାନ କରୁଛନ୍ତି। ସେହି ଛାତ୍ରୀଛାତ୍ରମାନେ ମଧ୍ୟ ବିଭିନ୍ନ ସରକାରୀ ସ୍ୱାସ୍ଥ୍ୟ ଅନୁଷ୍ଠାନରେ କ୍ଲିନିକାଲ ସେବା ଯୋଗାଇ ଦେଉଛନ୍ତି।

# ବିକଶିତ ଭାରତ ସଂକଳ୍ପ ଯାତ୍ରା ରଥ ଭଙ୍ଗାରୁଜା

- କର୍ମୀଙ୍କ ସହ ଥାନା ଘେରାଉ କଲେ ବିଧାୟକ
- ୨ ଅଟକ, ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ରାସ୍ତା ଅବରୋଧ

ଧାମନଗର(ଦେବେନ୍ଦ୍ର ଆଦିଆ)/
(ସନ୍ତୋଷ କୁମାର ମହାପାତ୍ର),୩।୧

ଭଦ୍ରକ ଜିଲା ଧାମନଗର ଥାନା ଅନ୍ତର୍ଗତ ଚୁଡ଼ାକୁଟି ପଞ୍ଚାୟତର ମେଳଣ ପଡ଼ିଆରେ ବିକଶିତ ଭାରତ ସଂକଳ୍ପ ରଥ ଯାତ୍ରା ସମୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି। କେତେଜଣ ଯୁବକ ଏହି ରଥକୁ ଭଙ୍ଗାରୁଜା କରିବା ସହ ଲାଗିଥିବା ବ୍ୟାନର ଚିରି ଦେଇଛନ୍ତି। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇବା ସହ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ଭାଜପା କର୍ମୀମାନେ ଧାମନଗର ଥାନା ଘେରାଉ କରିବା ସହ ଧାମନଗର-ଦୋବଲ ମୁଖ୍ୟ ରାସ୍ତାକୁ ଅବରୋଧ କରିଛନ୍ତି।

କେନ୍ଦ୍ରରେ ମୋଦି ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ସାଧାରଣ ଲୋକଙ୍କୁ ଅବଗତ କରାଇବା ଓ ବିଭିନ୍ନ ଯୋଜନାରୁ ବଞ୍ଚିତ ହିତାଧିକାରୀମାନଙ୍କ ପଞ୍ଜୀକରଣ କରି ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ, ସ୍ୱାସ୍ଥ୍ୟ ସଚେତନତା କରାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ବୁଧବାର ଏହି କାର୍ଯ୍ୟକ୍ରମ ଚୁଡାକୁଟି ପଞ୍ଚାୟତରେ ଚାଲିଥିଲା। ସ୍ଥାନୀୟ ବିଧାୟକ ସୂର୍ଯ୍ୟବଂଶୀ ସୁରଜଙ୍କ ସହିତ ସ୍ୱାସ୍ଥ୍ୟ ଓ ଆଶାକର୍ମୀ ଏବଂ ସିଆର୍‌ପିମାନେ ଉପସ୍ଥିତ ଥିଲେ। ଏହା ଏକ ସରକାରୀ କାର୍ଯ୍ୟକ୍ରମ ହୋଇଥିବା ବେଳେ କେତେକ ଯୁବକ ସେଠାରେ ପହଞ୍ଚି ଗଣ୍ଡଗୋଳ କରିବା ସହିତ ଉକ୍ତ ରଥକୁ ଭଙ୍ଗାରୁଜା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ୨ଜଣଙ୍କୁ ଥାନାକୁ ନେଇ ଅଟକ ରଖିଛି। ମୁଖ୍ୟ ଅଭିଯୁକ୍ତ ଫେରାର ଥିବାରୁ ତାଙ୍କୁ ତୁରନ୍ତ ଗିରଫ କରିବା ଦାବିରେ ବିଧାୟକଙ୍କ ସମେତ ଶତାଧିକ ଭାଜପା କର୍ମୀ ଥାନା ଘେରାଉ ସହିତ ରାସ୍ତା ଅବରୋଧ କରିଛନ୍ତି। ବିଧାୟକ ସୁରଜ କହିଛନ୍ତି, ମୋଦି ସରକାରଙ୍କ ଜନକଲ୍ୟାଣ ଯୋଜନା ସମ୍ପର୍କରେ ସାଧାରଣ ଲୋକ ଅବଗତ ନ ହୁଅନ୍ତୁ ବୋଲି ବିଜୁ ଜନତା ଦଳ ଚାହୁଁଛି। ଯେଉଁମାନେ କେନ୍ଦ୍ରୀୟ ଯୋଜନାରୁ ବାଦ୍ ପଡ଼ିଛନ୍ତି ସେମାନେ ତାହାର ଲାଭ ନ ଉଠାନ୍ତୁ। କାର୍ଯ୍ୟକ୍ରମକୁ ଭଣ୍ଡୁର କରିବା ପାଇଁ ବିଜୁ ଜନତା ଦଳ ଜାଣିଶୁଣି ତା'ର କର୍ମୀମାନଙ୍କୁ ପଠାଇ ଏଭଳି କାଣ୍ଡ କରିଛି। ବିଜେଡି ସରକାର ବିକାଶ ଓ ଗରିବ ବିରୋଧୀ ବୋଲି ବିଧାୟକ ସୂରଜ କହିଛନ୍ତି। ତେବେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ରାସ୍ତା ଅବରୋଧ ଜାରି ରହିଥିବା ଦେଖିବାକୁ ମିଳିଥିଲା।



ଦଳୀୟ କର୍ମୀଙ୍କ ସହ ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଥାନା ଘେରାଉ କରିଛନ୍ତି।

ତୁମେ ଯଦି ପୃଥିବୀରେ ଶାନ୍ତି ପ୍ରତିଷ୍ଠିତ ହେଉ ବୋଲି ଚାହୁଁଥାଅ- ତେବେ ଆଗ ନିଜ ହୃଦୟରେ ଶାନ୍ତି ସ୍ଥାପନ କର। ... ଜଣେ ତା'ର ପ୍ରଗାଢ ନିଦ୍ରାରୁ ଜାଗି ଉଠିପାରେ। କିନ୍ତୁ ଥରେ ପ୍ରଗାଢ ଶାନ୍ତି ତୁମ ଭିତରେ ସ୍ଥାପିତ ହେଲେ- ତାହା ଆଉ ଭାଙ୍ଗେ ନାହିଁ। -ଶ୍ରୀମା

-ପଠାଣି ସାମନ୍ତଙ୍କ ଜୟନ୍ତୀ



# ଏକଚ୍ଛତ୍ରବାଦର ମଡେଲ



ଜେରେମୀ ଆଡେଲ୍‌ମ୍ୟାନ

୨୦୧୬ରେ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପଙ୍କ ବିଜୟ ପରେ ଗଣତନ୍ତ୍ରର ଅଧୋଗତି ହେବ ବୋଲି ବିଶ୍ୱର ଅନେକ ବିଶେଷଜ୍ଞ ଆକଳନ କରିଥିଲେ। ଆଉ କେତେଜଣ ଗୃହଯୁଦ୍ଧ ହେବ ବୋଲି ସତର୍କ କରିଦେଇଥିଲେ। କିନ୍ତୁ ଆଫ୍ରିକାର ସହେଲ ଅଞ୍ଚଳରେ ସେନା କ୍ଷମତା ଦଖଲ କରିବା ଥିଲା ଏକ ବିରଳ ଘଟଣା ଏବଂ ସେଠାକାର ଗୃହଯୁଦ୍ଧ ଥିଲା ସମ୍ପୂର୍ଣ୍ଣ ନିଆରା। ଏହା ସତ୍ତ୍ୱେ ଅଣ ସାମରିକ ନେତାଙ୍କ ଦ୍ୱାରା ଜବରଦସ୍ତ ଶାସନ ଦଖଲ ଦ୍ୱାରା ଗଣତନ୍ତ୍ରଗୁଡ଼ିକର ଅଧୋପତନ ହୋଇ ଚାଲିଛି। ଶୀତଳଯୁଦ୍ଧ ପରେ ୩ ପ୍ରକାର କ୍ଷମତା ଦଖଲ ହୋଇଆସିଛି। ଏଥିରୁ ଦୁଇଟି ଗଣମାଧ୍ୟମର ଅଧିକ ଦୃଷ୍ଟି ଆକର୍ଷଣ କରିଛି। ଅପର ପଟେ ଗୋଟିଏ ବିଶେଷକରି ଡୋନାଲ୍ଡ ଟ୍ରମ୍ପ ୨୦୨୫ ପ୍ରାରମ୍ଭରେ ପୁନର୍ବାର କ୍ଷମତାକୁ ଫେରିବା ଆମ ପାଇଁ ସବୁଠୁ ଚିନ୍ତାଜନକ ହେବ, କିନ୍ତୁ ଏହା ଏଯାବତ ହୋଇନାହିଁ। ଗଣତନ୍ତ୍ର ଅଧୋଗତିର ପ୍ରଥମ ମଡେଲ ଉଦାହରଣ ହେଉଛି ହଙ୍ଗେରୀ ପ୍ରଧାନମନ୍ତ୍ରୀ ଭିକ୍ଟର ଅର୍ବାନ । ସେ କ୍ଷମତା ହାସଲ କରିବା ପରେ ୨୦୨୦ରେ ଏକ କଠୋର ମିଡିଆ ଆଇନ ପ୍ରଣୟନ କରିଥିଲେ। ଓର୍ବାନ ଏବଂ ତାଙ୍କ ରାଜନୈତିକ ଦଳ ଫିଦ୍‌ଜେ ଏହି ଆଇନ ବଳରେ ପ୍ରବାସୀ ଏବଂ ଏଲ୍‌ଜିବିଟିଙ୍କ ଭୟକୁ ନିୟନ୍ତ୍ରଣ କରିବା ଲାଗି ସବୁ ମିଡିଆ ସଂସ୍ଥାକୁ ବ୍ୟବହାର କରିବା ସହ ପ୍ରଧାନମନ୍ତ୍ରୀଙ୍କୁ ଜଣେ ଦେଶ ରକ୍ଷକ ଭାବେ ପ୍ରତିପାଦିତ କରିଥିଲେ। ଓର୍ବାନ ମଧ୍ୟ ୟୁକ୍ରେନ ଯୁଦ୍ଧ ଭଳି ଆଞ୍ଚଳିକ ଉତ୍ତେଜନାରୁ ଫାଇଦା ଉଠାଇଛନ୍ତି। ଶେଷରେ ଫିଦ୍‌ଜେ ଏକ ଅଜେୟ ସଂସଦୀୟ ବହୁମତ ନିଶ୍ଚିତ କରିବା ପାଇଁ ହଙ୍ଗେରୀର ନିର୍ବାଚନ ଆଇନ ପୁନର୍ବାର ପ୍ରସ୍ତୁତ କରିଛନ୍ତି। ଦକ୍ଷିଣପନ୍ଥୀ ଆମେରିକୀୟ ଗଣମାଧ୍ୟମର ଜଣେ ଚର୍ଚ୍ଚିତ ବ୍ୟକ୍ତିତ୍ୱ ଟକର କାର୍ଲସନ ଖୋଲାଖୋଲି ଭାବେ ଯେତେବେଳେ ଓର୍ବାନ ମଡେଲର ପ୍ରଚାର ଆରମ୍ଭ କରିଦେଲେ ସେତେବେଳେ ରଢ଼ିବାଦୀ ବିଶ୍ୱରେ ହଙ୍ଗେରୀ ସିଷ୍ଟମ ପ୍ରକାଶ ପାଇବ ବୋଲି ଅନେକେ ଆଶଙ୍କା କରିଥିଲେ। କିନ୍ତୁ ତାହା ହୋଇନାହିଁ। କାରଣ, ହଙ୍ଗେରୀ ବାହାରେ ଥିବା ଓର୍ବାନଙ୍କ କେତେଜଣ ସପକ୍ଷବାଦୀ ୩ଟି ଯାକ ଅସ୍ତ୍ର ବିଶେଷକରି ଏକ ବୃହତ୍ ପାର୍ଟିର କ୍ଷମତାକୁ ଅଟକାଇବାକୁ ସକ୍ଷମ ହୋଇଛନ୍ତି।

ଦ୍ୱିତୀୟ ପ୍ରକାର ଗଣତାନ୍ତ୍ରିକ ଅଧୋଗତି ଭ୍ଲାଦିମିର ପୁଟିନଙ୍କ ଅଧୀନରେ ଥିବା ରୁଷିଆ ଭଳି ବୃହତ୍ ଦେଶଠାରୁ ଆରମ୍ଭକରି ଡାନିଏଲ ଓର୍ଟେଗାଙ୍କ ଶାସିତ ନିକାରାଗୁଆରେ ଏହା ଦେଖିପାରିବା। ଏହି ମଡେଲରେ ଏକ ଗଣତାନ୍ତ୍ରିକ ଜାତୀୟ ସଙ୍କଟ ଏକଚ୍ଛତ୍ରବାଦୀଙ୍କୁ ସୃଷ୍ଟି କରିଛି। ଉଭୟ ରୁଷିଆ ଓ ନିକାରାଗୁଆରେ ଆର୍ଥିକ ବିଫଳତାରୁ ଏହି ସୁଯୋଗ ଆସିଥିଲା। ଏହି ଏକଚ୍ଛତ୍ରବାଦୀ ନେତା ବିଶେଷକରି ଆମେରିକାର ଭୟକୁ ଖାତିର ନ କରି କ୍ଷମତାକୁ ଦୃଢ କରିବା ଲାଗି ତା'ଠାରୁ ଦୂରେଇ ରହିଛନ୍ତି। ଉଦାହରଣ ସ୍ୱରୂପ, ପୁଟିନ ବିଦେଶୀ କମ୍ପାନୀଗୁଡ଼ିକର ସମ୍ପତ୍ତି ଜବତକରି ସାମନ୍ତବାଦୀ ଯୁଦ୍ଧ ଲୁଟେରା ବନ୍ଧୁମାନଙ୍କୁ ବାଣ୍ଟି ଆସୁଥିବାବେଳେ ଦେଶରେ ଅସନ୍ତୁଷ୍ଟଙ୍କୁ ଦବାଇବା ଲାଗି ଗୁଣ୍ଡାଗର୍ଦ୍ଦି ଉପରେ ନିର୍ଭର କରନ୍ତି। ପରିଣାମ ସ୍ୱରୂପ, ବନ୍ଧୁମାନଙ୍କ ଏକ ନେଟ୍‌ୱର୍କ ଓ ଅନୌପଚାରିକତା ନିର୍ବାଚନ ଉପରେ ନିର୍ଭର କରନ୍ତି। ସେମାନେ ଦେଶକୁ ଏକ ପରିବାର ଓ ବନ୍ଧୁଙ୍କ ବିଜ୍‌ନେସ୍‌ରେ ପରିଣତ କରିଦେଇଛନ୍ତି। ଏପରିକି ଆବଶ୍ୟକ ସ୍ଥଳେ ଶକ୍ତି ପ୍ରୟୋଗକରି ଏହାକୁ ସୁରକ୍ଷିତ ରଖନ୍ତି। ଏଭଳି ଦ୍ୱିତୀୟ ମଡେଲ କ୍ୱଚିତ ଦେଖିବାକୁ ମିଳେ। ପରିବାର ଓ ବନ୍ଧୁଭିତ୍ତିକ ରଣନୀତି ସୂଚିତକରେ ଯେ,ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକ ଦୁର୍ବଳ ଏବଂ ବିରୋଧୀ ଦୁର୍ବଳ ; ଘରୋଇ କ୍ଷେତ୍ର ସରକାର ଉପରେ ନିର୍ଭରଶୀଳ। ବିଶେଷକରି ଏଥିରେ ନ୍ୟାୟିକ ବ୍ୟବସ୍ଥାକୁ ଆୟତ୍ତ କରିବାର ବିପଦ ରହେ। କିଛି ବିକଳ୍ପ ରାଜନୈତିକ ଶକ୍ତି କିମ୍ବା ବୈଧ ସଂସ୍ଥାରେ ଏହି ନେତାମାନେ ପରିବର୍ତ୍ତନ କରିବାକୁ ଯଥେଷ୍ଟ ସୁଯୋଗ ପାଇଥାନ୍ତି।





ଏହାଦ୍ୱାରା ବ୍ୟବସ୍ଥାରେ ସତ୍ୟ, ଯାଞ୍ଚ ଓ ସମନ୍ୱୟ ଧୀରେ ଧୀରେ ନିମ୍ନଗାମୀ ହୁଏ ଏବଂ ଏହି ନେତାମାନଙ୍କୁ ଭାଗ୍ୟ ସାହାରା ହୁଏ। କିନ୍ତୁ ଅଧିକାଂଶ ସମୟରେ ଏକଚ୍ଛତ୍ରବାଦୀ ନେତାମାନେ ସେମାନଙ୍କୁ ପ୍ରତିରୋଧ କରିବାକୁ ମୁଣ୍ଡ ଟେକୁଥିବା ବିରୋଧୀ ମେଣ୍ଟକୁ ହାତରେ ରଖିବାକୁ ଚାହାନ୍ତି, ଯାହା ୨୦୨୦ରେ ଟ୍ରମ୍ପଙ୍କ କ୍ଷେତ୍ରରେ ଘଟିଥିଲା। ଏହା ପ୍ରଭାବଶାଳୀ ପାର୍ଟି କିମ୍ବା ଏକଚ୍ଛତ୍ରବାଦୀ କ୍ଷମତାଶାଳୀ ନେତାମାନଙ୍କ ଉପରେ ନିର୍ଭର କରେ ନାହିଁ ବରଂ ଏହା ଜାତୀୟ ଜରୁରୀ ସ୍ଥିତି ପ୍ରୟୋଗକରି ସେଥିରୁ ଲାଭ ଉଠାନ୍ତି। ଏଭଳି ଦୃଷ୍ଟିକୋଣର ସମସାମୟିକ ପ୍ରତିପାଦକ ହେଉଛନ୍ତି ଏଲ୍ ସାଲଭାଡରର ଏକଚ୍ଛତ୍ରବାଦୀ ଶାସକ ନାୟିବ ବୁକେଲେ। ସେ ଏଭଳି ନିୟମ ପ୍ରସ୍ତୁତ କରିଛନ୍ତି ଯାହା ଗଣତନ୍ତ୍ରବାଦୀଙ୍କୁ ଚିନ୍ତାରେ ପକାଇବ। ଅନେକ ବର୍ଷର ସମସ୍ୟା ପରେ ଏଲ୍ ସାଲଭାଡରର ଅର୍ଥନୀତି ଏବେ ଉତ୍ତମ ସ୍ଥିତିରେ ଅଛି। ସେଥିରେ ପୁଞ୍ଜି ଓ ଅଧିକ ସାର୍ବଜନୀନ ବ୍ୟୟ ଘରୋଇ ଉପଯୋଗକୁ ମଜଭୁତ କରିଛି। ଏହା ମଧ୍ୟରେ ଦେଶର କଳଙ୍କମୟ ଗୋଷ୍ଠୀ ସଂଘର୍ଷ ଅତୀତର ବିଷୟ ହୋଇଯାଇଛି। ଗୋଷ୍ଠୀ ନେତାଙ୍କ ଗଣକାରାବାସ ପଡ଼ୋଶୀ ଦେଶଗୁଡ଼ିକୁ ଶାନ୍ତ କରିଛି। ମାର୍ଚ୍ଚ ୨୦୨୨ରେ ନିର୍ଦ୍ଦିଷ୍ଟ କେତେକ ନାଗରିକ ଅଧିକାରକୁ ରଦ୍ଦ କରିଥିଲେ , ଯାହା ତଥାକଥିତ ଅପରାଧୀଙ୍କ ପାଇଁ ଥିଲା ଏକ ଉଚିତ ପ୍ରକ୍ରିୟା। ପୋଲିସ ଗୋଷ୍ଠୀରେ ଜଡ଼ିତ ଥିବା ୧୬ରୁ ୩୦ ବର୍ଷ ବୟସ ମଧ୍ୟରେ ୭୦,୦୦୦ ଲୋକଙ୍କୁ ଗିରଫ କରିଛନ୍ତି। ପରିଣାମ ସ୍ୱରୂପ ବୁକେଲେ ଭଲ କାମ କରୁଛନ୍ତି ବୋଲି ଅଧିକ ଲୋକ ସ୍ୱୀକାର କରନ୍ତି ଯାହା ତାଙ୍କୁ ସବୁଠି ରାଜନୈତିକ ଈର୍ଷାର ଶିକାର ହେବାକୁ ପଡ଼ିଛି। ସେ ଦ୍ୱିତୀୟ ଥର କ୍ଷମତାକୁ ଆସିବାରେ ବାଧା ସୃଷ୍ଟିକରୁଥିବା ସାମ୍ବିଧାନିକ କଟକଣାକୁ ହଟାଇ ଦେଇଛନ୍ତି ଏବଂ ଏବକାର ନିର୍ବାଚନରୁ ଜଣାପଡୁଛି, ସେ ଫେବୃଆରୀରେ ୬୮.୪% ଭୋଟ ପାଇ ପୁନର୍ବାର କ୍ଷମତାକୁ ଫେରିବେ।

ସ୍ୱାଭାବିକ ସମୟରେ ଗଣତନ୍ତ୍ର ପ୍ରତି ବାଧା ଗୁରୁତ୍ୱପୂର୍ଣ୍ଣ ବୋଲି ଯୁକ୍ତି କରାଯାଉଥିବାବେଳେ ଜରୁରୀ ସ୍ଥିତିକୁ ରଦ୍ଦ କରିବା ଦରକାର। ହେଲେ ଜରୁରିକାଳୀନ କ୍ଷମତାଗୁଡ଼ିକୁ ଅର୍ଦ୍ଧ ସ୍ଥାୟୀ ଶାସନରେ ପରିଣତ କରି ବୁକେଲେ ଏକ ନୂଆ ସରକାର ପ୍ରତିଷ୍ଠା କରିଛନ୍ତି, ଯେଉଁଥିରେ ଗଣତନ୍ତ୍ର ପୁନଃ ସ୍ଥାପିତ କରିବା ବାହାନାରେ ନିଜକୁ ବିଭିନ୍ନ ବାଧାରୁ ମୁକ୍ତ କରିପାରିଛନ୍ତି। ଏହା ହିଁ ହେଉଛି ଏକଚ୍ଛତ୍ରବାଦ ଆଡକୁ ରାସ୍ତା। ହ୍ୱାଇଟ ହାଉସ୍‌ରେ ଶାସନ ପରିବର୍ତ୍ତନ କରିବା ସକାଶେ ଟ୍ରମ୍ପ ଜୋର୍‌ସୋର ଆଗେଇଉଥିବାବେଳେ ଏଭଳି ଏକଚ୍ଛତ୍ରବାଦ ଉପରେ ଆମେ ଚିନ୍ତା କରିବା ଉଚିତ। ଯଦି ସେ ବିଜୟୀ ହୁଅନ୍ତି,ଶାସକୀୟ ରଣନୀତି ହଙ୍ଗେରୀ ଭଳି ହେବ ନାହିଁ । ରିପବ୍ଲିକାନ ପାର୍ଟି ଭାରି କ୍ରୋଧୀ ଓ ପ୍ରତିଶୋଧ ପରାୟଣ, ଡେମୋକ୍ରାଟ୍‌ମାନେ ମଧ୍ୟ ଭାରି ଦୃଢ ଏବଂ ଆମେରିକା ରାଜ୍ୟଗୁଡ଼ିକ ଏମାନଙ୍କ ପ୍ରତି ବହୁତ ସହନଶୀଳ। ଟ୍ରମ୍ପ ତାଙ୍କ ସରକାରକୁ ପରିବାର ଓ ବନ୍ଧୁଙ୍କ ବ୍ୟବସାୟରେ ପରିଣତ କରିବାର କୌଣସି ସୁଯୋଗ ନାହିଁ କିମ୍ବା ଆମେରିକାର ଘରୋଇ କ୍ଷେତ୍ର ମଧ୍ୟ ସେତେ ସ୍ୱୟଂଚାଳିତ ଓ ଜଟିଳ ନୁହେଁ। ଜାନୁଆରୀ ୬ରେ ଲାଫାୟେଟ ଛକରେ ତାଙ୍କ ପ୍ରାରମ୍ଭିକ ପ୍ରୟାସ ବିଫଳ ହୋଇଗଲା। ତଥାପି ସୀମରେ ବିପଦ ଥିବା ଅବଧାରଣା,ସାଂସ୍କୃତିକ ସଂସ୍ଥାଗୁଡ଼ିକରେ ଦୁର୍ବଳ ମାନଦଣ୍ଡ, ୟୁକ୍ରେନ୍ ଯୁଦ୍ଧର ଅକ୍ଳାପଣ ଏବଂ କଂଗ୍ରେସରେ ଅସ୍ଥିର ସ୍ଥିତି ଟ୍ରମ୍ପଙ୍କୁ ଅଧିକ ସଶକ୍ତ ଦୃଷ୍ଟିକୋଣ ଆପଣାଇବାକୁ ପ୍ରୋତ୍ସାହିତ କରିବ। ସାଧାରଣଙ୍କ ଭଲ ପାଇଁ ଶାସନର ଆଇନ ବାହାନାରେ ଚାଲୁଥିବା ଜରୁରୀ ସ୍ଥିତି ଅନିଶ୍ଚିତ ସମୟରେ ଶାସନ ପାଇଁ ଏକ ସହଜ ଉପାୟ। ଔପଚାରିକ ଗଣତନ୍ତ୍ରକୁ ଶେଷ ନ କରି ଏହା ଚରମ ପଦକ୍ଷେପଗୁଡ଼ିକୁ ଅନୁମତି ଦେଇଥାଏ। ଏହା ସାମରିକ ଆଇନ ବିନା ସୁରକ୍ଷା(ବିଶେଷକରି ସୀମାରେ) ପ୍ରତି ଧ୍ୟାନ କେନ୍ଦ୍ରିତ କରେ। ସର୍ବୋପରି, ଗଣତନ୍ତ୍ରକୁ ଅସ୍ୱୀକାର କରିବା ବିନା ଏହା ପ୍ରତି ଅସନ୍ତୋଷ ପ୍ରକାଶ କରିବା ସହ ଏହାକୁ ହତ୍ୟା କରିଥାଏ।

**ନିର୍ଦ୍ଦେଶକ,ଗ୍ଲୋବାଲହିଷ୍ଟ୍ରିଲାବ୍,ପ୍ରିନ୍ସଟନବିଶ୍ୱବିଦ୍ୟାଳୟ**

# ଅପେକ୍ଷାର ଫଳ



ଡ. କିଶୋର ମହାନ୍ତି

ଅପେକ୍ଷାର ଫଳ କେମିତି ଲାଗେ ଯିଏ ଅପେକ୍ଷା କରିଛି ତାକୁ ହିଁ ଏକଥା ଭଲ ଭାବରେ ଜଣା। ଅପେକ୍ଷାର ଫଳ ଥୋକେ ମିଠା ବୋଲି କହୁଥିଲା ବେଳେ ଆଉ କିଛି ଉତ୍ତର ନ ଦେଇ ମୁହଁ ଆଡ଼େଇ ଦେଇ ଚାଲିଯାଆନ୍ତି। ଅପେକ୍ଷା କରି ରହିଥିବା ଏ ପ୍ରକାର ବ୍ୟକ୍ତି ବିଶେଷଙ୍କୁ ପଚାରିଲେ ସେମାନେ ମୁହଁଟାକୁ ଆମ୍ବିଳା କରି ଦେଇଥାନ୍ତି। ସତ କହିବାକୁ ଗଲେ ଏଇ ଅପେକ୍ଷାଟା ଭୀଷଣ କଷ୍ଟଦାୟକ। ଅପେକ୍ଷା କରି ଆଖିରୁ ପାଣିମରେ କିନ୍ତୁ ଠିକ୍ ବେଳେ ଅସଲ ବ୍ୟକ୍ତି ଖୋଜୁଥିବା ଚିଜ ମିଳେନା। ଜୀବନଟାସାରା ଅପେକ୍ଷା। ଜୀବନଟା ସବୁବେଳେ ଅପେକ୍ଷା କରି କରି ରହେ। ସଭିଙ୍କୁ ଏହି ନିରୁତ୍ସାହିତ ଅପେକ୍ଷା ବା ପ୍ରତୀକ୍ଷାର ସମ୍ମୁଖୀନ ହେବାକୁ ନ ପଡ଼ି ଥିବ ଏକଥା କେହି କହି ପାରିବେନି। କିନ୍ତୁ ଏ ପ୍ରତୀକ୍ଷା ରହିବ ହିଁ ରହିବ। ଯେମିତି ଚାତକଟିଏ ଅପେକ୍ଷା କରିରହିଥାଏ ଆକାଶରେ ମେଘ ବର୍ଷିଲେ ପାଣି ଟୋପାକୁ, କୋଇଲିର ଅଦ୍ଭୁତ ପ୍ରତୀକ୍ଷା ବସନ୍ତ ଆସିଗଲେ ଆନନ୍ଦରେ ଚ୍ୟୁତ ଡାଳରେ ବସି ପଞ୍ଚମତାନରେ ଗୀତ ଗାଇବାକୁ। ସୁପ୍ରଭାତରେ ସୂର୍ଯ୍ୟଙ୍କ କିରଣର ସ୍ୱର୍ଶ ଟିକିଏ ପାଇବା ପାଇଁ ଉପରକୁ ମୁଣ୍ଡ ଟେକି ଚାହିଁ ରହିଥାଏ ଫୁଲଟିଏ। ଛୁଆଟିଏ କେତେ କଷ୍ଟରେ ମାତୃଗର୍ଭରେ ଅପେକ୍ଷାରତ ଥାଏ ଅନ୍ଧାରରୁ ଆଲୋକକୁ ଆସିବା ପାଇଁ।

ବୀଜବପନ କରି ଆସି ଚାଷୀଟିଏ ଅପେକ୍ଷା କରିବସେ କେମିତି କେତେବେଳେ ମାଟିରୁ ବାହାରି ଆସିବ ଗଛ। ଗଛ ପତ୍ର, ଫୁଲ, ଫଳରେ ଲଦି ହୋଇଯିବ- ଅତୀବ ଗ୍ରୀଷ୍ମ, ତଥା ପ୍ରଚଣ୍ଡ ରୌଦ୍ରତାପରୁ ରକ୍ଷା ପାଇବା ପାଇଁ ଆମେ ଅନେଇ ଥାଉ କେମିତି ବର୍ଷା ବର୍ଷିଯିବ ଏ ଧରାପୃଷ୍ଠରେ। ଏମିତି ପ୍ରଭୁଙ୍କ ଦର୍ଶନର ପ୍ରତୀକ୍ଷାରେ କିଛି କିଛି ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କର ମହାପ୍ରୟାଣ ଘଟିଛି ଠାକୁରଙ୍କ ଦର୍ଶନ ମିଳିନି। ଏବେ ତା'ର ଖବର ସମସ୍ତଙ୍କ ନଜରକୁ ବି ଆସିଥିବ। ଏଣୁ ଭକ୍ତଟିଏ ଏ ଅପେକ୍ଷାର ମାୟାଜାଲରେ ପଡ଼ି ଗୁଡ଼େଇ ତୁଡ଼େଇ ହେବା ସ୍ୱାଭାବିକ।

ପ୍ରସିଦ୍ଧ ନାଟ୍ୟକାର ସମୁଏଲ ବେକେଟଙ୍କର ରଚିତ ନାଟକ ''ୱେଟିଂ ଫର ଗୋଡୋ''ରେ ସେଇ ଅବସ୍ଥା। ଗୋଡାକୁ ଭେଟିବାର ଯେଉଁ ଆଗ୍ରହ କିନ୍ତୁ ନାଟକ ଶେଷରେ ଗୋଡା ଆସୁ ନାହିଁ। ଅନ୍ୟାନ୍ୟ ଚରିତ୍ରଙ୍କ ମଧ୍ୟରେ ଯେଉଁ ବିରକ୍ତିର ଭାବ ପରିଲକ୍ଷିତ ହୋଇଛି,ଏହାର ବିଶଦ ବର୍ଣ୍ଣନା ସେଇ ନାଟକରୁ ହିଁ ମିଳେ। ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କର ୧୪ ବର୍ଷର ଅପେକ୍ଷା କେବଳ ମା' ସୀତାଙ୍କୁ ଉଦ୍ଧାର ପାଇଁ ଓ ରାବଣର ବିନାଶ ଲାଗି। ପୁରାଣରେ କୋକୁଆ ଆସିବାକୁ ସମସ୍ତେ ଅପେକ୍ଷା କରିଛନ୍ତି - କିନ୍ତୁ କୋକୁଆ ଭୟରେ ନିଜ ନିଜ ଭିତରେ ସଂଗ୍ରାମ ହୋଇ ଉଭୟେ ଉଭୟଙ୍କର ଜୀବନ ନେଇଛନ୍ତି ଓ ଯଦୁବଂଶ ଧ୍ୱଂସ ହେଉଛି। ଏହା ବି ଏକ ପ୍ରକାର ପ୍ରତୀକ୍ଷା କୋକୁଆକୁ।

ବିବାହ ବେଦିକୁ ବର ଆସୁନାହିଁ ଏ ଏକ ପ୍ରକାର କନ୍ୟା ଓ କନ୍ୟା ପିତାଙ୍କର ଅପେକ୍ଷା। ବାଟରେ ବରଯାତ୍ରୀଙ୍କ ମଧ୍ୟରେ ବଚସା ପାଟିତୁଣ୍ଡ ଓ ବାଡିଆପିଟା ହୋଇ ରକ୍ତାକ୍ତ ହେବା ଘଟଣା ଅପେକ୍ଷାର ଅନ୍ତ ଘଟାଇଛି। ନେତାଙ୍କୁ ନେଇ ବି ସେଇ ଅପେକ୍ଷା, ଶିଳାନ୍ୟାସ ବା ଭିତ୍ତିପ୍ରସ୍ତର ସ୍ଥାପନ କରି ମନ୍ତ୍ରୀ ଚାଲିଯାଇଛନ୍ତି। ଗୋଟାଏ ବଡ଼ ପ୍ରକଳ୍ପର ଭରସା ଦେଇ - ଲୋକମାନେ ଅପେକ୍ଷାରେ ଥାନ୍ତି ପ୍ରକଳ୍ପ ଆରମ୍ଭ କେବେ ହେବ ତା'ର ଶେଷ ଅର୍ଥାତ୍ ଗୃହ ପ୍ରବେଶ କେବେ ହେବ ବୋଲି। କିନ୍ତୁ କେତେ କେତେଟା ନିର୍ବାଚନ ଶେଷ ହୁଏ ପ୍ରକଳ୍ପର ପରିସମାପ୍ତି ଘଟେ ନାହିଁ। ସେଇ ସ୍ଥାନଟି ଗୋଚର ପାଲଟେ, ସେଠି ଗୋରୁ, ଛେଳି, ମେଣ୍ଢାଙ୍କର ଚରାଭୂଇଁ ହୋଇଯାଏ।

କୁହନ୍ତି ଚାଷୀ ହୁଡ଼ିଲେ ବରଷେ, ଭୋଟର ହୁଡ଼ିଲେ ପାଞ୍ଚବର୍ଷ। ଏମିତି କେତେ କେତେ ପାଞ୍ଚବର୍ଷର ଅପେକ୍ଷା କିନ୍ତୁ ଫଳ ଶୂନ। ସ୍ଥାନୀୟ ଅଧିବାସୀ ନିରାଶ ହୋଇଯାଇଥାନ୍ତି। ଏମିତି ଅପେକ୍ଷା କରି କରି ନିଜକୁ ଅପେକ୍ଷା କରିବାକୁ ପଡ଼େ ଯେବେ ନିଦ ହୁଏ ନାହିଁ ତେବେ ତାକୁ ବି ଏ ମଣିଷ ଅପେକ୍ଷା କରିଥାଏ। ସତରେ ଜୀବନ ଯାତ୍ରାକୁ ଏ ପ୍ରତୀକ୍ଷା ହଇଚଇ କରିଦିଏ। ପୂଜା ସାମଗ୍ରୀ ଠିକ୍ କରି ଶୁଦ୍ଧପୂତ ମନରେ ବସି ପୂଜା ପାଇଁ ପ୍ରସ୍ତୁତ ହେଲାବେଳକୁ ପୂଜାରୀ ବାପୁଡ଼ା କୋଉ ସହସା ଆସୁଛନ୍ତି, ତେଣୁ ତାଙ୍କୁ ବି ଅପେକ୍ଷା କରିବାକୁ ହୁଏ। ପ୍ରତୀକ୍ଷାର ଅନ୍ତ କାହିଁ? ସାରା ଜୀବନ ଏମିତି ଅପେକ୍ଷାରେ ବିତିଯାଏ। ରୋଗୀଟିଏ ହୋଇଗଲେ ଆହୁରି ହୀନସ୍ତା, ଦହଗଞ୍ଜ। ବଇଦକୁ ଅପେକ୍ଷା, ବଇଦ ମିଳିଗଲା ପରେ ଠିକ୍ ଡୋଜ୍ ମିଳୁ ନାହିଁ ତାକୁ ବି ଅପେକ୍ଷା। ପୁନରାୟ ଯଦି ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତିହୋଇଗଲ ଏଠି ବେଡ୍ ଖଣ୍ଡେ ପାଇବାକୁ ବି ଅପେକ୍ଷା। ଏକଥା କାହାକୁ ବା ଅଛପା ନାହିଁ। ଏମିତି ଚାହିଁ ଚାହିଁ ଜଳକା ହେବ ସିନା ବିଳମ୍ବ ହେଉଥିବ ସବୁବେଳେ, ଏଇ ତ ଅପେକ୍ଷାର ଭିତିର କଥା।

ମୋ:୯୪୩୭୭୨୮୪୭୫

## ଏଇ ଭାରତରେ

ଗୋଟିଏ ଦିନରେ ଦୁଇ ସାଙ୍ଗ ଓ ସ୍ୱେଚ୍ଛାସେବୀମାନେ ମୁମ୍ବାଇ ବେଳାଭୂମିରୁ ୪ ଲକ୍ଷ ୫୦ ହଜାର କେଜି ବର୍ଜ୍ୟ ସଫା କରିବା ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ। ଏହା ଅକ୍ଷତ ଶାହା ଓ ଶୁଭ ମେହେଟ୍ଟାଙ୍କ ଦ୍ୱାରା ସମ୍ଭବ ହୋଇପାରିଛି। ନୂଆବର୍ଷରେ ସେମାନେ ଏହା କରିପାରିଛନ୍ତି। ଏହି ଦୁଇ ସାଙ୍ଗ 'ଚେଞ୍ଜ ଇଜ୍ ଅସ୍' ଅଭିଯାନ ମାଧ୍ୟମରେ କରୁଛନ୍ତି। ଏହାକୁ ସେମାନେ ୨୦୧୯ରେ ଦ୍ୱାଦଶ ଶ୍ରେଣୀରେ ପଢୁଥିବାବେଳେ କରିଥିଲେ। ଏଥିରେ ଏବେ ୨୫,୦୦୦ ସ୍ୱେଚ୍ଛାସେବୀ ରହିଛନ୍ତି। ସେମାନେ ପ୍ରତି ସପ୍ତାହାନ୍ତରେ ମୁମ୍ବାଇ ଗିରଗାଁଓ ଚଉପାଟି ବିଚ୍‌ରେ ବର୍ଜ୍ୟ ସଫା କରିଥାନ୍ତି। ଏହି ଅଭିଯାନ ମାଧ୍ୟମରେ ସେମାନେ ସ୍କୁଲ ଓ କଲେଜରେ ସଫେଇ କାର୍ଯ୍ୟ କରିବା ସହ ବର୍ଜ୍ୟ ପରିଚାଳନା ଓ ଜଳବାୟୁ ପରିବର୍ତ୍ତନ ଉପରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। ୨୦୧୯ରେ ଏହି ସଂସ୍ଥା ଆରମ୍ଭ ହେବାବେଳେ କେବଳ ଅକ୍ଷତ ଓ ଶୁଭ ଥିଲେ। ତା'ପରେ ଧୀରେ ଧୀରେ ସବୁ ବୟସ ବର୍ଗର ଲୋକେ ଏଥିରେ ସାମିଲ ହୋଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୪ ଜାନୁଆରୀ ୧୯୭୫

- ଆଫ୍ରିକାର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଭାବେ ଏଲିଜାବେଥ ଡୋମିଣ୍ଟେଇନଙ୍କ ଦାୟିତ୍ୱ ଗ୍ରହଣ।
- ବିଜ୍ଞାନର ବିଭିନ୍ନ ବିଭାଗରେ ଉଲ୍ଲେଖନୀୟ କାର୍ଯ୍ୟ ଲାଗି ୨୨ ଜଣ ଯୁବ ବୈଜ୍ଞାନିକଙ୍କୁ ଭାରତ ଜାତୀୟ ବିଜ୍ଞାନ ଏକାଡେମୀ ପଦକ ପ୍ରଦାନ।
- ବୋମା ବିସ୍ଫୋରଣ ଯୋଗୁ ଗୁରୁତର ଆହତ ହୋଇଥିବା କେନ୍ଦ୍ର ରେଳବାଇ ମନ୍ତ୍ରୀ ଲଳିତ ନାରାୟଣ ମିଶ୍ରଙ୍କ ଅକାଳ ବିୟୋଗ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 5 | | | 1 | | |
| | | 4 | 6 | 7 | 1 | | 5 | |
| 6 | | | 4 | | | | | |
| 2 | | | | 3 | | | | 1 |
| | | | 1 | | | | 6 | |
| 4 | 8 | | | | | 7 | | |
| 3 | 2 | | | 6 | | | | |
| | 4 | 6 | 8 | | | | | 5 |
| | | 7 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 6 | 7 | 9 | 3 | 5 | 1 | 8 | 2 |
| 3 | 5 | 2 | 1 | 8 | 4 | 7 | 6 | 9 |
| 1 | 8 | 9 | 6 | 2 | 7 | 5 | 4 | 3 |
| 5 | 9 | 6 | 2 | 1 | 8 | 3 | 7 | 4 |
| 8 | 2 | 1 | 7 | 4 | 3 | 6 | 9 | 5 |
| 7 | 4 | 3 | 5 | 9 | 6 | 2 | 1 | 8 |
| 9 | 3 | 5 | 8 | 7 | 1 | 4 | 2 | 6 |
| 2 | 1 | 4 | 3 | 6 | 9 | 8 | 5 | 7 |
| 6 | 7 | 8 | 4 | 5 | 2 | 9 | 3 | 1 |

ଗତକାଲିର ଉତ୍ତର

# ନିର୍ବାଚନ ପ୍ରଚାର ବ୍ୟବସ୍ଥା



ଲଳିତ ମୋହନ ମିଶ୍ର

ନିର୍ବାଚନରେ ରାଜନୈତିକ ଦଳ ଓ ପ୍ରାର୍ଥୀମାନେ ନିଜ ସପକ୍ଷରେ ପ୍ରଚାର କରି ମତଦାତାମାନଙ୍କୁ ପ୍ରଭାବିତ କରିଥାଆନ୍ତି। ତେବେ ୧୯୫୧ର ପ୍ରଥମ ସ୍ୱାଧୀନତା-ପରବର୍ତ୍ତୀ ନିର୍ବାଚନଠାରୁ ୨୦୨୩ ନିର୍ବାଚନ ପର୍ଯ୍ୟନ୍ତ ମିଳୁଥିବା ତଥ୍ୟର ଅଧ୍ୟୟନ କଲେ ଜଣାଯାଏ ଯେ ନିର୍ବାଚନ ପ୍ରଚାରରେ ଆମୂଳଚୂଳ ପରିବର୍ତ୍ତନ ଘଟିଛି। ନିର୍ବାଚନ-ପ୍ରଚାରକୁ ଏବେ ନିର୍ବାଚନ-କମିଶନଙ୍କର ବିଭିନ୍ନ କଟକଣା ମଧ୍ୟରେ ଦଳ ଓ ପ୍ରାର୍ଥୀମାନେ କରିବାକୁ ବାଧ୍ୟ। ଅଭିଯୋଗ ପାଇଲେ ଜିଲାସ୍ତରରେ ଥିବା କେନ୍ଦ୍ର ନିର୍ବାଚନ ପର୍ଯ୍ୟବେକ୍ଷକମାନେ ଘଟଣାସ୍ଥଳକୁ ଯାଇ ପ୍ରଚାର ବନ୍ଦ କରିବା ଦେଖାଯାଉଛି ଏବଂ କମିଶନ, ପ୍ରାର୍ଥୀ ଓ ଦଳମାନଙ୍କୁ ଅଭିଯୋଗ ଆଧାରରେ ନୋଟିସ ଜାରି କରୁଛନ୍ତି। ତେବେ ମୌଳିକ ପ୍ରଶ୍ନ ଉଠୁଛି ଯେ ଏବର ନିର୍ବାଚନ ପ୍ରଚାରତନ୍ତ୍ର ମାଧ୍ୟମରେ ଦଳ ଓ ପ୍ରାର୍ଥୀମାନେ ମତଦାତାମାନଙ୍କୁ ଅଧିକ ଠିକ୍ ତଥ୍ୟ ପ୍ରଦାନ କରିବା ସହ ଅଧିକ ସଚେତନକରି ଭୋଟ ସଂଗ୍ରହ କରୁଛନ୍ତି ନା ମତଦାତାମାନଙ୍କୁ ଭ୍ରମିତ କରି ଭୋଟ ମାଗୁଛନ୍ତି। ଏବର ନିର୍ବାଚନ ପ୍ରଚାରତନ୍ତ୍ର, ଗଣତନ୍ତ୍ର ପାଇଁ ଏକ ବଡ଼ ସମସ୍ୟା ସୃଷ୍ଟି କରୁଛି।

ନିର୍ବାଚନ ପ୍ରଚାରର ଏକ ପ୍ରମୁଖ ମାଧ୍ୟମ ହେଲା ଗଣମାଧ୍ୟମ। ସରକାରୀ ଦଳ, ନିର୍ବାଚନ ବେଳେ ସରକାରୀ ବିଜ୍ଞାପନ ମାଧ୍ୟମରେ ସଦାସର୍ବଦା ଗଣମାଧ୍ୟମକୁ ନିଜ ସପକ୍ଷରେ ନେଇଥାଏ। କିନ୍ତୁ ଏବେ ଗଣମାଧ୍ୟମ ସଂସ୍ଥା, ବିଶେଷକରି ବୈଦ୍ୟୁତିକ ଗଣମାଧ୍ୟମ ସଂସ୍ଥାଗଣ ସରକାରୀଦଳ ସପକ୍ଷରେ ସମ୍ପୂର୍ଣ୍ଣ ସମର୍ପିତ ହେବା ଅଭିଯୋଗ ହେଉଛି। ଏପରି କି ବିରୋଧୀ 'ଇଣ୍ଡିଆ' ମେଣ୍ଟ କେତେକ ଟି.ଭି.-ଚ୍ୟାନେଲ୍‌କୁ ବୟକଟ୍ କରିଛନ୍ତି। ସେମାନଙ୍କ ଅଭିଯୋଗ ହେଲା ଯେ ଏହି ଗଣମାଧ୍ୟମ ସଂସ୍ଥାମାନେ ଲୋକଙ୍କ ଅସୁବିଧାକୁ ଓ ବିରୋଧୀଦଳର କାର୍ଯ୍ୟକ୍ରମକୁ ଆଦୌ ପରିବେଷଣ କରୁନାହାନ୍ତି ବରଂ ସରକାରୀଦଳର ନୀତି ଓ ସରକାରଙ୍କ ସଫଳତାକୁ ପ୍ରଚାର କରି ଏକ ଦଳୀୟ ଅସ୍ତ୍ରରୂପେ କାମ କରୁଛନ୍ତି। ଜାତୀୟ ସ୍ତରରେ, ସରକାରଙ୍କୁ ସମାଲୋଚନା କରୁଥିବା କେତେଜଣ ବରିଷ୍ଠ ସାମ୍ବାଦିକଙ୍କୁ ଚାକିରିରୁ ବହିଷ୍କୃତ ହେବାକୁ ପଡ଼ିଛି। ଗଣମାଧ୍ୟମ ସଂସ୍ଥା କର୍ପୋରେଟ୍‌ମାନଙ୍କ ହାତକୁ ଚାଲିଯାଉଥିବାରୁ ସେମାନେ ସରକାରୀ ଦଳକୁ ଅଧିକ ସମର୍ଥନ କରିବା ଦେଖାଯାଉଛି। ଏହି କାରଣରୁ ଅନ୍ତର୍ଜାତୀୟ ପ୍ରେସ୍-ସ୍ୱାଧୀନତା-ସୂଚୀରେ ଭାରତର ସ୍ଥାନ ବହୁତ ତଳେ ଥିବା ଦେଖିବାକୁ ମିଳୁଛି। ଗଣମାଧ୍ୟମର ଭୂମିକା ଗଣତନ୍ତ୍ରରେ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏ ଦିଗରେ ଆଗକୁ ଗଣମାଧ୍ୟର ନିରପେକ୍ଷତାକୁ ବୃଦ୍ଧି କରିବା ପାଇଁ ସଂସ୍କାରର ଆବଶ୍ୟକତା ରହିଛି।

ମୁଖ୍ୟସ୍ରୋତ ଗଣମାଧ୍ୟମର ନିରପେକ୍ଷତା ହ୍ରାସ, ସାମାଜିକ ଗଣମାଧ୍ୟକୁ ଅଧିକ ଲୋକପ୍ରିୟ କରିଛି। ନିର୍ବାଚନ ପ୍ରଚାରବେଳେ ଦଳ ଓ ପ୍ରାର୍ଥୀମାନେ ସାମାଜିକ ଗଣମାଧ୍ୟମକୁ ଅଧିକ ବ୍ୟବହାର କରିବା ଦେଖାଯାଉଛି। ଦଳମାନଙ୍କର ସାମାଜିକ ଗଣମାଧ୍ୟମ ବିଭାଗ, ନିର୍ବାଚନ ନ ଥିବାବେଳେ ଓ ନିର୍ବାଚନ ବେଳେ ଦଳ ସପକ୍ଷରେ ନିତିଦିନ ପ୍ରଚାର କରୁଛନ୍ତି।





ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମ ପରି ଏବେ ଜନମତ-ସର୍ଭେ ଓ ବୁଥ୍-ବାହୁଡ଼ା- ସର୍ଭେ ସଂସ୍ଥାମାନେ ନିରପେକ୍ଷତା ହରାଇଥିବା ଦେଖିବାକୁ ମିଳୁଛି। ଦଳମାନେ ଏହି ସର୍ଭେ ସଂସ୍ଥାମାନଙ୍କୁ ପ୍ରଭାବିତ କରି ନିଜ ଦଳର ନେତା ଏବଂ ଦଳ ସପକ୍ଷରେ ଅଧିକ ଜନମତ ଥିବା 'ପ୍ରାକ୍-ନିର୍ବାଚନ' କାଳରେ ପ୍ରକାଶ କରୁଛନ୍ତି। ନିର୍ବାଚନ ପରେ ବୁଥ୍-ବାହୁଡ଼ା- ସର୍ଭେଗୁଡ଼ିକରେ ସର୍ଭେ ସଂସ୍ଥାମାନେ ସେମାନଙ୍କର ସମର୍ଥିତ ଦଳ ସପକ୍ଷରେ ଅଧିକ ଆସନ ଜିତୁଥିବା କଥା ପ୍ରଚାରକରି ଭୋଟ-ଗଣତି ପରିବେଶକୁ ପ୍ରଭାବିତ କରୁଛନ୍ତି। ଭୋଟ-ଗଣତି ପରେ ଅନେକ ସର୍ଭେ ଭୁଲ୍ ପ୍ରମାଣିତ ହେଉଛି। ତେବେ ଲୋକେ ଏଥିରୁ ମଧ୍ୟ ଠିକ୍ ତଥ୍ୟ ପାଇପାରୁନାହାନ୍ତି।

ଏବେ ଆସିବା ନିର୍ବାଚନ ସମୟରେ ବ୍ୟବହୃତ ବ୍ୟାନର୍-ପୋଷ୍ଟର୍ ଓ ନିର୍ବାଚନୀ ସଭାକୁ। ବ୍ୟାନର୍-ପୋଷ୍ଟର ଏବଂ ନିର୍ବାଚନୀ ସଭାରେ ଦଳ ଓ ପ୍ରାର୍ଥୀମାନେ ନିଜ ସପକ୍ଷରେ ପ୍ରଚାରକରି ବିରୋଧୀଦଳ ଓ ବିରୋଧୀ ପ୍ରାର୍ଥୀଙ୍କ ବିପକ୍ଷରେ କହିବା ସ୍ୱାଭାବିକ। କିନ୍ତୁ ଏବେ ନିର୍ବାଚନୀ ସଭାଗୁଡ଼ିକୁ ଲୋକଙ୍କୁ ଅର୍ଥଦେଇ ଅଣାଯାଇ ଏହାକୁ ବୃହତ୍-ଜନସମର୍ଥନର ପ୍ରତୀକ ରୂପେ ଦର୍ଶାଯାଉଛି। ଲୋକଙ୍କୁ ତଥ୍ୟ ପ୍ରଦାନ କରିବା ପରିବର୍ତ୍ତେ ଅଧିକ ଭାବପ୍ରବଣ କରି ଦଳମାନେ ଭୋଟ ସଂଗ୍ରହ କରିବାକୁ ଚେଷ୍ଟା କରୁଛନ୍ତି। ଏ ଗଲା ଅଣ-ପାର୍ଥିବ ପ୍ରଚାରତନ୍ତ୍ର କଥା।

'ପାର୍ଥିବ ପ୍ରଚାରତନ୍ତ୍ର'ର ଏବେ ଅଧିକ ପ୍ରାଦୁର୍ଭାବ ବୃଦ୍ଧି ହୋଇଛି। ନିର୍ବାଚନବେଳେ ମତଦାତାଙ୍କୁ ଅତ୍ୟଧିକ ଅର୍ଥ, ମାଦକ ଦ୍ରବ୍ୟ, ଭୋଜି, ସୁନା ଓ ରୁପା ଗହଣା, ପୋଷାକ, ମୋବାଇଲ୍ ଫୋନ୍ ଆଦି ବଣ୍ଟାଯାଉଛି। ଏହାକୁ ବନ୍ଦ କରି ସରକାରୀ ଖର୍ଚ୍ଚରେ ନିର୍ବାଚନ କରିବାକୁ ବିଭିନ୍ନ ମହଲରୁ ଭିନ୍ନ ଭିନ୍ନ ସମୟରେ ଦାବି ହେଲେ ବି ତାହା ଏପର୍ଯ୍ୟନ୍ତ ହୋଇପାରି ନାହିଁ। ତେବେ ନିର୍ବାଚନ କମିଶନ, ବିଭିନ୍ନ ଦଳର କାର୍ଯ୍ୟକଳାପ ବିଷୟରେ ନିର୍ବାଚନ ସମୟରେ ଏକ ସ୍ୱତନ୍ତ୍ର ବୁଲେଟିନ୍ ଜାରି କରିବାର ଆବଶ୍ୟକତା ଆସିଲାଣି। ଫଳରେ ଲୋକେ ବିଭିନ୍ନ ଦଳ ବିଷୟରେ ନିର୍ବାଚନ ବେଳେ ଠିକ୍ ତଥ୍ୟ ପାଇପାରିବେ। ଦ୍ୱିତୀୟରେ, ନିର୍ବାଚନବେଳେ ପ୍ରାର୍ଥୀ ଯେଉଁ ଶିକ୍ଷାଗତ ଯୋଗ୍ୟତା, ଆପରାଧିକ ପୃଷ୍ଠଭୂମି ଓ ସମ୍ପତ୍ତି ତାଲିକାର ତଥ୍ୟ ପ୍ରଦାନ କରୁଛନ୍ତି, ତାହା ଅତିକମ୍‌ରେ ଏକ ବଡ଼ ହୋର୍ଡିଂ ମାଧ୍ୟମରେ ପ୍ରାର୍ଥୀମାନେ ନିର୍ବାଚନ ମଣ୍ଡଳୀର ଏକ ପ୍ରମୁଖ ସ୍ଥାନରେ ପ୍ରଦର୍ଶନ କରିବା ପାଇଁ ନିର୍ବାଚନ ନିୟମ ଆସିବା ଆବଶ୍ୟକ। କେବଳ ଖବର କାଗଜ ଓ ଟି.ଭି.ରେ ଏ ବିଷୟରେ ସୂଚନା ଦେଲେ ମତଦାତାମାନେ ପ୍ରାର୍ଥୀଙ୍କ ପୃଷ୍ଠଭୂମି ଜାଣିପାରୁ ନାହାନ୍ତି। ତୃତୀୟରେ ନିର୍ବାଚନ ସରିବା ପରେ ପ୍ରାର୍ଥୀମାନେ ଦୁଇଟି ବିଷୟରେ ନିର୍ବାଚନ କମିଶନରଙ୍କ ପାଖରେ ସତ୍ୟପାଠ ଦାଖଲ କରିବା ପାଇଁ ନିୟମ ଆସିବା ଆବଶ୍ୟକ। ଏଥିରୁ ପ୍ରଥମଟି ହେଲା ପ୍ରାର୍ଥୀ ଓ ଦଳମାନେ ନିଜର ନିର୍ବାଚନୀ ଖର୍ଚ୍ଚକୁ ଏକ ସତ୍ୟପାଠ ମାଧ୍ୟମରେ ପ୍ରଦାନ କରିବା। ଦ୍ୱିତୀୟଟି ହେଲା ପ୍ରାର୍ଥୀମାନେ ଏକ ସତ୍ୟପାଠ ମାଧ୍ୟମରେ ନିର୍ବାଚନ ଖର୍ଚ୍ଚର ଆଇନଗତ ସୀମା ଏବଂ ନିର୍ବାଚନ ଆଚରଣବିଧି ଉଲ୍ଲଂଘନ କରିନାହାନ୍ତି ବୋଲି ଘୋଷଣା କରିବା ଆବଶ୍ୟକ। ଭାରତ ଭଳି ଏକ ବୃହତ୍ ସଂଘୀୟ ଗଣତାନ୍ତ୍ରିକ ରାଷ୍ଟ୍ରରେ ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ନ ଆସିଲେ ଦେଶରେ ଗଣତନ୍ତ୍ରର ଲାଭ ଲୋକମାନେ ପାଇପାରିବେ ନାହିଁ।

ମୋ: ୭୦୦୮୨୩୩୭୨୯

## ପାଠକ ଶ୍ରେଷ୍ଠ ବିଚାରକ

### ବାକ୍‌ଶ୍ରବଣ ବିଶେଷଜ୍ଞ ନାହାନ୍ତି

ମହାଶୟ,

ଭାରତ ସରକାରଙ୍କ ବଧିରତା ନିୟନ୍ତ୍ରଣର ଜାତୀୟ କାର୍ଯ୍ୟକ୍ରମ ଆଧାରରେ ବାକ୍‌ଶ୍ରବଣ ସମସ୍ୟାର ସମାଧାନ କ୍ଷେତ୍ରରେ ବାକ୍‌ଶ୍ରବଣ ବିଶେଷଜ୍ଞଙ୍କର ଏକ ବଳିଷ୍ଠ ଅବଦାନ ରଖେ। ଆମ ଦେଶରେ ପ୍ରାୟ ୧୦ ପ୍ରତିଶତ ଲୋକ ବାକ୍‌ଶ୍ରବଣଜନିତ ସମସ୍ୟାରେ ଜର୍ଜ୍ଜରିତ। ଏମାନଙ୍କ ମଧ୍ୟରୁ ପ୍ରାୟ ୮ ପ୍ରତିଶତ ଶ୍ରବଣଜନିତ ସମସ୍ୟାରେ କବଳିତ ଏବଂ ବାକି ୨ ପ୍ରତିଶତ ଖାଇବାରେ ଅସୁବିଧା ଅଥବା କଥା ହେବାରେ ଅସୁବିଧା ଭୋଗ କରନ୍ତି। ଆମ ଓଡ଼ିଶାରେ ଏହି ସମସ୍ୟାରେ ପୀଡ଼ିତ ଥିବା ଜନସଂଖ୍ୟା ପ୍ରାୟ ୪୫ ଲକ୍ଷ। ତେଣୁ ଓଡ଼ିଶାର ଜନସଂଖ୍ୟାର ପ୍ରାୟ ୯ଲକ୍ଷ ଲୋକଙ୍କ ପାଇଁ ୯ ହଜାର ବାକ୍ ଶ୍ରବଣ ବିଶେଷଜ୍ଞଙ୍କର ଆବଶ୍ୟକତା ରହିଛି। ସେହି ହାରରେ ଶ୍ରବଣଜନିତ ସମସ୍ୟା ଭୋଗୁଥିବା ଲୋକଙ୍କ ପାଇଁ ପ୍ରାୟ ୨୦ ହଜାରରୁ ଅଧିକ ଶ୍ରବଣ ବିଶେଷଜ୍ଞ ଆବଶ୍ୟକ। ଦେଖିବାକୁ ଗଲେ ଆମ ରାଜ୍ୟରେ ସମୁଦାୟ ୨୦୦ରୁ ୨୫୦ ଜଣ ବାକ୍‌ଶ୍ରବଣ ବିଶେଷଜ୍ଞ ସରକାରୀ ଏବଂ ବେସରକାରୀ କ୍ଷେତ୍ରରେ କାମ କରୁଛନ୍ତି। ଏହାର କାରଣ ସରକାରୀ ପ୍ରୋତ୍ସାହନର ଅଭାବ ଏବଂ ଜନ ସଚେତନତାର ଅଭାବ। ଏଣୁ ଡିଗ୍ରୀଧାରୀ ବାକ୍‌ଶ୍ରବଣ ବିଶେଷଜ୍ଞଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଜିଲା ସ୍ତରରେ ସମାନ ନିଯୁକ୍ତି ଦିଆଯାଉ।

**-ନାରାୟଣ ଚନ୍ଦ୍ର ବିଶ୍ୱାଳ, ବାକ୍‌ଶ୍ରବଣ ବିଶେଷଜ୍ଞ, 'ଧ୍ୱନି', ମଙ୍ଗଳାବାଗ, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସେହି ସେ ଆଘାତ ତତାଇ ଦିଅଇ ଲହୁ,
'ଏକ' ଯେଉଁଠାରେ ମିଳାଇ ହୋଇଛି 'ବହୁ'।
ଚାଲିଅଛି ବେଗେ ନ ମାନି ଆଘାତ ବାଣ
ଦୁନିଆ ଭିତରେ ତୁମେଟି ଚାଲିବା ଜାଣ।
-(ତୁମେଟି ଚାଲିବା ଜାଣ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

**୬ରେ ଓଡ଼ିଶା ଆସିବେ କଂଗ୍ରେସ ପ୍ରଭାରୀ**

ଭୁବନେଶ୍ୱର,(ସୁନିତ୍ ମିଶ୍ର): ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ପକ୍ଷରୁ ଓଡ଼ିଶା ନିମନ୍ତେ ନବନିଯୁକ୍ତ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଆସନ୍ତା ୬ ରେ ରାଜ୍ୟ ଗସ୍ତରେ ଆସିବେ। ୩ ଦିନିଆ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମରେ ଆସୁଥିବା ଅଜୟ କୁମାର ପ୍ରଦେଶ କଂଗ୍ରେସ ଭବନଠାରେ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ସମେତ ଦଳୀୟ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ।

**ବଡ଼ସାହି ବିଧାନସଭା ନିର୍ବାଚନମଣ୍ଡଳୀ**

# ସ୍ତ୍ରୀଙ୍କୁ ଧରି ଭୋଟରଙ୍କୁ ଭେଟୁଛନ୍ତି ଆଶାୟୀ

ବାରିପଦା,୩।୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

**୨ୟ ଥର କେହି ହୋଇନାହାନ୍ତି ବିଧାୟକ**



ମୟୂରଭଞ୍ଜ ଜିଲାର ଏକମାତ୍ର ଅନୁସୂଚିତ ଜାତି ଆସନ ବଡ଼ସାହି ନିର୍ବାଚନମଣ୍ଡଳୀ। ସୀମା ପୁନଃ ନିର୍ଦ୍ଧାରଣ ପରେ ବୈଶିଙ୍ଗା ନିର୍ବାଚନମଣ୍ଡଳୀ ବଦଳରେ ବଡ଼ସାହି ହୋଇଛି। ଏଠାକାର ଭୋଟର ପ୍ରତି ନିର୍ବାଚନରେ ନେତା ପରିବର୍ତ୍ତନ କରି ଆସିଥିବା ନଜିର ରହିଛି। ୨ୟ ଥର ପାଇଁ ବିଧାୟକ ହେବାର କେହି ସୁଯୋଗ ପାଇନାହାନ୍ତି। ବର୍ତ୍ତମାନ ଏଠାରେ ଭାଜପା ବିଧାୟକ ସନାତନ ବିଜୁଳି ଅଛନ୍ତି। ତେବେ ଆସନ୍ତା ସାଧାରଣ ନିର୍ବାଚନରେ ଭୋଟର କାହା ମୁଣ୍ଡରେ ଶିରପା ବାନ୍ଧିବେ ଜଣାପଡ଼ିବ।

ବାଲେଶ୍ୱର ଲୋକ ସଭା ଆସନ ଅନ୍ତର୍ଗତ ଏହି ନିର୍ବାଚନମଣ୍ଡଳୀ ବଡ଼ସାହି ବ୍ଲକର ୨୧ ଓ ବେତନଟୀ ବ୍ଲକର ୨୪ ପଞ୍ଚାୟତକୁ ନେଇ ଗଠିତ। ୨୦୧୯ ନିର୍ବାଚନରେ ଭାଜପାର ସନାତନ ବିଜୁଳି ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ବୃନ୍ଦାବନ ଦାସଙ୍କୁ ୧୧ହଜାର ୧୧୯ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ କରି ବିଜୟୀ ହୋଇଥିଲେ। ୨୦୧୪ ନିର୍ବାଚନରେ କଂଗ୍ରେସ ଛାଡ଼ି ବିଜେଡିରୁ ପ୍ରାର୍ଥୀ ହୋଇଥିବା ଗଣେଶ୍ୱର ପାତ୍ର ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ଯାମିନୀକାନ୍ତ ନାଏକଙ୍କୁ ପରାସ୍ତ କରି ବିଧାୟକ ହୋଇଥିଲେ। ୨୦୦୯ରେ ବିଜେଡି ପ୍ରାର୍ଥୀ ମନୋରଞ୍ଜନ ସେଠୀ ୧୫ହଜାର ୪୩୩ ଭୋଟ ବ୍ୟବଧାନରେ କଂଗ୍ରେସ ପ୍ରାର୍ଥୀ ଗଣେଶ୍ୱର ପାତ୍ରଙ୍କୁ ହରାଇଥିଲେ। ବୈଶିଙ୍ଗା ନିର୍ବାଚନମଣ୍ଡଳୀ ଥିବା ବେଳେ ୨୦୦୪ରେ ଭାଜପା-ବିଜେଡି ମେଣ୍ଟ ପ୍ରାର୍ଥିନୀ ପ୍ରମିଳା ଗିରି ଓ ୨୦୦୦ ବିଧାନସଭା ନିର୍ବାଚନରେ ଭାଜପାର କାନ୍ଦ୍ରା ସୋରେନ ବିଜୟୀ ହୋଇଥିଲେ।

ଆଗାମୀ ସାଧାରଣ ନିର୍ବାଚନ ପାଇଁ ଏଠାରେ ବିଭିନ୍ନ ରାଜନୈତିକ ଦଳ ପ୍ରସ୍ତୁତି ଆରମ୍ଭ କଲେଣି। ଆଶାୟୀମାନେ ଗାଁରୁ ସହରର ଗଳିକନ୍ଦି ପର୍ଯ୍ୟନ୍ତ ବୁଲୁଥିବା ଦେଖିବାକୁ ମିଳୁଛି। ପ୍ରାର୍ଥୀ ହେବା ଲାଗି ସବୁ ଦଳରେ ଏକାଧିକ ବ୍ୟକ୍ତି ଅନାଇ ବସିଛନ୍ତି। ୨୦୧୯ରେ କଂଗ୍ରେସର ୨୩ହଜାର ୧୫୧ଭୋଟ ଭାଜପା ଖାତାକୁ ଯାଇଥିବାରୁ ବିଜେଡି ସଫଳତା ପାଇ ନ ଥିଲା ବୋଲି କଂଗ୍ରେସ ନେତା ଶଶାଙ୍କ ଶେଖର କର କହିଛନ୍ତି। ଶାସକ ଦଳର ପ୍ରାର୍ଥୀ ପରାଜିତ ହେବା ପରେ ସବୁ କଳକୌଶଳ ଲଗାଇ ଦିଆଯାଇଥିଲା। ତେବେ ୨୦୨୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଆଶାନୁରୂପ ଫଳ ମିଳିବା ପରେ ତାହାକୁ ଆଧାର କରି ଭାଜପା ହାତରୁ ଏହି ନିର୍ବାଚନମଣ୍ଡଳୀ ଛଡ଼ାଇ ଆଣିବା ପାଇଁ ବିଜେଡି ପକ୍ଷରୁ ଏବେ ଜୋରଦାର ପ୍ରୟାସ ଆରମ୍ଭ ହୋଇଛି। ଅନ୍ୟପକ୍ଷରେ ଗତ ବିଧାନସଭା ନିର୍ବାଚନରେ ଭାଜପାର ସଫଳତା ଦେଖି ଏହି ଦଳରୁ ପ୍ରାର୍ଥୀ ହେବା ସକାଶେ ଆଶାୟୀଙ୍କ ସଂଖ୍ୟା ବଢ଼ିଚାଲିଛି। ବର୍ତ୍ତମାନର ବିଧାୟକ ସନାତନ ବିଜୁଳି ଭୋଟରଙ୍କ ସହ ଉତ୍ତମ ସମ୍ପର୍କ ରଖିଥିବାରୁ ସେ ପୁଣି ଥରେ ଟିକେଟ ପାଇବାକୁ ହକଦାର ବୋଲି ଭାଜପା ନେତା ଭବାନୀ ଶଙ୍କର ସାହୁ, ଦୀପକ ବାରିକ, ଦିଲ୍ଲୀପ ବିଶ୍ୱାଳ ପ୍ରମୁଖ କହିଛନ୍ତି।

ଅନ୍ୟପକ୍ଷରେ ୨୦୧୪ରେ ଗଣେଶ୍ୱର ପାତ୍ର ବିଧାୟକ ହୋଇଥିଲେ ମଧ୍ୟ ୨୦୧୯ରେ ବିଜେଡି ପକ୍ଷରୁ ତାଙ୍କୁ ଟିକେଟ ଦିଆଯାଇ ନ ଥିଲା। ଭାଜପାରୁ ଦଳ ପରିବର୍ତ୍ତନ କରି ଆସିଥିବା ବୃନ୍ଦାବନ ଦାସଙ୍କୁ ଟିକେଟ ଦେଇ ବିଜେଡି ପରାଜୟ ବରଣ କରିଥିଲା। ଆଗାମୀ ନିର୍ବାଚନରେ ଗଣେଶ୍ୱର ବିଜେଡିରୁ ପ୍ରାର୍ଥୀ ହେବା ଆଶାରେ ଭୋଟରଙ୍କ ନିକଟତର ହେଉଥିବା ଦେଖିବାକୁ ମିଳୁଛି।

ସେହିପରି ଦଳ ପରିବର୍ତ୍ତନ କରି ବିଜେଡିକୁ ଆସିଥିବା ଅନେକ ଆଶାୟୀ ନିର୍ବାଚନୀ ମଇଦାନକୁ ଓହ୍ଲାଇବା ପାଇଁ ପାଗ ଭିଡୁଥିବା କୁହାଯାଉଛି। ଶାସକ ଦଳରେ ଆଶାୟୀଙ୍କ ସଂଖ୍ୟା ୨୦ରୁ ଅଧିକ ହେବ ବୋଲି ଚର୍ଚ୍ଚା ହେଉଛି। ଏମିତି ବି ଦେଖାଗଲାଣି ଏହି ଆସନରେ ବିଜେଡି ମହିଳା ପ୍ରାର୍ଥୀ ଦେଇପାରେ ବୋଲି ଆଲୋଚନା ହେଉଥିବାରୁ ଆଶାୟୀମାନେ ସେମାନଙ୍କ ସ୍ତ୍ରୀଙ୍କୁ ସାଙ୍ଗରେ ନେଇ ଭୋଟରଙ୍କୁ ଭେଟୁଛନ୍ତି।

## ଭାଜପା ମୁଖପାତ୍ରଙ୍କ ବ୍ୟାନର ଚିରିଲେ



ଅନ୍ତରା ବଜାରରେ ଚିରାଯାଇଥିବା ଠାକୁର ଦାସଙ୍କ ବ୍ୟାନର।

ଖଇରା, ୩।୧ (ଉତ୍କଳବନ୍ଧୁ ପଣ୍ଡା)

■କଡ଼ା ପ୍ରତିକ୍ରିୟା ରଖିଲେ କର୍ମୀ, ସମର୍ଥକ
■ବିଜେଡିର ଖଣ୍ଡନ

ବାଲେଶ୍ୱର ଜିଲା ସିମୁଳିଆ ନିର୍ବାଚନମଣ୍ଡଳୀ ଖଇରା ବ୍ଲକ ଅଧୀନ ଅନ୍ତରା ବଜାରରେ ଭାଜପା ମୁଖପାତ୍ର ଠାକୁର ରଞ୍ଜିତ ଦାସଙ୍କ ବ୍ୟାନରଗୁଡିକୁ ମଙ୍ଗଳବାର ରାତିରେ ବ୍ଲେଡରେ କଟାଯିବା ଘଟଣା ସ୍ଥାନୀୟ ଅଞ୍ଚଳରେ ରାଜନୈତିକ ହଟଚମଟ ସୃଷ୍ଟି କରିଛି। ବିରୋଧୀ ଦଳ ଏହାକୁ ଶାସକ ଦଳର କାର୍ଯ୍ୟ ବୋଲି ଆରୋପ କରିଥିବା ବେଳେ ବିରୋଧୀ ଦଳ ଭିତରେ ଗୋଷ୍ଠୀକନ୍ଦଳର ଏହା ପ୍ରତିଫଳନ ବୋଲି ଶାସକ ଦଳ ପକ୍ଷରୁ ପ୍ରତ୍ୟାରୋପ କରାଯାଇଛି। ଭାଜପା ଓବିସି ମୋର୍ଚ୍ଚା ରାଜ୍ୟ କମିଟି ସଦସ୍ୟ ଓ ରାଜ୍ୟ ସାମାଜିକ ଗଣମାଧ୍ୟମ କୋର୍ କମିଟି ସଦସ୍ୟ ନିଗମାନନ୍ଦ ମହାନ୍ତିଙ୍କ ସମେତ ବହୁ କର୍ମକର୍ତ୍ତା ତାଙ୍କ ପ୍ରତିକ୍ରିୟାରେ ବିଜେଡି କର୍ମୀଙ୍କର ଏହା କାମ। ଠାକୁର ରଞ୍ଜିତ ଦାସଙ୍କ ଲୋକପ୍ରିୟତା ଦିନକୁ ଦିନ ବଢି ଚାଲିଥିବାରୁ ଏଥିରେ ଅସହିଷ୍ଣୁ ହୋଇ ଶାସକ ଦଳ ପକ୍ଷରୁ ଏଭଳି କାର୍ଯ୍ୟ କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ଅପରପକ୍ଷେ ବ୍ଲକ ବିଜେଡି ସଭାପତି ବ୍ରଜକିଶୋର ମହାନ୍ତି କଡା ସ୍ୱରରେ ଏହାକୁ ଖଣ୍ଡନ କରିବା ସହ ପାଲଟା ଜବାବ ଦେଇଛନ୍ତି। ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ତାଙ୍କୁ ଆଦର୍ଶ ଭାବେ ଗ୍ରହଣ କରିଥିବା ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଏବଂ ବିଜେଡି ଦଳର କର୍ମୀ ପ୍ରଗତିରେ ବିଶ୍ୱାସ କରନ୍ତି। ପୋଷ୍ଟର ବ୍ୟାନର ଚିରା ଭଳି ହୀନମନ୍ୟତା ଆମର ବିଚାରଧାରା ନୁହେଁ ବରଂ ଅଭିଯୋଗ କରୁଥିବା ଦଳର ଗୋଷ୍ଠୀକନ୍ଦଳ ଯୋଗୁ ଏହା ହୋଇଥାଇପାରେ ବୋଲି ଅଙ୍ଗୁଳି ସେ ନିର୍ଦ୍ଦେଶ କରି କହିଛନ୍ତି।

# ଗୋପାଳପୁର ବିଜେଡି କର୍ମୀ ସମ୍ମିଳନୀ କରାଇଲେ ବିକ୍ରମ

ବ୍ରହ୍ମପୁର,୩।୧ (ନରସିଂହ ସାହୁ)

**ନିର୍ବାଚନ ପାଇଁ ଆଗୁଆ ପୋଲିଂ ଏଜେଣ୍ଟ ଫର୍ମ ପୂରଣ**

ବ୍ରହ୍ମପୁରରେ ବୁଧବାର ସନ୍ଧ୍ୟାରେ ଗୋପାଳପୁର ନିର୍ବାଚନ ମଣ୍ଡଳୀ ବିଜେଡି କର୍ମୀ ଓ ସମର୍ଥକଙ୍କ ସମ୍ମିଳନୀ ହୋଇଥିଲା। ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ଗଜପତି ନଗରରେ ଏହି ସମ୍ମିଳନୀ କରାଇଥିଲେ। ଏହି ଅବସରରେ ଆଗାମୀ ସାଧାରଣ ନିର୍ବାଚନ ପାଇଁ ଦଳର ପୋଲିଂ ଏଜେଣ୍ଟ ଫର୍ମ ପୂରଣ କରାଯାଇଥିଲା। ଏଥିସହ ବୁଥସ୍ତରରେ କିଭଳି କାର୍ଯ୍ୟକ୍ରମ କରାଯିବ ସେ ନେଇ ବିକ୍ରମ ଦଳୀୟ କର୍ମୀଙ୍କୁ ମନ୍ତ୍ର ଫୁଙ୍କିଛନ୍ତି। ସମ୍ମିଳନୀରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ ଉପସ୍ଥିତ ଥିଲେ। ଗୋପାଳପୁର ନିର୍ବାଚନ ମଣ୍ଡଳୀର କୁକୁଡ଼ାଖଣ୍ଡି, ରଙ୍ଗେଇଲୁଣ୍ଡା ବ୍ଲକର ୩୭ ପଞ୍ଚାୟତ ବ୍ରହ୍ମପୁର ମହାନଗର ନିଗମର ୬ ୱାର୍ଡ ଓ ଗୋପାଳପୁର ଏନଏସି ଅନ୍ତର୍ଭୁକ୍ତ ଅଛି। ତେବେ କର୍ମୀଙ୍କ ଗହଳି ଯୋଗୁ ଗଜପତି ନଗର ମୁଖ୍ୟ ଅଞ୍ଚଳରେ ଲୋକଙ୍କ ଯାତାୟତ ଓ ଯାନବାହାନ ଚଳାଚଳରେ ସମସ୍ୟା ଉପୁଜିଥିଲା।

ସାଧାରଣ ନିର୍ବାଚନ ତାରିଖ ଘୋଷଣା କି ପ୍ରାର୍ଥୀ ଚୟନ ହୋଇ ନ ଥିବା ବେଳେ ଆଗୁଆ ପୋଲିଂ ଏଜେଣ୍ଟଙ୍କ ନାମ ଓ ଆବଶ୍ୟକ ଫର୍ମ ପୂରଣ କରାଯିବା ଚର୍ଚ୍ଚାର ବିଷୟ ପାଲଟିଛି। ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ୩ ବର୍ଷ ତଳୁ ବିଜେଡିରୁ ବହିଷ୍କାର ହୋଇଛନ୍ତି। ସେଠାର ଦଳର ସାଙ୍ଗଠନିକ ଓ ଅନ୍ୟ ସମସ୍ତ ଦାୟିତ୍ୱ ଗତ ଅକ୍ଟୋବରରୁ ବିକ୍ରମଙ୍କୁ ନ୍ୟସ୍ତ କରାଯାଇଛି। ସେ ମଧ୍ୟ ବିଜେଡିର ସମସ୍ତଙ୍କୁ ଏକାଠି କରି ସଂଗଠନକୁ ଅଧିକ ଶକ୍ତିଶାଳୀ କରିବାରେ ଲାଗିଛନ୍ତି। ଅନ୍ୟପକ୍ଷରେ ଗୋପାଳପୁରରେ ବିକ୍ରମ ଦଳୀୟ ପ୍ରାର୍ଥୀ ହେବାର ଯେଉଁ ଚର୍ଚ୍ଚା ହେଉଥିଲା ବୁଧବାର କାର୍ଯ୍ୟକ୍ରମରୁ ତାହା ସ୍ପଷ୍ଟ ହେଉଥିବା ଅନୁମାନ କରାଯାଉଛି। ଅନ୍ୟପକ୍ଷରେ ଗୋପାଳପୁର ଆସନରେ ବ୍ରହ୍ମପୁରର କେତେକ ଅଞ୍ଚଳ ଏବଂ ନିକଟସ୍ଥ କୁକୁଡ଼ାଖଣ୍ଡି ବ୍ଲକର ୫ ପଞ୍ଚାୟତ ଥିବାରୁ ମଧ୍ୟସ୍ଥଳ ବ୍ରହ୍ମପୁରରେ କାର୍ଯ୍ୟକ୍ରମ କରାଯାଉଛି ବୋଲି ବିକ୍ରମଙ୍କ ସମର୍ଥକଙ୍କ ପକ୍ଷରୁ କୁହାଯାଇଛି। ୨୦୦୯ରୁ ୨୦୧୯ ମଧ୍ୟରେ ହୋଇଥିବା ୩ ନିର୍ବାଚନରେ ଗୋପାଳପୁର ନିର୍ବାଚନ ମଣ୍ଡଳୀ ବିଜେଡି ଦଖଲରେ ଅଛି। ୨୦୨୪ ନିର୍ବାଚନରେ ମଧ୍ୟ ପୁନର୍ବାର ଦଖଲ କରିବା ପାଇଁ ରଣନୀତି ପ୍ରସ୍ତୁତ ଚାଲିଛି।



କର୍ମୀ ସମ୍ମିଳନୀରେ ଉପସ୍ଥିତ ବ୍ରହ୍ମପୁର ଏମ୍‌ପି, ବିଧାୟକ, ମେୟର ଓ ଅନ୍ୟମାନେ।

# ପିସିସି ପୂର୍ବରୁ ପ୍ରାର୍ଥୀ ଘୋଷଣାକଲେ ସୁର

ଖୋର୍ଦ୍ଧା,୩।୧ (ପ୍ରଭାତ ପାଣିଗ୍ରାହୀ)



ସୁରେଶ କୁମାର ରାଉତରାୟ

୨୦୨୪ ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ରାଜନୈତିକ ଉଷ୍ମତା ବଢ଼ିବାରେ ଲାଗିଛି। କୌଣସି ଦଳ ତା'ର ପ୍ରାର୍ଥିତ୍ୱ ଘୋଷଣା କରି ନ ଥିବା ବେଳେ ଖୋର୍ଦ୍ଧା ଜିଲା କଂଗ୍ରେସ ସଭାପତି ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଖୋର୍ଦ୍ଧା ଜିଲାର କେଉଁ ବିଧାନସଭା ଆସନରୁ କିଏ ଲଢ଼ିବ, ଗଣମାଧ୍ୟମ ଆଗରେ ନାମ ଘୋଷଣା କରିଛନ୍ତି। ପିସିସି ପକ୍ଷରୁ ନିଷ୍ପତ୍ତି ନିଆଯାଇନଥିବା ବେଳେ କିପରି ପ୍ରାର୍ଥୀ ଘୋଷଣା କରିଦେଲେ ପ୍ରଶ୍ନରେ 'ମୁଁ ଦଳର ଜିଲା ସଭାପତି, ପ୍ରାର୍ଥୀ ତାଲିକା ପ୍ରସ୍ତୁତ କରି ପଠାଇ ସାରିଛି' ବୋଲି ଗଣମାଧ୍ୟମକୁ କହିଛନ୍ତି।

ବୁଧବାର ଖୋର୍ଦ୍ଧାରେ ଆୟୋଜିତ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଜୟନ୍ତୀ ଉତ୍ସବରେ ଯୋଗଦେବା ଅବସରରେ ଗଣମାଧ୍ୟମକୁ ସମ୍ବୋଧିତ କରି ରାଉତରାୟ କହିଲେ, ଆଗାମୀ ନିର୍ବାଚନରେ କଂଗ୍ରେସ ବିରୋଧୀ ଦଳକୁ କଡା ଟକ୍କର ଦେବ। ନିକଟରେ ଖୋର୍ଦ୍ଧାରେ କଂଗ୍ରେସର ହୁଙ୍କାର ସମାବେଶରେ ବିପୁଳ ଜନସମାଗମ ହୋଇଥିଲା। ଏଥର ଲୋକେ ପରିବର୍ତ୍ତନ ଚାହୁଁଛନ୍ତି। କଂଗ୍ରେସ ପ୍ରତି ଲୋକଙ୍କ ବିଶ୍ୱାସ ବଢ଼ିଛି। ରାହୁଲଙ୍କ ନେତୃତ୍ୱରେ ଦଳ ଏଥର ଭଲ ପ୍ରଦର୍ଶନ କରିବ। ଚଳିତ ସାଧାରଣ ନିର୍ବାଚନରେ ଓଡ଼ିଶାରେ ୨୧ ଲୋକ ସଭା ଆସନରୁ ୧୧ ଏବଂ ୯୦ ବିଧାନସଭା ଆସନରେ କଂଗ୍ରେସ ବିଜୟ ଲାଭ କରିବ ବୋଲି ରାଉତରାୟ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ତେବେ ଜଟଣୀରୁ ପୁଣି ଥରେ ସୁରେଶ ରାଉତରାୟ ପ୍ରାର୍ଥୀ ହୁଅନ୍ତୁ ବୋଲି ପିସିସି ଏବଂ ସ୍ଥାନୀୟ ଜନସାଧାରଣ ଚାହୁଁଥିବା ପ୍ରଶ୍ନରେ ସେ କହିଲେ, 'ମୋତେ ୮୦ ଛୁଇଁଲାଣି। ମୁଁ ନିର୍ବାଚନ ଲଢ଼ିବି ନାହିଁ।' ତେବେ ଜଟଣୀରୁ ସାନପୁଅ ମନ୍ମଥ କଂଗ୍ରେସରୁ ନିର୍ବାଚନ ଲଢ଼ିବେ କି ନାହିଁ ସେନେଇ ଲାଗି ରହିଥିବା ଚର୍ଚ୍ଚାରେ ଏକ ପ୍ରକାର ଯବନିକା ଟାଣିଛନ୍ତି ରାଉତରାୟ। ସେ କହିଲେ, ଆମ ବ୍ରାଣ୍ଡ କଂଗ୍ରେସ। ଦଳରେ ଅଛୁ। ଦଳର ନୀତି ଆଦର୍ଶରେ ରହିଛୁ। ଆଗକୁ ମଧ୍ୟ ଦଳରେ ରହିବୁ। ସାନପୁଅ ମନ୍ମଥ ଜଟଣୀରୁ ଏବଂ ବଡ଼ପୁଅ ନିମାପଡ଼ାରୁ ଲଢ଼ିବା ଏକପ୍ରକାର ଫାଇନାଲ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏଥର ଖୋର୍ଦ୍ଧାରୁ ସାମାଜିକ କର୍ମୀ ସଞ୍ଜୟ ପଟ୍ଟନାୟକ, ବେଗୁନିଆରୁ ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ଚିଲିକାରୁ ପ୍ରଦୀପ ସ୍ୱାଇଁଙ୍କ ନାଁ ଘୋଷଣା କରିଥିବାବେଳେ ଭୁବନେଶ୍ୱର ମଧ୍ୟ, ଏକାମ୍ର, ଉତ୍ତର ଓ ଜୟଦେବ ଆସନ ପାଇଁ ପ୍ରାର୍ଥୀ ସ୍ଥିର ହୋଇସାରିଥିବା କହିଛନ୍ତି। ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରୁ ଅପରାଜିତା ଓ ଶ୍ରୀମୟୀଙ୍କୁ କଡ଼ା ଟକ୍କର ଦେବା ଲାଗି ମହିଳା ପ୍ରାର୍ଥୀଙ୍କୁ ପ୍ରୋଜେକ୍ଟ କରାଯାଇଥିବା ବେଳେ ବରିଷ୍ଠ କଂଗ୍ରେସ ନେତା ଶିବାନନ୍ଦ ପଟ୍ଟନାୟକ ଏବଂ ପରିବେଶବିତ୍ ଦିଲୀପ ଶ୍ରୀଚନ୍ଦନଙ୍କ ନାମ ମଧ୍ୟ ହାଇକମାଣ୍ଡଙ୍କ ପାଖକୁ ପଠାଯାଇଥିବା ରାଉତରାୟ ସୂଚନା ଦେଇଛନ୍ତି।

## ହାଇକମାଣ୍ଡ ଯାହା ନିଷ୍ପତ୍ତି ନେବେ: ସ୍ୱାଗତିକା

ଖୋର୍ଦ୍ଧା,୩।୧ (ପ୍ରଭାତ ପାଣିଗ୍ରାହୀ)

**ପ୍ରାର୍ଥୀ ଘୋଷଣାକୁ ନେଇ କଂଗ୍ରେସରେ ହଇଚଇ**

ଜଟଣୀ ବିଧାୟକ ସୁରେଶ ରାଉତରାୟ ଖୋର୍ଦ୍ଧା ଜିଲାର କଂଗ୍ରେସ ପ୍ରାର୍ଥୀ ଘୋଷଣାକୁ ନେଇ ଦଳରେ ଏକପ୍ରକାର ହଇଚଇ ସୃଷ୍ଟି ହୋଇଛି। ତେବେ ଏହାକୁ ନେଇ କଂଗ୍ରେସ ନେତ୍ରୀ ତଥା ଆଶାୟୀ ପ୍ରାର୍ଥୀ ସ୍ୱାଗତିକା ପଟ୍ଟନାୟକ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। କିଏ ପ୍ରାର୍ଥୀ ହେବ, ନ ହେବ, ତାହା ପିସିସି ସଭାପତି, ହାଇକମାଣ୍ଡ ନିଷ୍ପତ୍ତି ନେବେ ବୋଲି ସ୍ୱାଗତିକା କହିଛନ୍ତି। ସେହିପରି ଖୋର୍ଦ୍ଧାରୁ ତାଙ୍କ ନାଁ ଘୋଷଣାକୁ ନେଇ ସଞ୍ଜୟ ପଟ୍ଟନାୟକ ପ୍ରତିକ୍ରିୟାରେ କହିଛନ୍ତି, ଏ ସମ୍ପର୍କରେ ମୁଁ କୌଣସି ନିଷ୍ପତ୍ତି ନେଇନାହିଁ। ଏହା ତାଙ୍କ ବ୍ୟକ୍ତିଗତ ମତ। ଏଥିରେ ମୋର କୌଣସି ସମ୍ପୃକ୍ତି ନାହିଁ। ସେହିଭଳି ସମାନ ପ୍ରତିକ୍ରିୟା ରଖିଛନ୍ତି ଦିଲୀପ ଶ୍ରୀଚନ୍ଦନ। ମୁଁ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ ଗତ ନିର୍ବାଚନରୁ ଦୂରେଇ ରହିଥିଲି। ଚଳିତ ନିର୍ବାଚନରେ ମୁଁ ଦୌଡ଼ରେ ରହିଛି। ତେବେ ବିଧାନସଭା ଅଥବା ଲୋକ ସଭା ଆସନରୁ ଲଢ଼ିବି, ତାହା ବର୍ତ୍ତମାନ ପର୍ଯ୍ୟନ୍ତ ନିଷ୍ପତ୍ତି ନେଇନାହିଁ। ଆଗାମୀ ସମୟରେ ସ୍ଥିତିକୁ ଦେଖି ନିଷ୍ପତ୍ତି ନେବି ବୋଲି ସେ କହିଛନ୍ତି। ଅନ୍ୟପଟେ ବେଗୁନିଆ ବିଧାନସଭା ଆସନ ପାଇଁ ଚଳିତ ନିର୍ବାଚନରେ କଂଗ୍ରେସ ଟିକେଟରୁ ଲଢ଼ିବେ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ପୁତ୍ର ପୃଥ୍ୱୀବଲ୍ଲଭ। ଏ ସମ୍ପର୍କରେ ପୃଥ୍ୱୀବଲ୍ଲଭ କହିଛନ୍ତି, ପୂର୍ବରୁ ଏହି ଆସନରେ ମୋ ପିତାଙ୍କ ପ୍ରତି ଲୋକେ ଆସ୍ଥା ପ୍ରକଟ କରିଥିଲେ। ମୋ ପିତାଙ୍କ ପ୍ରତି ସେଠାକାର ଲୋକଙ୍କ ରହିଥିବା ଭଲପାଇବା ଚଳିତ ନିର୍ବାଚନରେ ପ୍ରତିଫଳିତ ହେବ ବୋଲି ଆଶା ରହିଛି। ବେଗୁନିଆବାସୀ ପରିବର୍ତ୍ତନ ଚାହୁଁଛନ୍ତି। ବେଗୁନିଆ, ବୋଲଗଡ଼ରେ କଂଗ୍ରେସ ସ୍ଥିତି ଭଲ ନ ଥିଲେ ମଧ୍ୟ ସୁଧାରିବାକୁ ତୃଣମୂଳ ସ୍ତରରେ ପ୍ରୟାସ ଜାରି ରହିଛି।

# ଲକ୍ଷ୍ମଣାନନ୍ଦଙ୍କ ହତ୍ୟାର ତଦନ୍ତ ରିପୋର୍ଟ ସାର୍ବଜନୀନ ହେଉ: ଭାଜପା

ଭୁବନେଶ୍ୱର, ୩।୧ (ସୁନିତ୍ ମିଶ୍ର)

ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟାକୁ ୧୫ ବର୍ଷ ବିତିଗଲାଣି। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ହତ୍ୟାର ତଦନ୍ତ କମିଶନ ରିପୋର୍ଟ ରାଜ୍ୟ ସରକାର ସାର୍ବଜନୀନ କରୁନାହାନ୍ତି। ଏହା ପଛରେ କେଉଁ ଅଜଣା କାରଣ ଅଛି ବା କେଉଁ ବିଶେଷ ବ୍ୟକ୍ତିଙ୍କୁ ସୁରକ୍ଷା ଦେବା ପାଇଁ ସରକାର ତଦନ୍ତ କମିଶନ ରିପୋର୍ଟ ଚପାଇ ରଖିଛନ୍ତି, ତା'ର ଉତ୍ତର ଦେବା ଦରକାର ବୋଲି ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଆୟୋଜିତ ଖବରାଦାତା ସମ୍ମିଳନୀରେ ଜୟନାରାୟଣ କହିଛନ୍ତି, ଏବେ ବି ଲକ୍ଷ୍ମଣାନନ୍ଦଙ୍କ ହତ୍ୟାର ମୁଖ୍ୟ ଷଡ଼ଯନ୍ତ୍ରକାରୀମାନେ ପ୍ରକାଶ୍ୟରେ ବୁଲୁଛନ୍ତି। ସେମାନଙ୍କ ଆଦିବାସୀ ବିରୋଧୀ କାର୍ଯ୍ୟକଳାପ ଜାରି ରଖିଛନ୍ତି। ରାଜ୍ୟ ସରକାର ତୁରନ୍ତ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ହତ୍ୟାର ତଦନ୍ତ କମିଶନ ରିପୋର୍ଟ ସାର୍ବଜନୀନ କରନ୍ତୁ। ଆଦିବାସୀଙ୍କ ସାମାଜିକ, ଭାଷାଗତ ଉନ୍ନତିକୁ ଗଢ଼ି ତୋଳିବାରେ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ଏନେଇ ବିଭିନ୍ନ ଦେଶ ବିରୋଧୀ ଅନୁଷ୍ଠାନ ଲକ୍ଷ୍ମଣାନନ୍ଦଙ୍କୁ ହତ୍ୟା କରିବାକୁ ଚକ୍ରାନ୍ତ କରିଥିଲେ। ତେବେ ତାଙ୍କ ହତ୍ୟାକାଣ୍ଡକୁ ନେଇ ୩ଟି ତଦନ୍ତ କମିଶନ ବସିଥିଲା। ୨ଟି କମିଶନ ରିପୋର୍ଟ ସରକାରଙ୍କୁ ଦିଆଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କାହିଁକି ଏହାକୁ ସାର୍ବଜନୀନ କରାଯାଇ ନାହିଁ, ତା'ର ଉତ୍ତର ସରକାର ଦିଅନ୍ତୁ। ଯଥାଶୀଘ୍ର ଏହାର ତଦନ୍ତ ଭାର ରାଜ୍ୟ ସରକାର ସିବିଆଇକୁ ଦିଅନ୍ତୁ ବୋଲି ସେ କହିଛନ୍ତି।


**ପୂର୍ବ ତଟ ରେଳପଥ**

Tender Notice No.: Sr.DMM/KUR/EP/2023-24/11, ତା.28.12.2023ରିଖ
Tender No.: 81236065
ବିବରଣୀ: ମାଇକ୍ରୋପ୍ରୋସେସର୍ କଣ୍ଟ୍ରୋଲର
ପରିମାଣ : 34 ସେଟ୍
ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ
ତା.30.01.2024 ରିଖ 1500 ଘଟିକାରେ।
ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍: www.ireps.gov.in ରେ ଅପଲୋଡ୍ କରାଯାଇଛି।
ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ
ଖୋର୍ଦ୍ଧା ରୋଡ
PR-944/O/23-24

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. SBP-ELECT-2023-T-189
କାର୍ଯ୍ୟର ନାମ : (କ) ଅମ୍ଭୋଦଳା ଷ୍ଟେସନଠାରେ 08 ୟୁନିଟ୍ ଟାଇପ୍-III ଷ୍ଟାଫ୍ କ୍ୱାର୍ଟର (G+1) ଏବଂ 12 ୟୁନିଟ୍ ଟାଇପ୍-II ଷ୍ଟାଫ୍ କ୍ୱାର୍ଟର (G+2) ର ନିର୍ମାଣ ସମ୍ବନ୍ଧୀୟ ବିଦ୍ୟୁତ୍ କାର୍ଯ୍ୟ। (ଖ) ମହାସମୁନ୍ଦ ଷ୍ଟେସନଠାରେ 04 ୟୁନିଟ୍ ଟାଇପ୍-II ଷ୍ଟାଫ୍ କ୍ୱାର୍ଟରର ନିର୍ମାଣ ସମ୍ବନ୍ଧୀୟ ବିଦ୍ୟୁତ୍ କାର୍ଯ୍ୟ। (ଗ) ସମ୍ବଲପୁର ମଣ୍ଡଳରେ ଏନ୍‌ଏଚ୍-217ରେ ଜଗୁଆଳୀ ଥିବା ଲେଭେଲ କ୍ରସିଙ୍ଗ୍ ନଂ. RV-71 ପରିବର୍ତ୍ତେ ପ୍ରସ୍ତାବିତ ରୋଡ୍ ଓଭର ବ୍ରିଜ୍ (ROB)ର ନିର୍ମାଣ ସମ୍ବନ୍ଧୀୟ ବିଦ୍ୟୁତ୍ କାର୍ଯ୍ୟ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 41,75, 263.50, EMD /ବିଡ୍ ସୁରକ୍ଷା ଜମା (₹) : 83,500.00।
କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତି ପତ୍ର (LOA) ଜାରୀ ହେବା ତାରିଖ ଠାରୁ 06 (ଛଅ) ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.01.02.2024 ରିଖ 1500 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ଉପରୋକ୍ତ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତା ମାନଙ୍କୁ ପରାମର୍ଶ ଦିଆଯାଉଅଛି।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G), ସମ୍ବଲପୁର
PR-941/O/23-24

**ଡାକ ବିଭାଗ (ସିଭିଲ ୱିଙ୍ଗ୍)**
**ଶତକଡ଼ା ଦର ଇ-ଟେଣ୍ଡର ଆମନ୍ତ୍ରଣକାରୀ ପ୍ରେସ୍ ବିଜ୍ଞପ୍ତି**

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ନିର୍ବାହୀ ଯନ୍ତ୍ରୀ (ସି), ଡାକ ସିଭିଲ ଡିଭିଜନ, ଭୁବନେଶ୍ୱର ନିମ୍ନଲିଖିତ କାର୍ଯ୍ୟ ପାଇଁ ଅନ୍‌ଲାଇନ ଶତକଡ଼ା ଦର ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି:
୧. ଏନ୍‌ଆଇଟି ନଂ.୨୫/ସିଡିବି/୨୦୨୩-୨୪ (ଦ୍ୱିତୀୟ କଲ୍)। କାର୍ଯ୍ୟର ନାମ: ଓଡ଼ିଶା ମଣ୍ଡଳରେ ଆଞ୍ଚଳିକ ପ୍ରଶିକ୍ଷଣ କେନ୍ଦ୍ର, ଭୁବନେଶ୍ୱରଠାରେ ମଲ୍ଟି ଆକ୍ଟିଭିଟି ହଲ୍ ଏବଂ ୩ୟ କମ୍ପ୍ୟୁଟର ଲ୍ୟାବ୍ ସ୍ଥାପନ କରିବା ନିମନ୍ତେ ସିଭିଲ କାର୍ଯ୍ୟ। ଅଟକଳ ମୂଲ୍ୟ: ଟ.୩୪,୬୩,୮୬୬.୦୦। ଅମାନତ ରାଶି: ଟ.୬୯,୨୭୭.୦୦। ସମାପ୍ତି ଅବଧି: ୨୧୦ (ଦୁଇଶହ ଦଶ) ଦିନ। ବିଡ୍ ଦାଖଲର ଶେଷ ତାରିଖ ଓ ସମୟ: ତା୧୧।୦୧।୨୦୨୪ରିଖ, ୧୨.୦୦ ଘଟିକା ପର୍ଯ୍ୟନ୍ତ।
ବିଡ୍ ଫର୍ମ ଏବଂ ଅନ୍ୟାନ୍ୟ ବିବରଣୀ ୱେବ୍‌ସାଇଟ୍ https://eprocure.gov.in/eprocure/appରୁ ହାସଲ କରାଯାଇପାରିବ।
ସ୍ୱା./- ନିର୍ବାହୀ ଯନ୍ତ୍ରୀ (ସି)
ଡାକ ସିଭିଲ ଡିଭିଜନ, ଭୁବନେଶ୍ୱର

No. RR-68
Dept. of Culture Govt. of Odisha
ଗୁରୁ କେଳୁଚରଣ ମହାପାତ୍ର
**ଓଡ଼ିଶୀ ଗବେଷଣା କେନ୍ଦ୍ର**
GKCMORC
ପ୍ଲଟ ନଂ-୧/ଏ, ଜାଭିୟର୍ ଛକ, ଜୟଦେବ ବିହାର, ଭୁବନେଶ୍ୱର - ୭୫୧୦୧୩
Website : www.gkcmorc.org, Email:gkcmorc@gmail.com

**ବିଜ୍ଞାପନ**

ଗୁରୁ କେଳୁଚରଣ ମହାପାତ୍ର ଓଡିଶୀ ଗବେଷଣା କେନ୍ଦ୍ର ର ସାଂଧ୍ୟକାଳୀନ ନୃତ୍ୟ, କଣ୍ଠ ସଂଗୀତ କ୍ଲାସ୍ ପାଇଁ ଶିକ୍ଷକ ଆବଶ୍ୟକ। ଏଥି ନିମିତ୍ତ **ଗବେଷଣା କେନ୍ଦ୍ରର ପୂର୍ବତନ ଛାତ୍ରଛାତ୍ରୀ** ମାନଙ୍କ ଠାରୁ ଆବେଦନ ଆହ୍ୱାନ କରାଯାଉଛି। ଏହି ସଂଧ୍ୟା କାଳୀନ ବିଦ୍ୟାଳୟ ର କ୍ଲାସ୍ ଗୁଡିକ ସପ୍ତାହରେ ଦୁଇ ଦିନ କେନ୍ଦ୍ର ରେ ହିଁ ଅନୁଷ୍ଠିତ ହେବ। ଆଗ୍ରହୀ ପ୍ରାର୍ଥୀ ନିମ୍ନରେ ଦିଆଯାଇଥିବା ଲିଙ୍କରେ ଯାଇ ଆବେଦନ ପତ୍ର download କରି ଏହାକୁ ପୂରଣ କରି e-mail ଜରିଆରେ କିମ୍ବା ଡାକ ଯୋଗେ ଉକ୍ତ ବିଜ୍ଞାପନ ପ୍ରକାଶିତ ହେବାର ପନ୍ଦର ଦିନ ମଧ୍ୟରେ ଆବେଦନ କରିବାକୁ ଅନୁରୋଧ।
https://www.gkcmorc.org
Email:gkcmorc@gmail.com
ସ୍ୱା/-
ମୁଖ୍ୟ ନିର୍ବାହୀ
OIPR-03004/11/0007/2324

**ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**

ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୦୨୩-୪୩ ତାରିଖ: ୦୨।୦୧।୨୦୨୪
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥ ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୦୨ (ଦୁଇ) ବର୍ଷ ଅବଧି ଲାଗି ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା https://www.ireps.gov.in/ ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି।

| କ୍ର. ସଂ. | ବର୍ଗ | କାଟାଲଗ୍ ନଂ. | ନିଲାମ ତାରିଖ | ନିଲାମ ଆରମ୍ଭ ସମୟ | ନିଲାମ ସମାପ୍ତିର ସମୟ |
|---|---|---|---|---|---|
| ୧. | ପାର୍ସଲ | ଲିଜ୍-କେଜିପି-୨୦୨୩-୪୩ | ୧୭।୦୧।୨୦୨୪ | ୧୩.୩୦ ଘ. | ୧୪.୦୦ ଘ. |

ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ। ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।
(PR-986) ଆସିଷ୍ଟାଣ୍ଟ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର
ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

**Office of the Executive Engineer**
**Road Construction Department,**
**Road Division, Chaibasa**

**Short Term E-Procurement Notice**

E-tender Reference No. : RCD/CHAIBASA/599 (3rd Call)Date : 03.01.2024

| | | |
|---|---|---|
| 1. | Name of Work | IRQP work of Hobalkand to Khairpal Road From Km 0.00 to Km 7.06 under Road Division Chaibasa for the year 2023-24. |
| 2. | Estimated Cost (Rs.) | Rs. 4,44,20,588.00 (Four Crore Forty Four Lacs Twenty Thousand Five Hundred Eighty Eight) Only. |
| 3. | Time of Completion | 02 (Two) Months |
| 4. | Date of Publication of Tender On Website | 06.01.2024 at 11.30 AM |
| 5. | Last date/Time for receipt of bids. | 20.01.2024 Up to 3.00 P.M. |
| 6. | Last date/Time of receipt of cost of bidding document and Bid Security | 22.01.2024 Up to 12.00 P.M. |
| 7. | Date of Opening of Bid | 22.01.2024 at 12:30 P.M. |
| 8. | Name & address of office Inviting tender | Office of the Executive Engineer, RCD, Road Division, Chaibasa |
| 9. | Contact no. of Procurement Officer | 7781899686 |
| 10. | Helpline number of e-Procurement cell | 0651-3510880 |

* Further details can be seen on website http://jharkhandtender.gov.in
Executive Engineer
RCD, Road Division,
Chaibasa.
PR 314977 West Singhbhum(23-24)#D

## ସଂକ୍ଷେପରେ

### ଚିଲିକାରେ ଫସିଲା ଯାତ୍ରୀବାହୀ ଡଙ୍ଗା

କୃଷ୍ଣପ୍ରସାଦ/ବ୍ରହ୍ମଗିରି,୩୧।୧(କୈଳାଶ ଚନ୍ଦ୍ର ପଟ୍ଟନାୟକ/ ସ୍ୱାଧୀନ ଚମ୍ପତିରାୟ)

ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଜହ୍ନିକୁଦା-ସାତପଡ଼ା ଚିଲିକାରେ ବୁଧବାର ଏକ ଯାତ୍ରୀବାହୀ ଡଙ୍ଗା ଯାନ୍ତ୍ରିକ ତ୍ରୁଟି ଯୋଗୁ ଫସିଯାଇଥିଲା। ପୂର୍ବାହ୍ନ ୧୦ଟାରେ ଜହ୍ନିକୁଦା ଚିଲିକା ଘାଟରୁ ୨୫ ଜଣ ଯାତ୍ରୀ ଏବଂ ୧୫ଟି ସାଇକେଲ ନେଇ ଡଙ୍ଗାଟି ଯାଉଥିବାବେଳେ ମହିଷା ନିକଟରେ ଇଞ୍ଜିନ ଖରାପ ହେବାରୁ ଫସିଯାଇଥିଲା। ଯାତ୍ରୀମାନେ ବିବ୍ରତ ହୋଇପଡ଼ିଥିଲେ। ଡଙ୍ଗା ଚାଳକ ବହୁ ଚେଷ୍ଟା କରି ନିରାଶ ହେବା ପରେ ଅନ୍ୟ ଏକ ଡଙ୍ଗା ଆସି ଯାତ୍ରୀମାନଙ୍କୁ ନେଇଥିଲା। ଚିଲିକାରେ ବାରମ୍ବାର ଏଭଳି ଘଟଣା ଘଟୁଥିଲେ ମଧ୍ୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନାହିଁ।

### ମହିଳାଙ୍କୁ ମାଡ଼ ମାରି ପଡ଼ୋଶୀ ଗିରଫ

ବାରଙ୍ଗ,୩୧।୧(ଲିଙ୍ଗରାଜ ରାଉତ)

ଚନ୍ଦକା ଥାନା ଅଧୀନ ଶିମିଳିପାଟଣା ଗ୍ରାମରେ ପ୍ରାଚୀର ଭଙ୍ଗାକୁ ନେଇ ଦୁଇ ପଡ଼ୋଶୀଙ୍କ ମଧ୍ୟରେ ହୋଇଥିବା ଗଣ୍ଡଗୋଳ ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଗିରଫ ବ୍ୟକ୍ତି ଜଣଙ୍କ ହେଲେ କେଦାର ରଣସିଂ। ପୋଲିସ ଏନେଇ ୧/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତେବେ କେଦାରଙ୍କ ନାମରେ ୨୦୧୦ ମସିହାରେ ଚନ୍ଦକା ଥାନାରେ ଗୋଟିଏ ଆପରାଧିକ ମାମଲା ଥିବା ପୋଲିସ ତଦନ୍ତବେଳେ ଜାଣିବାକୁ ପାଇଥିଲା। ପ୍ରକାଶ ଯେ, କେଦାର ଓ ନିରୁପମା ରାଉତ ଉଭୟ ପଡ଼ୋଶୀ। ଗତ ଡିସେମ୍ବର ୧୭ରେ କେଦାର ଏକ ଗାଡ଼ି ସାହାଯ୍ୟରେ ମହିଳାଙ୍କ ଘର ଆଗରେ ଥିବା ପ୍ରାଚୀରକୁ ଭାଙ୍ଗି ଦେଇଥିଲେ। ମହିଳା ଜଣଙ୍କ ବୁଧବାର ଘରକୁ ଫେରି କେଦାରଙ୍କ ପାଖକୁ ଯାଇ ପ୍ରାଚୀର ଭାଙ୍ଗିବା ବାବଦରେ ପଚାରିଥିଲେ। ଏଥିରେ କେଦାର ରାଗି ଯାଇ ମହିଳାଙ୍କୁ ଗାଳିଗୁଲଜ କରିବା ସହ ଗୋଟିଏ ଠେଙ୍ଗାରେ ଆକ୍ରମଣ କରି ଧକ୍କା ଦେଇଥିଲେ। ନିରୁପମା ନିକଟରେ ଥିବା ଏକ କଣ୍ଟାବୁଦା ଉପରେ ପଡ଼ିଯିବାରୁ ଗୁରୁତର ଆହତ ହୋଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି।

### ଯାଜପୁରରୁ ଗିରଫ ହେଲେ ହତ୍ୟା ଅଭିଯୁକ୍ତ

ନିରାକାରପୁର,୩୧।୧
(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଧୀନ ଶଗଡ଼ଭଙ୍ଗାରେ ଜଣେ ଯୁବକଙ୍କ ମୃତଦେହ ଜବତ ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଯାଜପୁରରୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ପୁରୀ ଜିଲା ଚନ୍ଦନପୁର ଅଞ୍ଚଳର ସୋମନାଥ ଲାଠି। ସୂଚନା ମୁତାବକ, ମୃତକ ରଶ୍ମି ରଞ୍ଜନ ବଳିୟାରସିଂ, ଅଭିଯୁକ୍ତ ସୋମନାଥ ଉଭୟ ସମଲିଙ୍ଗୀ। ହେଲେ ରଶ୍ମି ଅନ୍ୟ ଏକ ଯୁବତୀଙ୍କୁ ଭଲ ପାଇବାରୁ ସେ ଆଉ ସୋମନାଥଙ୍କ ସହ ସମ୍ପର୍କ ରଖୁ ନ ଥିଲେ। ଏନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହି ସମୟରେ ସୋମନାଥ ରଶ୍ମିଙ୍କୁ ପିଟି ପିଟି ମାରି ଦେଇଥିଲେ। ଘରେ ଭିତରେ ରଶ୍ମିଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଛାଡ଼ି ବାହାରୁ ତାଲା ପକାଇଦେଇଥିଲେ। ପରେ ସେ ଏକ ବାଇକ୍‌ରେ ରମେଶ୍ୱର ଛକ ମଲାଗୁଣି ବ୍ରିଜ୍ ପାଖରେ ବାଇକ୍‌କୁ ଫୋପାଡି ସେଠାରୁ ଏକ ଅଟୋରେ ଯାଜପୁର ପଳାଇଯାଇ ନିଜ ମୋବାଇଲ ବନ୍ଦ କରିଦେଇଥିଲେ। ସେ ମୋବାଇଲ ଖୋଲିବାରୁ ପୋଲିସ ତାଙ୍କୁ ଟ୍ରାକ କରି ଯାଜପୁରରୁ ଧରି ଜଙ୍କିଆ ଥାନାକୁ ଆଣିବା ପରେ ସେ ସବୁ ସତ କଥା ମାନିଥିଲେ।

### ୪ ବସ୍ ଯାତ୍ରୀ ଆହତ

ବୋଲଗଡ଼,୩୧।୧(ଦେବବ୍ରତ ହୋତା): ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥର ବୋଲଗଡ଼ ବ୍ଲକ କୁମାରୀ ଛକଠାରେ ବୁଧବାର ଭୋର ସମୟରେ ଅତ୍ୟଧିକ କୁହୁଡି ଯୋଗୁ ଏକ ଟୁରିଷ୍ଟ ବସ୍ ସହ ଏକ ବାଲି ବୋଝେଇ ହାଇୱା ଧକ୍କା ହୋଇଛି। ଏଥିରେ ୪ଜଣ ବସ୍ ଯାତ୍ରୀ ଆହତ ହୋଇଥିଲେ। ଘଟଣାସ୍ଥଳରେ ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡି ଅଧିକାରୀ ସଂଗ୍ରାମ କେଶରୀ ପାଇକରାୟ ପହଞ୍ଚି ଉଭୟ ବସ୍ ଏବଂ ହାଇୱାକୁ ଜବତ କରିଥିଲେ। ହାଇୱାଟି କୁମାରୀ ଛକଠାରେ ପୂର୍ବ ରାସ୍ତାରୁ ଜାତୀୟ ରାଜପଥକୁ ଉଠୁଥିବାବେଳେ ସମ୍ବଲପୁରରୁ ନୟାଗଡ଼ ଦେଇ ଆସୁଥିବା ଟୁରିଷ୍ଟ ବସ୍‌ଟି ହାଇୱା ପଛରେ ଧକ୍କା ହୋଇଥିଲା।

# ପୁରୀରୁ ଅଯୋଧ୍ୟାକୁ ଟ୍ରେନ ଚଳାଚଳ କରାଯାଉ

## ରେଳମନ୍ତ୍ରୀଙ୍କୁ ଚିଠି ଲେଖି ଦାବି ଜଣାଇଲା ପୁରୀ ବିକାଶ ପରିଷଦ

ପୁରୀ,୩୧।୧(ଅଜିତ୍ ମହାନ୍ତି)

ଶ୍ରୀଜଗନ୍ନାଥ ଧାମ ପୁରୀ ଏବଂ ପ୍ରଭୁ ଶ୍ରୀରାମଙ୍କ ପବିତ୍ର ଜନ୍ମଭୂମି ଅଯୋଧ୍ୟା ମଧ୍ୟରେ ନୂଆ ଟ୍ରେନ ଚଳାଚଳ ପାଇଁ ପୁରୀ ବିକାଶ ପରିଷଦ ପକ୍ଷରୁ ଦାବି କରାଯାଇଛି। ପରିଷଦ ସଭାପତି ଜଗନ୍ନାଥ ବସ୍ତିଆ ଏଥିପାଇଁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ବସ୍ତିଆ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ପୁରୀ ଏବଂ ଅଯୋଧ୍ୟା ଦେଶର କୋଟି କୋଟି ହିନ୍ଦୁଙ୍କ ଭାବାବେଗ ସହ ଜଡ଼ିତ। ଏହା ଭାରତ ବର୍ଷର ଦୁଇଟି ପ୍ରମୁଖ ତୀର୍ଥ ସ୍ଥାନ। ପୁରୀ ଏବଂ ଅଯୋଧ୍ୟା ମଧ୍ୟରେ ଟ୍ରେନ ଚଳାଚଳ କରାଗଲେ ଏହି ଦୁଇଟି ଧାର୍ମିକ, ଆଧ୍ୟାତ୍ମିକ ଏବଂ ଐତିହାସିକ ସ୍ଥାନ ସହ ଯୋଗାଯୋଗ ଅଧିକ ସୁଗମ ହୋଇପାରିବ। ପ୍ରତିବର୍ଷ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ଦର୍ଶନ କରିବାର ସୁଯୋଗ ପାଇବେ। ଏହି ରାସ୍ତାରେ ନୂଆ ଟ୍ରେନ୍ ଚଳାଚଳ ଲାଭଦାୟକ ଏବଂ ଅଧିକ ଜନ ଉପଯୋଗୀ ହୋଇପାରିବ। ଶ୍ରୀକ୍ଷେତ୍ର ପୁରୀ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ପବିତ୍ର ଜନ୍ମସ୍ଥାନ ହୋଇଥିବା ବେଳେ ଅଯୋଧ୍ୟା ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଙ୍କ ପବିତ୍ର ଜନ୍ମଭୂମି। ତେଣୁ ପୁରୀରୁ ଅଯୋଧ୍ୟା ମଧ୍ୟରେ ନୂଆ ଟ୍ରେନ ଚଳାଚଳର ଆବଶ୍ୟକତା ରହିଛି। ପ୍ରଭୁ ଶ୍ରୀରାମଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାର ଏବଂ ଉତ୍ତର ପ୍ରଦେଶ ସରକାର ଅନେକ ନୂଆ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ପୁରୀରୁ ଅଯୋଧ୍ୟା ମଧ୍ୟରେ ନୂତନ ଟ୍ରେନ ଚଳାଚଳକୁ କେନ୍ଦ୍ର ସରକାର ସେଥିରେ ସାମିଲ କରିବା ପାଇଁ ବସ୍ତିଆ ଦାବି କରିଛନ୍ତି। ପୁରୀ ଏବଂ ଅଯୋଧ୍ୟା ମଧ୍ୟରେ ନିବିଡ଼ ଭାବଗତ, ଐତିହାସିକ ଏବଂ ଧାର୍ମିକ ସମ୍ପର୍କ ରହିଥିବା ସେ ଉଲ୍ଲେଖ କରିଛନ୍ତି। ଜାନୁଆରୀ ୨୨ରେ ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଙ୍କ ନୂତନ ଭବ୍ୟ ମନ୍ଦିର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍ଘାଟନ କରିବେ। ଦେଶର ପ୍ରାୟ ୪ ହଜାର ସାଧୁସନ୍ଥ ସେଥିରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି ଶ୍ରୀଜଗନ୍ନାଥ ମନ୍ଦିର ଚତୁଃପାର୍ଶ୍ୱରେ ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ମିତ ପରିକ୍ରମା ପ୍ରକଳ୍ପ ତଥା ଐତିହ୍ୟ କରିଡର ଜାନୁଆରୀ ୧୭ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପଣ କରାଯିବ। ଏଥିପାଇଁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ଦେଶର ପ୍ରମୁଖ ଦେବଦେବୀ, ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ, ଚାରିଧାମ ଶଙ୍କରାଚାର୍ଯ୍ୟ ଏବଂ ନେପାଳ ରାଜାଙ୍କୁ ନିମନ୍ତ୍ରଣ କରାଯାଇଛି। ତେଣୁ ଏହି ଅବସରରେ ଶ୍ରୀଜଗନ୍ନାଥ ଧାମ ପୁରୀରୁ ପ୍ରଭୁ ଶ୍ରୀରାମଙ୍କ ଜନ୍ମଭୂମି ଅଯୋଧ୍ୟା ମଧ୍ୟରେ ଏକ ନୂଆ ଏକ୍ସପ୍ରେସ ଟ୍ରେନ ଚଳାଚଳ କରାଯାଉ। ପୂର୍ବରୁ ପୁରୀରୁ ତିରୁପତି, ବୈଦ୍ୟନାଥ ଧାମ, କାମାକ୍ଷୀ ଏବଂ ହରିଦ୍ୱାର ମଧ୍ୟରେ ସିଧାସଳଖ ଟ୍ରେନ ଚଳାଚଳ କରୁଛି। ଏବେ ପୁରୀରୁ ଅଯୋଧ୍ୟା ମଧ୍ୟରେ ନୂଆ ଟ୍ରେନ ଚଳାଚଳ ପାଇଁ ବସ୍ତିଆ ଦାବି କରିଛନ୍ତି।

# ଓଲଟିଲା ସଫେଇ ଗାଡ଼ି




ଭୁବନେଶ୍ୱର,୩୧।୧
(ଅନୁରାଧା ମହାରଣା)

ଭୁବନେଶ୍ୱର ମହାନଗର ନିଗମ (ବିଏମସି)ର ଏକ ଅଳିଆ ବୋଝେଇ ସଫେଇ ଗାଡି ବୁଧବାର ସୈନିକ ସ୍କୁଲ ପାଖରେ ଭାରସାମ୍ୟ ହରାଇ ରାସ୍ତା ମଝିରେ ଓଲଟିପଡ଼ିଥିଲା। ଚାଳକ ଜଣକ ଦ୍ରୁତଗତିରେ ଗାଡିଟିକୁ ନେଉଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ତେବେ ସଫେଇ ଗାଡି ଧକ୍କାରେ ଏକାଧିକ ବ୍ୟକ୍ତି ସାମାନ୍ୟ ଆହତ ହୋଇଥିବାବେଳେ ଡ୍ରାଇଭର ଜଣକ ଘଟଣାସ୍ଥଳରୁ ଦୌଡ଼ି ପଳାଇଥିଲେ। ସେ ନିଶାସକ୍ତ ଅବସ୍ଥାରେ ଥିବା ଲୋକେ କହିଛନ୍ତି। ଦୁର୍ଘଟଣା ପାଇଁ ରାସ୍ତାରେ ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ଜେସିବି ସହାୟତାରେ ଗାଡିଟିକୁ ଉଠା ଯିବା ସହ ରାସ୍ତାରେ ପଡ଼ିରହିଥିବା ଅଳିଆ ସଫା କରାଯାଇଥିଲା। ପୂର୍ବରୁ ଏକାଧିକଥର ସଫେଇ ଗାଡ଼ି ଚାଳକଙ୍କ ବେପରୁଆ ଗାଡି ଚାଳନା ଘଟଣା ସାମ୍ନାକୁ ଆସିଛି। ୨ ମାସ ତଳେ ଏକ ସଫେଇ ଗାଡ଼ି ଦୟା ୱେଷ୍ଟ କେନାଲକୁ ଖସିଯାଇଥିଲା। ସେହିପରି କଳିଙ୍ଗ ନଗର ଅଞ୍ଚଳରେ ଗାଡ଼ି ଦ୍ରୁତ ଗତିରେ ଚଳାଇ ଇଲେକ୍ଟ୍ରି ଖୁଣ୍ଟିରେ ପିଟି ହୋଇଥିଲା। ପଟିଆ ଚନ୍ଦ୍ରଶେଖରପୁର, ନହରକଣ୍ଟା, ଲକ୍ଷ୍ମୀସାଗର ପରି ଅଞ୍ଚଳରେ ମଧ୍ୟ ସଫେଇ ଗାଡ଼ି ଡ୍ରାଇଭର ନିଶାସକ୍ତ ଅବସ୍ଥାରେ ଗାଡ଼ି ଚଳାଇ ଦୁର୍ଘଟଣା କରିଥିବା ନଜର ରହିଛି।

# ବ୍ରେଲ୍ ଲିପି ଦୃଷ୍ଟିବାଧିତଙ୍କ ପାଇଁ ଅମୂଲ୍ୟ ବରଦାନ




କନ୍ଦଳେଇ ଆଦିବାସୀ ପଲ୍ଲୀରେ ବୁଧବାର ଅନୁଷ୍ଠିତ ଲୁଇସ୍ ବ୍ରେଲ୍‌ଙ୍କ ଜନ୍ମ ଦିବସ।

ପୁରୁଣା ଭୁବନେଶ୍ୱର,୩୧।୧
(ସୁବାସ ଚନ୍ଦ୍ର ପ୍ରଧାନ)

ଦୃଷ୍ଟିବାଧିତଙ୍କ ପାଇଁ ବ୍ରେଲ୍ ଲିପିର ଉପଯୋଗିତା ଓ ମହତ୍ତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଜାନୁଆରୀ ୪କୁ ବ୍ରେଲ୍ ଲିପିର ସ୍ରଷ୍ଟା ଲୁଇସ୍ ବ୍ରେଲ୍‌ଙ୍କ ଜନ୍ମ ଦିବସକୁ ବିଶ୍ୱ ବ୍ରେଲ୍ ଦିବସ ଭାବେ ପାଳନ କରାଯାଏ। ଏହି ଦିବସକୁ ବୁଧବାର ଭୁବନେଶ୍ୱର ଉପକଣ୍ଠ ଚନ୍ଦକା-ଡ଼ମପଡ଼ା ହସ୍ତୀ ଅଭୟାରଣ୍ୟ ଘେର ମଧ୍ୟରେ ଥିବା ଆଦିବାସୀ ପଲ୍ଲୀ କନ୍ଦଳେଇର ବିଦ୍ୟାର୍ଥୀ ଶ୍ରଦ୍ଧାର ସହ ନିରାଡ଼ମ୍ବର ଭାବେ ପାଳନ କରିଛନ୍ତି। ରାଜ୍ୟର ଦୃଷ୍ଟିବାଧିତଙ୍କ ବିକାଶ ଲାଗି କାର୍ଯ୍ୟ କରୁଥିବା ସାମାଜିକ ଅନୁଷ୍ଠାନ 'ବୁଲ୍‌ସଆଇ' ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟର ପ୍ରଥମ ଦୃଷ୍ଟିବାଧିତ ପାରାସେଲର ବାପିନା ନାୟକ ଯୋଗଦେଇଥିଲେ। ଯୁଗେ ଯୁଗେ ଲୁଇସ୍ ବ୍ରେଲ୍ ପୂଜ୍ୟ ଓ ଚିର ନମସ୍ୟ। ଆମେ ଦୁନିଆର ଆଲୋକ ଦେଖିପାରୁନାହୁଁ ଏକଥା ସତ କିନ୍ତୁ ଲୁଇସ୍ ବ୍ରେଲ୍‌ଙ୍କ ଯୋଗୁଁ ଅଜ୍ଞାନରୂପକ ଅନ୍ଧକାରରୁ ଆମେ ଜ୍ଞାନର ଆଲୋକକୁ ଦେଖିପାରିବାକୁ ସକ୍ଷମ ହୋଇପାରିଛୁ ବୋଲି ପାରାସେଲର ନାୟକ କହିଥିଲେ। ସମ୍ମାନିତ ଅତିଥି ରୂପେ ସାମାଜିକ କର୍ମୀ ସୁଶାନ୍ତ ସାହୁ ଯୋଗଦେଇ ବ୍ରେଲ୍ ଲିପି ଦୃଷ୍ଟିବାଧିତଙ୍କ ପାଇଁ ଅମୂଲ୍ୟ ବରଦାନ ବୋଲି କହିଥିଲେ। କାର୍ଯ୍ୟକ୍ରମରେ 'ବୁଲ୍‌ସଆଇ'ର ଅଧ୍ୟକ୍ଷ ତ୍ରିଲୋଚନ ବେଉରା, ସାମାଜିକ କର୍ମୀ ପ୍ରିୟବ୍ରତ ପଣ୍ଡା, ସ୍ଥାନୀୟ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଚିତ୍ର ମାଝି, ଶିକ୍ଷକ ସୁବାସ ଓଝା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ମେଳନପଡ଼ିଆରେ ମୀନାବଜାର ଉଦ୍‌ଘାଟିତ

ପିପିଲି,୩୧।୧(ଦୁର୍ଗା ମାଧବ ମିଶ୍ର)

ସ୍ଥାନୀୟ ଦରଜୀସାହି ମେଳନପଡ଼ିଆରେ ପତିତପାବନ ମନ୍ଦିର ପରିଚାଳନା କମିଟି ପକ୍ଷରୁ ମୀନାବଜାର ଉଦ୍‌ଘାଟିତ ହୋଇଯାଇଛି। ବିଧାୟକ ରୁଦ୍ର ପ୍ରତାପ ମହାରଥୀ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ଜନସାଧାରଣଙ୍କୁ ଏହା ମନୋରଞ୍ଜନର ଖୋରାକ ଯୋଗାଇବ ବୋଲି ମହାରଥୀ ଆଶା ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଖାଦ୍ୟ କମିଶନ ସଦସ୍ୟ ପ୍ରିୟବ୍ରତ ସାମନ୍ତରାୟ, ପିପିଲି ପୌରାଧ୍ୟକ୍ଷ ସେକ୍ ବାବୁ, ଉପାଧ୍ୟକ୍ଷ ଭଗ୍ୟବତୀ ମହାରଣା, ପିପିଲି ବଜାର ବ୍ୟବସାୟୀ ସଂଘ ସଭାପତି ରାକେଶ ମହାପାତ୍ର, ସମ୍ପାଦକ ପ୍ରବୀର ହାଲଦାର, ସୁରେଶ ମହାପାତ୍ର ସମେତ ଏନ୍‌ଏସି କାଉନସିଲରମାନେ ଅତିଥି ଭାବେ ଯୋଗ ଦେଇଥିଲେ। ପତିତପାବନ ମନ୍ଦିର ଟ୍ରଷ୍ଟି ସୁରେଶ ମହାପାତ୍ର, ମୀନା ବଜାର କମିଟି ସଭାପତି ବବୁଲ ମହାପାତ୍ରଙ୍କ ସମେତ ମନ୍ଦିର ଟ୍ରଷ୍ଟିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ମୀନା ବଜାରରେ ରାମଦୋଳି, ବ୍ରେକ୍ ଡ୍ୟାନ୍ସ, ମ୍ୟାଜିକ୍ ଶୋ', ଟୟ ଟ୍ରେନ୍, ଡ୍ରାଗନ ଟ୍ରେନ୍, ହେଲିକାପ୍ଟର, ମିକି ମାଉସ, ଘୋଡା ଦୋଳି ସମେତ ୫୦ରୁ ଊର୍ଦ୍ଧ୍ୱ ଖାଦ୍ୟ ଷ୍ଟଲ ଖୋଲିଥିବା ଜଣାପଡ଼ିଛି।

## କୋଣାର୍କରେ ପର୍ଯ୍ୟଟକଙ୍କ ମୃତ୍ୟୁ

କୋଣାର୍କ,୩୧।୧(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ବୁଲିବାକୁ ଆସିଥିବା ଜଣେ ପର୍ଯ୍ୟଟକଙ୍କ ବୁଧବାର ମୃତ୍ୟୁ ଘଟିଛି। ସେ ହେଲେ ମଧ୍ୟପ୍ରଦେଶ ଉଜ୍ଜୟିନୀର ବଲ୍ଲୁ ସିଂ(୬୫)। ଏନେଇ କୋଣାର୍କ ଥାନାରେ ୧/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଚାରିଛକ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ବଲ୍ଲୁଙ୍କ ମୃତଦେହ ସାଥି ପର୍ଯ୍ୟଟକଙ୍କୁ ହସ୍ତାନ୍ତର କରାଯାଇଥିବା କୋଣାର୍କ ଥାନା ଆଇଆଇସି ପଞ୍ଚାନନ ପରିଡ଼ା ସୂଚନା ଦେଇଛନ୍ତି। ଉଜ୍ଜୟିନୀରୁ ଏକ ବସ୍‌ରେ ପର୍ଯ୍ୟଟକ କୋଣାର୍କ ସୂର୍ଯ୍ୟମନ୍ଦିର ବୁଲିବାକୁ ଆସିଥିଲେ। ସକାଳେ ବୁଲୁଥିବାବେଳେ ବଲ୍ଲୁ ଛାତିରେ ଯନ୍ତ୍ରଣା ଅନୁଭବ କରି ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ କୋଣାର୍କ ଓ ପରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା।

# ଜାନକୀ ବଲ୍ଲଭଙ୍କ ୯୭ତମ ଜୟନ୍ତୀ



ରାଜ୍ୟପାଳ ରଘୁବର ଦାସ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଭୁବନେଶ୍ୱର,୩୧।୧ (ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶା ରାଜନୀତି ଆକାଶରେ ଜାନକୀବଲ୍ଲଭ ପଟ୍ଟନାୟକ ଜଣେ ଉଜ୍ଜ୍ୱଳ ଜ୍ୟୋତିଷ୍କ। ଓଡ଼ିଶାରେ ରାଜନୀତିକ ସ୍ଥିରତା ଆଣିବା ସହ ସାମାଜିକ ଓ ସାଂସ୍କୃତିକ କ୍ଷେତ୍ର ପାଇଁ ସେ ପ୍ରେରଣାପ୍ରଦ ବ୍ୟକ୍ତି ଥିଲେ ବୋଲି ରାଜ୍ୟପାଳ ପ୍ରକାଶ କରିଛନ୍ତି। ଜାନକୀ ବଲ୍ଲଭ ସ୍ମୃତି କମିଟି ପକ୍ଷରୁ ବୁଧବାର ସୂଚନା ଭବନଠାରେ ପଟ୍ଟନାୟକଙ୍କ ୯୭ଜୟନ୍ତୀ ଅନୁଷ୍ଠିତ ହୋଇଥିଲା। କମିଟି ସଭାପତି ପୂର୍ବତନ ବିଧାୟକ ଡ.ଦିଲୀପ ଶ୍ରୀଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଧାୟକ ସୁରେଶ କୁମାର ରାଉତରାୟ, ପୂର୍ବତନ ସୂଚନା କମିଶନର ଜଗଦାନନ୍ଦ, କମିଟିର ସମ୍ପାଦକ ଇଂ. ବିଶ୍ୱମୋହନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଶିଷ୍ଟ ଭାଷାବିଜ୍ଞାନୀ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ସମାଜ ସମ୍ପାଦକ ପ୍ରମୋଦ କୁମାର ମହାପାତ୍ର ଓ ପରିବେଶବିତ୍ ବିଜୟ କେତନ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

## ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ଲୋକନୃତ୍ୟ ପ୍ରତିଯୋଗିତା

ଭୁବନେଶ୍ୱର,୩୧।୧(ଶର୍ମିଷ୍ଠା ପାଣିଗ୍ରାହୀ)

ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ସର୍ବ-ଭାରତୀୟ ରାଷ୍ଟ୍ରୀୟ ଭୂମିକା ନିର୍ବାହ ଓ ଲୋକନୃତ୍ୟ ପ୍ରତିଯୋଗିତା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ତିନିଦିନ ଧରି ହେବାକୁଥିବା ଏହି ପ୍ରତିଯୋଗିତାରେ ୨୯ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ତଥା ଚାରୋଟି ପ୍ରାୟୋଗିକ ବହୁଉଦ୍ଦେଶୀୟ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରୁଛନ୍ତି। ଉଦ୍‌ଘାଟନୀ ଅଧିବେଶନରେ ଆଇଏମଏମଟିର ନିର୍ଦ୍ଦେଶକ ବିଶିଷ୍ଟ ବୈଜ୍ଞାନିକ ପ୍ରଫେସର ରାମାନୁଜ ନାରାୟଣ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଭାରତର ଲୋକସଂସ୍କୃତି ଓ ପରମ୍ପରାର ଉଚ୍ଚ ପ୍ରଶଂସା କରି ପ୍ରତି ପର୍ବପର୍ବାଣି ସହ ବିଜ୍ଞାନର ସଂପର୍କ ଥିବା ସେ କହିଥିଲେ। ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ପ୍ରାରମ୍ଭରେ ଏନସିଆରଟିର ସଂଯୋଜକ ଡ. ବିଜୟ କୁମାର ମଲ୍ଲିକ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଡ଼. ହରିଶ କୁମାର ମିନା କାର୍ଯ୍ୟକ୍ରମର ଆଭିମୁଖ୍ୟ ବିଷୟରେ ଅବଗତ କରିଥିଲେ। ପ୍ରତିଷ୍ଠାନର ଡିନ୍ ପ୍ରଫେସର ସନ୍ଧ୍ୟାରାଣୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜେଏମ୍‌ଏଫ୍‌ସି କୋର୍ଟ ଖୋଲିବା ନିମନ୍ତେ ଜିଲାଜଜ୍‌ଙ୍କ ସତ୍ୟବାଦୀ ପରିଦର୍ଶନ

ସାକ୍ଷୀଗୋପାଳ,୩୧।୧
(ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର)

ସତ୍ୟବାଦୀରେ ଜୁଡିସିଆଲ ମାଜିଷ୍ଟ୍ରେଟ ଫାଷ୍ଟ କ୍ଲାସ କୋର୍ଟ (ଜେଏମ୍‌ଏଫ୍‌ସି) ଖୋଲିବା ନିମନ୍ତେ ସରକାରୀ ସ୍ତରରେ ସମସ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ବୁଧବାର ପୁରୀ ଜିଲା ଜଜ୍ ଅଯନ୍ତା ଷଡ଼ଙ୍ଗୀ ଅନୁଧ୍ୟାନ ନିମନ୍ତେ ସତ୍ୟବାଦୀ ଆସିଥିଲେ। କୋର୍ଟ ଚାଲିବା ନିମନ୍ତେ ନିଜସ୍ୱ ଗୃହ ନ ଥିବାରୁ ପେଣ୍ଠପଡ଼ା ପଞ୍ଚାୟତ କଲ୍ୟାଣ ମଣ୍ଡପରେ ଅସ୍ଥାୟୀ ଭାବେ ପ୍ରଥମେ କୋର୍ଟ କାର୍ଯ୍ୟ ଚାଲିବାକୁ ସେ ଉକ୍ତ କଲ୍ୟାଣ ମଣ୍ଡପଟି ବୁଲି ଦେଖିଥିଲେ। ଜିଲା ଜଜ୍‌ଙ୍କ ସହ ରେଜିଷ୍ଟ୍ରାର ନିଖିଳ ଭରତ ମହାନ୍ତି, କୋର୍ଟ ମ୍ୟାନେଜର ମଳୟ କୁମାର ଗିରି, ସତ୍ୟବାଦୀ ତହସିଲଦାର ଜୟନ୍ତ ଜୟସିଂ, ସତ୍ୟବାଦୀ ବିଡିଓ ଲିପ୍ସା ରାୟ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଏହି ଟିମ୍ ନୂତନ କୋର୍ଟ କାର୍ଯ୍ୟାଳୟ ନିମନ୍ତେ ଉକ୍ତ ପଞ୍ଚାୟତର ପଛ ପାର୍ଶ୍ୱରେ ରହିଥିବା ୩ ଏକର ଜମି ମଧ୍ୟ ପରିଦର୍ଶନ କରିଥିଲେ। ଏହି ୩ ଏକର ସମ୍ପତ୍ତିକୁ ଖୁବ୍‌ଶୀଘ୍ର ଆପ୍ରୁଭାଲ ନିମନ୍ତେ ଜିଲାପାଳଙ୍କ ନିକଟକୁ ପଠାଯାଇଥିବା ସତ୍ୟବାଦୀ ତହସିଲଦାର ଜୟସିଂ ପ୍ରକାଶ କରିଛନ୍ତି। ସତ୍ୟବାଦୀରେ ଏହି କୋର୍ଟଟି କାର୍ଯ୍ୟକାରୀ ହେଲେ ଅଞ୍ଚଳର ଲକ୍ଷାଧିକ ଜନସାଧାରଣ ତ୍ୱରିତ ନ୍ୟାୟ ପାଇବା ସହ ଅଯଥା ସମୟ ଓ ଆର୍ଥିକ ବୋଝ ମଧ୍ୟ କମ ରହିବ ଓ ଜିଲା କୋର୍ଟର ଅନେକ ମାତ୍ରାରେ କାର୍ଯ୍ୟଭାର କମିବ। ସତ୍ୟବାଦୀ ଅଞ୍ଚଳର ଆଇନଜୀବୀ ଅମ୍ବିକା ଶଙ୍କର ମହାପାତ୍ର, ସୁଶାନ୍ତ ରଥ, ପ୍ରଭାକର ମିଶ୍ର, ସନ୍ତୋଷ ବେହେରା ଓ ଅଜିତ ଚୌଧୁରୀଙ୍କ ସମେତ ଅନ୍ୟମାନେ ଉକ୍ତ ଟିମ୍‌କୁ ପରିଦର୍ଶନ ସମୟରେ ସହଯୋଗ କରିଥିଲେ।

# ବସ୍ -କାର୍ ଧକ୍କା: ୧୩ ଆହତ

## ଅଳ୍ପକେ ବର୍ତ୍ତିଲେ ୪୦ ଯାତ୍ରୀ

କୋଣାର୍କ,୩୧।୧(ଜ୍ୟୋତିରାଜ ମହାନ୍ତି)

ପୁରୀ- କୋଣାର୍କ ବେଳାମାର୍ଗ ମୁଖ୍ୟ ରାସ୍ତା ଖାଲକାଟା ପାଟଣା ଛକ ନିକଟରେ ସନ୍ଧ୍ୟା ସମୟରେ ଏକ ବସ୍ ଓ କାର ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଉଭୟ ଗାଡ଼ିର ୧୩ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୫ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସ୍ଥାନୀୟ ଲୋକଙ୍କ ସହାୟତାରେ ୧୦୮ ଆମ୍ବୁଲାନ୍ସ ଯୋଗେ ସମସ୍ତଙ୍କୁ ପୁରୀ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ରାମଚଣ୍ଡୀ ପୋଲିସ ଘଟଣାସ୍ଥଳରେ ତୁରନ୍ତ ପହଞ୍ଚି ୨ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି। ବସ୍‌ରେ ଥିବା ଅବଶିଷ୍ଟ ଆଉ ୪୦ ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଖବର ନେବାରେ ଜଣାପଡିଛି, ଏସ୍‌ଏନ୍‌ଏମ୍‌ଟି ନାମକ ବସ୍ (ଓଆର୍-୧୩-୦୭୦୧୭)ଟି ପୁରୀରୁ କୋଣାର୍କ ଅଭିମୁଖେ ଆସୁଥିଲା। କାର୍‌ଟି ରାମଚଣ୍ଡୀଠାରେ ବଣଭୋଜି ସାରି ପୁରୀ ଅଭିମୁଖେ ବାହାରି ଯାଉଥିବାବେଳେ ବସ୍ ସହ ମୁହାଁମୁହିଁ ହୋଇଥିଲା। ବସ୍‌ରେ ୪୫ଜଣ ଯାତ୍ରୀ ଥିବାବେଳେ କାର୍‌ରେ ଦୁଇ ଛୁଆ ପିଲାଙ୍କ ସମେତ ୮ଜଣ ଥିବା ସୂଚନା ମିଳିଛି।



# ଚିଲିକାରେ ପକ୍ଷୀ ଗଣନା ଆଜି, ସାମିଲ୍ ହେବେ ୨୧ ଟିମ୍

ବାଲୁଗାଁ, ୩୧।୧ (ସଂଗ୍ରାମ ପାଇକରାୟ)

ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଆନୁକୂଲ୍ୟରେ ଗୁରୁବାର ଚିଲିକାରେ ପକ୍ଷୀଗଣନା କାର୍ଯ୍ୟ ହେବ। ଏଥିପାଇଁ ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। ଏହି ପରିପ୍ରେକ୍ଷୀରେ ବୁଧବାର ବାଲୁଗାଁ ନିକଟ ଚନ୍ଦ୍ରପୁଟସ୍ଥିତ ସିଡିଏ ଗବେଷଣା କେନ୍ଦ୍ର ଗୃହରେ ଗଣନାକାରୀଙ୍କୁ ସବିଶେଷ ତାଲିମ୍ ଦିଆଯାଇଛି।

ଡିଏଫ୍‌ଓ ଅମ୍ଲାନ କୁମାର ନାୟକ ପ୍ରାରମ୍ଭିକ ଭାବେ ପକ୍ଷୀଗଣନା କାର୍ଯ୍ୟର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଆରସିସିଏଫ୍ ଡ. ସଞ୍ଜିତ କୁମାର, ପିସିସିଏଫ୍ ବିକାଶ ରଞ୍ଜନ ଦାଶ, ଅବସରପ୍ରାପ୍ତ ଆଇଏଫ୍‌ଏସ୍ ପି.କେ. ମିଶ୍ର, ବମ୍ବେ ନାଚୁରାଲ ହିଷ୍ଟ୍ରି ଅଫ୍ ସୋସାଇଟିର ନିର୍ଦ୍ଦେଶକ ପି. ସାଥିଆ ସେଲଭମ୍ ଏବଂ ପ୍ରଫେସର ଡ. ଶ୍ୱେତାଶ୍ରୀ ପୁରୋହିତ ପ୍ରମୁଖ ପକ୍ଷୀଗଣନା ସମ୍ପର୍କରେ ଗଣନାକାରୀଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ସମଗ୍ର ଚିଲିକା ଅଧୀନ ଅଞ୍ଚଳରେ ୨୧ଟି ଟିମ୍ ଗଣନା କାର୍ଯ୍ୟରେ ସାମିଲ୍ ହୋଇଥିବାବେଳେ ମୋଟ ୧୨୦ ଜଣ ଏହି ତାଲିମ୍ ଶିବିରରେ ପ୍ରଶିକ୍ଷଣ ନେଇଛନ୍ତି। ଏଥିରେ ୱାଇଲ୍ଡ ଓଡ଼ିଶା, ବମ୍ବେ ନାଚୁରାଲ ହିଷ୍ଟ୍ରି ଅଫ୍ ସୋସାଇଟି, ଓୟୁଏଟି, ବିଭିନ୍ନ ବିଶ୍ୱବିଦ୍ୟାଳୟର ପ୍ରଫେସର, ଛାତ୍ରୀଛାତ୍ର



ଏବଂ ବହୁ ଅଭିଜ୍ଞ ପକ୍ଷୀ ବିଶାରଦ ସାମିଲ୍ ଥିବା ଜଣାଯାଇଛି। ପ୍ରତ୍ୟେକ ଗଣନାକାରୀ ଦଳକୁ ଗୋଟିଏ ଲେଖାଏ ଡଙ୍ଗା ଯୋଗାଇ ଦିଆଯାଇଥିବା ବେଳେ ପ୍ରତି ଟିମ୍‌ରେ ଅଭିଜ୍ଞ ପକ୍ଷୀ ବିଶାରଦଙ୍କ ସମେତ ୪ଜଣ ସହଯୋଗୀ ନିୟୋଜିତ ହୋଇଛନ୍ତି। ଗଣନା ପାଇଁ ପ୍ରତ୍ୟେକ ଦଳକୁ ୱାକିଟକି, ବାଇନାକୁଲାର, ଜିପିଏସ୍ ଏବଂ ଭିଏଚ୍‌ଏଫ୍ ଆଦି ଯନ୍ତ୍ର ଯୋଗାଇ ଦିଆଯାଇଛି। ବାଲୁଗାଁ ରେଞ୍ଜରେ ୬ଟି ଟିମ୍ ନିୟୋଜିତ ହୋଇଥିବା ବେଳେ ସାତପଡ଼ା ୪, ରମ୍ଭା ୨, ଚିଲିକା ୧ ଓ ଟାଙ୍ଗୀ ରେଞ୍ଜରେ ସର୍ବାଧିକ ୮ ଟିମ୍ ପକ୍ଷୀ ଗଣନା କରିବେ ବୋଲି ସ୍ଥିର ହୋଇଛି। ତାଲିମ୍ ପରେ ପ୍ରତ୍ୟେକ ଗଣନାକାରୀ ଟିମ୍ ବୁଧବାର ଅପରାହ୍ନରେ ନିର୍ଦ୍ଧାରିତ ନିଜ ନିଜ କ୍ୟାମ୍ପରେ ଯାଇ ଅବସ୍ଥାନ କରିଛନ୍ତି। ଗୁରୁବାର ସକାଳ ୬ଟାରୁ ମଧ୍ୟାହ୍ନ ୧୨ଘଟିକା ପର୍ଯ୍ୟନ୍ତ ପକ୍ଷୀଗଣନା କାର୍ଯ୍ୟ ଜାରି ରହିବ ବୋଲି ବିଭାଗୀୟ ସୂତ୍ରରୁ ସୂଚନା ମିଳିଛି।

ଗତବର୍ଷ ୧୮୪ ପ୍ରଜାତିର ମୋଟ ୧୧ଲକ୍ଷ ୩୧ହଜାର ୯୨୯ ପକ୍ଷୀଙ୍କ ସମାଗମ ହୋଇଥିବା ଗଣନାରୁ ଜଣାପଡ଼ିଥିଲା। ତେବେ ଚଳିତବର୍ଷ ପାଗ ଅନୁକୂଳ ରହିଥିବା ସହ ଜଳସ୍ତର କମ୍ ହେତୁ ପକ୍ଷୀ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇବ ବୋଲି ଡିଏଫ୍‌ଓ ନାୟକ ଆଶା ପ୍ରକାଶ କରିଛନ୍ତି। ମୁଖ୍ୟତଃ ୩ଟି ପଦ୍ଧତିରେ ପକ୍ଷୀ ଗଣନା ହୁଏ। ପ୍ରଥମଟି ହେଲା ଏକକ ପଦ୍ଧତି । ଏଥିରେ ଚିଲିକା ମଧ୍ୟରେ ଯେଉଁଠି ସ୍ୱସଂଖ୍ୟକ ପକ୍ଷୀ ଦୃଷ୍ଟିଗୋଚର ହୋଇଥାଆନ୍ତି, ସେଠାରେ ୧, ୨, ୩ ଆଦି କ୍ରମ ଅନୁଯାୟୀ ପକ୍ଷୀ ସଂଖ୍ୟା ଏବଂ ପ୍ରଜାତି ଗଣନା ହୁଏ। ଦ୍ୱିତୀୟଟି ହେଲା ବ୍ଲକ୍ ପଦ୍ଧତି । ଏଥିରେ ଛୋଟ ଛୋଟ ଗ୍ରୁପ୍ ତଥା ସ୍ୱଳ୍ପସଂଖ୍ୟକ ପକ୍ଷୀ ଥାଆନ୍ତି। ଟେଲିସ୍କୋପ୍ ମାଧ୍ୟମରେ ଏହାର ସମଷ୍ଟିକରଣ କରାଯାଇ ସଂଖ୍ୟା ନିର୍ଦ୍ଧାରଣ କରାଯାଏ। ତୃତୀୟଟି ହେଲା ସର୍କଲ ପଦ୍ଧତି। ଯେଉଁଠି ପକ୍ଷୀଙ୍କୁ ଗଣି ହୁଏନାହିଁ ଏବଂ ଅସଂଖ୍ୟ ସଂଖ୍ୟାରେ ସମାଗମ ଥାଆନ୍ତି, ସେଠାରେ ବାଇନାକୁଲାର ପରିଧି ମଧ୍ୟରେ ଦୃଷ୍ଟିଗୋଚର ହେଉଥିବା ପକ୍ଷୀଙ୍କୁ ନେଇ ଗୋଟିଏ ଗୋଟିଏ ସର୍କଲ ତିଆରି କରାଯାଏ । ଏହିପରି ଏକାଧିକ ସର୍କଲ କରି ଜିପିଏସ୍ ମାଧ୍ୟମରେ ପକ୍ଷୀଙ୍କ ପ୍ରଜାତି ଓ ସଂଖ୍ୟା ସମଷ୍ଟୀକରଣ ହୋଇଥାଏ । ଗଣନା ସମୟରେ ଯଦି ଗୋଟିଏ ବ୍ଲକ୍ କିମ୍ବା ସର୍କଲରେ ଦୃଷ୍ଟିଗୋଚର ଥିବା ପକ୍ଷୀ ଉଡ଼ିଯାଇ ଅନ୍ୟତ୍ର ଅବସ୍ଥାନ କରନ୍ତି, ତା' ହେଲେ ସେଠାରୁ ଉଡ଼ିଯାଇଥିବା ପକ୍ଷୀ ସଂଖ୍ୟାକୁ ବିଭକ୍ତ କରାଯାଇ ଅବସ୍ଥାନ କରିଥିବା ବ୍ଲକ୍‌କିମ୍ବା ସର୍କଲରେ ସମଷ୍ଟୀକରଣ ହୁଏ। ଚିଲିକାରେ ଚଳିତ ବର୍ଷ ସମାଗମ ବିଭିନ୍ନ ପ୍ରଜାତି ଓ ପକ୍ଷୀ ସଂଖ୍ୟା ରିପୋର୍ଟ ଗୁରୁବାର ବିଭାଗ ପକ୍ଷରୁ ପ୍ରକାଶ ପାଇବ ବୋଲି ଡିଏଫ୍‌ଓ ନାୟକ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଟଙ୍କା ଲୁଟ୍, ଯୁବକ ଗିରଫ

ଫୁଲନଖରା,୩।୧ (ସତ୍ୟରଞ୍ଜନ ଦାସମହାପାତ୍ର)

ଟଙ୍କା ଲୁଟ୍ ଅଭିଯୋଗରେ କଟକ ସଦର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ବାଲିକୁଦା ସାମଲ ସାହିର ସିପ୍ରିରଞ୍ଜନ ନାୟକ। ତାଙ୍କ ନିକଟରୁ ୧,୪୬,୯୦୦ ଟଙ୍କା ଏବଂ ଗୋଟିଏ ବାଇକ ଜବତ କରାଯାଇଛି। ସ୍ଥାନୀୟ ଉତ୍ତମାପୁର ବାଲିଘାଟର କାର୍ଯ୍ୟାଳୟକୁ ସୋମବାର ରାତି ପ୍ରାୟ ୧୧ଟାରେ ଅଭିଯୁକ୍ତ ଜଣଙ୍କ ଯାଇଥିଲେ। ସେଠାକାର ଦାୟିତ୍ୱରେ ଥିବା ମ୍ୟାନେଜର ସର୍ବେଶ୍ୱର ବାରିକଙ୍କୁ ଗାଳିଗୁଲଜ କରି ବଟି ମାଗିଥିଲେ। ସର୍ବେଶ୍ୱର ବଟି ନ ଦେବାରୁ ଅଭିଯୁକ୍ତ ଜଣଙ୍କ ଜୋର୍ ଜବରଦସ୍ତ ଅଫିସ ରୁମ୍‌ରେ ପଶି ଡ୍ରଏରରୁ ୧ ଲକ୍ଷ ୮୦ ହଜାର ଟଙ୍କା ଲୁଟି ନେଇଥିଲେ। ଏନେଇ ସର୍ବେଶ୍ୱର ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ. ୩/୨୪)ରୁଜୁ କରିଥିଲା।

### କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ଚୌଦ୍ୱାର,୩।୧ (ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ୪ନଂ. ୱାର୍ଡସ୍ଥିତ କପାଳେଶ୍ୱର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସମ୍ବର୍ଦ୍ଧନା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ୩ୟ ଏବଂ ୫ମ ଶ୍ରେଣୀରେ ପଢୁଥିବା ୫ଜଣ ଛାତ୍ର ବୃତ୍ତି ପାଇଥିବାବେଳେ ବ୍ଲକସ୍ତରୀୟ ବିଜ୍ଞାନ ମେଳାରେ ବିଦ୍ୟାଳୟର ମନସ୍ୱିନୀ ସାହୁ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ କାଉନସିଲର ଅଜୟ କୁମାର ବେହେରା, ଖବରଦାତା ଆଶୁତୋଷ ଦାସ, ନଗର ବିଜେଡି କାର୍ଯ୍ୟକାରୀ ସଭାପତି ବିମଳ କୁମାର ବେଉରା, ପରିଚାଳନା କମିଟି ଅଧ୍ୟକ୍ଷ ନାରାୟଣ ସାହୁ, ସଦସ୍ୟ ଗିରିଶ ଚନ୍ଦ୍ର ସାହୁ, ସୁଶାନ୍ତ କୁମାର ବେହେରା ପ୍ରମୁଖ ଯୋଗଦେଇ ପିଲାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ମିଶ୍ର, ପ୍ରମିଳା ସାହୁ, ଶୁଚିସ୍ମିତା ପ୍ରଧାନ, ଏନ୍.ଶିବାନୀ, ସମ୍ବିତ କୁମାର ବେହେରା, ନମିତା ମହାରଣା, ବବିତା ବେହେରା, ବୀଣାପାଣି ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ଶ୍ରୀରାମ ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ ପ୍ରସ୍ତୁତି ବୈଠକ

ଖୁଣ୍ଟୁଣୀ, ୩।୧ (ସଚ୍ଚିଦାନନ୍ଦ ପଣ୍ଡା)

ଆଠଗଡ଼ ନଦୀକୂଳ ଅଞ୍ଚଳର ଶ୍ରୀରାମ ବରିଷ୍ଠ ନାଗରିକ ମଞ୍ଚର ୪ର୍ଥ ବାର୍ଷିକ ଉତ୍ସବ ଆସନ୍ତା ୨୩ ତାରିଖରେ କଖଡ଼ିଠାରେ ଅନୁଷ୍ଠିତ ହେବ। ଏଥିପାଇଁ ବୁଧବାର କଖଡ଼ିଠାରେ ମଞ୍ଚର ସଭାପତି ବେଣୁଧର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବାର୍ଷିକ ଉତ୍ସବ ପାଇଁ ଏକ କାର୍ଯ୍ୟକାରୀ କମିଟି ଗଠିତ ହୋଇ ସମସ୍ତଙ୍କୁ ବିଭିନ୍ନ ଦାୟିତ୍ୱ ଅର୍ପଣ କରାଯାଇଛି। ଉତ୍ସବକୁ ଅତିଥି ଓ ସାମାଜିକ କର୍ମୀଙ୍କୁ ନିମନ୍ତ୍ରଣ ପାଇଁ ସଭାପତି ମହାନ୍ତି ଓ ସମ୍ପାଦକ କିରଣ ବିହାରୀ ଖଟୁଆଙ୍କୁ ମଞ୍ଚ ଦାୟିତ୍ୱ ଅର୍ପଣ କରିଛି। ଏହି ବୈଠକରେ ଗୌରାଙ୍ଗ ମହନ୍ତ, ମିହିର କୁମାର ଶତପଥୀ, ରସାନନ୍ଦ ସ୍ୱାଇଁ, ବାମଦେବ ସୂତାର, କୃଷ୍ଣଚନ୍ଦ୍ର ପଣ୍ଡା, ପ୍ରହ୍ଲାଦ ବିଶ୍ୱାଳ, ବିଚିତ୍ରାନନ୍ଦ ପ୍ରତିହାରୀଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।

# 'ଆମ ଓଡ଼ିଶା ନବୀନ ଓଡ଼ିଶା' ଟଙ୍କାକୁ ନେଇ କଥା କଟାକଟି

**ପଞ୍ଚାୟତ ସମିତି ବୈଠକ**

କଣ୍ଟାପଡା,୩।୧ (ସୁରନାରାୟଣ ସାହୁ)


ବୈଠକରେ ବିଧାୟକ ପ୍ରମୋଦ ମଲ୍ଲିକଙ୍କ ସହ ଅନ୍ୟମାନେ।

କଣ୍ଟାପଡା ପଞ୍ଚାୟତ ସମିତିର ପଞ୍ଚମ ବୈଠକ ବୁଧବାର ସମିତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ଜିନା ଭୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ନିଆଳି ବିଧାୟକ ଡା. ପ୍ରମୋଦ କୁମାର ମଲ୍ଲିକ, ବିଡିଓ ବିରଞ୍ଚି ନାରାୟଣ ବେହେରା, ସମିତି ଉପାଧ୍ୟକ୍ଷ ଜଚିନ୍ଦ୍ର ବରାଳ, ଜଗତ୍‌ସିଂହପୁର ଏମ୍‌ପିଙ୍କ ନୋମିନି ବିମାନ ବିହାରୀ ବେହେରା, ଏବିଡିଓ ରୁବି ତପସ୍ୱିନୀ ଦାସଙ୍କ ସମେତ ବିଭିନ୍ନ ପଞ୍ଚାୟତର ସମିତି ସଭ୍ୟ, ସରପଞ୍ଚ ଓ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ଖାଉଟି ସାମଗ୍ରୀ, ଉନ୍ନୟନ କାର୍ଯ୍ୟ, ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ବାବଦ ଅର୍ଥ କାର୍ଯ୍ୟକାରିତା କରାଯିବା ସମ୍ପର୍କିତ ୬ଟି ପ୍ରସ୍ତାବ ଉପରେ ଆଲୋଚନା ପାଇଁ ଏଜେଣ୍ଡା ପ୍ରସ୍ତୁତ କରାଯାଇଥିଲା। ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟ ସମ୍ପର୍କରେ ଆଲୋଚନାବେଳେ ବିଧାୟକ ଓ ସମିତି ଅଧ୍ୟକ୍ଷାଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଉକ୍ତ ଯୋଜନାରେ ବିଭିନ୍ନ ପଞ୍ଚାୟତକୁ ଆସିଥିବା ୫୦ ଲକ୍ଷ ଟଙ୍କା ଲେଖାଏ ଅର୍ଥରାଶି ସମିତି ମାଧ୍ୟମରେ ବିନିଯୋଗ କରାଯିବା ପାଇଁ ନିର୍ଦ୍ଦେଶ ରହିଥିବାବେଳେ ଏହାକୁ ସିଧାସଳଖ ପଞ୍ଚାୟତକୁ ଦିଆଯିବ ବୋଲି ବିଧାୟକ ପ୍ରସ୍ତାବ ରଖିଥିଲେ। ତେବେ ଏହି ପ୍ରସ୍ତାବକୁ ସମିତି ଅଧ୍ୟକ୍ଷା ବିରୋଧ କରିବା ସହ ଏଭଳି ହେଲେ ସେ ବିଲ୍‌ରେ କାଉଣ୍ଟର ସାଇନ କରିବେ ନାହିଁ ବୋଲି କହିଥିଲେ। ଫଳରେ ଅଧ୍ୟକ୍ଷାଙ୍କ କାଉଣ୍ଟର ସାଇନ କରା ନ ଯିବା ପ୍ରସ୍ତାବ ଉପରେ ଗୃହରେ ଭୋଟିଂ କରିବା ପାଇଁ ବିଧାୟକ ପ୍ରସ୍ତାବ ଦେଇଥିଲେ। ଏଥିରେ ବିରକ୍ତ ପ୍ରକାଶ କରି ବୈଠକକୁ ଅତିଥି ହୋଇ ଆସିଛନ୍ତି ଅତିଥି ହୋଇ ରୁହନ୍ତୁ ବୋଲି ବିଧାୟକଙ୍କୁ କଟାକ୍ଷ କରି ଅଧ୍ୟକ୍ଷା କହିଥିଲେ। ଏହାକୁ ନେଇ ଉଭୟ ଗୋଷ୍ଠୀର କେତେଜଣ ସରପଞ୍ଚ ଓ ସମିତି ସଭ୍ୟ ମଧ୍ୟ କଥା କଟାକଟି ହୋଇଥିଲେ। ଫଳରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟ ସମ୍ପର୍କରେ କୌଣସି ଆଲୋଚନା ହୋଇପାରି ନ ଥିଲା। ଏ ସମ୍ପର୍କରେ ବିଧାୟକ ମଲ୍ଲିକ କହିଛନ୍ତି, କୌଣସି କାର୍ଯ୍ୟରେ ଅସହମତି ପ୍ରକାଶ ପାଇଲେ ଭୋଟିଂ ହୋଇଥାଏ। ତେବେ ଅଧ୍ୟକ୍ଷା ଏହା କରାଇ ନ ଦେବା ଅତ୍ୟନ୍ତ ଦୁଃଖଦାୟକ। ଅଧ୍ୟକ୍ଷା ଜିନା କହିଛନ୍ତି, ପଞ୍ଚାୟତ ସମିତିର ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ବିଧାୟକ ହସ୍ତକ୍ଷେପ କରିବା କେତେଦୂର ଠିକ୍।

# ମୁକ୍ତିଲାଭ କଲା ଶିଶୁ ଚଳଚ୍ଚିତ୍ର 'ଫୁଲଫୁଟି ମହକିଲା'

କଟକ,୩।୧ (କାର୍ତ୍ତିକ ସାହୁ)

କଳାତ୍ମକ ଓଡ଼ିଆ ଶିଶୁ ଚଳଚ୍ଚିତ୍ର 'ଫୁଲଫୁଟି ମହକିଲା' କଟକସ୍ଥିତ ଦୁର୍ଗା ଆଇନକ୍ସ ହଲ୍‌ରେ ବୁଧବାର ମୁକ୍ତିଲାଭ କରିଛି। ଜଣେ ରିକ୍ସାବାଲା ନିଶାସକ୍ତ ଅବସ୍ଥାରେ ସ୍ତ୍ରୀଙ୍କୁ ମର୍ଡର କରି ଫେରାର ହୋଇଯାଇଛନ୍ତି। ତାଙ୍କର ୧୩ ବର୍ଷର ବେସାହାରା ଝିଅ ପୂଜା, ନିଜର ଛୋଟ ଦୁଇ ଭଉଣୀଭାଇଙ୍କ ପାଇଁ ଭଙ୍ଗା ବୋତଲ ଗୋଟାଇ ଦିନ କାଟୁଛନ୍ତି। କିଛିଦିନ ପରେ ସେମାନେ ଏକ ଶିଶୁ ଆଶ୍ରମରେ ରହନ୍ତି। ପୂଜା ସେଇଠି ପାଠପଢ଼ି ଓଡ଼ିଶାରେ ମାଟ୍ରିକ୍ ଟପ୍ପର ହୋଇଛି। ଦିନେ ପାଣିରେ ବୁଡ଼ିଯାଉଥିବା ଏକ ଛୋଟ ପିଲାର ଜୀବନ ବଞ୍ଚାଇ ରାଷ୍ଟ୍ରପତିଙ୍କ ଦ୍ୱାରା ପୂଜା ସମ୍ମାନିତ ହୋଇଛି। ଫୁଲଟିଏ ପରି ପଲ୍ଲୀରୁ ଦିଲ୍ଲୀ ଯାଏ, ନିଜ ପ୍ରତିଭାର ବାସ୍ନାରେ ମହକି ସେ ସବୁ ପିଲାଙ୍କ ପାଇଁ ଆଦର୍ଶ ପାଲଟିଯାଇଛି। ଚଳଚ୍ଚିତ୍ରଟି ଶିଶୁ ନିର୍ଯାତନା, ବାଲ୍ୟବିବାହ ଓ ନିଶା ନିବାରଣ ବିରୋଧରେ ସାମାଜିକ ସଚେତନତା ବାର୍ତ୍ତା ବହନ କରିଛି। ଏଭଳି ଏକ ହୃଦୟଛୁଆଁ ଶିଶୁ ଚଳଚ୍ଚିତ୍ର ଦର୍ଶକଙ୍କ ପ୍ରଶଂସା ସାଉଁଟି ପାରିଛି। ଚଳଚ୍ଚିତ୍ରର କାହାଣୀ, ସଂଳାପ, ଚିତ୍ରନାଟ୍ୟ, ପ୍ରଯୋଜନା ଓ ନିର୍ଦ୍ଦେଶନା ଦେଇଛନ୍ତି ଡ. ତ୍ରିଲୋଚନ ଖୁଣ୍ଟିଆ। ବିଭିନ୍ନ ଭୂମିକାରେ ଚୌଧୁରୀ ବିକାଶ ଦାସ, ଅଶ୍ରୁମୋଚନ ମହାନ୍ତି, କୁସୁମ ତ୍ରିପାଠୀ, ବାବୁ ପ୍ରଧାନ, ଜୀବନ ପଣ୍ଡା, ଈଶା ବେବର୍ତ୍ତା, ପଦ୍ମା ବସ୍ତିଆ, ନବକିଶୋର ଦାସ, ମିଟୁ ମିଥୁନ୍, ମୁନ୍ନା ମୋଦି ଏବଂ ଶିଶୁ କଳାକାର ଭାବେ ମୁଖ୍ୟ ଚରିତ୍ରରେ ସ୍ୱୀକୃତି ମହାନ୍ତି ରହିଛନ୍ତି। ସେହିପରି ତାପସ ଷଡ଼ଙ୍ଗୀ, ଶିବାନୀ ପ୍ରିୟଦର୍ଶିନୀ, ମାମୁନିଙ୍କ ସମେତ ନିର୍ଦ୍ଦେଶକ ଡ. ଖୁଣ୍ଟିଆ ଏକ ବିଶେଷ ଚରିତ୍ରରେ ଅବତୀର୍ଣ୍ଣ ହୋଇଛନ୍ତି।

# ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଲା, ଅନ୍ଧାରରେ ୭ ଗ୍ରାମ


ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ପଡ଼ିବାରୁ ରାସ୍ତାରେ ଗାଡ଼ି ଅଟକି ରହିଛି।

ଖୁଣ୍ଟୁଣୀ,୩।୧ (ସଚ୍ଚିଦାନନ୍ଦ ପଣ୍ଡା)

୫୫ନଂ. ଜାତୀୟ ରାଜପଥର ଖୁଣ୍ଟୁଣୀ ବସ୍‌ଷ୍ଟାଣ୍ଡ ନିକଟ ରାସ୍ତାପାର୍ଶ୍ୱରେ ବୁଧବାର ପୂର୍ବାହ୍ନରେ ଏକ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିପଡିଛି। ଏହି ସମୟରେ ଯାତାୟାତ କରୁଥିବା ଟ୍ରକ ଦୁର୍ଘଟଣାରୁ ବର୍ତ୍ତି ଯାଇଛି। ସ୍ଥାନୀୟ ବସ୍‌ଷ୍ଟାଣ୍ଡ ନିକଟରୁ ଖୁଣ୍ଟୁଣୀ–କୁଲାଇଲୋକୁ ଯାଇଥିବା ୧୧କେଭି ବିଦ୍ୟୁତ୍ ତାର ଜାତୀୟ ରାଜପଥ ଅତିକ୍ରମ କରିଛି। ଏବେ ସେଠାରେ ଏନ୍‌ଏଚ୍‌ଏଆଇ ପକ୍ଷରୁ ଓଭରବ୍ରିଜ କାମ ଚାଲିଛି। ବୁଧବାର ପୂର୍ବାହ୍ନରେ ରାସ୍ତା କାମରେ ନିୟୋଜିତ ଏକ ହାଇୱା ଡାଲା ଟେକି ପାଉଁଶଗୁଣ୍ଡ ପକାଉଥିଲା। ଏହି ସମୟରେ ହାଇୱାର ଡାଲା ବିଦ୍ୟୁତ୍‌ତାରରେ ଲାଗିଯିବାରୁ ଖୁଣ୍ଟ ଉପୁଡି ରାସ୍ତା ଉପରେ ପଡିଥିଲା। ବିଦ୍ୟୁତ୍ ତାର ଏଣେତେଣେ ଭିଡି ହୋଇପଡିବାରୁ ବସ୍‌ଷ୍ଟାଣ୍ଡରେ ଥିବା ଯାତ୍ରୀ ଓ ସ୍ଥାନୀୟ ବ୍ୟବସାୟୀ ଭୟଭୀତ ହୋଇ ଦୌଡିଥିଲେ। ରାସ୍ତାରେ ଖୁଣ୍ଟଟି ପଡି ରହିବାରୁ କିଛି ସମୟ ପାଇଁ ଗାଡି ଚଳାଚଳ ବ୍ୟାହତ ହୋଇଥିଲା। ଖୁଣ୍ଟୁଣୀ ବିଦ୍ୟୁତ୍ ଉକ୍ତ ଖୁଣ୍ଟକୁ ଉଠାଇବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ଏହି ଘଟଣା ପରେ ଖୁଣ୍ଟୁଣୀ, ଡାଳଭାଗ, ତୋଟାପଡା, ଚମ୍ପିଆ, କୁଲାଇଲୋ, ଭୋଗରା, ରାଣୀବଣିଆ ଗ୍ରାମ ପୂର୍ବାହ୍ନ ସାଢେ ୧୧ଟାରୁ ରାତି ୮ଟା ପର୍ଯ୍ୟନ୍ତ ଅନ୍ଧାରରେ ରହିଥିଲା। ଏ ସମ୍ପର୍କରେ ସ୍ଥାନୀୟ ଟିପିସିଓଡିଏଲ ଖୁଣ୍ଟୁଣୀ ଶାଖା କର୍ତ୍ତୃପକ୍ଷଙ୍କୁ ପଚରାଯିବାରୁ ସେ ସନ୍ତୋଷ ଜନକ ଉତ୍ତର ଦେଇପାରି ନ ଥିଲେ।

# କଟକ ମହୋତ୍ସବ ଉଦ୍‌ଘାଟିତ



କଳା ବିକାଶ କେନ୍ଦ୍ରରେ କଟକ ମହୋତ୍ସବର ବୁଧବାର ଉଦ୍‌ଘାଟନୀ ସନ୍ଧ୍ୟାରେ ଉପସ୍ଥିତ ଅତିଥିବୃନ୍ଦ।

କଟକ,୩।୧ (କାର୍ତ୍ତିକ ସାହୁ)

ଉତ୍କଳ ଯୁବ ସାଂସ୍କୃତିକ ସଂଘ ପକ୍ଷରୁ ୧୫ତମ କଟକ ମହୋତ୍ସବ କଳାବିକାଶ କେନ୍ଦ୍ରଠାରେ ବୁଧବାରଠାରୁ ଆରମ୍ଭ ହୋଇଛି। ମୁଖ୍ୟ ଅତିଥି ପ୍ରଫେସର ଡା. ଜୟନ୍ତ କୁମାର ପଣ୍ଡା ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ପ୍ରସେନଜିତ ମହାନ୍ତି, ରାଧାମୋହନ ସାହୁ ଓ ପ୍ରଭା ପଟ୍ଟନାୟକ ଯୋଗଦେଇଥିଲେ। କଳାବିକାଶ କେନ୍ଦ୍ରର ସଭାପତି ଡ. ବିଜୟାନନ୍ଦ ସିଂହ ଉଦ୍‌ଘାଟନୀ ସଭାରେ ଅଧ୍ୟକ୍ଷତା କରିଥିଲେ। ଡ. ସେକ୍ କଲିମୁଲ୍ଲା ସ୍ୱାଗତ ଭାଷଣ, ସାଧାରଣ ସମ୍ପାଦକ ଶିଳାଦିତ୍ୟ ରଥ ବିବରଣୀ ପାଠ ଓ ସମ୍ବିତ ଦାସ ଧନ୍ୟବାଦ ଦେଇଥିଲେ। ଅନୁରୂପା ରଥ ଓ ଅମରେନ୍ଦ୍ର ବେହୁରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ସନ୍ଧ୍ୟାରେ ଭିଲାଇରୁ ଆସିଥିବା ନୃତ୍ୟଶିଳ୍ପୀ ଅପୂର୍ବା ଗୁପ୍ତାଙ୍କ କଥକ ନୃତ୍ୟ ଦର୍ଶକଙ୍କ ଭରପୂର ମନୋରଞ୍ଜନ ଯୋଗାଇଛି। ଏଥିସହ କଟକର ତପସ୍ୱିନୀ ପଣ୍ଡାଙ୍କ ଏକକ ଓଡ଼ିଶୀ ନୃତ୍ୟରେ ଦର୍ଶକ ବିଭୋର ହୋଇଛନ୍ତି। ଦିବସବ୍ୟାପୀ ବିଭିନ୍ନ ନୃତ୍ୟ, ସଙ୍ଗୀତ ପ୍ରତିଯୋଗିତାରେ ନବାଗତ କଳାକାରମାନେ ଅଂଶଗ୍ରହଣ କଳାନୈପୁଣ୍ୟ ପ୍ରଦର୍ଶନ କରିଥିଲେ।

### ପାର୍କରୁ ହରିଣଙ୍କୁ କଟକର ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରାଯାଉ

କଟକ,୩।୧ (ଶିଳ୍ପା ପ୍ରିୟଦର୍ଶିନୀ)

କଟକ କ୍ୟାଣ୍ଟନମେଣ୍ଟ ରୋଡ୍‌ଠାରେ ଥିବା ଡିଅରପାର୍କରୁ ହରିଣଙ୍କୁ ସ୍ଥାନାନ୍ତର କରିବାକୁ ଭାଜପା ପକ୍ଷରୁ ଦାବି ହୋଇଛି। ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବଡୁଙ୍କ ନେତୃତ୍ୱରେ କର୍ପୋରେଟର ଓ କର୍ମୀମାନେ ସାମିଲ ହୋଇ ହରିଣ ପାର୍କ ସମ୍ମୁଖରେ ପ୍ରତିବାଦ କରିଛନ୍ତି। ଡିୟର ପାର୍କ କଟକର ଏକ ପରିଚୟ। ଏଣୁ କେତେକ ହରିଣକୁ ବାହାରକୁ ସ୍ଥାନାନ୍ତର ନ କରି କଟକସ୍ଥିତ ହାଡ଼ିଆପଠା, ଭୁଆସୁଣୀ ପଠା, ସିଡିଏ ଅଞ୍ଚଳରେ ଥିବା ଅନେକ ଖାଲି ସ୍ଥାନରେ ବ୍ୟବସ୍ଥା କରାଯାଇ ସ୍ଥାନାନ୍ତର କରାଯାଉ। କଟକ ସହରରୁ ପାର୍କ ସମ୍ପୂର୍ଣ୍ଣ ଭାବେ ଉଠା ନ ଯାଇ ସେଠାରେ କିଛି ହରିଣ ରଖାଯାଉ। ଅପରପକ୍ଷରେ ଡିୟର ପାର୍କକୁ ଅନ୍ୟତ୍ର ସ୍ଥାନାନ୍ତର କରି କଟକକୁ ଶ୍ରୀହୀନ କରିବାକୁ ରାଜ୍ୟ ସରକାର ଚକ୍ରାନ୍ତ କରୁଛନ୍ତି। ଏ ନେଇ ପ୍ରତିବାଦ କରାଯାଉଛି ବୋଲି ବଡୁ କହିଛନ୍ତି। ଏହି କାର୍ଯ୍ୟକ୍ରମରେ କର୍ପୋରେଟର ଗୋପାଳ ବେହେରା, ଗଗନ ଓଝା, ରାଜ୍ୟ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ରଶ୍ମିରେଖା ଦାସ, ହେମନ୍ତ ବେହେରା, ହରିଚନ୍ଦନ ନାୟକ, ନମିତା ମିଶ୍ର, ମହମ୍ମଦ ସବିର, ରତନ ମହାନ୍ତି, ନିରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ।

## ୧୦ ବର୍ଷ ବିତିଲା, ମିଳୁନି ସିକ୍ୟୁରିଟି ଅର୍ଥ

କଟକ ସଦର,୩।୧ (ସୁଶାନ୍ତ କୁମାର ଜେନା)

୨୦୧୩ ମସିହାରୁ ତ୍ରି–ସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନରେ ଶ୍ରମିକ ପ୍ରତିନିଧି(ଭିଏଲଏଲ)ଙ୍କ ଚୂଡାନ୍ତ ବିଲ୍‌ରୁ ସିକ୍ୟୁରିଟି (ଅମାନତ)ଅର୍ଥ ନ କାଟିବା ପାଇଁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ନିର୍ଦ୍ଦେଶନାମା ଜାରି କରିଥିଲା। କଟକ ସଦର ବ୍ଲକରେ ଏହି ନିୟମ ୨୦୧୭ରୁ ଲାଗୁ କରାଯାଇଥିଲା। ୨୦୧୩–୨୦୧୭ ମଧ୍ୟରେ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ସିକ୍ୟୁରିଟି ବାବଦ ଅର୍ଥ ବ୍ଲକ କାର୍ଯ୍ୟାଳୟରେ ଜମା ହୋଇରହିଛି। କାର୍ଯ୍ୟ କରିଥିବା ଶ୍ରମିକ ପ୍ରତିନିଧିମାନଙ୍କୁ ଆଜିପର୍ଯ୍ୟନ୍ତ ଏହି ଅର୍ଥ ଫେରସ୍ତ କରାଯାଇପାରି ନାହିଁ। ଏହି ଅର୍ଥ ନେବା ପାଇଁ ଶ୍ରମିକ ପ୍ରତିନିଧିମାନେ ବ୍ଲକ କାର୍ଯ୍ୟାଳୟକୁ ବାରମ୍ବାର ଆସିଥିଲେ ସୁଦ୍ଧା ସୁଫଳ ମିଳୁନି ବୋଲି ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି। କାହା ସ୍ୱାର୍ଥରେ ଏଭଳି କରାଯାଉଛି, ତାହାର ଉତ୍ତର ବ୍ଲକ କାର୍ଯ୍ୟାଳୟର କାହା ପାଖରେ ନାହିଁ। ସୂଚନା ଅନୁଯାୟୀ, ରାଜ୍ୟ ସରକାର ପତ୍ରସଂଖ୍ୟା ୨୪୮୭/୫।୧୦।୨୦୧୩ରେ ଅମାନତ ଅର୍ଥ ବିଲ୍‌ରୁ କାଟିବା ନିୟମକୁ ପ୍ରତ୍ୟାହାର କରିଥିଲେ। କିନ୍ତୁ ଏହି ପୁରୁଣା ବ୍ୟବସ୍ଥା ୨୦୧୭ ପର୍ଯ୍ୟନ୍ତ ଉକ୍ତ ବ୍ଲକରେ କାର୍ଯ୍ୟକାରୀ କରାଯାଇଥିଲା। ଅଡିଟ୍ ସରିଥିଲେ ସୁଦ୍ଧା ଅମାନତ ରାଶି ପ୍ରଦାନ କରାଯାଇନାହିଁ। ଅନ୍ୟପକ୍ଷରେ ରାଜ୍ୟ ସରକାର ନିର୍ଦ୍ଧାରଣ ସଂଖ୍ୟା।୧୩୨୨୦/୧୩।୭।୨୦୧୮ରେ ପଞ୍ଚାୟତିରାଜ ଅନୁଷ୍ଠାନରେ ସମସ୍ତ କାର୍ଯ୍ୟ ବିଭାଗୀୟ ତତ୍ତ୍ୱାବଧାନରେ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏବେ ସମସ୍ତ କାର୍ଯ୍ୟ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, କନିଷ୍ଠ ଓ ସହକାରୀ ଯନ୍ତ୍ରୀଙ୍କ ନାମରେ କରାଯାଉଥିବାରୁ ବିଲ୍‌ରୁ ୨ ପ୍ରତିଶତ ଅର୍ଥ ସ୍ଥଗିତ ପାଣ୍ଠିରେ ରଖାଯାଉଛି। ଯଥାଶୀଘ୍ର ଅମାନତ ରାଶି ଫେରସ୍ତ ଦେବା ପାଇଁ ଦାବି ହେଉଛି। ଏ ନେଇ ବିଡିଓ ରୁମାନା ଜାଫ୍ରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ପ୍ରତିକ୍ରିୟା ଦେଇ ନାହାନ୍ତି।

## 'ସହରର ଉନ୍ନତିରେ କୈଳାସଙ୍କ ଅବଦାନ ଅତୁଳନୀୟ'

ଚୌଦ୍ୱାର,୩।୧ (ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକାର ପୂର୍ବତନ ନଗରପାଳ, ଚୌଦ୍ୱାର ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି ସଭାପତି, ହିନ୍ଦ୍ ସେବକ ସଂଘ ଚୌଦ୍ୱାର କେନ୍ଦ୍ର ଉପଦେଷ୍ଟା କମିଟିର ସଦସ୍ୟ କୈଳାସ ଚନ୍ଦ୍ର ବେହେରାଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା ବୁଧବାର ସ୍ଥାନୀୟ ଶିଶୁ ସଦନରେ ଅନୁଷ୍ଠିତ ହୋଇଯାଇଛି। ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ରବୀନ୍ଦ୍ରନାଥ ନାୟକ, ସଦାନନ୍ଦ ସାହୁ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ଚୌଦ୍ୱାର କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରକାଶ କୁମାର ମହାପାତ୍ର, ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ପୂର୍ବତନ ନଗରପାଳ ପ୍ରେମଚାନ୍ଦ ନାୟକ ପ୍ରମୁଖ ଯୋଗଦେଇ ବେହେରାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଚୌଦ୍ୱାର ସହରର ଉନ୍ନତିରେ ବେହେରା ଅବଦାନ ଅତୁଳନୀୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସଙ୍ଗଠନର ଆଜୀବନ ସଦସ୍ୟ ଗଙ୍ଗାଧର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ପଦ୍ମଶ୍ରୀ ଉଚ୍ଛବ ଚରଣ ଦାସ, ଭାଜପା ନେତା ପ୍ରଶାନ୍ତ ହୋତା, ବୈରାଗୀ ଚରଣ ପ୍ରଧାନ, ଅକ୍ଷୟ କୁମାର ଭୂୟାଁ, ନଗର ବିଜେଡି ସଭାପତି ବିଷ୍ଣୁ ଚରଣ ପରିଡ଼ା, କାର୍ଯ୍ୟକାରୀ ସଭାପତି ବିମଳ ଚନ୍ଦ୍ର ବେଉରା, କାଉନସିଲର ଆଶୁତୋଷ ଦାସ, ଅଜୟ କୁମାର ବେହେରା, ଶିକ୍ଷାବିତ୍ ଭାଗବତ ରାଉତ, ସାହିତ୍ୟିକ ଦିବ୍ୟଜ୍ୟୋତି ପାଣିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବେହେରାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ସମାଜବାଦୀ ଆନ୍ଦୋଳନର ଅନ୍ୟତମ କର୍ଣ୍ଣଧାର ବିଶ୍ୱନାଥ

କଟକ,୩।୧ (କାର୍ତ୍ତିକ ସାହୁ)

ଦେଶରେ ଗଣତାନ୍ତ୍ରିକ ସମାଜବାଦୀ ଆନ୍ଦୋଳନର ଅନ୍ୟତମ କର୍ଣ୍ଣଧାର ଥିଲେ ବିଶ୍ୱନାଥ ପଣ୍ଡିତ। ଖଟିଖିଆ ମେହନତି ଲୋକଙ୍କର ସେ ମହାନ୍ ନେତା ଥିଲେ ବୋଲି ବିଶ୍ୱନାଥ ପଣ୍ଡିତଙ୍କ ଜୟନ୍ତୀ ଉତ୍ସବରେ ବକ୍ତାମାନେ କହିଛନ୍ତି। ସ୍ମୃତି ପରିଷଦ ପକ୍ଷରୁ ବୁଧବାର ଡଗରପଡ଼ା ବ୍ରାହ୍ମଣସାହିସ୍ଥ ପରିଷଦ କାର୍ଯ୍ୟାଳୟଠାରେ ଡା. ରବି ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମେୟର ସୁବାସ ସିଂ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ, ପୂର୍ବତନ ମେୟର ମୀନାକ୍ଷୀ ବେହେରା, ପୂର୍ବତନ ଡେପୁଟି ମେୟର ମଧୁସୂଦନ ସାହୁ, କର୍ପୋରେଟର ଆରତୀ ସାହୁ, ଭିକାରି ଦାସ, ବୀରେନ୍ଦ୍ର ପ୍ରତାପ ସ୍ୱାଇଁ, ହରିବନ୍ଧୁ ନାୟକ, ପ୍ରଶାନ୍ତ ନାୟକ, ଚିତ୍ତରଞ୍ଜନ ମହାନ୍ତି ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଶିବମ୍ ପଣ୍ଡିତ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଏସ୍‌ସିବି ମେଡିକାଲ, ସିଏମ୍‌ସି ପରିସରସ୍ଥ ମେହେନ୍ତର ସଂଘ କାର୍ଯ୍ୟାଳୟ ଓ ବିକାଶ ଭବନ ପରିସରରେ ଥିବା ବିଶ୍ୱନାଥ ପଣ୍ଡିତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।


କଟକ ବାଖରାବାଦସ୍ଥିତ ଗାନ୍ଧୀ ଭବନରେ ବୁଧବାର ଅନୁଷ୍ଠିତ ଗାନ୍ଧୀ ସ୍ମାରକୀ ବକ୍ତୃତାମାଳାରେ ଯୋଗଦେଇଥିବା ଅତିଥିବୃନ୍ଦ।

# ଏସ୍‌ସିବି ମେଡିକାଲ: ଲିଫ୍ଟ ମରାମତି ଦାବିରେ ଧାରଣା

କଟକ,୩।୧ (ଶିଳ୍ପା ପ୍ରିୟଦର୍ଶିନୀ)


ଧାରଣାରେ ବସିଥିବା ସୁଭାଷ ସଙ୍ଗଠନର ସଦସ୍ୟମାନେ।

କଟକ ଏସ୍‌ସିବି ମେଡ଼ିକାଲ କଲେଜ ଆଣ୍ଡ୍ ହସ୍ପିଟାଲର ଟ୍ରମା କାଜୁଆଲ୍‌ଟିରେ ରୋଗୀଙ୍କ ପାଇଁ ଥିବା ଲିଫ୍ଟ ଅଚଳ ହୋଇପଡିଛି। ତୁରନ୍ତ ଏହାର ମରାମତି ଦାବିରେ ସୁଭାଷ ସଙ୍ଗଠନର ସଦସ୍ୟମାନେ ବୁଧବାର କାଜୁଆଲ୍‌ଟି ସମ୍ମୁଖରେ ଧାରଣାରେ ବସିଥିଲେ। ଏସ୍‌ସିବିରେ ୫ ମହଲା ବିଶିଷ୍ଟ ଟ୍ରମା କାଜୁଆଲ୍‌ଟି ରହିଛି। ସେଠାରେ ଗୁରୁତର ରୋଗୀଙ୍କ ପାଇଁ ସେଣ୍ଟ୍ରାଲ ଆଇସିୟୁ ସହ ଅନ୍ୟାନ୍ୟ ଜରୁରିକାଳୀନ ସୁବିଧା ରହିଛି। ହେଲେ ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ ଲିଫ୍ଟ କିଛିଦିନ ହେବ ଅଚଳ ହୋଇପଡିଛି। ଫଳରେ ରୋଗୀମାନଙ୍କୁ ଷ୍ଟ୍ରେଚର ଯୋଗେ ନିଆଯାଉଛି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅତି ଗୁରୁତର ରୋଗୀଙ୍କୁ ଡାକ୍ତରମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବା ଛୋଟ ଲିଫ୍ଟ ହିଁ ଅଳ୍ପ ସାହା ଭରସା ପାଲଟିଛି। ଲିଫ୍ଟ ମରାମତି ପାଇଁ ମେଡିକାଲ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହାକୁ ପାଳନ କରାଯାଇନାହିଁ। ଫଳରେ ସଙ୍ଗଠନର ସଦସ୍ୟମାନେ ଧାରଣାରେ ବସିଥିଲେ। ମେଡିକାଲ କର୍ତ୍ତୃପକ୍ଷ ଏହାର ଉତ୍ତର ନ ଦେବା ପର୍ଯ୍ୟନ୍ତ ଧାରଣାରୁ ହଟିବୁ ନାହିଁ ବୋଲି ସେମାନେ ଜିଦ୍ ଧରିଥିଲେ। ଖବରପାଇ ମଙ୍ଗଳାବାଗ ଥାନା ଅଧିକାରୀ ସୁଧାଂଶୁ ଭୂଷଣ ଜେନା ଧାରଣାସ୍ଥଳରେ ପହଞ୍ଚି ଆଲୋଚନା କରିବା ପରେ ସଙ୍ଗଠନର ସଦସ୍ୟମାନେ ଧାରଣାରୁ ହଟିଥିଲେ। ଏନେଇ ସଙ୍ଗଠନର ସାଧାରଣ ସମ୍ପାଦକ ସୁରେଶ ମହାନ୍ତି କହିଛନ୍ତି, ଏସ୍‌ସିବି ମେଡିକାଲକୁ ଏମ୍‌ସ ପ୍ଲସ୍ କରିବାକୁ ସରକାର ଯେଉଁ ଘୋଷଣା କରିଛନ୍ତି ତାହା କେବଳ ପ୍ରହସନ। ବିଭିନ୍ନ ଅବ୍ୟବସ୍ଥା ଭିତରେ ରୋଗୀଙ୍କୁ ମରଣ ମୁହଁକୁ ଠେଲି ଦିଆଯାଉଛି। ଏଥିପାଇଁ ମେଡିକାଲ କର୍ତ୍ତୃପକ୍ଷ ଦାୟୀ। ଅପରପକ୍ଷରେ ଏସ୍‌ସିବି ମେଡିକାଲର ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତ କହିଛନ୍ତି, ଯାନ୍ତ୍ରିକ ତ୍ରୁଟି ଯୋଗୁ ୧୧ ଦିନ ହେବ ଲିଫ୍ଟ ଅଚଳ ରହିଛି। ଏହାର ମରାମତି ପାଇଁ ବିଦ୍ୟୁତ୍ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରାଯାଇଛି। ତାମିଲନାଡୁର କୋଏମ୍ବାଟୁର୍‌ରୁ ଯନ୍ତ୍ରାଂଶ ଆସୁଛି। ଗୁରୁବାର ସୁଦ୍ଧା ଲିଫ୍ଟ ମରାମତି ହୋଇଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ୧୦ ଗ୍ରାମ୍ ବ୍ରାଉନସୁଗାର ଜବତ: ଜଣେ ଗିରଫ



ବୋଲଗଡ଼,୩।୧(ଦେବବ୍ରତ ହୋତା): ବୋଲଗଡ଼ ଥାନା ପୋଲିସ ସଦଳବଳେ ମାଣିକାଗୋଡ଼ା ଗ୍ରାମରେ ମଙ୍ଗଳବାର ଚଢାଉ କରି ନାଲୁଉଦ୍ଦିନ ଖାଁଙ୍କୁ ବ୍ରାଉନସୁଗାର କାରବାର ଅଭିଯୋଗରେ ଗିରଫ କରିଥିଲା। ତାଙ୍କଠାରୁ ୧୦ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି, ଯାହାର ଆନୁମାନିକ ମୂଲ୍ୟ ୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ତାଙ୍କୁ ବୁଧବାର ବୋଲଗଡ ଥାନା କେସ୍ ନମ୍ବର ୧/୨୦୨୪, ଦଫା ୨୧(ଖ)/୨୯ ଏନ୍‌ଡିପିଏସ୍ ଆକ୍ଟରେ ଗିରଫ କରାଯାଇ ଖୋର୍ଦ୍ଧା କୋର୍ଟ ଚାଲାଣ କରାଯାଇଛି। ବୋଲଗଡ ଥାନା ଏସ୍‌ଆଇ ଲିଲି ପାଢ଼ୀ, ପ୍ରମୋଦ କୁମାର ନାୟକ, ଏଏସ୍‌ଆଇ ପ୍ରସନ୍ନ କୁମାର ଦଳାଇ, କନଷ୍ଟେବଲ ଦେବୀପ୍ରସାଦ ରଥ, ସରିଫ ଖାଁ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

### ମହିଳାଙ୍କୁ ମାଡ଼ ମାରି ପଡୋଶୀ ଗିରଫ

ବାରଙ୍ଗ,୩।୧(ଲିଙ୍ଗରାଜ ରାଉତ)– ଚନ୍ଦକା ଥାନା ଅଧୀନ ସିମିଳିପାଟଣା ଗ୍ରାମରେ ପ୍ରାଚୀର ଭଙ୍ଗାକୁ ନେଇ ଦୁଇ ପଡ଼ୋଶୀଙ୍କ ମଧ୍ୟରେ ହୋଇଥିବା ଗଣ୍ଡୋଗୋଳ ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟଚାଲଣ କରିଛି। ଗିରଫ ବ୍ୟକ୍ତି ଜଣଙ୍କ ହେଲେ କେଦାର ରଣସିଂ। ପୋଲିସ ଏନେଇ ୧/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତେବେ କେଦାରଙ୍କ ନାମରେ ୨୦୧୦ ମସିହାରେ ଚନ୍ଦକା ଥାନାରେ ଗୋଟିଏ ଅପରାଧିକ ମାମଲା ଥିବାର ପୋଲିସ ତଦନ୍ତବେଳେ ଜାଣିବାକୁ ପାଇଥିଲା। ପ୍ରକାସ ଯେ, କେଦାର ଓ ନିରୁପମା ରାଉତ ଉଭୟ ପଡ଼ୋଶୀ। ଗତ ଡିସେମ୍ବର ୧୭ରେ କେଦାର ଏକ ଗାଡ଼ି ସାହାଯ୍ୟରେ ମହିଳାଙ୍କ ଘର ଆଗରେ ଥିବା ପ୍ରାଚୀରକୁ ଭାଙ୍ଗି ଦେଇଥିଲେ। ମହିଳା ଜଣଙ୍କ ବୁଧବାର ଘରକୁ ଫେରି କେଦାରଙ୍କ ପାଖକୁ ଯାଇ ପ୍ରାଚୀର ଭାଙ୍ଗିବା ବାବଦରେ ପଚାରିଥିଲେ। ଏଥିରେ କେଦାର ରାଗି ଯାଇ ମହିଳାଙ୍କୁ ଗାଳିଗୁଲଜ କରିବା ସହ ଗୋଟିଏ ଠେଙ୍ଗାରେ ଆକ୍ରମଣ କରି ଧକ୍କା ଦେଇଥିଲେ। ନିରୁପମା ନିକଟରେ ଥିବା ଏକ କଣ୍ଟାବୁଦା ଉପରେ ପଡ଼ିବାରୁ ସେ ଗୁରୁତର ଆହତ ହୋଇଥିବା ଅଭିଯୋଗରେ ଦର୍ଶାଇଛନ୍ତି।

### କୁଜି ହରିଣ ମୃତ, ବାସନ୍ତୀ ଅସୁସ୍ଥ

ବାରଙ୍ଗ,୩।୧(ଲିଙ୍ଗରାଜ ରାଉତ): ପ୍ରାଣୀଉଦ୍ୟାନ ନନ୍ଦନକାନନକୁ ନୂଆବର୍ଷରେ ନୂଆ ଅତିଥି ଆସୁ ଆସୁ ଦିନକ ପରେ ଆଖି ବୁଜିଛି। କୁଜି ହରିଣ ଏନ୍‌କ୍ଲୋଜରରେ ରହୁଥିବା ହରିଣ ମଙ୍ଗଳବାର ଗୋଟିଏ ଶାବକକୁ ଜନ୍ମ ଦେଇଥିଲା। ମା' ଓ ଛୁଆ ସୁସ୍ଥ ଥିବାବେଳେ ଉଭୟ ଡାକ୍ତରଙ୍କ ନଜରବନ୍ଦିରେ ଥିଲେ। ହେଲେ ଛୁଆଟି ବୁଧବାର ହଠାତ୍ ଅସୁସ୍ଥ ହୋଇପଡ଼ିଥିଲା। ପ୍ରାଣୀ ଚିକିତ୍ସକମାନେ ତା'ର ଚିକିତ୍ସା ଜାରି ରଖିଥିଲେ ବି ତାକୁ ବଞ୍ଚେଇ ପାରି ନ ଥିଲେ। ସେହିପରି ହାତୀ ସଫାରିରେ ରହୁଥିବା ହାତୀ ବାସନ୍ତୀ ପୁଣି ଥରେ ଅସୁସ୍ଥ ହୋଇପଡ଼ିଛି। ଗତ କିଛିଦିନ ହେବ ଠିକ୍ ଭାବେ ଖାଦ୍ୟ ଗ୍ରହଣ ନ କରିବା ସହ ମଙ୍ଗଳବାରଠାରୁ ସେ ଖାଡ଼ା ବସି ନ ଥିବା ଜଣାପଡ଼ିଛି।

# ଦିନମଜୁରିଆଙ୍କୁ ସ୍ଥାନାନ୍ତର କଲା ପ୍ରଶାସନ

## କାମ ପାଇବା ଆଶଙ୍କା ଘାରିଲା

ଜଟଣୀ,୩।୧(ରବୀନ୍ଦ୍ରନାଥ ମହାକୁଡ଼)



ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ହରିଭାଇନା ଛକ ଅଞ୍ଚଳରୁ ଦିନମଜୁରିଆଙ୍କୁ ବୁଧବାର ପୌର ପ୍ରଶାସନ ସ୍ଥାନାନ୍ତର କରିଛି। ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ଜଟଣୀ–ଖୋର୍ଦ୍ଧା ଏବଂ ପିପିଲି ଏବଂ ଭୁବନେଶ୍ୱରକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ହରିଭାଇନା ଛକଠାରେ ଦୀର୍ଘ ୮ବର୍ଷରୁ ଅଧିକ ସମୟ ଧରି ପେଟପାଟଣା ପାଇଁ ହରିଭାଇନା ଛକଠାରେ ଶ୍ରମିକ ଦିନମଜୁରିଆ ଏକତ୍ରିତ ହୋଇଥାନ୍ତି। ଖୋର୍ଦ୍ଧା ଜିଲା ଏବଂ ପୁରୀ ଜିଲାର ବିଭିନ୍ନ ସ୍ଥାନରୁ ଗରିବ ଦିନମଜୁରିଆମାନେ ଆସି ଜଟଣୀ ହରିଭାଇନା ଛକଠାରେ ଏକାଠି ହୋଇ ଜଟଣୀ ସହର ଓ ପାଖଆଖ ଅଞ୍ଚଳକୁ ବିଭିନ୍ନ କାମ କରିବା ପାଇଁ ଯାଉଥିଲେ। ଜଟଣୀ ସହର, ଖୋର୍ଦ୍ଧା, ଭୁବନେଶ୍ୱର, ଯାଁଳା ଓ ସହରର ଆଖପାଖ ଅଞ୍ଚଳର ଲୋକେ ଏବଂ ବିଭିନ୍ନ ନିର୍ମାଣକାରୀ ସଂସ୍ଥା, ଠିକାଦାର, ମିସ୍ତ୍ରିମାନେ ହରିଭାଇନା ଛକକୁ ଆସି ମଜୁରିଆଙ୍କୁ କାର୍ଯ୍ୟ ପାଇଁ ନେଇଯାଉଥିଲେ। ତେବେ ମୁଖ୍ୟ ରାସ୍ତାରେ ଦିନମଜୁରିଆଙ୍କ ଗହଳି ଲାଗିରହୁଥିବାରୁ ଟ୍ରାଫିକ ସମସ୍ୟା ଉପୁଜୁଥିବା କହି ପୌର ଏବଂ ପୋଲିସ ପ୍ରଶାସନ ସେମାନଙ୍କୁ ଛକରୁ ହଟାଇ ଅନ୍ୟତ୍ର ସ୍ଥାନାନ୍ତର କରିଛି। ଦିନମଜୁରିଆମାନେ ଟାଉନ ହଲ (ସ୍ରଷ୍ଟା) ସମ୍ମୁଖରେ କାମ ପାଇଁ ଏକାଠି ହେବେ ବୋଲି ଜଣାପଡ଼ିଛି। ପ୍ରଶାସନର ଏଭଳି ପଦକ୍ଷେପକୁ ନେଇ ଦିନମଜୁରିଆଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସେମାନେ କେମିତି ଚଳିବେ ଓ କିଏ ସେମାନଙ୍କୁ କାମ ଦେବ ବୋଲି ଦୁଃଖରେ ପ୍ରକାଶ କରିବା ସହିତ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ଓ ସ୍ଥାନୀୟ ନେତା ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ଜଟଣୀ ନଗରପାଳ ଅନନ୍ତ ବେହେରା କହିଛନ୍ତି, ସହରରେ ଟ୍ରାଫିକ ସମସ୍ୟା ଦିନକୁ ଦିନ ବଢୁଥିବାରୁ ଏବଂ ଉକ୍ତ ଛକରେ ଘଣ୍ଟା ଘଣ୍ଟା ଧରି ଜନଗହଳି ଲାଗିରହୁଥିବାରୁ ଅନେକ ସମୟରେ ଲୋକେ ଦୁର୍ଘଟଣାର ଶିକାର ହେଉଥିଲେ। ଜନସାଧାରଣଙ୍କ ସୁରକ୍ଷା ଏବଂ ଟ୍ରାଫିକ ସମସ୍ୟାରେ ସୁଧାର ଆଣିବା ପାଇଁ ପଦକ୍ଷେପ ନିଆଯାଇଛି। ସ୍ଥାନୀୟ ଟାଉନ ହଲଠାରେ ଦିନମଜୁରିଆ ଏକତ୍ରିତ ହୋଇ ବିଭିନ୍ନ ସ୍ଥାନକୁ କାମରେ ସୁବିଧାରେ ଯାଇପାରିବେ ବୋଲି ସେ କହିଛନ୍ତି।

# ନାଟକ, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ



ନିରାକାରପୁର, ୩।୧(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ମଳିପଡ଼ାଠାରେ ଥିବା କବି ପ୍ରସନ୍ନ ପାଟ୍ଟଶାଣୀ ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ ପକ୍ଷରୁ ବୁଧବାର ମହାବିଦ୍ୟାଳୟ ପରିସରରେ ନୂଆ–ଓ ଯୁବ ଓଡ଼ିଶା ଅନ୍ତର୍ଗତ ସାଂସ୍କୃତିକ ପ୍ରତିଯୋଗିତା ଏବଂ ସାମାଜିକ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ କଲେଜ ପ୍ରତିଷ୍ଠାତା ସମ୍ପାଦକ ଦୁଃଶାସନ ଗୁମାନସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ସୁରେନ୍ଦ୍ରନାଥ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ଏମ୍‌ପି ଡ. ପ୍ରସନ୍ନ କୁମାର ପାଟ୍ଟଶାଣୀ, ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ବ୍ଲକ ଅଧକ୍ଷା ଶ୍ରୀମୟୀ ପ୍ରିୟଦର୍ଶିନୀ, ପରିଚାଳନା ସମିତି ସଭାପତି ଗତିକୃଷ୍ଣ ଉତ୍ତରକବାଟ, ସମାଜସେବୀ ଜୟଶ୍ରୀ ଧଳ ପ୍ରମୁଖ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ବିଭିନ୍ନ ସାଂସ୍କୃତିକ ନୃତ୍ୟ ପରିବେଷଣ କରାଯାଇଥିଲା ଏବଂ ଛାତ୍ର ବିଶ୍ୱଜିତଙ୍କ ନିର୍ଦ୍ଦେଶନାରେ ସାମାଜିକ ନାଟକ 'ଏଇତ ସମାଜ' ମଞ୍ଚସ୍ଥ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମଞ୍ଚକୁ ଶିକ୍ଷାବିତ୍ ଡ. ଗୌରହରି ମିଶ୍ର ପରିଚାଳନା କରିଥିଲେ। ଅଧ୍ୟାପକ ଖୋକନ ଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ।



ଟାଙ୍ଗୀ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ସଡ଼କ ସୁରକ୍ଷା ସଂକ୍ରାନ୍ତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

# ସଡ଼କ ସୁରକ୍ଷା ସଂକ୍ରାନ୍ତ ସ୍ଲୋଗାନ, ଚିତ୍ରାଙ୍କନ ପ୍ରତିଯୋଗିତା

ଟାଙ୍ଗୀ,(ଖୋର୍ଦ୍ଧା) ୩।୧ (ରଘୁନାଥ ସାହୁ)

ସଡ଼କ ସୁରକ୍ଷା ସଂକ୍ରାନ୍ତ ବ୍ଲକସ୍ତରୀୟ ସ୍ଲୋଗାନ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଟାଙ୍ଗୀ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ ବ୍ଲକ ଅନ୍ତର୍ଗତ ୧୧ଟି କ୍ଲଷ୍ଟରରୁ ପଞ୍ଚମଶ୍ରେଣୀଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ୪୪ ଜଣ ଛାତ୍ରୀଛାତ୍ର ଯୋଗଦେଇ ଥିଲେ। କନିଷ୍ଠ ବିଭାଗରେ ପଞ୍ଚମ ଶ୍ରେଣୀରୁ ଅଷ୍ଟମ ଓ ବରିଷ୍ଠ ବିଭାଗରେ ନବମ ଶ୍ରେଣୀ ଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଯୋଗଦେଇଥିଲେ। ସ୍ଲୋଗାନ ପ୍ରତିଯୋଗିତାର ବରିଷ୍ଠ ବିଭାଗରେ ଟାଙ୍ଗୀ ବାଳିକା ଉଚ୍ଚ ବିଦ୍ୟାଳୟର ସାଇଶ୍ରୀ ମହାପାତ୍ର, ଦୁର୍ଗାଚରଣ ଚିଲିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସନ୍ତୋଷ କୁମାର ମହାପାତ୍ର, କନିଷ୍ଠ ବିଭାଗରେ ସାମନ୍ତ ଗୋପୀନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଆଶୁତୋଷ ସାହୁ, ନାଲ ସିଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନିବେଦିତା ବଡ଼ଜେନା, କୁହୁଡି କ୍ଷେତ୍ରବାସୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସୁଚିତ୍ରା ସ୍ୱାଇଁ କୃତିତ୍ୱ ହାସଲ କରିଛନ୍ତି। ଚିତ୍ରାଙ୍କନ ବରିଷ୍ଠ ବିଭାଗରେ ବାଲିପାଟପୁର ରିଫ୍ୟୁଜି ହାଇସ୍କୁଲର କାହ୍ନା ବେହେରା, ଟାଙ୍ଗୀ ବାଳିକା ଉଚ୍ଚ ବିଦ୍ୟାଳୟର ଅର୍ଚ୍ଚିତା ଅପରାଜିତା, ନାଲ ସିଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଧିରେନ ଜେନା, କନିଷ୍ଠ ବିଭାଗରେ କନ୍ତଳବାଇ ସ୍ୱପ୍ନତାରା ମିଳିତ ଏକାଡେମୀର ରଶ୍ମିତା ଦଳାଇ, ଅଚ୍ୟୁତପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସ୍ମୃତିସମ୍ପୂର୍ଣ୍ଣା ମହାପାତ୍ର, ମଙ୍ଗଳାଯୋଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟମ୍‌ର ରାନୀ ସ୍ୱାଇଁଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ସାହୁ ସଂଯୋଜନା କରିଥିଲେ। ସହଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଧାଂଶୁ ମଞ୍ଜରୀ ଦେବୀ, ସାବିତ୍ରୀ ସାହୁ, ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ପରିଡ଼ା, ପ୍ରସନ୍ନ କୁମାର ଶ୍ରୀଚନ୍ଦନ, ସିଆରସିସି ପ୍ରସନ୍ନ ପାଇକରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ୬୭ ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୩।୧(ସତ୍ୟଜିତ୍ ରାଉତ)

୬୭ ଲକ୍ଷ ଠକିବା ଅଭିଯୋଗରେ ବଡ଼ଗଡ଼ ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏୟାରପୋର୍ଟ ଥାନା ଅନ୍ତର୍ଗତ ପୋଖରୀପୁଟରେ ରହୁଥିବା ପୁରୀ ଜିଲା ଡେଲାଙ୍ଗ ଅଞ୍ଚଳର କୁଳମଣି ପରିଡ଼ା (୫୧)। ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ କୁଳମଣି ଓ ଅନ୍ୟ ଜଣେ ମହିଳାଙ୍କଠାରୁ ଅଭିଯୋଗକାରୀ ରବୀନ୍ଦ୍ର କୁମାର ସାହୁ କଳାରାହଙ୍ଗ ମଉଜାରେ ୨୦୧୬ ଏପ୍ରିଲରେ ଏକ ପ୍ଲଟ୍ କିଣିଥିଲେ। ରବୀନ୍ଦ୍ର ଉକ୍ତ ପ୍ଲଟକୁ ନାମନ୍ତକରଣ କରିବା ପରେ ହାଉସିଂ ଲୋନ୍ କରିଥିଲେ। ପରେ ରବୀନ୍ଦ୍ର ଜାଣିବାକୁ ପାଇଥିଲେ ଯେ, ବ୍ୟାଙ୍କ ଅଫ୍ ବରୋଦା ନୟାପଲ୍ଲୀ ଶାଖାରେ ଉକ୍ତ ପ୍ଲଟଟି ବନ୍ଧକ ରହିବା ସହ ବ୍ୟାଙ୍କ ଦ୍ୱାରା ସିଇଆର୍‌ସିଏଆଇ ମଧ୍ୟ ଲାଗୁ ହୋଇଛି। ଏନେଇ ରବୀନ୍ଦ୍ର ଜାଣିବା ପରେ କୁଳମଣିଙ୍କୁ ପଚାରିଥିଲେ। କୁଳମଣି ତାଙ୍କ ଭୁଲ୍ ସ୍ୱୀକାର କରିବା ସହ ନେଇଥିବା ୭୦ ଲକ୍ଷ ଟଙ୍କା ଫେରାଇଦେବାକୁ ଆଫିଡେଭିଟ୍ କରିଥିଲେ। ହେଲେ ସେ ୩ ଲକ୍ଷ ଟଙ୍କା ଦେଇ ଆଉ ଧରାଛୁଆଁ ଦେଉ ନ ଥିଲେ। ଏନେଇ ରବୀନ୍ଦ୍ରଙ୍କ ଏତଲା ଭିତ୍ତିରେ ନଭେମ୍ବର ୪ରେ ପୋଲିସ ଏକ ମାମଲା (ନଂ.୬୧୦/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ୧୦ରେ ବ୍ଲକସ୍ତରୀୟ ପ୍ରଧାନଶିକ୍ଷକ ବୈଠକ

ଭୁବନେଶ୍ୱର, ୩।୧(ଅସମାପିକା ସାହୁ)

ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ସାମଗ୍ରିକ ଶୈକ୍ଷିକ ବିକାଶ ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆସନ୍ତା ୧୦ ତାରିଖରେ ସମସ୍ତ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ ଚତୁର୍ଥ ବ୍ଲକସ୍ତରୀୟ ମାସିକ ବୈଠକ ଅନୁଷ୍ଠିତ ହେବ। ପ୍ରତ୍ୟେକ ବ୍ଲକ୍‌ର ବ୍ଲକ୍ ଶିକ୍ଷାଧିକାରୀ(ବିଇଓ)ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ବିକାଶ ପାଇଁ ଆବଶ୍ୟକ ପଦକ୍ଷେପ ସମ୍ବନ୍ଧରେ ଆଲୋଚନା କରାଯିବ। 'ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ' ପାଇଁ ବିଦ୍ୟାଳୟ ସ୍ତରରେ ଆୟୋଜିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ଏହି ବୈଠକରେ ଆଲୋଚନାର ମୁଖ୍ୟ ବିଷୟ ବସ୍ତୁ ରହିବ ବୋଲି ବୁଧବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟ ସରକାରଙ୍କ ବିଭିନ୍ନ ଶିକ୍ଷା ଯୋଜନା ବିଷୟରେ ବିଇଓମାନେ ବିସ୍ତୃତ ବିବରଣୀ ପ୍ରଦାନ କରିବେ। ରୂପାନ୍ତରିତ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ଦିଆଯାଉଥିବା ଶିକ୍ଷାର ମାନ, ସେମାନଙ୍କ ଅସୁବିଧା ଓ ତାହାର ସମାଧାନ, ଶିକ୍ଷା ବିକାଶ ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପର ସୁପରିଚାଳନା ଭଳି ବହୁ ବିଷୟବସ୍ତୁ ଉପରେ ବୈଠକରେ ଆଲୋଚନା କରାଯିବ। ସ୍ମାର୍ଟ ଶ୍ରେଣୀଗୃହ, ଇ–ପାଠାଗାର, ବିଜ୍ଞାନ ପରୀକ୍ଷାଗାର, ଶୁଦ୍ଧ ପାନୀୟ ଜଳ, ପୃଥକ ଶୌଚାଳୟ, ବିଦ୍ୟାଳୟ ପରିସରର ରକ୍ଷଣା ବେକ୍ଷଣ ଆଦି ବିଷୟ ସହ ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମାଗଣା ସାଇକେଲ ବାବଦ ଅର୍ଥରାଶିର ବଣ୍ଟନ ଆଦି ଏଥିରେ ସ୍ଥାନ ପାଇବ। ପୂର୍ବାହ୍ନ ୧୦ଟା ୩୦ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଏହି ବୈଠକ ହେବ।

# ବିଜେଡିରେ ଯୋଗଦେଲେ ଶତାଧିକ ଭାଜପା କର୍ମୀ



କୃଷ୍ଣପ୍ରସାଦ,୩।୧(କୈଳାଶ ଚନ୍ଦ୍ର ପଟ୍ଟନାୟକ)

ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ କୃଷ୍ଣପ୍ରସାଦ ବ୍ଲକ ବଜ୍ରକୋଟ ପଞ୍ଚାୟତ ବାଉରୀ ପଲ୍ଲୀ ପୁରୁଣା ସାହିର ବହୁ ଭାଜପା କର୍ମୀ ବିଜେଡିରେ ବୁଧବାର ଯୋଗ ଦେଇଛନ୍ତି। ଭାଜପାରେ ରହି କୃଷ୍ଣପ୍ରସାଦ ବ୍ଲକରେ କୌଣସି ବିକାଶମୂଳକ କାର୍ଯ୍ୟ ହୋଇ ପାରିନାହିଁ। ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ମୁଖ୍ୟାଳୟ ସଞ୍ଜୟ ଦାସବର୍ମାଙ୍କ ନେତୃତ୍ୱରେ ଆସ୍ଥା ପ୍ରକଟ କରି ନବୀନ ପଟ୍ଟନାୟକଙ୍କ ବିକାଶ ଧାରାରେ ସାମିଲ ହୋଇଥିବା ନୂତନ କର୍ମୀମାନେ କହିଛନ୍ତି। ସେହିପରି ବାଘମରା ଗ୍ରାମର ବହୁ କର୍ମୀ ଭୁବନେଶ୍ୱରର ମିଶ୍ରଣ ପର୍ବରେ ଯୋଗଦେଇ ଭାଜପାକୁ ଛାଡି ବିଜେଡିରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ କୃଷ୍ଣପ୍ରସାଦ ବ୍ଲକ ବିଜେଡି ସଭାପତି ଲକ୍ଷ୍ମୀଧର ସାହୁ ଉପସ୍ଥିତ ଥିଲେ।

# ପିଚୁକୁଳି ସେବା ସମବାୟ ସମିତିରେ ତାଲା

ବୋଲଗଡ଼,୩।୧(ଦେବବ୍ରତ ହୋତା)



ବୋଲଗଡ଼ ବ୍ଲକ ପିଚୁକୁଳି ସେବା ସମବାୟ ସମିତିରେ ବୁଧବାର ଚାଷୀ ମଣ୍ଡିରେ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଥିଲେ। ନିୟମାନୁସାରେ ଧାନର ଟାର୍ଗେଟ ପରିମାଣ ମେସେଜରେ ଆସିନାହିଁ। ସେମାନଙ୍କ ପାଖକୁ ଆସିଥିବା ମେସେଜରେ ଧାନକ୍ରୟ ଟାର୍ଗେଟ କମ୍ ରହିଛି। କମ୍ ପରିମାଣର ଟାର୍ଗେଟ କିଣିବାକୁ ମେସେଜ ପାଇବା ପରେ କେତେକ ଚାଷୀ ଏହାର ପ୍ରତିବାଦରେ ସେବା ସମବାୟ ସମିତିର ମୁଖ୍ୟ ଫାଟକରେ ତାଲା ପକାଇଥିଲେ। ଫଳରେ ସମିତି କାର୍ଯ୍ୟାଳୟ ବନ୍ଦ ରହିଥିବାବେଳେ କର୍ମଚାରୀ ବାହାରେ ବସି ରହିଥିଲେ। ଏସମ୍ପର୍କରେ ଉକ୍ତ ସମିତିର ପରିଚାଳନା ପରିଷଦ ସଭାପତି ତଥା ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ଡାଇରେକ୍ଟର ପବିତ୍ର ମୋହନ ମାଝୀଙ୍କୁ ପଚାରିବାରେ, ସମିତିରେ ଅନେକ ପଞ୍ଜୀକୃତ ଚାଷୀଙ୍କ ଜମି ପରିମାଣ ଅନୁଯାୟୀ ଧାର୍ଯ୍ୟ ମୁତାବକ ମଣ୍ଡିରେ ଧାନ କ୍ରୟ ପାଇଁ ଟାର୍ଗେଟ ନ ଆସି କମ୍ ପରିମାଣ ମେସେଜ ଆସିଥିବା ଚାଷୀ ପ୍ରତିବାଦ କରୁଛନ୍ତି। ତେଣୁ ବିଭାଗୀୟ କର୍ତ୍ତୃପକ୍ଷ ଏହାର ସମାଧାନ ପାଇଁ ଦୃଷ୍ଟି ଦେବାକୁ ଆମେ ଅନୁରୋଧ କରୁଛୁ।

# ଗୀତା ପାଠ ଭଗବତ୍ ପ୍ରାପ୍ତି ମାର୍ଗ ପ୍ରଶସ୍ତ କରେ

ଖୋର୍ଦ୍ଧା,୩।୧ (ପ୍ରଭାତ ପାଣିଗ୍ରାହୀ)

ଗୀତା ଗବେଷଣା ପରିଷଦ ପକ୍ଷରୁ ସପ୍ତାହ ବ୍ୟାପୀ ଚାଲିଥିବା ଗୀତା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଗୀତା ଏକ ଅମୂଲ୍ୟ ଗ୍ରନ୍ଥ। ଦୈନିକ ଗୀତା ପାଠ ଦ୍ୱାରା ମନୁଷ୍ୟ ଜୀବନରେ ସୁଖଶାନ୍ତି, ସମୃଦ୍ଧି ପ୍ରାପ୍ତ କରିପାରିବ ବୋଲି ମତ ପ୍ରକାଶ ପାଇଛି। ପରିଷଦ ସଭାପତି ମହନ୍ତ ଅନନ୍ତ ନାରାୟଣ ଦେବାଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଦିବସରେ ଚୈତନ୍ୟ ଆଶ୍ରମର ଗବେଷକ ଜାନକୀ ବଲ୍ଲଭ ପଟ୍ଟନାୟକ ଯୋଗଦେଇ ମାର୍ଗଦର୍ଶନ କରିଥିଲେ। ମାନବୀୟ ଜୀବନମୂଲ୍ୟର ଆଧାର ହେଉଛି ଗୀତା। ପାଠ ଦ୍ୱାରା ଆଧ୍ୟାତ୍ମିକତା ସହ ଭଗବତ୍ ପ୍ରାପ୍ତି ଏବଂ ସକାରାତ୍ମକ ଭାବ ଜାଗ୍ରତ ହୋଇଥାଏ ବୋଲି କହିଥିଲେ। ଭାଗବତ ପାଠ, ଆବୃତ୍ତି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ନବଦିନ ବ୍ୟାପୀ ସ୍ୱାମୀ ସଚ୍ଚିଦାନନ୍ଦ ମହାରାଜ ଆର୍ଶୀବଚନ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୟାନିଧି ରାଉତରାୟ, ନିର୍ମଳ ଦାଶ, ମିହିର ବିଧାର, ବିମଳ ଷଡଙ୍ଗୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସମ୍ପାଦକ ଶକ୍ତିଶଙ୍କର ମିଶ୍ର ଗୀତାଭବନ ବିବରଣ ପାଠ ସହ ସଂଯୋଜନା କରିଥିଲେ।



ମହୋତ୍ସବରେ ଗୀତାପାଠ କରାଯାଉଛି।

# ସରକାରୀ ଜାଗାରୁ ଉଚ୍ଛେଦ ଦାବିରେ ଅନଶନ

ବୋଲଗଡ଼,୩।୧(ଦେବବ୍ରତ ହୋତା)

ବୋଲଗଡ଼ ଗ୍ରାମ ସିଆଳିଆ ନୂଆସାହିରେ ଜନୈକ ବ୍ୟକ୍ତି ସରକାରୀ ଜାଗା ଜବରଦଖଲ କରି ଘର କରିଛନ୍ତି। ଉକ୍ତ ଜାଗାରୁ ଜବରଦଖଲ ଉଚ୍ଛେଦ ପାଇଁ ବୋଲଗଡ଼ ତହସିଲ ଅଫିସ ଆଗରେ ଉକ୍ତ ଶିଆଳିଆ ନୂଆସାହିର ସୁରେନ୍ଦ୍ର ଦଳାଇ ଆମରଣ ଅନଶନରେ ବସିଛନ୍ତି। ତାଙ୍କୁ ସମର୍ଥନ ଜଣାଇ ସାହିର ଅନେକ ମହିଳା ଓ ପୁରୁଷ ବୋଲଗଡ ତହସିଲ ସମ୍ମୁଖରେ ମଧ୍ୟ ଧାରଣା ଦେଇଛନ୍ତି। ଅନଶନକାରୀଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ସାହିର ଜଣେ ବ୍ୟକ୍ତି ଖୋର୍ଦ୍ଧା–ବଲାଙ୍ଗୀର ୫୭ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ନୟନଯୋରି କିସମର ୬୦ ଡିସିମିଲ ପରିମିତ ପୂର୍ତ୍ତବିଭାଗ ଜାଗାକୁ ଜବରଦଖଲ କରି ଦୀର୍ଘବର୍ଷ ହେଲା ଘର ତୋଳିଛନ୍ତି। ଏହି ଘର ଉଚ୍ଛେଦ ପାଇଁ ଶିଆଳିଆ ନୂଆସାହି ବାସିନ୍ଦା ତହସିଲ ପ୍ରଶାସନକୁ ଅଭିଯୋଗ ଜଣାଇବା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉନାହିଁ। ଅନ୍ୟପକ୍ଷରେ ସମ୍ପୃକ୍ତ ସ୍ଥାନକୁ ଲାଗି ଅନ୍ୟ ଏକ ସରକାରୀ ଜାଗାକୁ ସାହିବାସିନ୍ଦା ଠାକୁରାଣୀ ମନ୍ଦିର କରିବା ପାଇଁ ତାରବାଡ଼ ଆବଦ୍ଧ କରିଥିଲେ। ସମ୍ପୃକ୍ତ ବ୍ୟକ୍ତି ତାରବାଡ଼ ହଟାଇବା ପାଇଁ ଡିସେମ୍ବର ୨୬ରେ ତହସିଲ ଅଫିସ ସମ୍ମୁଖରେ ଅନଶନ କରିଥିଲେ। ତହସିଲଦାର ସାହିଲୋକଙ୍କ ସହିତ ଆଲୋଚନା ନ କରି ତାରବାଡ଼ ହଟାଇଦେଇଥିଲେ। ତେଣୁ ଏହାର ପ୍ରତିବାଦରେ ୱାର୍ଡସଭ୍ୟା ବିଦ୍ୟୁତଲତା ଦଳାଇ, ଗ୍ରାମବାସୀ ନିତ୍ୟାନନ୍ଦ ମହାରଣା, ବୈକୁଣ୍ଠ ସାହୁ, ଲକ୍ଷ୍ମୀଧର ସାହୁ, ବନମାଳୀ ସାମନ୍ତରାୟ, ବସନ୍ତ ଖଟେଇ, କୁମାରୀ ସାହୁ, ପ୍ରଭାତୀ ସାହୁ, ତିଳୋତ୍ତମା ସାହୁ, ମମତା ସାମନ୍ତରାୟ ପ୍ରମୁଖ ଧାରଣା ଦେଇଛନ୍ତି। ତହସିଲଦାର ନିବେଦିତା ପରିଡ଼ା ଏବଂ ଥାନା ଆଇଆଇସି ସ୍ନିଗ୍ଧାମୟୀ ବରାଳ ଅନଶନକାରୀଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ଅନଶନ ଜାରି ରହିଛି। କେତେଜଣ ଅସୁସ୍ଥଙ୍କୁ ଚିକିତ୍ସା ପାଇଁ ପଠାଯାଇଛି।



ଉଚ୍ଛେଦ ଦାବିରେ ଗ୍ରାମବାସୀ ତହସିଲ ଅଫିସ ଆଗରେ ଅନଶନ କରିଛନ୍ତି।

# ଚିଲିକାରେ ପକ୍ଷୀ ଗଣନା ଆଜି, ସାମିଲ୍ ହେବେ ୨୧ ଟିମ୍

ବାଲୁଗାଁ, ୩।୧ (ସଂଗ୍ରାମ ପାଇକରାୟ)



ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଆନୁକୂଲ୍ୟରେ ଗୁରୁବାର ଚିଲିକାରେ ପକ୍ଷୀଗଣନା କାର୍ଯ୍ୟ ହେବ। ଏଥିପାଇଁ ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। ଏହି ପରିପ୍ରେକ୍ଷୀରେ ବୁଧବାର ବାଲୁଗାଁ ନିକଟ ଚନ୍ଦ୍ରାପୁଟସ୍ଥିତ ସିଡିଏ ଗବେଷଣା କେନ୍ଦ୍ର ଗୃହରେ ଗଣନାକାରୀଙ୍କୁ ସବିଶେଷ ତାଲିମ୍ ଦିଆଯାଇଛି।

ଡିଏଫ୍‌ଓ ଅମ୍ଲାନ କୁମାର ନାୟକ ପ୍ରାରମ୍ଭିକ ଭାବେ ପକ୍ଷୀଗଣନା କାର୍ଯ୍ୟର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଆରସିସିଏଫ୍ ଡ. ସଞ୍ଜିତ କୁମାର, ପିସିସିଏଫ୍ ବିକାଶ ରଞ୍ଜନ ଦାଶ, ଅବସରପ୍ରାପ୍ତ ଆଇଏଫ୍‌ଏସ୍ ପି.କେ. ମିଶ୍ର, ବମ୍ବେ ନାଚୁରାଲ ହିଷ୍ଟ୍ରି ଅଫ୍ ସୋସାଇଟିର ନିର୍ଦ୍ଦେଶକ ପି. ସାଥିଆ ସେଲଭମ୍ ଏବଂ ପ୍ରଫେସର ଡ. ଶ୍ୱେତାଶ୍ରୀ ପୁରୋହିତ ପ୍ରମୁଖ ପକ୍ଷୀଗଣନା ସମ୍ପର୍କରେ ଗଣନାକାରୀଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ସମଗ୍ର ଚିଲିକା ଅଧୀନ ଅଞ୍ଚଳରେ ୨୧ଟି ଟିମ୍ ଗଣନା କାର୍ଯ୍ୟରେ ସାମିଲ୍ ହୋଇଥିବାବେଳେ ମୋଟ ୧୨୦ ଜଣ ଏହି ତାଲିମ୍ ଶିବିରରେ ପ୍ରଶିକ୍ଷଣ ନେଇଛନ୍ତି। ଏଥିରେ ୱାଇଲ୍ଡ ଓଡ଼ିଶା, ବମ୍ବେ ନାଚୁରାଲ ହିଷ୍ଟ୍ରି ଅଫ୍ ସୋସାଇଟି, ଓୟୁଏଟି, ବିଭିନ୍ନ ବିଶ୍ୱବିଦ୍ୟାଳୟର ପ୍ରଫେସର, ଛାତ୍ରୀଛାତ୍ର ଏବଂ ବହୁ ଅଭିଜ୍ଞ ପକ୍ଷୀ ବିଶାରଦ ସାମିଲ୍ ଥିବା ଜଣାଯାଇଛି। ପ୍ରତ୍ୟେକ ଗଣନାକାରୀ ଦଳକୁ ଗୋଟିଏ ଲେଖାଏ ଡଙ୍ଗା ଯୋଗାଇ ଦିଆଯାଇଥିବା ବେଳେ ପ୍ରତି ଟିମ୍‌ରେ ଅଭିଜ୍ଞ ପକ୍ଷୀ ବିଶାରଦଙ୍କ ସମେତ ୪ଜଣ ସହଯୋଗୀ ନିୟୋଜିତ ହୋଇଛନ୍ତି। ଗଣନା ପାଇଁ ପ୍ରତ୍ୟେକ ଦଳକୁ ୱାକିଟକି, ବାଇନାକୁଲାର, ଜିପିଏସ୍ ଏବଂ ଭିଏଚ୍‌ଏଫ୍ ଆଦି ଯନ୍ତ୍ର ଯୋଗାଇ ଦିଆଯାଇଛି। ବାଲୁଗାଁ ରେଞ୍ଜରେ ୬ଟି ଟିମ୍ ନିୟୋଜିତ ହୋଇଥିବା ବେଳେ ସାତପଡ଼ା ୪, ରମ୍ଭା ୨, ଚିଲିକା ୧ ଓ ଟାଙ୍ଗୀ ରେଞ୍ଜରେ ସର୍ବାଧିକ ୮ ଟିମ୍ ପକ୍ଷୀ ଗଣନା କରିବେ ବୋଲି ସ୍ଥିର ହୋଇଛି। ତାଲିମ୍ ପରେ ପ୍ରତ୍ୟେକ ଗଣନାକାରୀ ଟିମ୍ ବୁଧବାର ଅପରାହ୍ନରେ ନିର୍ଦ୍ଧାରିତ ନିଜ ନିଜ କ୍ୟାମ୍ପରେ ଯାଇ ଅବସ୍ଥାନ କରିଛନ୍ତି। ଗୁରୁବାର ସକାଳ ୬ଟାରୁ ମଧ୍ୟାହ୍ନ ୧୨ଘଟିକା ପର୍ଯ୍ୟନ୍ତ ପକ୍ଷୀଗଣନା କାର୍ଯ୍ୟ ଜାରି ରହିବ ବୋଲି ବିଭାଗୀୟ ସୂତ୍ରରୁ ସୂଚନା ମିଳିଛି।

ଗତବର୍ଷ ୧୮୪ ପ୍ରଜାତିର ମୋଟ ୧୧ଲକ୍ଷ ୩୧ହଜାର ୯୨୯ ପକ୍ଷୀଙ୍କ ସମାଗମ ହୋଇଥିବା ଗଣନାରୁ ଜଣାପଡ଼ିଥିଲା। ତେବେ ଚଳିତବର୍ଷ ପାଗ ଅନୁକୂଳ ରହିଥିବା ସହ ଜଳସ୍ତର କମ୍ ହେତୁ ପକ୍ଷୀ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇବ ବୋଲି ଡିଏଫ୍‌ଓ ନାୟକ ଆଶା ପ୍ରକାଶ କରିଛନ୍ତି। ମୁଖ୍ୟତଃ ୩ଟି ପଦ୍ଧତିରେ ପକ୍ଷୀ ଗଣନା ହୁଏ। ପ୍ରଥମଟି ହେଲା ଏକକ ପଦ୍ଧତି। ଏଥିରେ ଚିଲିକା ମଧ୍ୟରେ ଯେଉଁଠି ସ୍ୱସଂଖ୍ୟକ ପକ୍ଷୀ ଦୃଷ୍ଟିଗୋଚର ହୋଇଥାଆନ୍ତି, ସେଠାରେ ୧, ୨, ୩ ଆଦି କ୍ରମ ଅନୁଯାୟୀ ପକ୍ଷୀ ସଂଖ୍ୟା ଏବଂ ପ୍ରଜାତି ଗଣନା ହୁଏ। ଦ୍ୱିତୀୟଟି ହେଲା ବ୍ଲକ୍ ପଦ୍ଧତି। ଏଥିରେ ଛୋଟ ଛୋଟ ଗ୍ରୁପ୍ ତଥା ସ୍ୱଳ୍ପସଂଖ୍ୟକ ପକ୍ଷୀ ଥାଆନ୍ତି। ଟେଲିସ୍କୋପ୍ ମାଧ୍ୟମରେ ଏହାର ସମଷ୍ଟିକରଣ କରାଯାଇ ସଂଖ୍ୟା ନିର୍ଦ୍ଧାରଣ କରାଯାଏ। ତୃତୀୟଟି ହେଲା ସର୍କଲ ପଦ୍ଧତି। ଯେଉଁଠି ପକ୍ଷୀଙ୍କୁ ଗଣି ହୁଏନାହିଁ ଏବଂ ଅସଂଖ୍ୟ ସଂଖ୍ୟାରେ ସମାଗମ ଥାଆନ୍ତି, ସେଠାରେ ବାଇନାକୁଲାର ପରିଧି ମଧ୍ୟରେ ଦୃଷ୍ଟିଗୋଚର ହେଉଥିବା ପକ୍ଷୀଙ୍କୁ ନେଇ ଗୋଟିଏ ଗୋଟିଏ ସର୍କଲ ତିଆରି କରାଯାଏ। ଏହିପରି ଏକାଧିକ ସର୍କଲ କରି ଜିପିଏସ୍ ମାଧ୍ୟମରେ ପକ୍ଷୀଙ୍କ ପ୍ରଜାତି ଓ ସଂଖ୍ୟା ସମଷ୍ଟୀକରଣ ହୋଇଥାଏ। ତେବେ ଗଣନା ସମୟରେ ଯଦି ଗୋଟିଏ ବ୍ଲକ୍ କିମ୍ବା ସର୍କଲରେ ଦୃଷ୍ଟିଗୋଚର ଥିବା ପକ୍ଷୀ ଉଡ଼ିଯାଇ ଅନ୍ୟତ୍ର ଅବସ୍ଥାନ କରନ୍ତି, ତା’ ହେଲେ ସେଠାରୁ ଉଡ଼ିଯାଇଥିବା ପକ୍ଷୀ ସଂଖ୍ୟାକୁ ବିଭକ୍ତ କରାଯାଇ ଅବସ୍ଥାନ କରିଥିବା ବ୍ଲକ୍ କିମ୍ବା ସର୍କଲରେ ସମଷ୍ଟୀକରଣ ହୁଏ। ସମଗ୍ର ଚିଲିକାରେ ଚଳିତ ବର୍ଷ ସମାଗମ ହୋଇଥିବା ବିଭିନ୍ନ ପ୍ରଜାତି ଓ ପକ୍ଷୀ ସଂଖ୍ୟା ରିପୋର୍ଟ ଗୁରୁବାର ସନ୍ଧ୍ୟାରେ ବିଭାଗ ପକ୍ଷରୁ ପ୍ରକାଶ ପାଇବ ବୋଲି ଡିଏଫ୍‌ଓ ନାୟକ ସୂଚନା ଦେଇଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩।୧।୨୦୨୪

| | |
|---|---|
| ୩,୩୨,୯୪୬ ଟଙ୍କା | |
| ସୁନା | ୦୪.୧୦୦ ଗ୍ରାମ୍ |
| ରୁପା | ୧୨.୨୦୦ ଗ୍ରାମ୍ |

## ସଂକ୍ଷେପରେ

### ସିଦ୍ଧମହାବୀର ସଙ୍ଗୀତ ପରିଷଦର ବାର୍ଷିକୋତ୍ସବ

ପୁରୀ, ୩।୧ (ଅଜିତ୍ ମହାନ୍ତି)

ସିଦ୍ଧମହାବୀର ସଙ୍ଗୀତ ପରିଷଦର ୧୯ତମ ବାର୍ଷିକ ଉତ୍ସବ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ଅନୁଷ୍ଠାନର ସଭାପତି ତପନ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବର୍ଷୀୟାନ୍ ଗୀତିକାର ଆର୍ତ୍ତତ୍ରାଣ ଶତପଥୀ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ସଂଗଠକ ଚକ୍ରଧର ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ପରିଷଦର ସମ୍ପାଦକ ସତ୍ୟପ୍ରିୟ ମହାପାତ୍ର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ସାମାଜିକ କର୍ମୀ ଶ୍ୟାମପ୍ରକାଶ ସେନାପତି ଏବଂ ନୃତ୍ୟଗୁରୁ ଅଶୋକ କୁମାର ଦାସଙ୍କୁ ପୂଜ୍ୟପୂଜା ସମ୍ମାନ-୨୦୨୩ରେ ସମ୍ମାନିତ କରାଯିବା ସହିତ ଗୁରୁ ଚନ୍ଦ୍ରମଣି ଲେଙ୍କାଙ୍କ ସ୍ମୃତିରେ ଅନୁଷ୍ଠାନର ଛାତ୍ରୀ ସୁଶ୍ରୀ ଶୁଭସ୍ମିତା ମହାପାତ୍ରଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ସଭାକାର୍ଯ୍ୟ ଶେଷରେ ସାଂସ୍କୃତିକ ସମ୍ପାଦକ ପ୍ରତାପ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପ୍ରାରମ୍ଭରେ ଭକ୍ତକବି ଶ୍ରୀଜୟଦେବଙ୍କ ରଚିତ ଶ୍ରୀଗୀତଗୋବିନ୍ଦ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। କଣ୍ଠଶିଳ୍ପୀ ସବିତା ମିଶ୍ର କବି ଗୋପାଳକୃଷ୍ଣଙ୍କ ରଚନାରୁ ଓଡ଼ିଶୀ ଏବଂ କବିସୂର୍ଯ୍ୟ ବଳଦେବ ରଥଙ୍କ ରଚିତ ଚମ୍ପୂ ପରିବେଷଣ କରିଥିଲେ। ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ ଉପସ୍ଥିତ ଶ୍ରୋତାଙ୍କୁ ବାନ୍ଧି ରଖିଥିଲେ। ବାଦ୍ୟଯନ୍ତ୍ରରେ ସତ୍ୟନାରାୟଣ ଗୁରୁ, ହରିଶ୍ଚନ୍ଦ୍ର ଦାସ, ଜଗନ୍ନାଥ ସାହୁ, ବଟ ଗୋପାଳ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅନ୍ନପୂର୍ଣ୍ଣା ଦେବୀ, ଅମ୍ଲାନ ଅମୃତାଂଶୁ, ଅଭିଳାଷ ଦାସ ପ୍ରମୁଖ ସହଯୋଗ କରିଥିଲେ।




ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଅନୁଷ୍ଠିତ ସିଦ୍ଧମହାବୀର ସଙ୍ଗୀତ ପରିଷଦର ୧୯ତମ ବାର୍ଷିକ ଉତ୍ସବରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ।

### ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ଶହୀଦଙ୍କ ଶ୍ରଦ୍ଧାଞ୍ଜଳି ସଭା

ପିପିଲି, ୩।୧ (ପ୍ରଭାତ ମହାପାତ୍ର)

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ନିର୍ଦ୍ଦେଶରେ ପିପିଲି ନଗରରେ ଏକ ଶହୀଦ ଶ୍ରଦ୍ଧାଞ୍ଜଳି ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଶରତ ପଟ୍ଟନାୟକଙ୍କ ମାର୍ଗଦର୍ଶନରେ ପିପିଲି ଏନ୍‌ଏସି ମାର୍କେଟ କମ୍ପ୍ଲେକ୍ସଠାରେ ପିପିଲି-ଡେଲାଙ୍ଗ କଂଗ୍ରେସ ପକ୍ଷରୁ ୨୦୦୬ ଜାନୁଆରୀ ୨ରେ କଳିଙ୍ଗନଗରଠାରେ ପୋଲିସ ଗୁଳିରେ ଶହୀଦ ହୋଇଥିବା ୧୩ ଜଣ ନିରୀହ ଆଦିବାସୀଙ୍କ ଉଦ୍ଦେଶ୍ୟରେ ମହମବତୀ ଜାଳି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଓଡ଼ିଶା ପ୍ରଦେଶ କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର ଏହାର ନେତୃତ୍ୱ ନେଇଥିଲେ। କାର୍ଯ୍ୟକ୍ରମରେ ସେକ୍ ମେହେବୁବ, ବିଶ୍ୱରଞ୍ଜନ ମିଶ୍ର, ଜୟମାନୁ ସାମନ୍ତରାୟ, ପ୍ରଶାନ୍ତ ଜେନା, ସେକ୍ ସବୀର, ସୁଶାନ୍ତ ସେଠୀ, ରଞ୍ଜିତ୍ କାଳିଆ, ରମେଶ ଚନ୍ଦ୍ର ବେହେରା, ସୁରେନ୍ଦ୍ର ସେଠୀ, ମହମ୍ମଦ ଅରିଫ, ପ୍ରସନ୍ନ ପ୍ରଧାନଙ୍କ ସମେତ ଦଳୀୟ କର୍ମୀ ଓ କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ସଭାରେ ମାନବ ଅଧିକାର ଓ ତାର ଉଲଂଘନ ସମ୍ପର୍କିତ ଆଲୋଚନା କରାଯାଇଥିଲା। ବେପରୁଆ ଭାବେ ନିରୀହ ଆଦିବାସୀ କିପରି ଅନ୍ୟାୟର ଶିକାର ହେଲେ ସେଥିପାଇଁ କ୍ଷୋଭ ପ୍ରକାଶ ସହିତ ଆମର ଆତ୍ମାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା।



ପୁରୀ ନୀଳାଦ୍ରୀ ଭକ୍ତନିବାସ ପରିସରରେ ଅନୁଷ୍ଠିତ ଭଗବତ ଆଲୋଚନାଚକ୍ର ଅବସରରେ ରାଧାକୃଷ୍ଣ ବେଶରେ ସଜ୍ଜିତ ୨ ଶିଶୁ।

# ବସ୍ -କାର୍ ଧକ୍କା: ୧୩ ଆହତ

## ଅଳ୍ପକେ ବର୍ତ୍ତିଲେ ୪୦ ଯାତ୍ରୀ

କୋଣାର୍କ, ୩।୧ (ଜ୍ୟୋତିରାଜ ମହାନ୍ତି)



ପୁରୀ- କୋଣାର୍କ ବେଳାମାର୍ଗ ମୁଖ୍ୟ ରାସ୍ତା ଖାଲକାଟା ପାଟଣା ଛକ ନିକଟରେ ସନ୍ଧ୍ୟା ସମୟରେ ଏକ ବସ୍ ଓ କାର ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଉଭୟ ଗାଡ଼ିର ୧୩ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୫ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସ୍ଥାନୀୟ ଲୋକଙ୍କ ସହାୟତାରେ ୧୦୮ ଆମ୍ବୁଲାନ୍ସ ଯୋଗେ ସମସ୍ତଙ୍କୁ ପୁରୀ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ରାମଚଣ୍ଡୀ ପୋଲିସ ଘଟଣାସ୍ଥଳରେ ତୁରନ୍ତ ପହଞ୍ଚି ୨ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି। ବସ୍‌ରେ ଥିବା ଅବଶିଷ୍ଟ ଆଉ ୪୦ ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଖବର ନେବାରେ ଜଣାପଡିଛି, ଏସ୍‌ଏନ୍‌ଏମ୍‌ଟି ନାମକ ବସ୍ (ଓଆର୍-୧୩-୦୭୦୧୭)ଟି ପୁରୀରୁ କୋଣାର୍କ ଅଭିମୁଖେ ଆସୁଥିଲା। କାର୍‌ଟି ରାମଚଣ୍ଡୀଠାରେ ବଣଭୋଜି ସାରି ପୁରୀ ଅଭିମୁଖେ ବାହାରି ଯାଉଥିବାବେଳେ ବସ୍ ସହ ମୁହାଁମୁହିଁ ହୋଇଥିଲା। ବସ୍‌ରେ ୪୫ଜଣ ଯାତ୍ରୀ ଥିବାବେଳେ କାର୍‌ରେ ଦୁଇ ଛୁଆ ପିଲାଙ୍କ ସମେତ ୮ଜଣ ଥିବା ସୂଚନା ମିଳିଛି।

# ଚାରିଛକ ପ୍ରେସ୍ କ୍ଲବ ପକ୍ଷରୁ ବନ ମହୋତ୍ସବ



ଚାରିଛକ, ୩।୧ (ଶିଶିର ସ୍ୱାଇଁ)

ପୁରୀ ଜିଲା ଚାରିଛକ ପ୍ରେସ କ୍ଲବ ସଭାପତି ଶିଶିର ସ୍ୱାଇଁଙ୍କ ନେତୃତ୍ୱରେ ବିଶ୍ୱ ପ୍ରସିଦ୍ଧ କୋଣାର୍କର ରାମଚଣ୍ଡୀ ପୀଠରେ ଏକ ବନ ମହୋତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବରେ କ୍ଲବର ପୂର୍ବ ବିବରଣୀ ସହିତ ଆଗାମୀ ବିଭିନ୍ନ ପ୍ରକାର ଯୋଜନା ବିଷୟରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ କ୍ଲବର ଉପଦେଷ୍ଟା ଆଇଆର୍‌ଏସ୍ ଚନ୍ଦ୍ରକାନ୍ତ ଦଳାଇ, ସମ୍ପାଦକ ଡ. କେଦାରନାଥ ସାହୁ, ସହ ସମ୍ପାଦକ ସନ୍ତୋଷ ଦାସ, ଅନୀ ଭୂଷଣ ବାରିକ୍, ଶଶିକାନ୍ତ ତ୍ରିପାଠୀ, ବରିଷ୍ଠ ଖବରଦାତା ପ୍ରତାପ ମଲ୍ଲିକ, ଉମାକାନ୍ତ ଭୋଇ, ବିନୋଦ ପ୍ରଧାନ, ବସନ୍ତ ମଲ୍ଲ, ଆଶିଷ ମିଶ୍ର, ପ୍ରକାଶ କାଣ୍ଡି ପ୍ରମୁଖ ମହୋତ୍ସବରେ ସାହାଯ୍ୟ ସହଯୋଗ କରିଥିଲେ। ବନ ମହୋତ୍ସବରେ ସବୁ ଖବରଦାତା ଏକାଠି ହୋଇ ଗୋଟିଏ ଜାଗାରେ ନିଜ ନିଜର ସୁଖ ଦୁଃଖକୁ ବାଣ୍ଟିବା ସହିତ ନୂତନବର୍ଷରେ ସମସ୍ତେ ଏକାଠି ହୋଇ ଦେଶହିତ ପାଇଁ ସବୁବେଳେ କାର୍ଯ୍ୟ କରିବାକୁ ସଂକଳ୍ପ ନେଇଥିଲେ।

# ନିମାପଡ଼ା ସ୍ୱର୍ଣ୍ଣକାର ସଂଘର ୫୭ତମ ପ୍ରତିଷ୍ଠା ଦିବସ

ନିମାପଡା, ୩।୧
(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)




ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

ନିମାପଡ଼ା ସ୍ୱର୍ଣ୍ଣକାର ସଂଘର ୫୭ତମ ପ୍ରତିଷ୍ଠା ଦିବସ ବୁଧବାର ସ୍ଥାନୀୟ ବଡ଼ବଜାରସ୍ଥିତ ମୁଦୁଲି ସାହି ନିକଟସ୍ଥ ସ୍ୱର୍ଣ୍ଣକାରସଂଘର ନିଜସ୍ୱ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ବିଧାୟକ ଅନୁଦାନ ପାଣ୍ଠିରୁ ୨ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ସଂଘର ନିଜସ୍ୱ କାର୍ଯ୍ୟାଳୟକୁ ବିଧାୟକ ସମୀର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏନେଇ ସ୍ୱର୍ଣ୍ଣକାର ସଂଘ ସଭାପତି ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ ବିଧାୟକଙ୍କୁ ଧନ୍ୟବାଦ ଜଣାଇଥିଲେ। ଏଥିସହ କାର୍ଯ୍ୟାଳୟର ଅବଶିଷ୍ଟ କାର୍ଯ୍ୟର ପୂର୍ଣ୍ଣାଙ୍ଗ ନିମନ୍ତେ ଆବଶ୍ୟକ ହେଉଥିବା ଅର୍ଥ ପ୍ରଦାନ ପାଇଁ ସଂଘ ପକ୍ଷରୁ ବିଧାୟକଙ୍କୁ ଦାବି କରାଯାଇଥିଲା। ଏଥିନେଇ ସାଂସଦ ଅନୁଦାନ ପାଣ୍ଠିରୁ ଅତିରିକ୍ତ ୨ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ ନିମନ୍ତେ ବିଧାୟକ ଦାଶ ସମ୍ମତି ପ୍ରଦାନ କରିଥିଲେ। ଏଥିସହ ସଂଘର ସ୍ୱାର୍ଥ ସମ୍ବଳିତ ଦାବିପତ୍ର ବିଧାୟକଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଥିଲା। ସମ୍ମାନିତ ଅତିଥିଙ୍କ ମଧ୍ୟରେ ଓଡ଼ିଶା ସ୍ୱର୍ଣ୍ଣ ରୌପ୍ୟ ଶିଳ୍ପୀ ମହାସଂଘ ରାଜ୍ୟ ସଭାପତି ରମେଶ ଚନ୍ଦ୍ର ସାଥୁଆ, ନାଗପୁର ସ୍ୱର୍ଣ୍ଣକାର ସଂଘ ସଭାପତି ଭବାନୀ ସେନ ସେନାପତି, ନିମାପଡ଼ା ସ୍ୱର୍ଣ୍ଣ ରୌପ୍ୟ ଶିଳ୍ପୀ ସଂଘ ସଂଗଠନ ସମ୍ପାଦକ ସଦାଶିବ ସାହୁ, ସମ୍ପାଦକ ହୃଦାନନ୍ଦ ସାହୁ ଏବଂ ଉପଦେଷ୍ଟା ପଦ୍ମଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସାମାଜିକ କର୍ମୀ ମହେନ୍ଦ୍ର ସିଂ ଭାଟିଆ ଏବଂ ପୁରୀ ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ସ୍ୱର୍ଣ୍ଣକାର ସଂଘ ସଭାପତି ଓ ସମ୍ପାଦକଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘର ସଭ୍ୟ ଅମୂଲ୍ୟ ସାହୁ ଓ ସୂର୍ଯ୍ୟନାରାୟଣ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ନିରଞ୍ଜନ ପଳତା ସଂଯୋଜନା କରିଥିଲେ।

## ନୂଆ-ଓ କାର୍ଯ୍ୟକ୍ରମ କ୍ରିକେଟ୍ ପ୍ରତିଯୋଗତା

କଣାସ, ୩।୧ (ବିଭୂତି ଭୂଷଣ ତ୍ରିପାଠୀ)

ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ପ୍ରାୟୋଜିତ ନୂଆ- ଓ କାର୍ଯ୍ୟକ୍ରମ ଅବସରରେ କଣାସ ସ୍ନାତକ ମହାବିଦ୍ୟାଳୟ ଛାତ୍ରମାନଙ୍କ କ୍ରିକେଟ୍ ପ୍ରତିଯୋଗିତା ବୁଧବାର ବୈଦ୍ୟନାଥପାଟଣା ଖେଳପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଛାତ୍ର ୪ଟି ଦଳରେ ବିଭାଜିତ ହୋଇ କ୍ରିକେଟ୍ ଖେଳିଥିଲେ। ସୂର୍ଯ୍ୟକାନ୍ତ ପ୍ରଧାନ, ପ୍ରକାଶ ବଡ଼ଜେନା ପ୍ରମୁଖ କ୍ରୀଡ଼ା ପରିଚାଳନା କରିଥିଲେ। ବଜରଙ୍ଗି-୧୧ ଏବଂ ଟାଇଟନ୍-୧୧ ମଧ୍ୟରେ ହୋଇଥିବା ପ୍ରତିଯୋଗିତା ରୋମାଞ୍ଚକ ହୋଇଥିଲା। ଅଧ୍ୟାପକ ବିଶ୍ୱଜିତ୍ ପଣ୍ଡା, ଅଧ୍ୟାପକ ଉମାକାନ୍ତ ସାମନ୍ତସିଂହାର, ବିନୋଦ ସ୍ୱାଇଁ, ପ୍ରକାଶ ହରିଚନ୍ଦନ, ରଶ୍ମିରଞ୍ଜନ ପାଢୀ ପ୍ରମୁଖ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଉଦ୍‌ଯାପନ ଉତ୍ସବରେ ସଫଳ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ମହାବିଦ୍ୟାଳୟ ଅଧ୍ୟକ୍ଷ ସୋନାକ୍ଷୀ ସୁବୁଦ୍ଧି ସୂଚନା ଦେଇଛନ୍ତି।

# ପ୍ରଧାନ ଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ଅସ୍ତରଙ୍ଗ, ୩।୧ (ପ୍ରଦୀପ୍ତ ଦୀକ୍ଷିତ)

## ମିଳିଲା ପେନ୍‌ସନ

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଅଧୀନ ବରଡ଼ିହି ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପବିତ୍ର ମୋହନ ଦାସଙ୍କୁ ବୁଧବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଦାସଙ୍କୁ ପେନସନ ଦିଆଯାଇଛି, ଯାହା ବ୍ଲକରେ ପ୍ରଥମ।

ଅସ୍ତରଙ୍ଗ ପୀରଜାହାନିଆ ପର୍ଯ୍ୟଟନସ୍ଥଳୀରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ସୁଶୀଲ ବ୍ରହ୍ମା, ମୁଖ୍ୟବକ୍ତା ଅତିରିକ୍ତ ଶିକ୍ଷାଧିକାରିଣୀ ମମତା ମଞ୍ଜରୀ ଦେଇ, ରାଜଲକ୍ଷ୍ମୀ ପାତ୍ର, ସୁଧାଂଶୁବାଳା ଶତପଥୀ, ସମ୍ମାନିତ ଅତିଥି ସିନିୟର କ୍ଲର୍କ ସନାତନ ବେହେରା, ଅମ୍ବିକା ପ୍ରସାଦ କର, ବରିଷ୍ଠ ଶିକ୍ଷକ ମଙ୍ଗୁଳି ଚରଣ ଦାସ, ବିପିନ ବିହାରୀ ମହାନ୍ତି, ଭରତ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ପବିତ୍ର ମୋହନ ଜଣେ ଛାତ୍ର ବତ୍ସଳ, ସରଳ ଓ ନିଷ୍କପଟ ମଣିଷ। ତାଙ୍କର ସ୍ୱାଭିମାନ ପଣିଆ, ସମୟାନୁବର୍ତ୍ତିତା, କର୍ତ୍ତବ୍ୟନିଷ୍ଠ ଉପରେ ଅତିଥିମାନେ କହିଥିଲେ। ପୂର୍ବରୁ ଅବସର ନେବା ପରେ ବର୍ଷ ବର୍ଷ ଧରି ପେନସନ ପାଇଁ ଅଫିସକୁ ଦୌଡ଼ିବାକୁ ପଡୁଥିଲା। ହେଲେ ଏବେ ଅବସର ଦିନ ପେନସନ ମିଳିଯାଉଛି। କାର୍ଯ୍ୟକ୍ରମରେ ଧୀରେନ୍ଦ୍ର ଦାସ, ପ୍ରିୟଦର୍ଶୀ ବିଶ୍ୱାଳ, ରୋଜାଲିନ ମଲ୍ଲିକ, ରବୀନ୍ଦ୍ର ପରିଡ଼ା, ଧୀରେନ୍ଦ୍ର ପ୍ରଧାନ, ଦୀପକ ନାୟକ, ନିରଞ୍ଜନ ବେହେରାଙ୍କ ସହ ବିଭିନ୍ନ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ସିଆର୍‌ସିସି ଗଣେଶ ବେହେରା ସଭା ପରିଚାଳନା କରିଥିଲେ।

# ‘ନୂତନ ଶ୍ରମ, ମୋଟର ଆଇନ୍ ଶ୍ରମିକ ବିରୋଧୀ’

ପୁରୀ, ୩।୧ (ଅଜିତ୍ ମହାନ୍ତି)

## ନୀଳଗିରି ମୋଟର କର୍ମଚାରୀ ସଂଘର ବାର୍ଷିକ ଉତ୍ସବ



ଉତ୍ସବରେ ମଞ୍ଚାସୀନ ଅତିଥି।

ସର୍ବଭାରତୀୟ ଶ୍ରମିକ ସଙ୍ଗଠନ ଏଆଇଟିୟୁସି ସହବନ୍ଧିତ ପୁରୀର ନୀଳଗିରି ମୋଟର କର୍ମଚାରୀ ସଂଘର ୪୨ତମ ବାର୍ଷିକ ଉତ୍ସବ ବସଷ୍ଟାଣ୍ଡ ପରିସରରେ ଅନୁଷ୍ଠିତ ହୋଯାଇଛି। ସଂଘ ସଭାପତି ଏଆଇଟିୟୁସିର ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘ ସମ୍ପାଦକ ଅଜୟ କୁମାର ମିଶ୍ର ଶ୍ରମିକଙ୍କ ସମସ୍ୟା ଓ ଆନ୍ଦୋଳନ ବିଷୟରେ ସମ୍ପାଦକୀୟ ବକ୍ତବ୍ୟ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ବିଦ୍ୟୁତ୍ କର୍ମଚାରୀ ନେତା ରମେଶ ଚନ୍ଦ୍ର ମହାନ୍ତି, ଶ୍ରମିକ ନେତା ବ୍ରଜବନ୍ଧୁ ପ୍ରଧାନ, ଜଗନ୍ନାଥ ଦେଓ ପ୍ରମୁଖ ଯୋଗଦେଇ ଶ୍ରମ ଆଇନ୍ ଓ ଶ୍ରମିକ ସମସ୍ୟା ଉପରେ ଆଲୋଚନା କରିଥିଲେ। ସଭାପତି ପଣ୍ଡା କେନ୍ଦ୍ର ସରକାରଙ୍କ ନୂତନ ମୋଟର ଆଇନ୍ ଶ୍ରମିକ ବିରୋଧୀ ବୋଲି ଦର୍ଶାଇଥିଲେ। ନୂତନ ଆଇନ୍‌ରେ ଗାଡ଼ି ଚାଳକ ଗାଡ଼ି ଚଳାଇବା ସମ୍ଭବ ନୁହେଁ ବୋଲି କହି ସେ ପ୍ରତିବାଦ କରିଥିଲେ। ମୋଟର କର୍ମଚାରୀଙ୍କୁ ସର୍ବନିମ୍ନ ମଜୁରି ଭବିଷ୍ୟନିଧି ପାଣ୍ଠି, ସ୍ୱାସ୍ଥ୍ୟ ସୁବିଧା ନ ମିଳିବା ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା ବୋଲି ସେ କହିଥିଲେ। କେନ୍ଦ୍ର ସରକାରଙ୍କ ଶ୍ରମ କୋଡ୍ ଲାଗୁହେଲେ ମାଲିକମାନଙ୍କ ପାଖରେ ଶ୍ରମିକମାନେ ଗୋତି ଶ୍ରମିକରେ ପରିଣତ ହେବେ ବୋଲି ସେ କହିଥିଲେ। ନୂତନ ଶ୍ରମ ଆଇନକୁ ହଟାଇବା ପାଇଁ ସେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ସଂଘ ସମ୍ପାଦକ ଅଜୟ କୁମାର ମିଶ୍ର, ଉପସଭାପତି ଭିକାରି ଚରଣ ସାହୁ, ସହସମ୍ପାଦକ ବୃନ୍ଦାବନ ଦାଶ, କୋଷାଧ୍ୟକ୍ଷ ଆର୍ତ୍ତତ୍ରାଣ ଦାଶ, ଏଆଇଟିୟୁସି ଜିଲା ସମ୍ପାଦକ ବ୍ରଜବନ୍ଧୁ ପ୍ରଧାନ, ଯଦୁମଣି ସାହୁ ପ୍ରମୁଖ ସଂଘ ନେତାମାନେ ମୋଟର କର୍ମଚାରୀଙ୍କୁ ଭବିଷ୍ୟନିଧି ପାଣ୍ଠି,ସର୍ବନିମ୍ନ ମଜୁରୀ, ଚିକିତ୍ସା ସୁବିଧା ଯୋଗାଇଦେବାକୁ ଦାବି କରିଥିଲେ। ପୁରୀ ସହରର ବିଦ୍ୟୁତ୍ କର୍ମଚାରୀ ସଂଘ, ରେଳବାଇ ଠିକା କର୍ମଚାରୀ ସଂଘ, ଅଙ୍ଗନୱାଡ଼ି କର୍ମୀ ସଂଘ, ଆଶାକର୍ମୀ ସଂଘ, ଗୋଷ୍ଠୀ ସହାୟିକା ସଂଘ, ନିର୍ମାଣ ଶ୍ରମିକ ସଂଘ, ବ୍ୟାଙ୍କ କର୍ମଚାରୀ ସଂଘ ପ୍ରଭୃତିର ଶତାଧିକ ନେତୃମଣ୍ଡଳୀ ସଭାରେ ଉପସ୍ଥିତ ଥିଲେ।

# ପ୍ରତି ୱାର୍ଡରେ ଆମିଷ ହାଟ ନିର୍ମାଣ ପ୍ରହସନ

ଭୁବନେଶ୍ୱର, ୩।୧ (ବନ୍ଦନା ସେଠୀ)

ରାଜଧାନୀ ରାସ୍ତାକଡ଼ରେ ବ୍ୟବସାୟ କରୁଥିବା ମାଂସ ବ୍ୟବସାୟୀଙ୍କୁ ଥଇଥାନ କରାଯିବ। ପ୍ରତି ୱାର୍ଡରେ ମାଂସ ମାର୍କେଟ ନିର୍ମାଣ ହେବା ସହ ଆମିଷ ବ୍ୟବସାୟକୁ ବ୍ୟବସ୍ଥିତ କରାଯିବା ପାଇଁ ବିଏମ୍‌ସି କର୍ତ୍ତୃପକ୍ଷ ବ୍ୟବସାୟୀ ମହାସଂଘକୁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ପ୍ରତିଶ୍ରୁତିକୁ ୧ ବର୍ଷରୁ ଅଧିକ ସମୟ ହୋଇଯାଇଥିବାବେଳେ ବିଏମ୍‌ସି ଏନେଇ ପାଦେ ମଧ୍ୟ ଆଗେଇ ପାରିନାହିଁ। ସେହିଭଳି ଦୁଇବର୍ଷ ମଧ୍ୟରେ ସବୁ ୱାର୍ଡରେ ମାର୍କେଟ ନିର୍ମାଣ ହେବା ସହ ପ୍ରତି ଦୁଇମାସରେ ଥରେ ବ୍ୟବସାୟୀଙ୍କ ସହ ମେୟର ଆଲୋଚନା କରିବେ ବୋଲି ୨୦୨୨ ଡିସେମ୍ବର ୫ରେ ପ୍ରଥମକରି ବ୍ୟବସାୟୀଙ୍କ ସହ ବିଏମ୍‌ସି ମଧ୍ୟରେ ହୋଇଥିବା ଆଲୋଚନାରେ ନିର୍ଦ୍ଧାରିତ ହୋଇଥିଲା। ମାତ୍ର ଏହାପରେ ନା କୌଣସି ବୈଠକ ହେଲା ନା ଆମିଷ ମାର୍କେଟ ନିର୍ମାଣ ପାଇଁ ଯୋଜନା କରାଗଲା। ଫଳରେ ଏବେ ବି ରାସ୍ତା କଡ଼ରେ ବ୍ୟବସାୟୀମାନେ ଆମିଷ ବିକ୍ରି କରୁଛନ୍ତି। ଲୋକେ ରାସ୍ତା କଡ଼ରେ ଗାଡ଼ି ମଟର ରଖି କିଣାକିଣି କରୁଥିବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ଆମିଷ ପାଣି ରାସ୍ତା ଉପରକୁ ବୋହିଯାଉଥିବାବେଳେ ଆମିଷ ହାଟର ଆବର୍ଜନା ପରିବେଶକୁ

## ଆଶାରେ ବିତିଗଲା ବର୍ଷେ

■ଘାଟିକିଆରେ ଭଡ଼ା ଦେଇପାରୁନାହାନ୍ତି ବ୍ୟବସାୟୀ

■୨୦ ବର୍ଷ ହେଲା ଜରାଜୀର୍ଣ୍ଣ ଝାରପଡ଼ା କଂସେଇଖାନା

ଦୁର୍ଗନ୍ଧମୟ କରୁଛି। ମାତ୍ର ଏନେଇ ବିଏମ୍‌ସିର ନିଘା ନାହିଁ। କେବଳ ଘାଟିକିଆଠାରେ ଗୋଟିଏ ଆଧୁନିକ ମାଂସ ମାର୍କେଟ କରିଦେଇ ବିଏମ୍‌ସି ତାହାର କାମ ସାରିଦେଇଥିବା ଭାବୁଛି। ଏହି ମାର୍କେଟରେ ମାତ୍ର ୧୨ଜଣ ବ୍ୟବସାୟୀଙ୍କୁ ଥଇଥାନ କରାଯାଇଥିବାବେଳେ ଆହୁରି ଶହଶହ ଆମିଷ ବେପାରୀ ରାସ୍ତାକଡ଼ରେ ବସୁଛନ୍ତି। ସମ୍ପୃକ୍ତ ୧୨ଜଣ ବ୍ୟବସାୟୀଙ୍କ ମଧ୍ୟରୁ କିଏ ୧୫ନଂ. ୱାର୍ଡ ଅନ୍ତର୍ଗତ ରେଣ୍ଟାଲ କଲୋନିର ତ ଆଉ କେହି ୨୨ ନଂ. ୱାର୍ଡ ଷ୍ଟୁଡିଓ ଛକ ଅଞ୍ଚଳର ବାସିନ୍ଦା ରହିଛନ୍ତି। ଅପରପକ୍ଷେ ରାସ୍ତାଠାରୁ ଟିକେ ଭିତରକୁ ମାଂସ ମାର୍କେଟ ଥିବାବେଳେ ସ୍ଥାନୀୟ ଅଞ୍ଚଳର ପ୍ରାୟ ୧୫ ଜଣ ବ୍ୟବସାୟୀ ରାସ୍ତାକଡ଼ରେ ବସି ବେପାର କରୁଛନ୍ତି। ଏହାଦ୍ୱାରା ଅନେକ ଲୋକ ସେମାନଙ୍କଠାରୁ ଆମିଷ କିଣି ନେଉଛନ୍ତି। ସ୍ଥିତି ଏପରି ହୋଇଛି ଯେ, ଆଧୁନିକ ମାଂସ



ମାର୍କେଟରେ ବସୁଥିବା ବ୍ୟବସାୟୀମାନେ ଏବେ ଭଡ଼ା ଦେବାକୁ ସକ୍ଷମ ହେଉନାହାନ୍ତି। ଅନେକ ବ୍ୟବସାୟୀଙ୍କର ୩-୪ ମାସର ବକେୟା ପଡ଼ିରହିଛି। ଅପରପକ୍ଷେ ସମସ୍ତ ୱାର୍ଡରେ ଆମିଷ ବଜାର ପାଇଁ ଜାଗା ଚିହ୍ନଟ କରିବାକୁ ବିଏମ୍‌ସି ମାର୍କେଟ ବିଭାଗ ଉପଆୟୁକ୍ତଙ୍କ ପକ୍ଷରୁ ୨୦୨୩ ମାର୍ଚ୍ଚ ୨୬ରେ ସହର ମୁଖ୍ୟଯନ୍ତ୍ରୀ, ଲ୍ୟାଣ୍ଡ ବିଭାଗ ଉପଆୟୁକ୍ତ ଏବଂ ୩ ଜୋନ୍‌ର ଜୋନାଲ ଡେପୁଟି କମିଶନରଙ୍କୁ ଚିଠି କରାଯାଇଥିଲା। ଚିଠି ସଂଖ୍ୟା ୧୩,୫୫୮ରେ ମାର୍କେଟ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଭୁବନେଶ୍ୱର ନନ୍‌ଭେଜ ଫେଡେରେଶନ (ମଟନ) ସମ୍ପାଦକ ଏସ୍. କେ. ସର୍ଜନଙ୍କ ଦ୍ୱାରା ହୋଇଥିବା ଚିଠିକୁ ଭିତ୍ତିକରି ସବୁ ୱାର୍ଡରେ ଆମିଷ ବଜାର ଲାଗି ଜମି ଚିହ୍ନଟ କରିବାକୁ ଚିଠିରେ ଉଲ୍ଲେଖ କରାଯାଇଥିଲା। ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ଏବଂ ମେୟରଙ୍କୁ ଚିଠିର ନକଲ ପ୍ରଦାନ କରାଯିବା ସହ ସ୍ଥାନ ଚିହ୍ନଟ ପରେ ମାର୍କେଟ ବିଭାଗକୁ ଏନେଇ ପ୍ରଥମେ ଅବଗତ କରାଇବାକୁ ଚିଠିରେ ଉଲ୍ଲେଖ ରହିଥିଲା। ତେବେ ବିଜ୍ଞପ୍ତିକୁ ୯ମାସ ପୂରିଥିଲେ ବି କୌଣସି ପଦକ୍ଷେପ ନିଆଯାଇନାହିଁ। ତେଣୁ ଅଲ୍ ଓଡ଼ିଶା ଆମିଷ ବ୍ୟବସାୟୀ ମହାସଂଘ ପକ୍ଷରୁ କ୍ଷୋଭ ପ୍ରକାଶ ପାଇଛି। ଏନେଇ ମହାସଂଘ ରାଜ୍ୟ ସଭାପତି ଶେଖ୍ ମୁନ୍ତାକିମ୍ ବକ୍ସ କହିଛନ୍ତି, ସହରରେ ୩ହଜାର ୩୫୦ରୁ ଊର୍ଦ୍ଧ୍ୱ ଆମିଷ ବ୍ୟବସାୟୀ ରହିଛନ୍ତି। ମାତ୍ର ବ୍ୟବସ୍ଥିତ ଆମିଷ ବଜାର ନ ଥିବାରୁ ଯିଏ ଯେଉଁଠି ପାରୁଛି ବେପାର କରୁଛି।

### ଚୁକ୍ତି ଖିଲାପ କରୁଛି ବିଏମ୍‌ସି

ମହାସଂଘ ପକ୍ଷରୁ କରାଯାଇଥିବା ଅଭିଯୋଗ ଅନୁଯାୟୀ, ଘାଟିକିଆଠାରେ ନିର୍ମାଣ ହୋଇଥିବା ମାଂସ ମାର୍କେଟରେ ଦୋକାନ ପିଛା ୩ହଜାର ଟଙ୍କା ଭଡ଼ା ଧାର୍ଯ୍ୟ କରାଯାଇଛି। ବ୍ୟବସାୟୀମାନେ ଜଣ ପିଛା ୩୬ହଜାର ଟଙ୍କା ଅଗ୍ରିମ ସିକ୍ୟୁରିଟି ପଇଠ କରିଛନ୍ତି। ତେବେ ଏଗ୍ରିମେଣ୍ଟ ଅନୁଯାୟୀ ପ୍ରତି ୨ ର୍ଷରେ ବିଏମ୍‌ସି ୧୦ ପ୍ରତିଶତ ଭଡ଼ା ବୃଦ୍ଧି କରିପାରିବ। ମାତ୍ର ଏହାକୁ ଖିଲାପ କରି ବିଏମ୍‌ସି ଭଡ଼ା ବାବଦକୁ ଆଉ ୬ଶହ ଟଙ୍କା ଅଧିକ ନେଉଛି। ସେହିପରି ଜିଏସ୍‌ଟି ୧୦ ପ୍ରତିଶତ ମିଶାଇବା ପରେ ମୋଟ୍ ଭଡ଼ା ୪ହଜାର ୨ଶହ ଟଙ୍କା ଆଦାୟ କରୁଛି। ଏହାଦ୍ୱାରା ବିଏମ୍‌ସି ଚୁକ୍ତିନାମାର ଖୋଲାଖୋଲି ଉଲ୍ଲଂଘନ କରୁଥିବା ବକ୍ସ ଅଭିଯୋଗ କରିଛନ୍ତି।

ସେହିପରି ଭୁବନେଶ୍ୱରରେ ଗୋଟିଏ କଂସେଇଖାନା ରହିଛି। ପ୍ରତିଦିନ ସେଠାକୁ ଯାଇ ମାଂସ କାଟି ଆଣି ଦୋକାନରେ ବ୍ୟବସାୟ କରିବା ସମ୍ଭବ ନୁହେଁ। ଗତ ୨୦ବର୍ଷ ଧରି ଝାରପଡ଼ାସ୍ଥିତ କଂସେଇଖାନା ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଏହାର ପୁନରୁଦ୍ଧାର ପାଇଁ ବାରମ୍ବାର ଦାବି କରାଯାଉଥିଲେ ମଧ୍ୟ ବିଏମ୍‌ସି ଶୁଣୁନାହିଁ।

## ସଂକ୍ଷେପରେ

### ଜମି ଦେବା ନାଁରେ ୨ ଲକ୍ଷ ଠକେଇ, ମହିଳା ସମେତ ୩ ଗିରଫ

ଭୁବନେଶ୍ୱର,୩।୧ (ସୂର୍ଯ୍ୟକାନ୍ତ ବେହେରା) : ଭୁବନେଶ୍ୱର ଏମ୍‌ସ ଅଞ୍ଚଳରେ ଏକ ପ୍ଲଟ୍ ଦେବାକୁ କହି ଜଣେ ରିୟଲ ଇଷ୍ଟେଟ ବ୍ୟବସାୟୀଙ୍କଠାରୁ ୨ଲକ୍ଷ ଟଙ୍କା ଠକିନେବା ସହ ହତ୍ୟା ଧମକ ଦେବା ଅଭିଯୋଗରେ ନୟାପଲ୍ଲୀ ଥାନା ପୋଲିସ ମହିଳାଙ୍କ ସମେତ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଭୁବନେଶ୍ୱରରେ ରହୁଥିବା ଅନୁଗୋଳର ସୁଲେଖ ରଥ, ଜଗତ୍‌ସିଂହପୁରର ନିର୍ଝରିତା ଶତପଥୀ ଓ ବାଲେଶ୍ୱରର କରୁଣାକର ଦାସ। ସେମାନଙ୍କଠାରୁ ୬ଟି ମୋବାଇଲ ଫୋନ୍ ଜବତ ହୋଇଛି। ସେମାନଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ରାସ୍ତାରେ ଅଳିଆ ପକାଇଲେ ବିଏମ୍‌ସି ଫାଇନ କାଟିବ

ଭୁବନେଶ୍ୱର,୩।୧ (ଅନୁରାଧା ମହାରଣା)-ରାସ୍ତା ଉପରେ ଅଳିଆ ପକାଇଲେ ଏଣିକି ଫାଇନ୍ ଦେବାକୁ ପଡ଼ିବ। ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ଚେତାବନୀ ଦିଆଯାଇଛି। ରାଜଧାନୀବାସୀ ଖୋଲାରେ ଅଳିଆ ପକାଉଥିବା ନଜରକୁ ଆସିଲେ ବିଏମସି ସ୍ୱଚ୍ଛତା କର୍ମୀ, ସାନିଟାରୀ ଇନ୍ସପେକ୍ଟର ଓ ଅନ୍ୟ ପରିମଳ କର୍ମୀ ଫାଇନ କାଟିବେ। ଏ ନେଇ ବିଭିନ୍ନ ସଙ୍ଘ ସହ ବିଏମସି ବୈଠକ କରିଛି । ଅଳିଆ ସଂଗ୍ରହ ପାଇଁ ବିଏମସି ଗାଡି ଘରକୁ ଘର ଯିବ। ମାତ୍ର ରାସ୍ତା ଉପରେ ଅଳିଆ ପକାଇଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଏମସି କମିଶନର ବିଜୟ ଅମୃତା କୁଲାଙ୍ଗେ ଚେତାବନୀ ଦେଇଛନ୍ତି। ବ୍ୟକ୍ତି ତଥା ବ୍ୟବସାୟୀଙ୍କ ଉପରେ ପରିମଳ ଟିମ ନଜର ରଖିବ। ଏହି ନିୟମ ଖିଲାପକାରୀଙ୍କ ଠାରୁ ଫାଇନ୍ ନିଆଯିବ। ସେହପରି ପୃଥକ ପୃଥକ ଅଳିଆ ନଦେଲେ ମଧ୍ୟ କାର୍ଯ୍ୟାନୁଷ୍ଠାନଗ୍ରହଣ କରାଯିବ ବୋଲି କମିଶନର କୁଲାଙ୍ଗେ କହିଥିଲେ, ଓଦା ଓ ଶୁଖିଲା ଆବର୍ଜନା ଅଲଗା ଆସୁ ନ ଥିବାରୁ ପ୍ରକ୍ରିୟାକରଣରେ ସମସ୍ୟା ହେଉଛି। ଲୋକେ ଅଲଗା କରି ଅଳିଆ ଦିଅନ୍ତୁ। ଯେଉଁମାନେ ନିୟମ ପାଳନ କରିବେନି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି କମିଶନର କହିଛନ୍ତି।

### କୁଜି ହରିଣ ମୃତ, ବାସନ୍ତୀ ଅସୁସ୍ଥ

ବାରଙ୍ଗ,୩।୧ (ଲିଙ୍ଗରାଜ ରାଉତ)- ପ୍ରାଣୀଉଦ୍ୟାନ ନନ୍ଦନକାନନକୁ ନୂଆବର୍ଷରେ ନୂଆ ଅତିଥି ଆସୁ ଆସୁ ଦିନକ ପରେ ସେ ଆଖି ବୁଜିଛି। କୁଜି ହରିଣ ଏନ୍‌କ୍ଲୋଜରରେ ରହୁଥିବା ଏକ କୁଜି ହରିଣ ମଙ୍ଗଳବାର ଗୋଟିଏ ଶାବକକୁ ଜନ୍ମ ଦେଇଥିଲା। ମା' ଓ ଛୁଆ ସୁସ୍ଥ ଥିବାବେଳେ ଉଭୟ ଡାକ୍ତରଙ୍କ ନଜରବନ୍ଦିରେ ଥିଲେ। ହେଲେ ଛୁଆଟି ବୁଧବାର ହଠାତ୍ ଅସୁସ୍ଥ ହୋଇପଡ଼ିଥିଲା। ପଶୁ ଚିକିତ୍ସକମାନେ ତା'ର ଚିକିତ୍ସା ଜାରି ରଖିଥିଲେ ବି ତାକୁ ବଞ୍ଚେଇ ପାରି ନ ଥିଲେ। ସେହିପରି ହାତୀ ସଫାରୀରେ ରହୁଥିବା ହାତୀ ବାସନ୍ତୀ ପୁଣି ଥରେ ଅସୁସ୍ଥ ହୋଇପଡ଼ିଛି। ଗତ କିଛିଦିନ ହେବ ଠିକ୍ ଭାବେ ଖାଦ୍ୟ ଗ୍ରହଣ ନ କରିବା ସହ ମଙ୍ଗଳବାରଠାରୁ ସେ ଝାଡ଼ା ବସି ନ ଥିବା ଜଣାପଡ଼ିଛି। ଯାହାକୁ ନେଇ ଡାକ୍ତରମାନଙ୍କ ଚିନ୍ତା ବଢ଼ିଯାଇଛି। ବୁଧବାର ପ୍ରାଣୀଉଦ୍ୟାନ ପଶୁଚିକିତ୍ସାଳୟର ଡାକ୍ତରମାନେ ଯାଇ ବାସନ୍ତୀର ଚିକିତ୍ସା ଆରମ୍ଭ କରିଛନ୍ତି।

## ୬୭ ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୩।୧ (ସତ୍ୟଜିତ୍ ରାଉତ)

୬୭ ଲକ୍ଷ ଠକିବା ଅଭିଯୋଗରେ ବଡ଼ଗଡ଼ ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏୟାରପୋର୍ଟ ଥାନା ଅନ୍ତର୍ଗତ ପୋଖରୀପୁଟରେ ରହୁଥିବା ପୁରୀ ଜିଲା ଡେଲାଙ୍ଗ ଅଞ୍ଚଳର କୁଳମଣି ପରିଡ଼ା (୫୧)। ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ କୁଳମଣି ଓ ଅନ୍ୟ ଜଣେ ମହିଳାଙ୍କଠାରୁ ଅଭିଯୋଗକାରୀ ରବୀନ୍ଦ୍ର କୁମାର ସାହୁ କଳାରାହାଙ୍ଗ ମଉଜାରେ ୨୦୧୬ ଏପ୍ରିଲରେ ଏକ ପ୍ଲଟ୍ କିଣିଥିଲେ। ରବୀନ୍ଦ୍ର ଉକ୍ତ ପ୍ଲଟକୁ ନାମନ୍ତକରଣ କରିବା ପରେ ହାଉସିଂ ଲୋନ୍ କରିଥିଲେ। ପରେ ରବୀନ୍ଦ୍ର ଜାଣିବାକୁ ପାଇଥିଲେ ଯେ, ବ୍ୟାଙ୍କ ଅଫ୍ ବରୋଦା ନୟାପଲ୍ଲୀ ଶାଖାରେ ଉକ୍ତ ପ୍ଲଟଟି ବନ୍ଧକ ରହିବା ସହ ବ୍ୟାଙ୍କ ଦ୍ୱାରା ସିଆର୍‌ସିଏଆଇ ମଧ୍ୟ ଲାଗୁ ହୋଇଛି। ଏନେଇ ରବୀନ୍ଦ୍ର ଜାଣିବା ପରେ କୁଳମଣିଙ୍କୁ ପଚାରିଥିଲେ। କୁଳମଣି ତାଙ୍କ ଭୁଲ୍ ସ୍ୱୀକାର କରିବା ସହ ନେଇଥିବା ୭୦ ଲକ୍ଷ ଟଙ୍କା ଫେରାଇଦେବାକୁ ଚୁକ୍ତି କରିଥିଲେ। ହେଲେ ସେ ୩ ଲକ୍ଷ ଟଙ୍କା ଦେଇ ଆଉ ଧରାଛୁଆଁ ଦେଉ ନ ଥିଲେ। ଏନେଇ ରବୀନ୍ଦ୍ରଙ୍କ ଏତଲା ଭିତ୍ତିରେ ନଭେମ୍ବର ୪ରେ ପୋଲିସ ଏକ ମାମଲା (ନଂ.୬୧୦/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।



ମନନ ନାଟ୍ୟ ସଂସ୍ଥାର ୪୫ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ବୁଧବାର ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ନାଟକ ଉତ୍ସବରେ ପରିବେଷିତ ନାଟକ 'ପାଷାଣ୍ଡ ପାଳଭୂତ'ର ଏକ ଦୃଶ୍ୟ। (ଫଟୋ: ମୌସମ୍ ନନ୍ଦ)

## ୧୦ରେ ବ୍ଲକସ୍ତରୀୟ ପ୍ରଧାନଶିକ୍ଷକ ବୈଠକ

ଭୁବନେଶ୍ୱର, ୩।୧ (ଅସମାପିକା ସାହୁ)

ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ସାମଗ୍ରିକ ଶୈକ୍ଷିକ ବିକାଶ ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆସନ୍ତା ୧୦ ତାରିଖରେ ସମସ୍ତ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ ଚତୁର୍ଥ ବ୍ଲକ୍‌ସ୍ତରୀୟ ମାସିକ ବୈଠକ ଅନୁଷ୍ଠିତ ହେବ। ପ୍ରତ୍ୟେକ ବ୍ଲକ୍‌ର ବ୍ଲକ୍ ଶିକ୍ଷାଧିକାରୀ(ବିଇଓ)ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ବିକାଶ ପାଇଁ ଆବଶ୍ୟକ ପଦକ୍ଷେପ ସମ୍ବନ୍ଧରେ ଆଲୋଚନା କରାଯିବ। 'ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ' ପାଇଁ ବିଦ୍ୟାଳୟ ସ୍ତରରେ ଆୟୋଜିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ଏହି ବୈଠକରେ ଆଲୋଚନାର ମୁଖ୍ୟ ବିଷୟ ବସ୍ତୁ ରହିବ ବୋଲି ବୁଧବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟ ସରକାରଙ୍କ ବିଭିନ୍ନ ଶିକ୍ଷା ଯୋଜନା ବିଷୟରେ ବିଇଓମାନେ ବିସ୍ତୃତ ବିବରଣୀ ପ୍ରଦାନ କରିବେ। ରୂପାନ୍ତରିତ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ଦିଆଯାଉଥିବା ଶିକ୍ଷାର ମାନ, ସେମାନଙ୍କ ଅସୁବିଧା ଓ ତାହାର ସମାଧାନ, ଶିକ୍ଷା ବିକାଶ ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପର ସୁପରିଚାଳନା ଭଳି ବହୁ ବିଷୟବସ୍ତୁ ଉପରେ ବୈଠକରେ ଆଲୋଚନା କରାଯିବ। ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ଅକାଂକ୍ଷୀ ପାଠ୍ୟକ୍ରମ ଅଧୀନରେ କ୍ଲବ୍ ଗଠନ, ହାଉସ୍ ସିଷ୍ଟମ୍, ରୂପାନ୍ତରିତ ବିଦ୍ୟାଳୟର ରକ୍ଷଣାବେକ୍ଷଣ ଆଦି ଉପରେ ଆଲୋଚନା କାର୍ଯ୍ୟକ୍ରମ ରହିଛି। ସ୍ମାର୍ଟ ଶ୍ରେଣୀଗୃହ, ଇ-ପାଠାଗାର, ବିଜ୍ଞାନ ପରୀକ୍ଷାଗାର, ଶୁଦ୍ଧ ପାନୀୟ ଜଳ, ପୃଥକ ଶୌଚାଳୟ, ବିଦ୍ୟାଳୟ ପରିସରର ରକ୍ଷଣା ବେକ୍ଷଣ ଆଦି ବିଷୟ ସହ ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମାଗଣା ସାଇକେଲ ବାବଦ ଅର୍ଥରାଶିର ବଣ୍ଟନ ଆଦି ଏଥିରେ ସ୍ଥାନ ପାଇବ। ପୂର୍ବାହ୍ନ ୧୦ଟା ୩୦ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବୈଠକ ହେବ।

## ୨୭୩ ଅଙ୍ଗନୱାଡି କେନ୍ଦ୍ରକୁ ୱାଟର ପ୍ୟୁରିଫାଏର ପ୍ରଦାନ

### ପ୍ରତିୱାର୍ଡରେ ହେବ ଅଙ୍ଗନାୱାଡ଼ି ପକ୍କା ଘର

ଭୁବନେଶ୍ୱର,୩।୧ (ଅନୁରାଧା ମହାରଣା)

ବିଏମ୍‌ସି ପକ୍ଷରୁ ୨୭୩ଟି ଅଙ୍ଗନୱାଡି କେନ୍ଦ୍ରକୁ ୱାଟର ପ୍ୟୁରିଫାଏର ପ୍ରଦାନ କରାଯାଇଛି। ଅବଶିଷ୍ଟ ଅଙ୍ଗନୱାଡି କେନ୍ଦ୍ରଗୁଡିକୁ ଖୁବ୍‌ଶୀଘ୍ର ୱାଟର ଫିଲଟର ଯୋଗାଇ ଦିଆଯିବ। ଆଇସିଆଇସି ବ୍ୟାଙ୍କର ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠି ଅର୍ଥରେ ଏହି ୱାଟର ଫିଲଟର ପ୍ରଦାନ କରାଯାଇଛି। ବୁଧବାର ବିଏମ୍‌ସି ମୁଖ୍ୟାଳୟରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ କହିଲେ, ଶିଶୁମାନଙ୍କୁ ସୁସ୍ଥ ରଖିବା ଉଦ୍ଦେଶ୍ୟରେ ଅଙ୍ଗନୱାଡି କେନ୍ଦ୍ରଗୁଡିକରେ ବିଶୁଦ୍ଧ ପାନୀୟ ଜଳ ପାଇଁ ବ୍ୟବସ୍ଥା କରାଯାଉଛି। ଏହି ୱାଟର ଫିଲଟରର ରକ୍ଷଣାବେକ୍ଷଣା ଦାୟିତ୍ୱ ୫ବର୍ଷ ପାଇଁ



ଆଇସିଆଇସିଆଇ ବ୍ୟାଙ୍କ ନେବ ବୋଲି ମେୟର ସୂଚନା ଦେଇଥିଲେ। ଏଥିସହ ପ୍ରତି ୱାର୍ଡରେ ଗୋଟିଏ ଗୋଟିଏ ଅଙ୍ଗନୱାଡି କେନ୍ଦ୍ରର ପକ୍କା ଘର ନିର୍ମାଣ କରାଯିବ ବୋଲି ମେୟର ପ୍ରତିଶ୍ରୁତି ଦେଇଛନ୍ତି । ଏ ନେଇ ଖୁବ୍‌ଶୀଘ୍ର ଟେଣ୍ଡର ସହ କାର୍ଯ୍ୟ ଆରମ୍ଭ କରାଯିବ। ଉନ୍ନୟନମୂଳକ କାର୍ଯ୍ୟରେ ସମସ୍ତେ ସହଭାଗିତାର ହାତ ବଢ଼ାଇବା ଦରକାର ବୋଲି ବିଏମସି କମିଶନର ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି। ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାର, ମିହିର କୁମାର ରାଉତ, ଅଜିତ ବେହେରା, ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୁର ବିକାଶ, ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, ଡେପୁଟି କମିଶନର ପ୍ରିୟବ୍ରତ ପାଢୀ, ବହୁ କର୍ପୋରେଟ. ବିଏମ୍‌ସିର ବହୁ ବରିଷ୍ଠ ଅଧିକାରୀ, ଆଇସିଆଇସି ବ୍ୟାଙ୍କର ଏଜିଏମ୍‌ଓ ଅମୀୟ କୁମାର ନାୟକ, ଚିଫ୍ ମ୍ୟାନେଜର ଶାନ୍ତି ବର୍ଦ୍ଧନ ଦାସ, ପଞ୍ଚାନନ ତ୍ରିପାଠୀ, ସମସ୍ତ ସିଡିପିଓ, ଅଙ୍ଗନୱାଡି କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

## ଏଥର ପଥଉତ୍ସବର ଆକର୍ଷଣ ପୋଷାଜୀବ

ଭୁବନେଶ୍ୱର,୩।୧ (ଅନୁରାଧା ମହାରଣା)

ରାଜଧାନୀର ଶୀତୁଆ ସକାଳରେ ଲୋକଙ୍କୁ ମନୋରଞ୍ଜନର ମାଧ୍ୟମ ପାଲଟିଛି ପଥ ଉତ୍ସବ। ବିଏମ୍‌ସି ପକ୍ଷରୁ ଆୟୋଜନ କରାଯାଉଥିବା ଏହି ଉତ୍ସବ ଆସନ୍ତା ୭ ତାରିଖରେ ସହରବାସୀଙ୍କୁ ଏକାଠି କରିବ। ତେବେ ଏଥରର ଉତ୍ସବରେ ପୋଷା ଜୀବଜନ୍ତୁ ମୁଖ୍ୟ ଆକର୍ଷଣ ପାଲଟିବେ। ଏଥିପାଇଁ ଏକ ପେଟ୍ ଶୋ'ର ଆୟୋଜନ କରାଯାଇଛି। ଏହାର ଥିମ 'ପଜ୍ ଆଣ୍ଡ ପ୍ଲେ' ରଖାଯାଇଛି। ତେବେ ପଥ ଉତ୍ସବରେ ସାମିଲ ହେବାକୁ ଯାଉଥିବା ପଶୁପ୍ରେମୀ ନିଜ ନିଜ ପୋଷା ଜୀବଙ୍କ ସହ ଉତ୍ସବକୁ ଆସିପାରିବେ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ରହିଛି। ସୂଚନା ଥାଉ କି, ରବିବାର ୭ଟାରୁ ପଥଉତ୍ସବ ଆରମ୍ଭ ହେବାକୁ ଥିବାବେଳେ ଏଥିରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ମିଳିବ।

## ୫ ପୋଖରୀ ସ୍ଥିତି ପରଖିଲେ କମିଶନର



ଭୁବନେଶ୍ୱର,୩।୧ (ଅନୁରାଧା ମହାରଣା)

ବିଏମ୍‌ସି ପକ୍ଷରୁ ଆମ ପୋଖରୀ ଯୋଜନାରେ ଜଳାଶୟର ପୁନରୁଦ୍ଧାର କରାଯିବ । ଏନେଇ ପ୍ରଥମ ପର୍ଯ୍ୟାୟରେ ୧୮ ଜଳାଶୟର ପୁନରୁଦ୍ଧାର ପାଇଁ ୱାର୍କ ଅର୍ଡର ଦିଆଯାଇଥିବାବେଳେ ବୁଧବାର ସକାଳେ ବିଏମସି କମିଶନର ବିଜୟ ଅମୃତା କୁଲାଙ୍ଗେ ୫ଟି ପୋଖରୀ ବୁଲି

### ଆମ ପୋଖରୀ ଯୋଜନା

ସ୍ଥିତି ପରଖିଛନ୍ତି। ଖୁବ୍‌ଶୀଘ୍ର ଏହାର କାମ ଆରମ୍ଭ ହେବ ବୋଲି ସେ କହିଛନ୍ତି। ତାଙ୍କ ସହ ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୂର ବିକାଶ, କର୍ପୋରେଟର, ସିଟି ଇଞ୍ଜିନିୟର, ମୁକ୍ତା ଡେପୁଟି କମିଶନରଙ୍କ ସହ ଟିମ୍ ବିଏମସିର ଅଧିକାରୀ ଥିଲେ।

## ଯେଉଁଠି ସଚେତନତା ସେଇଠି ଜାମ୍





-କମିଶନରେଟ ପୋଲିସ ପକ୍ଷରୁ ବୁଧବାର ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଭୁବନେଶ୍ୱର ଏଜି ଛକରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଏବଂ ଓଲିଉଡ୍ କଳାକାରମାନେ ସଚେତନ କରିବା ସହ ନିୟମ ମାନୁଥିବା ଯାତ୍ରୀଙ୍କୁ ଫୁଲ ଓ ଚକୋଲେଟ୍ ଦେଇ ଉତ୍ସାହିତ କରୁଛନ୍ତି (ବାମ)। ହେଲେ ଏହି ସମୟରେ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧିମାନେ ନିୟମ ଉଲ୍ଲଂଘନ କରି ରାସ୍ତା ମଝିରେ ମତାମତ ନେବାରୁ ଟ୍ରାଫିକ୍ ଜାମ୍ ସୃଷ୍ଟି ହୋଇଛି। (ଫଟୋ: ବିକାଶ ନାୟକ)

## ସଂକ୍ଷେପରେ

### ନଦୀବନ୍ଧର ନବୀକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ

ଖୁଣ୍ଟୁଣୀ, ୩।୧ (ସଚ୍ଚିଦାନନ୍ଦ ପଣ୍ଡା): ଆଠଗଡ଼ ବ୍ଲକ ଧୁରୁଷିଆ ଓ କଟିକିଆସାହି ପଞ୍ଚାୟତର ମଧ୍ୟ ଭାଗରେ ଥିବା ସାପୁଆ ନଦୀର ରମ୍ଭା ବନ୍ଧ ନବୀକରଣ କାର୍ଯ୍ୟ ପାଇଁ ଆଠଗଡ଼ ଜଳସମ୍ପଦ ବିଭାଗ ପକ୍ଷରୁ ବୁଧବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏଥିରେ ଅତିଥି ଭାବେ ୩ ନମ୍ବର ଜୋନ୍ ଜିଲା ପରିଷଦ ସଦସ୍ୟ ବଳଭଦ୍ର ବାଘ, ଧୁରୁଷିଆ ସରପଞ୍ଚ ସଂଯୁକ୍ତା ପାଣି, କଟିକିଆସାହି ସରପଞ୍ଚଙ୍କ ପ୍ରତିନିଧି ପ୍ରଫୁଲ୍ଲ କୁମାର ରାଉତ, ଅନନ୍ତପୁର ସରପଞ୍ଚ ଶକ୍ତିକାନ୍ତ ସାହୁ, ଧୁରୁଷିଆ ସମିତି ସଭ୍ୟାଙ୍କ ପ୍ରତିନିଧି ଦିଲ୍ଲୀପ ଜେନା, ମଙ୍ଗୁଳି ଚରଣ ପାଣି, ପୂର୍ବତନ ସରପଞ୍ଚ ଶ୍ରୀକର ଜେନା, ରାଜ୍ୟ ବିହନ ଜୈବିକ ପ୍ରାମାଣିକ ସଂସ୍ଥାର ନିର୍ଦ୍ଦେଶକ ନିରାକାର ଲେଙ୍କା, ମନୋଜ ପ୍ରଧାନ, ଧରଣୀଧର ଦାସ ଓ ଜଳସମ୍ପଦ ବିଭାଗ କନିଷ୍ଠ ଯନ୍ତ୍ରୀ ପ୍ରମୁଖ ଯୋଗଦେଇଥିଲେ। ପ୍ରତିବର୍ଷ ମହାନଦୀର ବନ୍ୟା ଯୋଗୁ ସାପୁଆ ନଦୀର ରମ୍ଭା ବନ୍ଧରେ ଘାଇ ସୃଷ୍ଟି ହୋଇ ୫ ପଞ୍ଚାୟତର ଚାଷୀଙ୍କ ଫସଲ ନଷ୍ଟ ହୋଇଥାଏ। ଏହାକୁ ହୃଦୟଙ୍ଗମ କରି କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଉଦ୍ୟମରେ ଜଳସମ୍ପଦ ବିଭାଗ ତରଫରୁ ୨୧ ଲକ୍ଷ ଟଙ୍କା ବ୍ୟୟ ବରାଦରେ ଏହି ନବୀକରଣ କାର୍ଯ୍ୟ କରାଯିବ। ଏହାଦ୍ୱାରା ଧୁରୁଷିଆ, କଖଡ଼ି, ଘଣ୍ଟିଖାଲ, ଅନନ୍ତପୁର ଓ ମଞ୍ଚେଶ୍ୱର ପଞ୍ଚାୟତର ଚାଷୀ ଉପକୃତ ହେବେ।

# କୁହୁଡ଼ିରେ ପିଲାଙ୍କୁ ଛାଡ଼ିବାକୁ ଅଭିଭାବକ ଅମଙ୍ଗ

- ପୂର୍ଣ୍ଣାଙ୍ଗ ହୋଇପାରୁନି ଆଦର୍ଶ ବିଦ୍ୟାଳୟ ଗୃହ
- ଗୋଟିଏ କ୍ୟାମ୍ପସରେ ୨ ବିଦ୍ୟାଳୟ
- ସକାଳୁଆ ସ୍କୁଲ ପ୍ରତିବାଦରେ ବିଇଓଙ୍କୁ ଦାବିପତ୍ର



ନିଶ୍ଚିନ୍ତକୋଇଲି ବିଇଓଙ୍କ ନିକଟରେ ଅଭିଭାବକମାନେ ଦାବି କରୁଛନ୍ତି।




ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଭିତ୍ତିପ୍ରସ୍ତର।

ନିଶ୍ଚିନ୍ତକୋଇଲି, ୩।୧ (ଅଶୋକ କୁମାର ମହାପାତ୍ର)

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଆଦର୍ଶ ବିଦ୍ୟାଳୟ ଗୃହ ୩ ବର୍ଷ ହେବ ସମ୍ପୂର୍ଣ୍ଣ ହେଉନାହିଁ। ଫଳରେ ଅସୁରେଶ୍ୱର ଉଚ୍ଚ ବିଦ୍ୟାଳୟରେ ଆଦର୍ଶ ବିଦ୍ୟାଳୟର ପିଲା ପାଠ ପଢୁଛନ୍ତି। ସକାଳ ସାଢ଼େ ୬ଟାରୁ ପୂର୍ବାହ୍ନ ସାଢ଼େ ୧୦ଟା ପର୍ଯ୍ୟନ୍ତ ଏହି କ୍ୟାମ୍ପସରେ ଆଦର୍ଶ ବିଦ୍ୟାଳୟ ଚାଲୁଛି। ସାଢ଼େ ୧୦ଟାରୁ ୪ଟା ପର୍ଯ୍ୟନ୍ତ ଉକ୍ତ ବିଦ୍ୟାଳୟରେ ପିଲା ପଢୁଛନ୍ତି। ଅପରପକ୍ଷରେ ଏହି ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ଅତ୍ୟନ୍ତ ଦୟନୀୟ ଭାବେ ଶିକ୍ଷାଦାନ କରାଯାଉଥିବା ଅଭିଭାବକ ଅଭିଯୋଗ କରିଛନ୍ତି। ଏବେ ଘନକୁହୁଡ଼ି ସକାଳ ୮ ପର୍ଯ୍ୟନ୍ତ ଲାଗି ରହୁଛି। କୁହୁଡ଼ି ବେଳେ ରାସ୍ତାଘାଟ ଠିକ୍ ଭାବେ ଦେଖାଯାଉନାହିଁ। ବିଦ୍ୟାଳୟ ସକାଳୁଆ ଚାଲୁଥିବା କାରଣରୁ ଛାତ୍ରୀଛାତ୍ରଙ୍କୁ ଭୋର ୫ଟାରୁ ଉଠି ଭଡ଼ା ଗାଡ଼ିରେ ବିଦ୍ୟାଳୟକୁ ଯିବାକୁ ପଡୁଛି। ମଙ୍ଗଳବାର ନିଶ୍ଚିନ୍ତକୋଇଲି ଥାନା କଟରପଡ଼ାଠାରେ ଯାତ୍ରୀବାହୀ ବସ୍ ଓ ଟ୍ରକ୍ ମଧ୍ୟରେ ଧକ୍କାହେବା ଘଟଣାକୁ ନେଇ ଅଭିଭାବକମାନେ ଭୟରେ ପିଲାଙ୍କୁ ସକାଳୁ ଛାଡ଼ିବା ପାଇଁ ଅମଙ୍ଗ ହେଉଛନ୍ତି। ଏ ନେଇ ବୁଧବାର ଆଦର୍ଶ ବିଦ୍ୟାଳୟର ଅଭିଭାବକ ଅଲେଖ ଚନ୍ଦ୍ର ସାମଲ, ଅନ୍ନପୂର୍ଣ୍ଣା ଶତପଥୀ, ଜ୍ଞାନେନ୍ଦ୍ର ଭୂଷଣ ରାଉତରାୟ, ପ୍ରମୋଦ କୁମାର ନାୟକ, ଦୀପ୍ତିରଞ୍ଜନ ଦାସ, ଅର୍ଜ୍ଜୁନ ଘଡେଇ, ସବିତା ସାମଲ, ଗୀତାଞ୍ଜଳି ବିଶ୍ୱାଳ, ପ୍ରଣତି ଖୁଣ୍ଟିଆ, ଅଙ୍ଗୁରବାଳା ରାଉତରାୟ, କିଶୋର ଚନ୍ଦ୍ର ରାଉତ, ଲୋପାମୁଦ୍ରା ରଥ, ରଞ୍ଜିତା ସାମଲ, ରବିନାରାୟଣ ବିଶ୍ୱାଳ, ପ୍ରଦୀପ୍ତ କୁମାର ବେହେରା, ପ୍ରଣତି ମିଶ୍ର, ବିଷ୍ଣୁ ପ୍ରସାଦ ରାଉତ, ସୁଶାନ୍ତ କୁମାର ପଣ୍ଡା ପ୍ରମୁଖ ନିଶ୍ଚିନ୍ତକୋଇଲି ବିଇଓ ଲକ୍ଷ୍ମୀହୀରା ଲାବଣ୍ୟବତୀ ବେହେରାଙ୍କ ନିକଟରେ ସମୟ ନିର୍ଘଣ୍ଟ ପରିବର୍ତ୍ତନ ଲାଗି ଲିଖିତ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ଗ୍ରାମ୍ୟ ଉନ୍ନୟନ ବିଭାଗର ଦାୟିତ୍ୱହୀନତା ଓ ଠିକାଦାର ପ୍ରତି ଅନୁକମ୍ପା କାରଣରୁ ଦୀର୍ଘ ୪ ବର୍ଷ ହେଲା ନିଶ୍ଚିନ୍ତକୋଇଲି ବ୍ଲକ କୁଳଗାଁଇଶାଳୋସ୍ଥିତ ଆଦର୍ଶ ବିଦ୍ୟାଳୟ ଗୃହ ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇ ପାରୁ ନ ଥିବା ଅଭିଯୋଗ ହେଉଛି। ଗୃହ ନିର୍ମାଣ କାର୍ଯ୍ୟ ଶେଷ ହେଉ ନ ଥିବାରୁ ଛାତ୍ରୀଛାତ୍ରମାନେ ଅସୁରେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି। ଏହି ବିଦ୍ୟାଳୟର ସମୟ ନିର୍ଘଣ୍ଟକୁ ନେଇ ଛାତ୍ର ଅଭିଭାବକ ମହଲରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ବିଦ୍ୟାଳୟର ସମୟ ନିର୍ଘଣ୍ଟ ପରିବର୍ତ୍ତନ କରାଯିବା ନିମନ୍ତେ ଅଭିଭାବକ ମହଲରେ ଦୃଢ଼ ଦାବି ହୋଇଛି। ନିଶ୍ଚିନ୍ତକୋଇଲି ବ୍ଲକ ଆଦର୍ଶ ବିଦ୍ୟାଳୟ ଅସୁରେଶ୍ୱର ପଞ୍ଚାୟତ କୁଳଗାଁଇଶାଳୋଠାରେ ସ୍ଥାପନ କରାଯିବାକୁ ସରକାରୀ ସ୍ତରରେ ନିଷ୍ପତ୍ତି ହୋଇଥିଲା। ସରକାର ଏହି ବିଦ୍ୟାଳୟର ନୂତନ ଗୃହ ନିର୍ମାଣ ନିମନ୍ତେ ପ୍ରାୟ ୩କୋଟି ୩୧ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରାଯାଇଥିଲା। ୨୦୨୦ ନଭେମ୍ବର ୧୩ରେ ମାହାଙ୍ଗା ବିଧାୟକ ପ୍ରତାପ ଜେନା ଏହି ଗୃହର ଶିଳାନ୍ୟାସ କରିଥିଲେ। ଅବଧି ଶେଷ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଗୃହ ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇପାରୁନାହିଁ। ଏହି ଗୃହ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଶେଷ ନ ହେବା କାରଣରୁ ଦୀର୍ଘ ୨ ବର୍ଷ ହେଲା ବିଦ୍ୟାଳୟ ଅସୁରେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ଅସ୍ଥାୟୀ ଭାବେ ଚାଲୁଛି। ଏ ସମ୍ପର୍କରେ ବିଦ୍ୟାଳୟ ଅଧ୍ୟକ୍ଷ ମନୋଜ କୁମାର ପ୍ରଧାନଙ୍କୁ ପଚାରିବାରୁ କଟକ ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶରେ ସକାଳୁଆ ବିଦ୍ୟାଳୟ ଚାଲୁଛି। ଜିଲା ଶିକ୍ଷାଧିକାରୀ ସମୟ ନିର୍ଘଣ୍ଟ ପରିବର୍ତ୍ତନ ପାଇଁ ନିର୍ଦ୍ଦେଶ ଦେଲେ ତାହା କାର୍ଯ୍ୟକାରୀ କରାଯିବ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଊର୍ମି ପ୍ରିୟଦର୍ଶିନୀ ଦାସଙ୍କୁ ପଚାରିବାରୁ ମାସକ ମଧ୍ୟରେ ଗୃହ ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ମତବ୍ୟକ୍ତ କରିଥିଲେ। ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକଙ୍କୁ ପଚାରିବାରେ ୧୫ ଦିନ ଭିତରେ ଆଦର୍ଶ ବିଦ୍ୟାଳୟ ଗୃହ କାର୍ଯ୍ୟ ଶେଷ ହେବ ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି। ଦୂରଦୂରାନ୍ତରୁ ଆସୁଥିବା ଛାତ୍ରୀଛାତ୍ର ଓ ଅଭିଭାବକମାନେ ସତର୍କ ଅବଲମ୍ବନ କରି ବିଦ୍ୟାଳୟକୁ ଆସନ୍ତୁ। ଖୁବ୍‌ଶୀଘ୍ର ନିଜସ୍ୱ ଗୃହରେ ବିଦ୍ୟାଳୟ ଚାଲିବ ବୋଲି ସେ କହିଛନ୍ତି।

### ଆଶ୍ରମରେ ମା'ସାରଦା ଦେବୀଙ୍କ ଜୟନ୍ତୀ

ବାଙ୍କୀ, ୩।୧ (ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ଚକାପଦାସ୍ଥିତ ଶ୍ରୀ ରାମକୃଷ୍ଣ ପରମହଂସ ଦେବଙ୍କ ଆଶ୍ରମରେ ମା'ସାରଦା ଦେବୀଙ୍କ ୧୭୧ତମ ଜୟନ୍ତୀ ବୁଧବାର ପାଳନ କରାଯାଇଥିଲା। ସକାଳୁ ମଙ୍ଗଳ ଆଳତି, ହୋମଯଜ୍ଞ କରାଯାଇ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା। ଉପସ୍ଥିତ ଭକ୍ତମାନେ ମା'ସାରଦା ଦେବୀଙ୍କ ଜୀବନ ଦର୍ଶନ ଉପରେ ଆଲୋଚନା କରିଥିଲେ। ଏଥିରେ ଚକାପଦା ଆଶ୍ରମର ମୁଖ୍ୟ ଚିତ୍ତରଞ୍ଜନ ସାହୁ ସଭାପତିତ୍ୱ କରିଥିବାବେଳେ ମହେଶ୍ୱର ପଣ୍ଡା, ଗୋପବନ୍ଧୁ ସାହୁ, ଜଳଧର ରାଉତ, ସୁରେନ୍ଦ୍ର ପରିଡା, ପ୍ରମୋଦ କୁମାର ପରିଡା, ପ୍ରତାପ ଚନ୍ଦ୍ର ମହାପାତ୍ର, ପ୍ରମୋଦ ଚନ୍ଦ୍ର ମହାପାତ୍ର, ଋଷି କୁମାର ରଣା, ବ୍ରଜବନ୍ଧୁ ବେହେରା, ପ୍ରେମାନନ୍ଦ ରାଜ, ହେମନ୍ତ କୁମାର ମହାପାତ୍ର, ଡା. ଆନନ୍ଦ ଚନ୍ଦ୍ର ପଣ୍ଡା, ଅମ୍ଳାନ ମହାନ୍ତି, ହୃଷୀକେଶ ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। ବରିଷ୍ଠ ଭକ୍ତ ସ୍ୱର୍ଗତ ବିଷ୍ଣୁ ପ୍ରସାଦ ନନ୍ଦ ଏବଂ ସ୍ୱର୍ଗତା ବିଷ୍ଣୁପ୍ରିୟା ମହାପାତ୍ରଙ୍କ ଉଦ୍ଦେଶ୍ୟରେ ପ୍ରମୋଦ ଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଏକ ଶୋକସଭା କରାଯାଇ ସେମାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

## ବେଣ୍ଟପଦାରେ ଧାନମଣ୍ଡି ଉଦ୍‌ଘାଟିତ

ଆଠଗଡ଼, ୩।୧ (ସତ୍ୟ ପ୍ରସାଦ ରଥ)

ନରସିଂହପୁର ନିୟନ୍ତ୍ରିତ ବଜାର କମିଟି ଆନୁକୂଲ୍ୟରେ ଆଠଗଡ଼ ବେଣ୍ଟପଦା ସୋ ସମବାୟ ସମିତିଠାରେ ଚଳିତ ଖରିଫ ଋତୁରେ ପଞ୍ଜୀକୃତ ଚାଷୀମାନଙ୍କଠାରୁ ବଳକା ଧାନ କିଣିବା ପାଇଁ ଲୋକମାନଙ୍କ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଏହି ଧାନମଣ୍ଡିକୁ ଜିଲା ପରିଷଦ ସଭ୍ୟ ବଳଭଦ୍ର ବାଘ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ଶ୍ରୀକାନ୍ତ ପଣ୍ଡା, ସମିତି ସଭ୍ୟା ରପ ମଲ୍ଲିକ, ସମବାୟ ଅଧିକାରୀ ଶୈଳେନ୍ଦ୍ର ନାରାୟଣ ସ୍ୱାଇଁ, ବେଣ୍ଟପଦା ସେବା ସମବାୟ ସମିତିର ସଭାପତି ପବିତ୍ର କୁମାର ସାହୁ, ସମ୍ପାଦକ ମନୋରଞ୍ଜନ ଭଞ୍ଜ ପ୍ରମୁଖ ଯୋଗଦେଇ ଥିଲେ। ପ୍ରଥମ ଦିନରେ ୧୪ଜଣ ଟୋକନଧାରୀ ପଞ୍ଜୀକୃତ ଚାଷୀମାନଙ୍କଠାରୁ ୪.୮୩ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିଲା।



ଅତିଥିମାନେ ଧାନମଣ୍ଡିର ଉଦ୍‌ଘାଟନ କରୁଛନ୍ତି।

## ପୁସ୍ତକ 'ଦି କନ୍‌ଷ୍ଟିଚ୍ୟୁଶନ ଅଫ୍ ଇଣ୍ଡିଆ-ଜୁଡିସିଆଲ ଆପ୍ରୋଚ୍' ଉନ୍ମୋଚିତ




ହାଇକୋର୍ଟ ବାର୍ ଆସୋସିଏଶନ ସମ୍ମିଳନୀ କକ୍ଷରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

କଟକ, ୩।୧ (କାର୍ତ୍ତିକ ସାହୁ):

ଆଇନଜୀବୀ ଡ. ପୁରୁଷୋତ୍ତମ ଚୁଳିଙ୍କ ଲିଖିତ ପୁସ୍ତକ 'ଦି କନ୍‌ଷ୍ଟିଚ୍ୟୁସନ ଅଫ୍ ଇଣ୍ଡିଆ-ଜୁଡିସିଆଲ ଆପ୍ରୋଚ୍' ହାଇକୋର୍ଟ ବାର୍ ଆସୋସିଏଶନ ସମ୍ମିଳନୀ କକ୍ଷରେ ବୁଧବାର ଉନ୍ମୋଚିତ ହୋଇଯାଇଛି। ମୁଖ୍ୟ ଅତିଥି ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ପୁସ୍ତକକୁ ଉନ୍ମୋଚନକରି ଭାରତୀୟ ସମ୍ବିଧାନର ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ବିଚାରପତି ବିରଜା ପ୍ରସନ୍ନ ଶତପଥୀ, ସମ୍ମାନିତ ଅତିଥି ଆଡ୍‌ଭୋକେଟ୍ ଜେନେରାଲ ଅଶୋକ କୁମାର ପରିଜା ଓ ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ. ସ୍ୱର୍ଣ୍ଣମୟୀ ତ୍ରିପାଠୀ ଯୋଗଦେଇ ପୁସ୍ତକର ଉପାଦେୟତା ଉପରେ ବକ୍ତବ୍ୟ ରଖିଥିଲେ। ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ଧରଣୀଧର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଆଡିସିନାଲ ପବ୍ଲିକ ପ୍ରସିକ୍ୟୁଟର ବିଜୟ କୁମାର ରଗଡ଼ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ଲେଖକ ଡ. ଚୁଳି ଅତିଥି ପରିଚୟ ପ୍ରଦାନ, ଏଜିଏ ଅଭୟ କୁମାର ଶର୍ମା ଧନ୍ୟବାଦ ଦେଇଥିଲେ। ବିଚାରପତି ସାବିତ୍ରୀ ରଥ, ବିଚାରପତି ଆଦିତ୍ୟ କୁମାର ମହାପାତ୍ର, ବିଚାରପତି ଏମ୍. ଏସ୍. ରମଣ, ଅବସରପ୍ରାପ୍ତ ଜିଲାଜଜ୍ ମୁରଲୀଧର ପ୍ରଧାନ, ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ଲକ୍ଷ୍ମୀନାରାୟଣ ପଟେଲ, ଆଇନଜୀବୀ ଶଶିଭୂଷଣ ଜେନା, ବାସୁଦେବ ପୂଜାରୀ, ବିଭୁ ପ୍ରସନ୍ନ ମହାପାତ୍ର, ଅକ୍ଷୟ କୁମାର ସାହୁଙ୍କ ସମେତ ବହୁ ବିଚାର ବିଭାଗୀୟ ଅଧିକାରୀ, ଆଇନଜୀବୀ ଓ ଆଇନ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## କୁଜି ହରିଣ ମୃତ, ବାସନ୍ତୀ ଅସୁସ୍ଥ

ବାରଙ୍ଗ, ୩।୧ (ଲିଙ୍ଗରାଜ ରାଉତ)

ପ୍ରାଣୀଉଦ୍ୟାନ ନନ୍ଦନକାନନକୁ ନୂଆବର୍ଷରେ ନୂଆ ଅତିଥି ଆସୁ ଆସୁ ଦିନକ ପରେ ସେ ଆଖି ବୁଜିଛି। କୁଜି ହରିଣ ଏନ୍‌କ୍ଲୋଜରରେ ରହୁଥିବା ହରିଣ ମଙ୍ଗଳବାର ଗୋଟିଏ ଶାବକ ଜନ୍ମ ଦେଇଥିଲା। ମା' ଓ ଛୁଆ ସୁସ୍ଥ ଥିବାବେଳେ ଉଭୟ ଡାକ୍ତରଙ୍କ ନଜରବନ୍ଦିରେ ଥିଲେ। ହେଲେ ଛୁଆଟି ବୁଧବାର ହଠାତ୍ ଅସୁସ୍ଥ ହୋଇପଡ଼ିଥିଲା। ପଶୁ ଚିକିତ୍ସକମାନେ ତା'ର ଚିକିତ୍ସା ଜାରି ରଖିଥିଲେ ବି ତାକୁ ବଞ୍ଚେଇ ପାରି ନ ଥିଲେ। ସେହିପରି ହାତୀ ସଫାରିରେ ରହୁଥିବା ହାତୀ ବାସନ୍ତୀ ପୁଣି ଥରେ ଅସୁସ୍ଥ ହୋଇପଡ଼ିଛି। ଗତ କିଛିଦିନ ହେବ ଠିକ୍ ଭାବେ ଖାଦ୍ୟ ଗ୍ରହଣ ନ କରିବା ସହ ମଙ୍ଗଳବାରଠାରୁ ସେ ଠିଆ ବସି ନ ଥିବା ଜଣାପଡ଼ିଛି। ଯାହାକୁ ନେଇ ଡାକ୍ତରମାନଙ୍କ ଚିନ୍ତା ବଢ଼ିଯାଇଛି। ବୁଧବାର ପ୍ରାଣୀଉଦ୍ୟାନ ପ୍ରାଣୀ ଚିକିତ୍ସାଳୟର ଡାକ୍ତରମାନେ ଯାଇ ବାସନ୍ତୀର ଚିକିତ୍ସା ଆରମ୍ଭ କରିଛନ୍ତି।

## ପ୍ରଧାନ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ବାଙ୍କୀ, ୩।୧ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ବି.କେ.ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଫକୀର ମୋହନ ମିଶ୍ର ଅବସରଗ୍ରହଣ କରିଛନ୍ତି। ଏହି ଅବସରରେ ବୁଧବାର ସ୍କୁଲ ସଭାଗୃହରେ ତାଙ୍କ ଉଦ୍ଦେଶ୍ୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ରଞ୍ଜନ ସାମନ୍ତରାୟ, ସମ୍ମାନିତ ଅତିଥି ପଣ୍ଡିତ ନଗେନ୍ଦ୍ରକୁମାର ମହାପାତ୍ର, ନିରଞ୍ଜନ ମହାନ୍ତି, ସ୍କୁଲ ପରିଚାଳନା କମିଟି ସଭାପତି ବାସନ୍ତୀ ମନ୍ତ୍ରୀ ଯୋଗଦେଇଥିଲେ। ଅତିଥିମାନେ ମିଶ୍ରଙ୍କ ଗୁଣଗାନ କରିବା ସହ ସ୍କୁଲର ଉନ୍ନତିରେ ତାଙ୍କର ଅବଦାନ ସମ୍ପର୍କରେ କହିଥିଲେ। ଗୋଡ଼ିସାହି ହାଇସ୍କୁଲର ପ୍ରଧାନ ଶିକ୍ଷକ ତଥା ବି.କେ.ବିଦ୍ୟାପୀଠର ପୂର୍ବତନ ଶିକ୍ଷକ ତ୍ରିଲୋଚନ ଜେନା ଯୋଗଦେଇ ବିଦାୟୀ ପ୍ରଧାନ ଶିକ୍ଷକ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସ୍କୁଲର ଶିକ୍ଷକ ଓ ଛାତ୍ରମାନେ ମିଶ୍ରଙ୍କ ଉଦ୍ଦେଶ୍ୟରେ ନିଜ ନିଜର ମତବ୍ୟକ୍ତ କରିଥିଲେ।



ବିଦାୟୀ ପ୍ରଧାନ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

- ୨୮ ଜଣଙ୍କୁ ବସ୍ ପାସ୍
- ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ୩୧୦ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

କଟକ, ୩।୧ (କାର୍ତ୍ତିକ ସାହୁ)

କଟକ ମହାନଗର ନିଗମ (ସିଏମ୍‌ସି) ଏବଂ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ମିଳିତ ଆନୁକୂଲ୍ୟରେ କଟକ ରାଜାବଗିଚା ସିଟି ହାଇସ୍କୁଲ ପରିସରରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ସିଏମ୍‌ସି ମେୟର ସୁବାସ ସିଂ ଏହାକୁ ଉଦ୍‌ଘାଟନ କରି କହିଛନ୍ତି, ଦିବ୍ୟାଙ୍ଗ ବ୍ୟକ୍ତିମାନେ ମନୋବଳ ଦୃଢ଼ କରନ୍ତୁ। ସରକାରଙ୍କ ଏକାଧିକ ଯୋଜନା ମାଧ୍ୟମରେ ସେମାନେ ନିଶ୍ଚିତ ଭାବେ ଉପକୃତ ହୋଇପାରିବେ ବୋଲି ମେୟର କହିଛନ୍ତି। କେନ୍ଦ୍ର ସରକାରଙ୍କର ସ୍ୱୀକୃତିପ୍ରାପ୍ତ ସଂସ୍ଥା ନ୍ୟାଶନାଲ କ୍ୟାରିଅର୍ ସର୍ଭିସ୍ ସେଣ୍ଟର୍‌ସ ଫର୍ ଡିଫରେଣ୍ଟଲି ଏବଲଡ୍ (ଏନ୍‌ସିଏସ୍‌ସି-ଡିଏ) ପକ୍ଷରୁ ଦିବ୍ୟାଙ୍ଗଙ୍କ ପାଇଁ ଉଦ୍ଦିଷ୍ଟ ଏକାଧିକ ଦକ୍ଷତା ସମ୍ପର୍କିତ ଯୋଜନା ଉପରେ ଅବଗତ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ବିଭାଗର ଡାକ୍ତର ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ ପାଇଁ ଉପସ୍ଥିତ ୩୧୦ ଜଣ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ୨୮ ଜଣ ଦିବ୍ୟାଙ୍ଗଙ୍କୁ ବସ୍ ପାସ୍ ପ୍ରଦାନ କରାଯାଇଥିଲା। ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ପ୍ରଳୟା ବେଉରା, କର୍ପୋରେଟର ବନଲତା ପ୍ରଧାନ, ପୁଷ୍ପିତା ମହାନ୍ତି, ରବିନାରାୟଣ ସାହୁ, ଜନାର୍ଦ୍ଦନ ପରିଡ଼ା, ଡେପୁଟି କମିଶନର ତଥା ବସ୍ତି ଉନ୍ନୟନ ଅଧିକାରୀ ଶ୍ୱେତପଦ୍ମା ଡି. ଶତପଥୀଙ୍କ ସମେତ ସିଏମ୍‌ସି ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## କ୍ରୀଡ଼ା ହେଉଛି ଶିକ୍ଷାର ଅଙ୍ଗ

### ଜବାହରଲାଲ ନେହେରୁ ମହାବିଦ୍ୟାଳୟ ବାର୍ଷିକ ଉତ୍ସବ

ମାହାଙ୍ଗା, ୩।୧ (ଯଯାତି ସିଂହ)

ମାହାଙ୍ଗା ବ୍ଲକ ଅନ୍ତର୍ଗତ କୁଆଁପାଳସ୍ଥିତ ଜବାହରଲାଲ ନେହେରୁ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ, ଯୁବ ଓଡ଼ିଶା ନବୀନ ଓଡ଼ିଶା ଉଦ୍‌ଯାପନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୟ କୁମାର ଲେଙ୍କାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମାହାଙ୍ଗା ବିଧାୟକ ପ୍ରତାପ ଜେନା ଯୋଗଦେଇ କ୍ରୀଡା ହେଉଛି ଶିକ୍ଷାର ଅଙ୍ଗ। ତେଣୁ ପ୍ରତ୍ୟେକ ଛାତ୍ରୀଛାତ୍ର କ୍ରୀଡାରେ ଭାଗନେବା ଉଚିତ ବୋଲି ବିଧାୟକ ଜେନା କହିଥିଲେ। ମୁଖ୍ୟବକ୍ତା ଭାବେ ମୋ କଲେଜ ଅଭିଯାନ ଅଧ୍ୟକ୍ଷ ଆକାଶ ଦାସ ନାୟକ, ବ୍ଲକ ଅଧ୍ୟକ୍ଷା ଦୀପା ମଲିକ, ଉପାଧ୍ୟକ୍ଷ ସତ୍ୟନାରାୟଣ ମହାନ୍ତି, ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି ପ୍ରତାପ କୁମାର ଚୌଧୁରୀ, ଜିଲା ପରିଷଦ ସଭ୍ୟା ସୁସ୍ମିତା ଦାସ, ଜିଲା ପରିଷଦ ସଭ୍ୟ ମୁର୍ସିଦ ରିଆଜୁଲ ହୋଦା, ବିବେକାନନ୍ଦ ସାମନ୍ତରାୟ, ପ୍ରଦୀପ୍ତ କୁମାର ଧଳ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପ୍ରମାଣପତ୍ର ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅଧ୍ୟାପକ କୁମୁଦ ରଞ୍ଜନ ସିଂହ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅଧ୍ୟାପକ ରୁଦ୍ର ନାରାୟଣ ଦାସ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ କଲେଜର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ଉତ୍ସବରେ ବିଧାୟକ ପ୍ରତାପ ଜେନା ଏବଂ ଅନ୍ୟମାନେ।

## ୪୨ ଫୁଟ୍ ଉଚ୍ଚତାର ଶିବଙ୍କ ଫାଇବର ଗ୍ଲାସ୍ ମୂର୍ତ୍ତି

- ଆଖଣ୍ଡଳମଣି ମନ୍ଦିରରେ ସ୍ଥାପନ ହେବ
- ନିୟୋଜିତ ହୋଇଛନ୍ତି ୪୫ କାରିଗର

କଟକ, ୩।୧ (ଶିଳ୍ପା ପ୍ରିୟଦର୍ଶିନୀ)



କଟକ କାଠଗଡ଼ା ସାହିଠାରେ ପ୍ରଥମଥର ପାଇଁ ୪୨ ଫୁଟ୍ ଉଚ୍ଚତା ବିଶିଷ୍ଟ ଫାଇବର ଗ୍ଲାସ୍‌ରେ ଶିବଙ୍କ ମୂର୍ତ୍ତି ନିର୍ମାଣ ଚାଲିଛି। ଏହି ମୂର୍ତ୍ତି ଭଦ୍ରକ ଜିଲା ଆରଡି ଅଞ୍ଚଳର ବାବା ଆଖଣ୍ଡଳମଣି ମନ୍ଦିର ପ୍ରାଙ୍ଗଣରେ ଆସନ୍ତା ମହାଶିବରାତ୍ରିରେ ସ୍ଥାପନ କରାଯିବ। ମୂର୍ତ୍ତିଟି ଧ୍ୟାନ ମୁଦ୍ରା ଆକୃତିର ରହିଛି। ପାହାଡ଼ ଉପରେ ଶିବ ଧ୍ୟାନ କରୁଥିବାରୁ ପାହାଡ଼ ଆକୃତିକୁ ମିଶାଇ ଏହି ମୂର୍ତ୍ତିର ଉଚ୍ଚତା ୪୨ ଫୁଟ୍ ରହିଛି। ସେଥିମଧ୍ୟରେ ଶିବଙ୍କ ମୂର୍ତ୍ତି ୩୨ ଫୁଟ୍ ଓ ଓସାର ୨୫ ଫୁଟ୍ ରହିଛି। କାଠଗଡ଼ା ସାହିଠାରେ ବାସ କରୁଥିବା ଶିଳ୍ପୀ ଲକ୍ଷ୍ମୀଧର ରଣାଙ୍କ ନେତୃତ୍ୱରେ ୪୫ ଜଣ କାରିଗର ଗତବର୍ଷ ନଭେମ୍ବର ୨୮ରୁ ଏହି ମୂର୍ତ୍ତି ତିଆରିରେ ଲାଗି ପଡିଛନ୍ତି। ଆର୍‌ଆଣ୍ଡବି ଏହି ମୂର୍ତ୍ତି ନିର୍ମାଣ ଦାୟିତ୍ୱ ନେଇଛି। ଭୁବନେଶ୍ୱରର ବି.ସି. ଭୂୟାଁ କନ୍‌ଷ୍ଟ୍ରକ୍‌ସନ ପକ୍ଷରୁ ଏହି କାମ ଲକ୍ଷ୍ମୀଧରଙ୍କୁ ଦିଆଯାଇଛି। ଏହି ମୂର୍ତ୍ତି ତିଆରିରେ ୨୦ ଟନ୍ ମାଟି ବ୍ୟବହାର ହେବ। ପ୍ରଥମେ ନଡ଼ା ବନ୍ଧାଯିବା ପରେ ମାଟିରେ ଆକୃତି ତିଆରି କରାଯିବ। ପରେ ଫାଇବର ଗ୍ଲାସ ଲଗାଯାଇ ଏଥିରେ ରଙ୍ଗ ଦିଆଯିବ। ଶିବ ମୂର୍ତ୍ତିରେ ଚୂଳ, ତ୍ରିଶୂଳ, ସାପ, କେଶ, ଗଙ୍ଗା ଇତ୍ୟାଦି ରହିଛି। ଏଥିପାଇଁ ୬୫ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ କରାଯିବ। ଏ ସମ୍ପର୍କରେ ଲକ୍ଷ୍ମୀଧର କହିଛନ୍ତି, କଟକରେ ପ୍ରଥମଥର ଏଭଳି ମୂର୍ତ୍ତି ତିଆରି ହେଉଛି। ଫାଇବର ଗ୍ଲାସ ଓ ମାଟି ମିଳିତରେ ହେଉଥିବାରୁ ଏହା ସମ୍ପୂର୍ଣ୍ଣ ନୂଆ ଲାଗିବ। ଏହି ମୂର୍ତ୍ତି ତିଆରି ସରିବା ପରେ ଏହାକୁ ଅଧା ଅଧା କରି କଢ଼ାଯାଇ ସ୍ଥାପିତ ହେବା ସ୍ଥାନରେ ଯୋଡ଼ାଯିବ ବୋଲି ସେ କହିଛନ୍ତି।

## ଟଙ୍କା ଲୁଟ୍ ଘଟଣା: କମ୍ପାନୀ କର୍ମଚାରୀ ଗିରଫ

### ୭୮,୧୪୦ଟଙ୍କା, ଲାପ୍‌ଟପ୍, ମୋବାଇଲ, ବାଇକ୍ ଜବତ

ଆଠଗଡ଼, ୩।୧ (ସତ୍ୟ ପ୍ରସାଦ ରଥ)




ଖବରଦାତା ସମ୍ମିଳନୀରେ ପୋଲିସ ଅଧିକାରୀମାନେ।

ଆଠଗଡ଼ ଥାନା ଅନ୍ତର୍ଗତ କଦମ୍ବପାଟଣା ଓ ରାଜନଗର ଗ୍ରାମରୁ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଠାରୁ ଋଣ ଟଙ୍କା ଧରି ଆଶୀର୍ବାଦ ଫାଇନାନ୍ସ କମ୍ପାନୀର କର୍ମଚାରୀ, ସ୍ଥାନୀୟ ଗୁଡୁପଡା ଗାଁର ପିନୁ କୁମାର ସାହୁ ଫେରୁଥିଲେ। ଥାନା ଅନ୍ତର୍ଗତ ଆଠଗଡ଼-ମୁଣ୍ଡଳୀ ରାସ୍ତାର ରାଧାଗୋବିନ୍ଦପୁରସ୍ଥିତ ପେଟ୍ରୋଲ ପମ୍ପଠାରେ ୮୦ହଜାର ଟଙ୍କା ଲୁଟ ହୋଇଥିବା ସ୍ଥାନୀୟ ବାଣୀକଣ୍ଠନଗରସ୍ଥିତ କମ୍ପାନୀର ଶାଖା କାର୍ଯ୍ୟାଳୟର ପରିଚାଳକ ଅର୍ଦ୍ଧେନ୍ଦୁ ଶେଖର ଦାସଙ୍କ ଅଭିଯୋଗ କରିଥିଲେ। ଏ ନେଇ ଶାଖା ପରିଚାଳକ ଦାସ ଥାନାରେ ମଙ୍ଗଳବାର ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ପୋଲିସ କମ୍ପାନୀର କର୍ମଚାରୀ ପିନୁଙ୍କୁ ଗିରଫ କରି ସେ ଲୁଚାଇ ରଖିଥିବା ସ୍ଥାନରୁ ନଗଦ ୭୮.୧୪୦ଟଙ୍କା, ଲାପ୍‌ଟପ୍, ମୋବାଇଲ ଓ ବାଇକ୍ (ନଂ. ଓଡି ୦୫ ଏଏକ୍ସ ୪୮୦୮)କୁ ଜବତ କରିଥିଲା। ଏ ନେଇ ଥାନା ନଂ. ୩/୨୪ରେ ମାମଲା ରୁଜୁ କରି ପିନୁଙ୍କୁ କୋର୍ଟ ଚାଲାଣ କରିଛି ବୋଲି ଖବରଦାତା ସମ୍ମିଳନୀରେ କଟକ ଗ୍ରାମାଞ୍ଚଳ ପୋଲିସର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କୃଷ୍ଣ ପ୍ରସାଦ ପଟ୍ଟନାୟକ ସୂଚନା ଦେଇଛନ୍ତି।

ମଙ୍ଗଳବାର ଅପରାହ୍ନ ୪ଟାରେ ଅଭିଯୁକ୍ତ ପିନୁ ନାଟକ ରଚନା କରି ଟଙ୍କା, ଲାପଟପ୍, ମୋବାଇଲକୁ ନିକଟସ୍ଥ ଏକ ନିଛାଟିଆ ବୁଦା ତଳେ ଲୁଚାଇ ନିଜର ପୋଷାକ ଚିରି ଶାଖା ପରିଚାଳକଙ୍କୁ ଲୁଟ୍ ହୋଇଥିବା ନେଇ ଖବର ଦେଇଥିଲେ। ପରେ ଏନେଇ ଥାନାରେ ଅଭିଯୋଗ ହେବାରୁ ପୋଲିସ ନିକଟସ୍ଥ ବିଭିନ୍ନ ବ୍ୟବସାୟ ଅନୁଷ୍ଠାନ ଓ ପେଟ୍ରୋଲ ପମ୍ପର ସିସିଟିଭି କ୍ୟାମେରା ଫୁଟେଜ ଓ ମୋବାଇଲ ଟ୍ର୍ୟାପିଂ କରି ଅଭିଯୁକ୍ତ ପିନୁଙ୍କୁ ଧରିଥିଲେ। ପରେ ସେ ଦୋଷ ସ୍ୱୀକାର କରିଥିବା ତଦନ୍ତକାରୀ ଏସ୍‌ଆଇ ଶକୁନ୍ତଳା ଦାସ କହିଛନ୍ତି। ଖବରଦାତା ସମ୍ମିଳନୀରେରେ ଆଠଗଡ଼ ଏସ୍‌ଡିପିଓ ରବୀନ୍ଦ୍ର ନାଥ ମଲ୍ଲିକ, ଆଠଗଡ଼ ଆଇଆଇସି ଅନିରୁଦ୍ଧ ମୁଦୁଲି, ଏସ୍‌ଆଇ ବିଶ୍ୱଜିତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଟ୍ୟୁରିଷ୍ଟ ବସ୍-ହାଇୱା ଦୁର୍ଘଟଣା: ୪ ଯାତ୍ରୀ ଆହତ

ବୋଲଗଡ଼,୩ା୧(ଦେବବ୍ରତ ହୋତା)

ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥର ବୋଲଗଡ଼ ବ୍ଲକ କୁମାରୀ ଛକଠାରେ ବୁଧବାର ଭୋର ସମୟରେ ଅତ୍ୟଧିକ କୁହୁଡି ଯୋଗୁ ଏକ ଟ୍ୟୁରିଷ୍ଟ ବସ୍ ସହ ଏକ ବାଲି ବୋଝେଇ ହାଇୱା ଧକ୍କା ହୋଇଛି। ଏଥିରେ ୪ଜଣ ବସ୍ ଯାତ୍ରୀ ଆହତ ହୋଇଥିଲେ। ଆହତମାନେ ରାଜସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଥିଲେ। ଘଟଣାସ୍ଥଳରେ ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡି ଅଧିକାରୀ ସଂଗ୍ରାମ କେଶରୀ ପାଇକରାୟ ପହଞ୍ଚି ଉଭୟ ବସ୍ ଏବଂ ହାଇୱାକୁ ଜବତ କରିଥିଲେ। ସୂଚନା ଅନୁସାରେ, ହାଇୱାଟି କୁମାରୀ ଛକଠାରେ ପୂର୍ବ ରାସ୍ତାରୁ ଜାତୀୟ ରାଜପଥକୁ ଉଠି ବୁଲୁଥିବାବେଳେ ସମ୍ବଲପୁରରୁ ନୟାଗଡ଼ ଦେଇ ଖୋର୍ଦ୍ଧା ଅଭିମୁଖେ ଆସୁଥିବା ଟୁରିଷ୍ଟ ବସ୍‌ଟି ହାଇୱାର ପଛ ପଟରେ ବାଜିଥିଲା। ଅତ୍ୟଧିକ କୁହୁଡି କାରଣରୁ ଏଭଳି ଦୁର୍ଘଟଣା ଘଟିଥିବାର ଜଣାପଡ଼ିଛି।

### ଯାଜପୁରରୁ ଅଭିଯୁକ୍ତ ଗିରଫ
**ଶଗଡ଼ଭଙ୍ଗାରେ ଯୁବକଙ୍କୁ ହତ୍ୟା ଘଟଣା**

ନିରାକାରପୁର,୩ା୧(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଧୀନ ଶଗଡ଼ଭଙ୍ଗାରେ ଜଣେ ଯୁବକଙ୍କ ମୃତଦେହ ଜବତ ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଯାଜପୁରରୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ପୁରୀ ଜିଲା ଚନ୍ଦନପୁର ଅଞ୍ଚଳର ସୋମନାଥ ଲାଠି। ସୂଚନା ମୁତାବକ, ମୃତକ ରଶ୍ମି ରଞ୍ଜନ ବଳିୟାରସିଂ, ଅଭିଯୁକ୍ତ ସୋମନାଥ ଉଭୟ ସମଲିଙ୍ଗୀ। ହେଲେ ରଶ୍ମି ଅନ୍ୟ ଏକ ଯୁବତୀଙ୍କୁ ଭଲ ପାଇବାରୁ ସେ ଆଉ ସୋମନାଥଙ୍କ ସହ ସମ୍ପର୍କ ରଖୁ ନ ଥିଲେ। ଏନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହି ସମୟରେ ସୋମନାଥ ରଶ୍ମିଙ୍କୁ ପିଟି ପିଟି ମାରି ଦେଇଥିଲେ। ଘରେ ଭିତରେ ରଶ୍ମିଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଛାଡ଼ି ବାହାରୁ ତାଲା ପକାଇଦେଇଥିଲେ। ପରେ ସେ ଏକ ବାଇକ୍‌ରେ ରମେଶ୍ୱର ଛକ ମଲାଗୁଣି ବ୍ରିଜ୍ ପାଖରେ ବାଇକ୍‌କୁ ଫୋପାଡି ସେଠାରୁ ଏକ ଅଟୋରେ ଯାଜପୁର ପଳାଇଯାଇ ନିଜ ମୋବାଇଲ ବନ୍ଦ କରିଦେଇଥିଲେ। ସେ ମୋବାଇଲ ଖୋଲିବାରୁ ପୋଲିସ ତାଙ୍କୁ ଟ୍ରାକ କରି ଯାଜପୁରରୁ ଧରି ଜଙ୍କିଆ ଥାନାକୁ ଆଣିବା ପରେ ସେ ସବୁ ସତ କଥା ମାନିଥିଲେ।

### କୋଣାର୍କରେ ପର୍ଯ୍ୟଟକଙ୍କ ମୃତ୍ୟୁ

କୋଣାର୍କ,୩ା୧(ଜ୍ୟୋତିରାଜ ମହାନ୍ତି)- କୋଣାର୍କ ବୁଲିବାକୁ ଆସିଥିବା ଜଣେ ପର୍ଯ୍ୟଟକଙ୍କ ବୁଧବାର ମୃତ୍ୟୁ ଘଟିଛି। ସେ ହେଲେ ମଧ୍ୟପ୍ରଦେଶ ଉଜ୍ଜୟିନୀର ବଲୁ ସିଂ(୬୫)। ଏନେଇ କୋଣାର୍କ ଥାନାରେ ୧/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଚାରିଛକ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ବଲୁଙ୍କ ମୃତଦେହ ସାଥି ପର୍ଯ୍ୟଟକଙ୍କୁ ହସ୍ତାନ୍ତର କରାଯାଇଥିବା କୋଣାର୍କ ଥାନା ଆଇଆଇସି ପଞ୍ଚାନନ ପରିଡ଼ା ସୂଚନା ଦେଇଛନ୍ତି। ଉଜ୍ଜୟିନୀରୁ ଏକ ବସ୍‌ରେ ପର୍ଯ୍ୟଟକ କୋଣାର୍କ ସୂର୍ଯ୍ୟମନ୍ଦିର ବୁଲିବାକୁ ଆସିଥିଲେ। ସକାଳ ସମୟରେ ପର୍ଯ୍ୟଟକମାନେ ବୁଲୁଥିବା ସମୟରେ ବଲୁଙ୍କ ଛାତିରେ ଯନ୍ତ୍ରଣା ଅନୁଭବ କରି ଅସୁସ୍ଥ ହୋଇପଡ଼ିଥିଲେ। ତୁରନ୍ତ ତାଙ୍କୁ କୋଣାର୍କ ଓ ପରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ବଲୁଙ୍କୁ ମୃତ ଘୋଷଣା କରିଥିଲେ।

# ଚିଲିକାରେ ପକ୍ଷୀ ଗଣନା ଆଜି, ସାମିଲ୍ ହେଲେ ୨୧ ଟିମ୍

ବାଲୁଗାଁ, ୩ା୧(ସଂଗ୍ରାମ ପାଇକରାୟ)



ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଆନୁକୂଲ୍ୟରେ ଗୁରୁବାର ଚିଲିକାରେ ପକ୍ଷୀଗଣନା କାର୍ଯ୍ୟ ହେବ। ଏଥିପାଇଁ ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। ଏହି ପରିପ୍ରେକ୍ଷୀରେ ବୁଧବାର ବାଲୁଗାଁ ନିକଟ ଚନ୍ଦ୍ରାପୁଟସ୍ଥିତ ସିଡିଏ ଗବେଷଣା କେନ୍ଦ୍ର ଗୃହରେ ଗଣନାକାରୀଙ୍କୁ ସବିଶେଷ ତାଲିମ୍ ଦିଆଯାଇଛି।

ଡିଏଫ୍‌ଓ ଅମ୍ଲାନ କୁମାର ନାୟକ ପ୍ରାରମ୍ଭିକ ଭାବେ ପକ୍ଷୀଗଣନା କାର୍ଯ୍ୟର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଆରସିସିଏଫ୍ ଡ. ସଞ୍ଜିତ କୁମାର, ପିସିସିଏଫ୍ ବିକାଶ ରଞ୍ଜନ ଦାଶ, ଅବସରପ୍ରାପ୍ତ ଆଇଏଫ୍‌ଏସ୍ ପି.କେ. ମିଶ୍ର, ବମ୍ବେ ନାଚୁରାଲ ହିଷ୍ଟ୍ରି ଅଫ୍ ସୋସାଇଟିର ନିର୍ଦ୍ଦେଶକ ପି. ସାଥିଆ ସେଲଭମ୍ ଏବଂ ପ୍ରଫେସର ଡ. ଶ୍ୱେତାଶ୍ରୀ ପୁରୋହିତ ପ୍ରମୁଖ ପକ୍ଷୀଗଣନା ସମ୍ପର୍କରେ ଗଣନାକାରୀଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ସମଗ୍ର ଚିଲିକା ଅଧୀନ ଅଞ୍ଚଳରେ ୨୧ଟି ଟିମ୍ ଗଣନା କାର୍ଯ୍ୟରେ ସାମିଲ୍ ହୋଇଥିବାବେଳେ ମୋଟ ୧୨୦ ଜଣ ଏହି ତାଲିମ୍ ଶିବିରରେ ପ୍ରଶିକ୍ଷଣ ନେଇଛନ୍ତି। ଏଥିରେ ୱାଇଲ୍ଡ ଓଡ଼ିଶା, ବମ୍ବେ ନାଚୁରାଲ ହିଷ୍ଟ୍ରି ଅଫ୍ ସୋସାଇଟି, ଓୟୁଏଟି, ବିଭିନ୍ନ ବିଶ୍ୱବିଦ୍ୟାଳୟର ପ୍ରଫେସର, ଛାତ୍ରୀଛାତ୍ର ଏବଂ ବହୁ ଅଭିଜ୍ଞ ପକ୍ଷୀ ବିଶାରଦ ସାମିଲ୍ ଥିବା ଜଣାଯାଇଛି। ପ୍ରତ୍ୟେକ ଗଣନାକାରୀ ଦଳକୁ ଗୋଟିଏ ଲେଖାଏ ଡଙ୍ଗା ଯୋଗାଇ ଦିଆଯାଇଥିବା ବେଳେ ପ୍ରତି ଟିମ୍‌ରେ ଅଭିଜ୍ଞ ପକ୍ଷୀ ବିଶାରଦଙ୍କ ସମେତ ୪ଜଣ ସହଯୋଗୀ ନିୟୋଜିତ ହୋଇଛନ୍ତି। ଗଣନା ପାଇଁ ପ୍ରତ୍ୟେକ ଦଳକୁ ୱାକିଟକି, ବାଇନାକୁଲାର, ଜିପିଏସ୍ ଏବଂ ଭିଏଚ୍‌ଏଫ୍ ଆଦି ଯନ୍ତ୍ର ଯୋଗାଇ ଦିଆଯାଇଛି। ବାଲୁଗାଁ ରେଞ୍ଜରେ ୬ଟି ଟିମ୍ ନିୟୋଜିତ ହୋଇଥିବା ବେଳେ ସାତପଡ଼ା ୪, ରମ୍ଭା ୨, ଚିଲିକା ୧ ଓ ଟାଙ୍ଗୀ ରେଞ୍ଜରେ ସର୍ବାଧିକ ୮ ଟିମ୍ ପକ୍ଷୀ ଗଣନା କରିବେ ବୋଲି ସ୍ଥିର ହୋଇଛି। ତାଲିମ୍ ପରେ ପ୍ରତ୍ୟେକ ଗଣନାକାରୀ ଟିମ୍ ବୁଧବାର ଅପରାହ୍ନରେ ନିର୍ଦ୍ଧାରିତ ନିଜ ନିଜ କ୍ୟାମ୍ପରେ ଯାଇ ଅବସ୍ଥାନ କରିଛନ୍ତି। ଗୁରୁବାର ସକାଳ ୬ଟାରୁ ମଧ୍ୟାହ୍ନ ୧୨ଘଟିକା ପର୍ଯ୍ୟନ୍ତ ପକ୍ଷୀଗଣନା କାର୍ଯ୍ୟ ଜାରି ରହିବ ବୋଲି ବିଭାଗୀୟ ସୂତ୍ରରୁ ସୂଚନା ମିଳିଛି।

ଗତବର୍ଷ ୧୮୪ ପ୍ରଜାତିର ମୋଟ ୧୧ଲକ୍ଷ ୩୧ହଜାର ୯୨୯ ପକ୍ଷୀଙ୍କ ସମାଗମ ହୋଇଥିବା ଗଣନାରୁ ଜଣାପଡ଼ିଥିଲା। ତେବେ ଚଳିତବର୍ଷ ପାଗ ଅନୁକୂଳ ରହିଥିବା ସହ ଜଳସ୍ତର କମ୍ ହେତୁ ପକ୍ଷୀ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇବ ବୋଲି ଡିଏଫ୍‌ଓ ନାୟକ ଆଶା ପ୍ରକାଶ କରିଛନ୍ତି। ମୁଖ୍ୟତଃ ୩ଟି ପଦ୍ଧତିରେ ପକ୍ଷୀ ଗଣନା ହୁଏ। ପ୍ରଥମଟି ହେଲା ଏକକ ପଦ୍ଧତି। ଏଥିରେ ଚିଲିକା ମଧ୍ୟରେ ଯେଉଁଠି ସ୍ୱସଂଖ୍ୟକ ପକ୍ଷୀ ଦୃଷ୍ଟିଗୋଚର ହୋଇଥାଆନ୍ତି, ସେଠାରେ ୧, ୨, ୩ ଆଦି କ୍ରମ ଅନୁଯାୟୀ ପକ୍ଷୀ ସଂଖ୍ୟା ଏବଂ ପ୍ରଜାତି ଗଣନା ହୁଏ। ଦ୍ୱିତୀୟଟି ହେଲା ବ୍ଲକ୍ ପଦ୍ଧତି। ଏଥିରେ ଛୋଟ ଛୋଟ ଗ୍ରୁପ୍ ତଥା ସ୍ୱଳ୍ପସଂଖ୍ୟକ ପକ୍ଷୀ ଥାଆନ୍ତି। ଟେଲିସ୍କୋପ୍ ମାଧ୍ୟମରେ ଏହାର ସମଷ୍ଟିକରଣ କରାଯାଇ ସଂଖ୍ୟା ନିର୍ଦ୍ଧାରଣ କରାଯାଏ। ତୃତୀୟଟି ହେଲା ସର୍କଲ ପଦ୍ଧତି। ଯେଉଁଠି ପକ୍ଷୀଙ୍କୁ ଗଣି ହୁଏନାହିଁ ଏବଂ ଅସଂଖ୍ୟ ସଂଖ୍ୟାରେ ସମାଗମ ଥାଆନ୍ତି, ସେଠାରେ ବାଇନାକୁଲାର ପରିଧି ମଧ୍ୟରେ ଦୃଷ୍ଟିଗୋଚର ହେଉଥିବା ପକ୍ଷୀଙ୍କୁ ନେଇ ଗୋଟିଏ ଗୋଟିଏ ସର୍କଲ ତିଆରି କରାଯାଏ। ଏହିପରି ଏକାଧିକ ସର୍କଲ କରି ଜିପିଏସ୍ ମାଧ୍ୟମରେ ପକ୍ଷୀଙ୍କ ପ୍ରଜାତି ଓ ସଂଖ୍ୟା ସମଷ୍ଟୀକରଣ ହୋଇଥାଏ। ତେବେ ଗଣନା ସମୟରେ ଯଦି ଗୋଟିଏ ବ୍ଲକ୍ କିମ୍ବା ସର୍କଲରେ ଦୃଷ୍ଟିଗୋଚର ଥିବା ପକ୍ଷୀ ଉଡ଼ିଯାଇ ଅନ୍ୟତ୍ର ଅବସ୍ଥାନ କରନ୍ତି, ତା' ହେଲେ ସେଠାରୁ ଉଡ଼ିଯାଇଥିବା ପକ୍ଷୀ ସଂଖ୍ୟାକୁ ବିଭକ୍ତ କରାଯାଇ ଅବସ୍ଥାନ କରିଥିବା ବ୍ଲକ୍ କିମ୍ବା ସର୍କଲରେ ସମଷ୍ଟୀକରଣ ହୁଏ। ସମଗ୍ର ଚିଲିକାରେ ଚଳିତ ବର୍ଷ ସମାଗମ ହୋଇଥିବା ବିଭିନ୍ନ ପ୍ରଜାତି ଓ ପକ୍ଷୀ ସଂଖ୍ୟା ରିପୋର୍ଟ ଗୁରୁବାର ସନ୍ଧ୍ୟାରେ ବିଭାଗ ପକ୍ଷରୁ ପ୍ରକାଶ ପାଇବ ବୋଲି ଡିଏଫ୍‌ଓ ନାୟକ ସୂଚନା ଦେଇଛନ୍ତି।

## ବ୍ଲକସ୍ତରୀୟ 'ନୂଆ ଓ' କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

ଟାଙ୍ଗୀ,୩ା୧(ରଘୁନାଥ ସାହୁ)

ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ତରଫରୁ ବୁଧବାର ଟାଙ୍ଗୀ ପଞ୍ଚାୟତ ସମିତି ଆନୁକୂଲ୍ୟରେ ବ୍ଲକସ୍ତରୀୟ 'ନୂଆ ଓ' କ୍ରୀଡ଼ା ପ୍ରତିଯୋଗିତା ଚିଲିକା ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଯାଇଛି। ଅତିଥି ଭାବେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ଯୋଗଦେଇ କ୍ରୀଡ଼ା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଚିଲିକା ଷ୍ଟାଡିୟମରେ କବାଡ଼ି, ଖୋଖୋ ଓ କଲେଜ ପଡ଼ିଆରେ ଭଲିବଲ, ଟେନିସ ବଲ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। କବାଡି ପ୍ରତିଯୋଗିତାରେ ୧୩ ବାଳକ ଦଳ, ୬ ବାଳିକା ଦଳ,ଖୋ ଖୋରେ ୭ ବାଳକ ଦଳ, ୭ ବାଳିକା ଦଳ, ଭଲିବଲରେ ୧୧ ବାଳକ ଦଳ, ଟେନିସ ବଲ କ୍ରିକେଟରେ ୩୧ ବାଳକ ଦଳ ଯୋଗଦେଇଥିଲେ। ସମୁଦାୟ ୬୩୯ ଜଣ ପ୍ରତିଯୋଗୀ ବିଭିନ୍ନ କ୍ରୀଡାରେ ଭାଗ ନେଇଥିଲେ। ଟାଙ୍ଗୀ ବିଡିଓ ରେଶ୍ମା ଟେଟେ ସମସ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମୋଟ ୯୮ ଟି ଦଳ ଭାଗ ନେବାପାଇଁ ପଞ୍ଜୀକରଣ କରିଛନ୍ତି। ଫୁଟବଲ ଓ ହକି ପ୍ରତିଯୋଗିତା ଶେଷ ପର୍ଯ୍ୟାୟରେ ହେବ। ଉଦ୍‌ଯାପନୀ ଉତ୍ସବ ଆସନ୍ତା ୮ ତାରିଖରେ ଚିଲିକା ଷ୍ଟାଡିୟମରେ ଅନୁଷ୍ଠିତ ହେବ।

## ହରିପୁର କ୍ରିକେଟ କ୍ଲବ୍ ଚାମ୍ପିୟନ



ଖେଳାଳିଙ୍କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

ଟାଙ୍ଗୀ,(ଖୋର୍ଦ୍ଧା) ୩ା୧ (ରଘୁନାଥ ସାହୁ)

**ସାନରାଉତପଡ଼ା ଟ୍ୱେଣ୍ଟି -୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

ସାନରାଉତପଡାସ୍ଥିତ ତରୁଣ ପାଠାଗାର ଆନୁକୂଲ୍ୟରେ ଚାଲିଥିବା ଟ୍ୱେଣ୍ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଟସ୍ ଜିତି ବିସିସି ହରିପୁର ଧାର୍ଯ୍ୟ ୨୦ ଓଭରରେ ୮ ଉଇକେଟ ହରାଇ ୨୨୫ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ଏମ୍‌ସିସି ମୂଳିଝର କ୍ରିକେଟ କ୍ଲବ ନିର୍ଦ୍ଧାରିତ ଓଭରରେ ମାତ୍ର ୧୮୮ ରନ୍ ସଂଗ୍ରହ କରିଥିଲା। ଫଳରେ ହରିପୁର ଦଳ ୩୭ ରନ୍‌ରେ ବିଜୟୀ ହୋଇଥିଲା। ଅତିଥି ଭାବେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁଚରଣ ଖଣ୍ଡାୟତରାୟ, ପୂର୍ବତନ ସରପଞ୍ଚ ଗୋପାଳକୃଷ୍ଣ ଜେନା, ପୂର୍ବତନ ସମିତିସଭ୍ୟ ଅଶୋକ କୁମାର ପାତ୍ର, ଉତ୍କଳ ପବ୍ଲିକ ସ୍କୁଲ ଚେୟାରମ୍ୟାନ୍ ଶିବପ୍ରସାଦ ଧଳ, ସାନରାଉତପଡା ସରପଞ୍ଚ କିଶୋର ରାଉତରାୟ, ସମିତିସଭ୍ୟ କାଦିର ଖାଁ, ଭାଜପା ଜିଲା ସଂଯୋଜକ କିଶୋର ବରାଳ, ତ୍ରିଲୋଚନ ଦାସ, ଜିତେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ଉଭୟ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

# 'ଶୃଙ୍ଖଳିତ ଛାତ୍ର ଜୀବନ ଶୀର୍ଷରେ ପହଞ୍ଚାଇବ'



କୃତୀ ଛାତ୍ରଙ୍କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

ଟାଙ୍ଗୀ,(ଖୋର୍ଦ୍ଧା) ୩ା୧ (ରଘୁନାଥ ସାହୁ)

**ବଳରାମ ଦେବ ବିଦ୍ୟାପୀଠରେ ପ୍ରତିଷ୍ଠା ଦିବସ ପାଳିତ**

ଟାଙ୍ଗୀ ବଳରାମ ଦେବ ବିଦ୍ୟାପୀଠ ୮୧ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦ ସଭାପତି ପଦ୍ମନାଭ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଅତିଥି ଭାବେ ଉପସଭାପତି ଡାକ୍ତର ମଧୁସୂଦନ ସେନାପତି, ସମ୍ପାଦକ ବିଜୟ କୁମାର ରାଉତ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ରମେଶ କୁମାର ବଳବନ୍ତରାୟ, ପ୍ରାକ୍ତନ ଛାତ୍ର ଅରୁଣ ରଞ୍ଜନ ମହାନ୍ତି, ରଘୁନାଥ ସାହୁ, ସୁନିଲ କୁମାର ମହାନ୍ତି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗଣେଶ ବାରିକ ପ୍ରମୁଖ ଯୋଗ ଦେଇ ଶୃଙ୍ଖଳିତ ଛାତ୍ର ଜୀବନ ଶୀର୍ଷରେ ପହଞ୍ଚାଇବ ବୋଲି କହିଥିଲେ। ପ୍ରଧାନ ଶିକ୍ଷକ ବିଶ୍ୱଜିତ ପଲାଇ ବାର୍ଷିକ ବିବରଣୀ ପାଠ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଚାମ୍ପିୟନ ହୋଇଥିବା ଜୁନିୟର ବିଭାଗର ସୋନମ କୋଦମା ସିଂ, ସିନିୟର୍ ବିଭାଗରେ ନବମ ଶ୍ରେଣୀର ସ୍ମୃତିରଞ୍ଜନ ବେହେରା ଓ ଦଶମ ଶ୍ରେଣୀର ସୂର୍ଯ୍ୟକାନ୍ତ ବେହେରାଙ୍କୁ ସମ୍ମାନିତ କରାଯାଇଥିଲା। ଷାଣ୍ମାସିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଶୁଭସ୍ମିତା ଭୁଜବଳ(ଷଷ୍ଠ), ନିରଞ୍ଜନ ବାରିକ (ସପ୍ତମ), ଅଂଶୁମାନ ବେହେରା (ଅଷ୍ଟମ), ଶୁଭଲକ୍ଷ୍ମୀ ସାମନ୍ତରାୟ (ନବମ), ସ୍ୱୟମ ପ୍ରକାଶ ମହାପାତ୍ର (ଦଶମ)ଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ପ୍ରଜ୍ଞା ପାରମିତା ପରିଡ଼ା ସଂଯୋଜନା କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ରଶ୍ମିତା ବେହେରା ଧନ୍ୟବାଦ ଦେଇଥିଲେ।

## ବସ୍ -କାର୍ ଧକ୍କା: ୧୩ ଆହତ

କୋଣାର୍କ,୩ା୧(ଜ୍ୟୋତିରାଜ ମହାନ୍ତି)

ପୁରୀ- କୋଣାର୍କ ବେଳାମାର୍ଗ ମୁଖ୍ୟ ରାସ୍ତା ଖାଲକାଟା ପାଟଣା ଛକ ନିକଟରେ ସନ୍ଧ୍ୟା ସମୟରେ ଏକ ବସ୍ ଓ କାର ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଉଭୟ ଗାଡ଼ିର ୧୩ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୫ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସ୍ଥାନୀୟ ଲୋକଙ୍କ ସହାୟତାରେ ୧୦୮ ଆମ୍ବୁଲାନ୍ସ ଯୋଗେ ସମସ୍ତଙ୍କୁ ପୁରୀ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ରାମଚଣ୍ଡୀ ପୋଲିସ ଘଟଣାସ୍ଥଳରେ ତୁରନ୍ତ ପହଞ୍ଚି ୨ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି। ବସ୍‌ରେ ଥିବା ଅବଶିଷ୍ଟ ଆଉ ୪୦ ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଖବର ନେବାରେ ଜଣାପଡିଛି, ଏସ୍‌ଏନ୍‌ଏମ୍‌ଟି ନାମକ ବସ୍ (ଓଆର୍-୧୩-୦୭୦୧୭)ଟି ପୁରୀରୁ କୋଣାର୍କ ଅଭିମୁଖେ ଆସୁଥିଲା। କାର୍‌ଟି ରାମଚଣ୍ଡୀଠାରେ ବଣଭୋଜି ସାରି ପୁରୀ ଅଭିମୁଖେ ବାହାରି ଯାଉଥିବାବେଳେ ବସ୍ ସହ ମୁହାଁମୁହିଁ ହୋଇଥିଲା।

## ଚିଲିକାରେ ଫସିଲା ଯାତ୍ରୀବାହୀ ଡଙ୍ଗା

କୃଷ୍ଣପ୍ରସାଦ/ବ୍ରହ୍ମଗିରି, ୩ା୧(କୈଳାଶ ଚନ୍ଦ୍ର ପଟ୍ଟନାୟକ/ ସ୍ୱାଧୀନ ଚମ୍ପତିରାୟ)



ଚିଲିକାରେ ବୁଧବାର ଏକ ଯାତ୍ରୀବାହୀ ଡଙ୍ଗା ଯାନ୍ତ୍ରିକ ତ୍ରୁଟି ଯୋଗୁ ଫସିରହିଛି।

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଜହ୍ନିକୁଦା-ସାତପଡ଼ା ଚିଲିକାରେ ବୁଧବାର ଏକ ଯାତ୍ରୀବାହୀ ଡଙ୍ଗା ଯାନ୍ତ୍ରିକ ତ୍ରୁଟି ଯୋଗୁ ଫସିଯାଇଥିଲା। ପୂର୍ବାହ୍ନ ୧୦ଟାରେ ଜହ୍ନିକୁଦା ଚିଲିକା ଘାଟରୁ ୨୫ ଜଣ ଯାତ୍ରୀ ଏବଂ ୧୫ଟି ସାଇକେଲ ନେଇ ଡଙ୍ଗାଟି ଯାଉଥିବାବେଳେ ମହିଷା ନିକଟରେ ଇଞ୍ଜିନ ଖରାପ ହେବାରୁ ଫସିଯାଇଥିଲା। ଯାତ୍ରୀମାନେ ଚିନ୍ତିତ ହୋଇପଡ଼ିଥିଲେ। ଡଙ୍ଗା ଚାଳକ ବହୁ ଚେଷ୍ଟା କରି ନିରାଶ ହେବା ପରେ ଅନ୍ୟ ଏକ ଡଙ୍ଗା ଆସି ଯାତ୍ରୀମାନଙ୍କୁ ନେଇଥିଲା। ଚିଲିକାରେ ବାରମ୍ବାର ଏଭଳି ଘଟଣା ଘଟୁଥିଲେ ମଧ୍ୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନାହିଁ।

## ଜୟଦୁର୍ଗା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: ସେମିରେ ଟାଙ୍ଗୀ



ଉଭୟ ଦଳର ଖେଳାଳିଙ୍କୁ ଅତିଥିମାନେ ଉତ୍ସାହିତ କରୁଛନ୍ତି।

ବେଗୁନିଆ,୩ା୧(ହରପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ସିମୋର ପଞ୍ଚାୟତ ଅନ୍ତର୍ଗତ କଣ୍ଟାମଲିମ ଗ୍ରାମ ଖେଳପଡ଼ିଆରେ ଚାଲିଥିବା ଜୟଦୁର୍ଗା ଫୁଟବଲ ଟୁର୍ଣ୍ଣାମେଣ୍ଟରେ ବୁଧବାର ଟାଙ୍ଗୀର ରଘୁନାଥ କ୍ଲବ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଭୁବନେଶ୍ୱର ଘାଟିକିଆର ଜେବି ସ୍ପୋର୍ଟିଂ କ୍ଲବ ଓ ଟାଙ୍ଗୀ ରଘୁନାଥ କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମାର୍ଦ୍ଧରେ ଟାଙ୍ଗୀ କ୍ଲବ ଘାଟିକିଆକୁ ଗୋଟିଏ ଗୋଲ ଦେଇଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ଘାଟିକିଆ କ୍ଲବ ଗୋଲ୍ ଦେଇ ବରାବର ସ୍ଥିତିକୁ ଆଣିଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ମ୍ୟାଚ ବରାବର ରହିଥିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଟାଇବ୍ରେକରରେ ଟାଙ୍ଗୀ ଦଳ ୩-୧ ଗୋଲରେ ବିଜୟୀ ହୋଇଥିଲା। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଚନ୍ଦ୍ରଶେଖର ମାର୍ଥା ଓ ମହେନ୍ଦ୍ର ମାର୍ଥା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଦୟାନ ଖାଁଙ୍କ ନେତୃତ୍ୱରେ ଟୁଟୁ ବାହିନୀପତି, ପି.କେ. ବେହେରା, ସଗିର ଅହମ୍ମଦ ଓ ବିଦେଶୀ ନାୟକ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

# 'ସେବା, ସମର୍ପଣ ଦ୍ୱାରା ସମାଜର ଉନ୍ନତି ସମ୍ଭବ'

ବାଲୁଗାଁ, ୩ା୧(ସଂଗ୍ରାମ ପାଇକରାୟ)

**ଜାତୀୟ ସେବା ଯୋଜନାର ଶୀତକାଳୀନ ସ୍ୱତନ୍ତ୍ର ଶିବିର**

ବାଲୁଗାଁ ମହାବିଦ୍ୟାଳୟର ଜାତୀୟସେବା ଯୋଜନା ଆନୁକୂଲ୍ୟରେ ବୁଧବାର ଶୀତକାଳୀନ ସ୍ୱତନ୍ତ୍ର ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. କଳ୍ପନା ଦାସ ସଭାପତିତ୍ୱ ଏବଂ ରାଜ୍ୟ ପୁରସ୍କାରପ୍ରାପ୍ତ ପୂର୍ବତନ କାର୍ଯ୍ୟକ୍ରମ ଅଧିକାରୀ ଡ. କୈଳାସ ଚନ୍ଦ୍ର ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ଉଦ୍‌ଘାଟନ ସମାରୋହରେ ସିୱାଇଏସ୍‌ଡିର ସମ୍ପାଦକ ଜିତେନ୍ଦ୍ର କୁମାର ସୁନ୍ଦରାୟ , ଖୋର୍ଦ୍ଧା ଜିଲା କାର୍ଯ୍ୟକ୍ରମ ଅଧିକାରୀ ଡ. ଜୟଶ୍ରୀବାଳା ମଲ୍ଲିକ ଏବଂ ଜାତୀୟ ପୁରସ୍କାରପ୍ରାପ୍ତ ସ୍ୱେଚ୍ଛାସେବୀ ବିକ୍ରମ ବିଶୋଇ ଯଥାକ୍ରମେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ସେବା ଓ ସମର୍ପଣ ଦ୍ୱାରା ସମାଜର ଉନ୍ନତି ସମ୍ଭବ ହୋଇଥାଏ ବୋଲି ଅତିଥିମାନେ କହିଥିଲେ। ଯୁବ ରେଡକ୍ରସ୍ ପରାମର୍ଶଦାତା ତଥା ଅଧ୍ୟାପିକା ମନସ୍ୱିନୀ ପଟ୍ଟନାୟକ, ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ସୁବାସ ଶ୍ରୀଚନ୍ଦନ, ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରବୀଣ କୁମାର ଜେନା ଓ ଧୋବିଚରଣ ପରିଡ଼ା ପ୍ରମୁଖ ଜାତୀୟ ସେବା ଯୋଜନାର ଆଭିମୁଖ୍ୟ ଓ ଯୁବ ସମାଜର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଶିବିରରେ ୧୦୦ ଜଣ ଶିବିରାର୍ଥୀ ଉପସ୍ଥିତ ଥିଲେ। ସ୍ୱେଚ୍ଛାସେବୀ ସଂଗ୍ରାମ କେଶରୀ ବେହେରା ଧନ୍ୟବାଦ ଦେଇଥିଲେ। ପରେ ସ୍ୱେଚ୍ଛାସେବୀମାନେ ଶାନ୍ତିନଗର, ଗୋପବନ୍ଧୁ କଲୋନୀ ପ୍ରଭୃତି ପୋଷ୍ୟଗ୍ରାମକୁ ଯାଇ ସାକ୍ଷରତାର ସର୍ବେକ୍ଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ କାର୍ଯ୍ୟକ୍ରମ ଅଧିକାରୀ ଡ. ଲକ୍ଷ୍ମୀଧର ସୁବୁଦ୍ଧି ପରିଚାଳନା କରିଥିଲେ।




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି।

# ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୯୭ତମ ଜୟନ୍ତୀ



ଭୁବନେଶ୍ୱର,୩ା୧(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶା ରାଜନୀତି ଆକାଶରେ ଜାନକୀବଲ୍ଲଭ ପଟ୍ଟନାୟକ ଜଣେ ଉଜ୍ଜ୍ୱଳ ଜ୍ୟୋତିଷ୍କ। ଓଡ଼ିଶାରେ ରାଜନୀତିକ ସ୍ଥିରତା ଆଣିବା ସହ ସାମାଜିକ ଓ ସାଂସ୍କୃତିକ କ୍ଷେତ୍ର ପାଇଁ ସେ ପ୍ରେରଣାପ୍ରଦ ବ୍ୟକ୍ତି ଥିଲେ ବୋଲି ରାଜ୍ୟପାଳ ପ୍ରକାଶ କରିଛନ୍ତି। ଜାନକୀ ବଲ୍ଲଭ ସ୍ମୃତି କମିଟି ପକ୍ଷରୁ ବୁଧବାର ସୂଚନା ଭବନଠାରେ ପଟ୍ଟନାୟକଙ୍କ ୯୭ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି ପୂର୍ବତନ ବିଧାୟକ ଡ.ଦିଲ୍ଲୀପ ଶ୍ରୀଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଧାୟକ ସୁରେଶ କୁମାର ରାଉତରାୟ, ପୂର୍ବତନ ସୂଚନା କମିଶନର ଜଗଦାନନ୍ଦ, କମିଟି ସମ୍ପାଦକ ଇଂ. ବିଶ୍ୱମୋହନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ସମାଜ ସମ୍ପାଦକ ପ୍ରମୋଦ କୁମାର ମହାପାତ୍ର ଓ ପରିବେଶବିତ୍ ବିଜୟ କେତନ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

# ପୁରୀରୁ ଅଯୋଧ୍ୟାକୁ ଟ୍ରେନ୍ ଚଳାଚଳ କରାଯାଉ

## ରେଳମନ୍ତ୍ରୀଙ୍କୁ ଚିଠି ଲେଖି ଦାବି ଜଣାଇଲା ପୁରୀ ବିକାଶ ପରିଷଦ

ପୁରୀ, ୩।୧ (ଅଜିତ୍ ମହାନ୍ତି)

ଶ୍ରୀଜଗନ୍ନାଥ ଧାମ ପୁରୀ ଏବଂ ପ୍ରଭୁ ଶ୍ରୀରାମଙ୍କ ପବିତ୍ର ଜନ୍ମଭୂମି ଅଯୋଧ୍ୟା ମଧ୍ୟରେ ନୂଆ ଟ୍ରେନ ଚଳାଚଳ ପାଇଁ ପୁରୀ ବିକାଶ ପରିଷଦ ପକ୍ଷରୁ ଦାବି କରାଯାଇଛି। ପରିଷଦ ସଭାପତି ଜଗନ୍ନାଥ ବସ୍ତିଆ ଏଥିପାଇଁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ବସ୍ତିଆ ଚିଠିରେ ଉଲେଖ କରିଛନ୍ତି ଯେ, ପୁରୀ ଏବଂ ଅଯୋଧ୍ୟା ଦେଶର କୋଟି କୋଟି ହିନ୍ଦୁଙ୍କ ଭାବାବେଗ ସହ ଜଡ଼ିତ। ଏହା ଭାରତ ବର୍ଷର ଦୁଇଟି ପ୍ରମୁଖ ତୀର୍ଥ ସ୍ଥାନ। ପୁରୀ ଏବଂ ଅଯୋଧ୍ୟା ମଧ୍ୟରେ ଟ୍ରେନ ଚଳାଚଳ କରାଗଲେ ଏହି ଦୁଇଟି ଧାର୍ମିକ, ଆଧ୍ୟାତ୍ମିକ ଏବଂ ଐତିହାସିକ ସ୍ଥାନ ସହ ଯୋଗାଯୋଗ ଅଧିକ ସୁଗମ ହୋଇପାରିବ। ପ୍ରତିବର୍ଷ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ଦର୍ଶନ କରିବାର ସୁଯୋଗ ପାଇବେ। ଏହି ରାସ୍ତାରେ ନୂଆ ଟ୍ରେନ୍ ଚଳାଚଳ ଲାଭଦାୟକ ଏବଂ ଅଧିକ ଜନ ଉପଯୋଗୀ ହୋଇପାରିବ। ଶ୍ରୀକ୍ଷେତ୍ର ପୁରୀ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ପବିତ୍ର ଜନ୍ମସ୍ଥାନ ହୋଇଥିବା ବେଳେ ଅଯୋଧ୍ୟା ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଙ୍କ ପବିତ୍ର ଜନ୍ମଭୂମି। ତେଣୁ ପୁରୀରୁ ଅଯୋଧ୍ୟା ମଧ୍ୟରେ ନୂଆ ଟ୍ରେନ ଚଳାଚଳର ଆବଶ୍ୟକତା ରହିଛି। ପ୍ରଭୁ ଶ୍ରୀରାମଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାର ଏବଂ ଉତ୍ତର ପ୍ରଦେଶ ସରକାର ଅନେକ ନୂଆ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ପୁରୀରୁ ଅଯୋଧ୍ୟା ମଧ୍ୟରେ ନୂତନ ଟ୍ରେନ ଚଳାଚଳକୁ କେନ୍ଦ୍ର ସରକାର ସେଥିରେ ସାମିଲ କରିବା ପାଇଁ ବସ୍ତିଆ ଦାବି କରିଛନ୍ତି। ପୁରୀ ଏବଂ ଅଯୋଧ୍ୟା ମଧ୍ୟରେ ନିବିଡ଼ ଭାବଗତ, ଐତିହାସିକ ଏବଂ ଧାର୍ମିକ ସମ୍ପର୍କ ରହିଥିବା ସେ ଉଲ୍ଲେଖ କରିଛନ୍ତି।

ଜାନୁଆରୀ ୨୨ରେ ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଙ୍କ ନୂତନ ଭବ୍ୟ ମନ୍ଦିର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିବେ। ଦେଶର ପ୍ରାୟ ୪ ହଜାର ସାଧୁସନ୍ଥ ସେଥିରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି ଶ୍ରୀଜଗନ୍ନାଥ ମନ୍ଦିର ଚତୁଃପାର୍ଶ୍ୱରେ ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ମିତ ପରିକ୍ରମା ପ୍ରକଳ୍ପ ତଥା ଐତିହ୍ୟ କରିଡର ଜାନୁଆରୀ ୧୭ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପଣ କରାଯିବ। ଏଥିପାଇଁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ଦେଶର ପ୍ରମୁଖ ଦେବଦେବୀ, ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ, ଚାରିଧାମ ଶଙ୍କରାଚାର୍ଯ୍ୟ ଏବଂ ନେପାଳ ରାଜାଙ୍କୁ ନିମନ୍ତ୍ରଣ କରାଯାଉଛି। ତେଣୁ ଏହି ଅବସରରେ ଶ୍ରୀଜଗନ୍ନାଥ ଧାମ ପୁରୀରୁ ପ୍ରଭୁ ଶ୍ରୀରାମଙ୍କ ଜନ୍ମଭୂମି ଆଯାଧ୍ୟା ମଧ୍ୟରେ ଏକ ନୂଆ ଏକ୍ସପ୍ରେସ ଟ୍ରେନ ଚଳାଚଳ କରାଯାଉ। ପୂର୍ବରୁ ପୁରୀରୁ ତିରୁପତି, ବୈଦ୍ୟନାଥ ଧାମ, କାମାକ୍ଷା ଏବଂ ହରିଦ୍ୱାର ମଧ୍ୟରେ ସିଧାସଳଖ ଟ୍ରେନ ଚଳାଚଳ କରୁଛି। ଏବେ ପୁରୀରୁ ଅଯୋଧ୍ୟା ମଧ୍ୟରେ ନୂଆ ଟ୍ରେନ ଚଳାଚଳ ପାଇଁ ବସ୍ତିଆ ଦାବି କରିଛନ୍ତି।

## ସଂକ୍ଷେପରେ

### ଚିଲିକାରେ ଫସିଲା ଯାତ୍ରୀବାହୀ ଡଙ୍ଗା

କୃଷ୍ଣପ୍ରସାଦ/ବ୍ରହ୍ମଗିରି, ୩।୧ (କୈଳାଶ ଚନ୍ଦ୍ର ପଟ୍ଟନାୟକ/ ସ୍ୱାଧୀନ ଚମ୍ପତିରାୟ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଜହ୍ନିକୁଦା-ସାତପଡ଼ା ଚିଲିକାରେ ବୁଧବାର ଏକ ଯାତ୍ରୀବାହୀ ଡଙ୍ଗା ଯାନ୍ତ୍ରିକ ତ୍ରୁଟି ଯୋଗୁ ଫସିଯାଇଥିଲା। ପୂର୍ବାହ୍ନ ୧୦ଟାରେ ଜହ୍ନିକୁଦା ଚିଲିକା ଘାଟରୁ ୨୫ ଜଣ ଯାତ୍ରୀ ଏବଂ ୧୫ଟି ସାଇକେଲ ନେଇ ଡଙ୍ଗାଟି ଯାଉଥିବାବେଳେ ମହିଷା ନିକଟରେ ଇଞ୍ଜିନ ଖରାପ ହେବାରୁ ଫସିଯାଇଥିଲା। ଯାତ୍ରୀମାନେ ଚିନ୍ତିତ ହୋଇପଡ଼ିଥିଲେ। ଡଙ୍ଗା ଚାଳକ ବହୁ ଚେଷ୍ଟା କରି ନିରାଶ ହେବା ପରେ ଅନ୍ୟ ଏକ ଡଙ୍ଗା ଆସି ଯାତ୍ରୀମାନଙ୍କୁ ନେଇଥିଲା। ଚିଲିକାରେ ବାରମ୍ବାର ଏଭଳି ଘଟଣା ଘଟୁଥିଲେ ମଧ୍ୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନାହିଁ।

### ୬୭ ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୩।୧ (ସତ୍ୟଜିତ୍ ରାଉତ)

୬୭ ଲକ୍ଷ ଠକିବା ଅଭିଯୋଗରେ ବଡ଼ଗଡ଼ ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏୟାରପୋର୍ଟ ଥାନା ଅନ୍ତର୍ଗତ ପୋଖରୀପୁଟରେ ରହୁଥିବା ପୁରୀ ଜିଲା ଡେଲାଙ୍ଗ ଅଞ୍ଚଳର କୁଳମଣି ପରିଡ଼ା (୫୧)। ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ କୁଳମଣି ଓ ଅନ୍ୟ ଜଣେ ମହିଳାଙ୍କଠାରୁ ଅଭିଯୋଗକାରୀ ରବୀନ୍ଦ୍ର କୁମାର ସାହୁ କଳାରାହଙ୍ଗ ମଉଜାରେ ୨୦୧୬ ଏପ୍ରିଲରେ ଏକ ପ୍ଲଟ୍ କିଣିଥିଲେ। ରବୀନ୍ଦ୍ର ଉକ୍ତ ପ୍ଲଟକୁ ନାମାନ୍ତକରଣ କରିବା ପରେ ହାଉସିଂ ଲୋନ୍ କରିଥିଲେ। ପରେ ରବୀନ୍ଦ୍ର ଜାଣିବାକୁ ପାଇଥିଲେ ଯେ, ବ୍ୟାଙ୍କ ଅଫ୍ ବରୋଦା ନୟାପଲ୍ଲୀ ଶାଖାରେ ଉକ୍ତ ପ୍ଲଟଟି ବନ୍ଧକ ରହିବା ସହ ବ୍ୟାଙ୍କ ଦ୍ୱାରା ସିଇଆର୍‌ସିଏଆଇ ମଧ୍ୟ ଲାଗୁ ହୋଇଛି। ଏନେଇ ରବୀନ୍ଦ୍ର ଜାଣିବା ପରେ କୁଳମଣିଙ୍କୁ ପଚାରିଥିଲେ। କୁଳମଣି ତାଙ୍କ ଭୁଲ୍ ସ୍ୱୀକାର କରିବା ସହ ନେଇଥିବା ୭୦ ଲକ୍ଷ ଟଙ୍କା ଫେରାଇଦେବାକୁ ଆଫିଡେଭିଟ୍ କରିଥିଲେ। ହେଲେ ସେ ୩ ଲକ୍ଷ ଟଙ୍କା ଦେଇ ଆଉ ଧରାଛୁଆଁ ଦେଉ ନ ଥିଲେ। ଏନେଇ ରବୀନ୍ଦ୍ରଙ୍କ ଏତଲା ଭିତ୍ତିରେ ନଭେମ୍ବର ୪ରେ ପୋଲିସ ଏକ ମାମଲା (ନଂ.୬୧୦/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

### ନୂଆ ଓ, ଯୁବ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ

ପୁରୀ, ୩।୧ (ଅଜିତ୍ ମହାନ୍ତି)

ସାମନ୍ତ ଚନ୍ଦ୍ରଶେଖର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ ଓ ଯୁବ ଓଡ଼ିଶା ନବୀନ ଓଡ଼ିଶାର ଉଦ୍‌ଯାପନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ସଭାରେ ସମ୍ମାନିତ ଅତିଥି ଭାବେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ବିଟା ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ନୂଆ ଓ ଯୁବ ଓଡ଼ିଶା, ନବୀନ ଓଡ଼ିଶା'ର ସଂଯୋଜକ ତଥା ଆସିଷ୍ଟାଣ୍ଟ ପ୍ରଫେସର ନିରଞ୍ଜନ ନାୟକ ଏହି ସଭାକୁ ପରିଚାଳନା କରିଥିଲେ। ଏହି ଉତ୍ସବ ଅବସରରେ ବିଗତ ଦିନରେ ହୋଇଥିବା ସାଂସ୍କୃତିକ, କ୍ରୀଡ଼ା ଓ ସାମାଜସେବା ବିଭାଗର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅଧ୍ୟାପକ ବିଶ୍ୱପ୍ରଶାନ୍ତ ମହାନ୍ତି, ପ୍ରମୋଦ କୁମାର ସ୍ୱାଇଁ, ଗିର୍ଜା ଶଙ୍କର ବେହେରା, ବିଶ୍ୱଜିତ ପ୍ରଧାନ, ଐଶ୍ୱର୍ଯ୍ୟ ବଳ, ପ୍ରଜ୍ଞା ପ୍ରଶମିତା ମହାନ୍ତି, ଶିବାନୀ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

କଣାସ,୩।୧ (ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ପାଣ୍ଡିଆକେରା ଗ୍ରାମ ପଞ୍ଚାୟତ ଗଡ଼ମାଟିଆପଡ଼ା ଗ୍ରାମର ବାବା ବାଲୁଙ୍କେଶ୍ୱର ଦେବ ପକ୍ଷରୁ ବୁଧବାର ଆଇଏଫ୍‌ଏଫ୍‌ସିଓ ସହାୟତାରେ ଅସହାୟ ଓ ବରିଷ୍ଠ ନାଗରିକଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିବାବେଳେ ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ପ୍ରଦାନ କରାଯାଇଥିଲା। ଏଥିରେ ଆଇଏଫ୍‌ଏଫ୍‌ସିଓର କ୍ଷେତ୍ର ପ୍ରବନ୍ଧକ ସୌମ୍ୟରଞ୍ଜନ ହାତୀ, ପ୍ରଧାନ ଶିକ୍ଷକ ନାରାୟଣ ଚନ୍ଦ୍ର ଭୁଜବଳ, ସାମାଜିକ କର୍ମୀ ଅନିରୁଦ୍ଧ ଜଗଦେବ, ରବୀନ୍ଦ୍ର ରାଉତରାୟ ଉପସ୍ଥିତ ରହି ଶୀତବସ୍ତ୍ର ବାଣ୍ଟିଥିଲେ। ପୂର୍ବତନ ସରପଞ୍ଚ କଣ୍ଠୁଚିରଣ ବଳିଆରସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଗ୍ରାମର ଯୁବଗୋଷ୍ଠୀ ଏଥିରେ ପୂର୍ଣ୍ଣ ସହଯୋଗ କରିଥିଲେ।

## ଜେଏମ୍‌ଏଫ୍‌ସି କୋର୍ଟ ଖୋଲିବା ନିମନ୍ତେ ଜିଲାଜଜ୍‌ଙ୍କ ସତ୍ୟବାଦୀ ଗସ୍ତ



ପେଣ୍ଟପଡ଼ା କଲ୍ୟାଣ ମଣ୍ଡପ ନିକଟରେ ଜିଲା ଜଜ୍ ଅଯନ୍ତା ଷଡଙ୍ଗୀ, ସତ୍ୟବାଦୀ ତହସିଲଦାର ଜୟନ୍ତ ଜୟସିଂ ଓ ବିଡିଓ ଲିପ୍ସା ରାୟଙ୍କ ସହ ଆଲୋଚନା କରୁଛନ୍ତି।

ସାକ୍ଷୀଗୋପାଳ,୩।୧ (ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର)

ସତ୍ୟବାଦୀରେ ଜୁଡିସିଆଲ ମାଜିଷ୍ଟ୍ରେଟ ଫାଷ୍ଟ କ୍ଲାସ କୋର୍ଟ (ଜେଏମ୍‌ଏଫ୍‌ସି) ଖୋଲିବା ନିମନ୍ତେ ସରକାରୀ ସ୍ତରରେ ସମସ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ବୁଧବାର ପୁରୀ ଜିଲା ଜଜ୍ ଅଯନ୍ତା ଷଡ଼ଙ୍ଗୀ ଅନୁଧ୍ୟାନ ନିମନ୍ତେ ସତ୍ୟବାଦୀ ଆସିଥିଲେ। କୋର୍ଟ ଚାଲିବା ନିମନ୍ତେ ନିଜସ୍ୱ ଗୃହ ନ ଥିବାରୁ ପେଣ୍ଟପଡ଼ା ପଞ୍ଚାୟତ କଲ୍ୟାଣ ମଣ୍ଡପରେ ଅସ୍ଥାୟୀ ଭାବେ ପ୍ରଥମେ କୋର୍ଟ କାର୍ଯ୍ୟ ଚାଲିବାକୁ ସେ ଉକ୍ତ କଲ୍ୟାଣ ମଣ୍ଡପଟି ବୁଲି ଦେଖିଥିଲେ। ଜିଲା ଜଜ୍‌ଙ୍କ ସହ ରେଜିଷ୍ଟ୍ରାର ନିଖିଳ ଭରତ ମହାନ୍ତି, କୋର୍ଟ ମ୍ୟାନେଜର ମଳୟ କୁମାର ଗିରି, ସତ୍ୟବାଦୀ ତହସିଲଦାର ଜୟନ୍ତ ଜୟସିଂ, ସତ୍ୟବାଦୀ ବିଡିଓ ଲିପ୍ସା ରାୟ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଏହି ଟିମ୍ ନୂତନ କୋର୍ଟ କାର୍ଯ୍ୟାଳୟ ନିମନ୍ତେ ଉକ୍ତ ପଞ୍ଚାୟତର ପଛ ପାର୍ଶ୍ୱରେ ରହିଥିବା ୩ ଏକର ଜମି ମଧ୍ୟ ପରିଦର୍ଶନ କରିଥିଲେ। ଏହି ୩ ଏକର ସମ୍ପତ୍ତିକୁ ଖୁବ୍‌ଶୀଘ୍ର ଆପ୍ରୁଭାଲ ନିମନ୍ତେ ଜିଲାପାଳଙ୍କ ନିକଟକୁ ପଠାଯାଇଥିବା ସତ୍ୟବାଦୀ ତହସିଲଦାର ଜୟସିଂ ପ୍ରକାଶ କରିଛନ୍ତି। ସତ୍ୟବାଦୀରେ ଏହି କୋର୍ଟଟି କାର୍ଯ୍ୟକାରୀ ହେଲେ ଅଞ୍ଚଳର ଲକ୍ଷାଧିକ ଜନସାଧାରଣ ତ୍ୱରିତ ନ୍ୟାୟ ପାଇବା ସହ ଅଯଥା ସମୟ ଓ ଆର୍ଥିକ ବୋଝ ମଧ୍ୟ କମ ରହିବ ଓ ଜିଲା କୋର୍ଟର ଅନେକ ମାତ୍ରାରେ କାର୍ଯ୍ୟଭାର କମିବ। ସତ୍ୟବାଦୀ ଅଞ୍ଚଳର ଆଇନଜୀବୀ ଅମ୍ବିକା ଶଙ୍କର ମହାପାତ୍ର, ସୁଶାନ୍ତ ରଥ, ପ୍ରଭାକର ମିଶ୍ର, ସନ୍ତୋଷ ବେହେରା ଓ ଅଜିତ ଚୌଧୁରୀଙ୍କ ସମେତ ଅନ୍ୟମାନେ ଉକ୍ତ ଟିମ୍‌କୁ ପରିଦର୍ଶନ ସମୟରେ ସହଯୋଗ କରିଥିଲେ।

## ବିରୋଧୀଙ୍କୁ ଗୁରୁତ୍ୱ ନ ଦେବାକୁ ବିଧାୟକଙ୍କ ପରାମର୍ଶ

ଗୋପ,୩।୧ (ଭାରତୀ ଭୂଷଣ ଉପାଧ୍ୟାୟ)

ବିରୋଧୀ ବିରୋଧ କରିବା ସ୍ୱାଭାବିକ। ବିରୋଧୀଙ୍କୁ ଗୁରୁତ୍ୱ ନ ଦେଇ ଆମକୁ ସାଧାରଣ ଲୋକଙ୍କ ସମସ୍ୟା ଓ ଆହୁରି ଅଧିକ ବିକାଶ ମୂଳକ କାର୍ଯ୍ୟ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଗୋପସ୍ଥିତ ବ୍ଲକ ଅଧ୍ୟକ୍ଷାଙ୍କ ସରକାରୀ ବାସଭବନରେ ଉପସ୍ଥିତ ନେତୃତ୍ୱଙ୍କୁ ବୁଧବାର ଏହି ସୂଚନା ଦେଇଛନ୍ତି। ନିମାପଡ଼ା ନିର୍ବାଚନମଣ୍ଡଳୀର ସାଧାରଣ ସମ୍ପାଦକ ରବୀନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ, ନିମାପଡ଼ା ବ୍ଲକ ନଗର ସଭାପତି ଜୀବନାନନ୍ଦ ମହାପାତ୍ର, ବନ୍ତଲିଗ୍ରାମ ପଞ୍ଚାୟତ ସରପଞ୍ଚ ମହେଶ୍ୱର ସ୍ୱାଇଁ, ଗଣେଶ୍ୱରପୁର ସରପଞ୍ଚ ପ୍ରଭାତ ବେହେରା, ପୟରା ପଞ୍ଚାୟତ ସରପଞ୍ଚ ସୁମନ୍ତ ନାୟକ, ଡଭାର ସରପଞ୍ଚ ଜଗବନ୍ଧୁ ବରାଳ, ଗୋପ ସରପଞ୍ଚ ସୁଲୋଚନା ଦାସ, ଏରବଙ୍ଗ ସରପଞ୍ଚ ରଶ୍ମିରେଖା ଦାସ, କୁଆଁପଡ଼ା ସମିତି ସଭ୍ୟ ଦିବାକର ସାହୁ, ଏରବଙ୍ଗ ପଞ୍ଚାୟତ ସମିତି ସଭ୍ୟା ରଞ୍ଜୁଲତା ଭୋଇ, ଗୋପ ପଞ୍ଚାୟତ ସଭାପତି ପ୍ରତାପ ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ଆସନ୍ତା ସାଧାରଣ ନିର୍ବାଚନକୁ ନେଇ ରଣନୀତି ପ୍ରସ୍ତୁତ କରିବା ସହ ତୃଣମୂଳ ସ୍ତରରେ ଆମକୁ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ବିଧାୟକ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଓ ନିମାପଡ଼ା ନିର୍ବାଚନ ମଣ୍ଡଳୀର ଗୋପ ବ୍ଲକର ୧୪ ଗୋଟି ପଞ୍ଚାୟତର ସମସ୍ତ ନେତୃତ୍ୱମାନେ ଉପସ୍ଥିତ ଥିଲେ।

## ପ୍ରଥମ ଦିନରେ ୪୦୦ କ୍ୱିଣ୍ଟାଲ ଧାନ କ୍ରୟ



ଧାନମଣ୍ଡି ଉଦ୍‌ଘାଟନ ସମାରୋହରେ ଅତିଥି ବୃନ୍ଦ।

ନିମାପଡ଼ା,୩।୧ (ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ଚଳିତ ଋତୁରେ ପୁରୀ ଜିଲାର ପ୍ରଥମ ଧାନମଣ୍ଡି ନିମାପଡ଼ା ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି) ପ୍ରାଙ୍ଗଣରେ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଜିଲା ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଓ ନିମାପଡ଼ା ନିୟନ୍ତ୍ରିତ ବଜାର କମିଟି ସହାୟତାରେ ବିଷ୍ଣୁପୁର ସେବା ସମବାୟ ସମିତି ଓ ଅଂଶାଲୋ ସେବା ସମବାୟ ସମିତି ପକ୍ଷରୁ ଏହି ଧାନମଣ୍ଡି ଖୋଲା ଯାଇଛି।

ଉଦ୍‌ଘାଟନୀର ପ୍ରଥମ ଦିବସରେ ବିଷ୍ଣୁପୁର ଓ ଅଂଶାଲୋ ୨ଟି ଯାକ ସମିତି ପକ୍ଷରୁ ପ୍ରାୟ ୪ଶହ କ୍ୱିଣ୍ଟାଲ ଧାନକ୍ରୟ କରାଯାଇଥିବା ସମିତି ସମ୍ପାଦକ ପ୍ରଶାନ୍ତ ରାଉତ ଓ ତ୍ରିନାଥ ରାଉତ ସୂଚନା ଦେଇଛନ୍ତି। ସମାରୋହରେ ଅତିଥି ଭାବେ ପୁରୀ ସମବାୟ ସମିତି ସମୂହର ଉପନିବନ୍ଧକ ରୁଦ୍ର ପ୍ରସାଦ ଦାସ, ପୁରୀ ସମବାୟ ସମିତି ସମୂହର ସହକାରୀ ନିବନ୍ଧକ ସ୍ୱରୂପ କର, ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ପ୍ରବୋଧ ହୋତା, ନିମାପଡ଼ା ବ୍ଲକ ଯୋଗାଣ ଅଧିକାରୀ ପ୍ରଦୀପ ସେଠୀ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ସୁଶାନ୍ତ ରାଉତ, ପୁରୀ- ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ସତ୍ୟବାଦୀ ମହାପାତ୍ର, ନିମାପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ସାଂସଦଙ୍କ ପ୍ରତିନିଧି ସୁଧୀର ରଞ୍ଜନ ଦାଶ, ସରପଞ୍ଚ ବିଶ୍ୱନାଥ ସେନାପତି, ଅରବିନ୍ଦ ମଲ୍ଲିକ, ୨ ସେବା ସମବାୟ ସମିତି ସମ୍ପାଦକ, ସଭାପତି ଚିନ୍ମୟ ପରିଜା, ସଭାପତି ସ୍ୱପ୍ନ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ମଣ୍ଡିରେ ଚାଷୀମାନେ କିପରି ସୁବିଧାରେ ଧାନ ବିକ୍ରୟ କରିପାରିବେ ଏ ଦିଗରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ସମାରୋହରେ ବହୁ ଚାଷୀ ଯୋଗଦେଇଥିଲେ। ଏହି ଅବସରରେ ଏକ ସଚେତନତା ରଥ ଧାନ ସଂଗ୍ରହ ସମ୍ପର୍କରେ ନିମାପଡ଼ା ଅଞ୍ଚଳରେ ପରିକ୍ରମା କରିଥିଲା।

## ମେଳନପଡ଼ିଆରେ ମୀନାବଜାର ଉଦ୍‌ଘାଟିତ

ପିପିଲି,୩।୧ (ଦୁର୍ଗା ମାଧବ ମିଶ୍ର)

ସ୍ଥାନୀୟ ଦରଜୀସାହି ମେଳନପଡ଼ିଆରେ ପତିତପାବନ ମନ୍ଦିର ପରିଚାଳନା କମିଟି ପକ୍ଷରୁ ମୀନାବଜାର ଉଦ୍‌ଘାଟିତ ହୋଇଯାଇଛି। ବିଧାୟକ ରୁଦ୍ର ପ୍ରତାପ ମହାରଥୀ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ଜନସାଧାରଣଙ୍କୁ ଏହା ମନୋରଞ୍ଜନର ଖୋରାକ ଯୋଗାଇବ ବୋଲି ମହାରଥୀ ଆଶା ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଖାଦ୍ୟ କମିଶନ ସଦସ୍ୟ ପ୍ରିୟବ୍ରତ ସାମନ୍ତରାୟ, ପିପିଲି ପୌରାଧ୍ୟକ୍ଷ ସେକ୍ ବାବୁ, ଉପାଧ୍ୟକ୍ଷ ଭଗ୍ୟବତୀ ମହାରଣା, ପିପିଲି ବଜାର ବ୍ୟବସାୟୀ ସଂଘ ସଭାପତି ରାକେଶ ମହାପାତ୍ର, ସମ୍ପାଦକ ପ୍ରବୀର ହାଲଦାର, ସୁରେଶ ମହାପାତ୍ର ସମେତ ଏନ୍‌ଏସି କାଉନସିଲରମାନେ ଅତିଥି ଭାବେ ଯୋଗ ଦେଇଥିଲେ। ପତିତପାବନ ମନ୍ଦିର ଟ୍ରଷ୍ଟି ସୁରେଶ ମହାପାତ୍ର, ମୀନା ବଜାର କମିଟି ସଭାପତି ବବୁଲ ମହାପାତ୍ରଙ୍କ ସମେତ ମନ୍ଦିର ଟ୍ରଷ୍ଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ। ମୀନା ବଜାର ସମେତ ୫୦ରୁ ଊର୍ଦ୍ଧ୍ୱ ଖାଦ୍ୟ ଷ୍ଟଲ ଖୋଲିଥିବା ଜଣାପଡ଼ିଛି।

## କୋଣାର୍କରେ ପର୍ଯ୍ୟଟକଙ୍କ ମୃତ୍ୟୁ

କୋଣାର୍କ,୩।୧ (ଜ୍ୟୋତିରାଜ ମହାନ୍ତି)

କୋଣାର୍କ ବୁଲିବାକୁ ଆସିଥିବା ଜଣେ ପର୍ଯ୍ୟଟକଙ୍କ ବୁଧବାର ମୃତ୍ୟୁ ଘଟିଛି। ସେ ହେଲେ ମଧ୍ୟପ୍ରଦେଶ ଉଜ୍ଜୟିନୀର ବଲ୍ଲୁ ସିଂ(୬୫)। ଏନେଇ କୋଣାର୍କ ଥାନାରେ ୧/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଚାରିଛକ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ବଲ୍ଲୁଙ୍କ ମୃତଦେହ ସାଥି ପର୍ଯ୍ୟଟକଙ୍କୁ ହସ୍ତାନ୍ତର କରାଯାଇଥିବା କୋଣାର୍କ ଥାନା ଆଇଆଇସି ପଞ୍ଚାନନ ପରିଡ଼ା ସୂଚନା ଦେଇଛନ୍ତି। ଉଜ୍ଜୟିନୀରୁ ଏକ ବସ୍‌ରେ ପର୍ଯ୍ୟଟକ କୋଣାର୍କ ସୂର୍ଯ୍ୟମନ୍ଦିର ବୁଲିବାକୁ ଆସିଥିଲେ। ସକାଳ ସମୟରେ ପର୍ଯ୍ୟଟକମାନେ ବୁଲୁଥିବା ସମୟରେ ବଲ୍ଲୁଙ୍କ ଛାତିରେ ଯନ୍ତ୍ରଣା ଅନୁଭବ କରି ଅସୁସ୍ଥ ହୋଇପଡ଼ିଥିଲେ। ତୁରନ୍ତ ତାଙ୍କୁ କୋଣାର୍କ ଓ ପରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ବଲ୍ଲୁଙ୍କୁ ମୃତ ଘୋଷଣା କରିଥିଲେ।

## 'ଲଣ୍ଡନରେ ହୋଇପାରେ ଖୋଖୋ ବିଶ୍ୱକପ୍'

### ମହାପ୍ରଭୁଙ୍କୁ ଦର୍ଶନ କଲେ ଖୋଖୋ ଫେଡେରେଶନ ସାଧାରଣ ସମ୍ପାଦକ



ମହାପ୍ରଭୁଙ୍କ ଦର୍ଶନ ସାରି ଏମ୍.ଏସ.ତ୍ୟାଗୀ ଏବଂ ବ୍ରିଜ ହାଲଦାନିଆ ପରିବାର ସହ ଫେରୁଛନ୍ତି।

ପୁରୀ, ୩।୧ (ଅଜିତ୍ ମହାନ୍ତି)

ଖୋଖୋ ଫେଡେରେଶନ ଅଫ୍ ଇଣ୍ଡିଆର ସାଧାରଣ ସମ୍ପାଦକ ଏମ୍.ଏସ.ତ୍ୟାଗୀ ଏବଂ ଆର୍ନ୍ତଜାତିକ ଖୋଖୋ ଫେଡରେଶନର ସାଧାରଣ ସମ୍ପାଦକ ବ୍ରିଜ ହାଲଦାନିଆ ବୁଧବାର ପୁରୀ ଗସ୍ତରେ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ନୂଆଦିଲ୍ଲୀରୁ ପରିବାର ସଦସ୍ୟଙ୍କ ସହ ଆସି ପୁରୀରେ ପହଞ୍ଚିବା ପରେ ତାଙ୍କୁ ଅଲ୍ ଓଡ଼ିଶା ଖୋ ଖୋ ସଂଘର ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମିଶ୍ର ଏବଂ କୋଷାଧ୍ୟକ୍ଷ ଚୌଧୁରୀ ପାର୍ଥ ସାରଥୀ ମହାପାତ୍ର ପ୍ରମୁଖ ସ୍ୱାଗତ କରିଥିଲେ। ପରେ ସମସ୍ତେ ଶ୍ରୀମନ୍ଦିର ପରିସରରେ ଚତୁର୍ଦ୍ଧାବିଗ୍ରହ ଦର୍ଶନ କରି ଆଶିଷ ଲାଭ କରିବା ସହ ଥିବା ପାଶ୍ୱଦେବଦେବୀଙ୍କ ଦର୍ଶନ କରିଥିଲେ। କିଛି ସମୟ ଶ୍ରୀମନ୍ଦିର ପରିସରରେ ଅତିବାହିତ କରି ତ୍ୟାଗୀ ଏବଂ ହାଲଦାନିଆ ପରିବାର ସହ ପ୍ରସ୍ଥାନ କରିଥିଲେ। ଓଡ଼ିଶା ସରକାରଙ୍କ ପକ୍ଷରୁ ଖୋଖୋକୁ ପ୍ରୋତ୍ସାହିତ କରାଯାଉଥିବାରୁ ସେ ଧନ୍ୟବାଦ ଜଣାଇଥିଲେ। ସେହିପରି ଖେଳର ଉନ୍ନତି ପାଇଁ ମହାପ୍ରଭୁଙ୍କ ଆଶିଷ ନେଇଥିବା କହିଥିଲେ। ଆଗାମୀ ଦିନରେ ଖୋ ଖୋ ବିଶ୍ୱକପ୍ କରିବା ପାଇଁ ପ୍ରଚେଷ୍ଟା ଚାଲିଛି, ଯଦି ମହାପ୍ରଭୁଙ୍କ ଆଶୀର୍ବାଦ ରହେ ତେବେ ବିଶ୍ୱକପ ଲଣ୍ଡନରେ ଆୟୋଜନ ହେବ ବୋଲି ସେ ସୂଚନା ଦେଇଛନ୍ତି। ସେହିଭଳି ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଉନ୍ନୟନ କାର୍ଯ୍ୟ ଦେଖି ଖୁସି ପ୍ରକଟ କରିବା ସହ ଦର୍ଶନ ବ୍ୟବସ୍ଥା ନେଇ ପ୍ରଶାସନ ପକ୍ଷରୁ କରାଯାଇଥିବା କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ଉପସ୍ଥିତ ଥିଲେ।

## ତେଇଶିପୁରଠାରେ ଜିଲାସ୍ତରୀୟ ଧାନମଣ୍ଡି ଉଦ୍‌ଘାଟିତ



ବିଧାୟକ ରୁଦ୍ର ପ୍ରତାପ ମହାରଥୀ ଉଦ୍‌ବୋଧନ ଦେଉଛନ୍ତି।

ପିପିଲି,୩।୧ (ଦୁର୍ଗା ମାଧବ ମିଶ୍ର/ପ୍ରଭାତ ମହାପାତ୍ର)

ପିପିଲି ବ୍ଲକ ତେଇଶିପୁରଠାରେ ଜିଲାସ୍ତରୀୟ ଧାନମଣ୍ଡି ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ପିପିଲି ବିଧାୟକ ରୁଦ୍ର ପ୍ରତାପ ମହାରଥୀ ଏହି ମଣ୍ଡିକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଜିଲାର ବିଭିନ୍ନ ସମବାୟ ସମିତି ଅଧୀନରେ ମଣ୍ଡିରେ ପଞ୍ଜୀକୃତ ଚାଷୀ ସେମାନଙ୍କ ଧାନ ବିକ୍ରି କରି ୨୪ ଘଣ୍ଟାରେ ଟଙ୍କା ପାଇ ପାରିବେ। ମଣ୍ଡିରେ ଚାଷୀଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ବିଧାୟକ ନିର୍ଦ୍ଦେଶ ଦେଇଥିବାବେଳେ ଚାଷୀଙ୍କୁ ଅଖା ଯୋଗାଇ ଦେବାକୁ କହିଥିଲେ। ତେଇଶିପୁର ସମବାୟ ସମିତିରେ ୩୯୪ ଚାଷୀ ପଞ୍ଜୀକୃତ କରିଛନ୍ତି। ଧାନର ସର୍ବନିମ୍ନ ସରକାରୀ ମୂଲ୍ୟ ୨୧୮୩ ଟଙ୍କାରେ ଚାଷୀ ଧାନ ବିକ୍ରି କରିପାରିବେ ବୋଲି ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ସଞ୍ଜୀବ ସାହୁ କହିଥିଲେ। ଜିଲାସ୍ତରୀୟ ଏହି ଉଦ୍‌ଘାଟନ ଉତ୍ସବରେ ସମ୍ମିଳିତ ପୁରୀ- ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି କିଶୋର ଛୋଟରାୟ, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ସାହୁ, ଯୋଗାଣ ଅଧିକାରୀ ସୁବୋଧ ହୋତା, ଏମପିଙ୍କ ପ୍ରତିନିଧି ନାରାୟଣ ସ୍ୱାଇଁ, ବ୍ଲକ ଅଧ୍ୟକ୍ଷା ଦେବସ୍ମିନୀ ନନ୍ଦ, ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ୨୪ନଂ. ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ସାହସପୁର ଚତୁର୍ଥ ପ୍ରିମିୟର ଲିଗ୍ ମ୍ୟାଚ୍ ଉଦ୍‌ଘାଟିତ

କଣାସ,୩।୧ (ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଅଧୀନ କାଦୁଆ ପଞ୍ଚାୟତର ସାହସପୁର ଗ୍ରାମର ମା' ମଙ୍ଗଳା କ୍ରିକେଟ୍ ଆସୋସିଏଶନ ପକ୍ଷରୁ ଚତୁର୍ଥ ସାହସପୁର ପ୍ରିମିୟର ଲିଗ୍ କ୍ରିକେଟ୍ ପ୍ରତିଯୋଗିତା ସାହସପୁର ଖେଳପଡ଼ିଆରେ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରତିଯୋଗିତାରେ ୨ଟି ପଞ୍ଚାୟତରୁ ୫ଟି ଦଳ ଭାଗ ନେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ସାହସପୁର ମହିଳା ସ୍ୱାସ୍ଥ୍ୟକର୍ମୀ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ମଞ୍ଜୁଲତା ମହାରଣା, ଗ୍ରାମ୍ୟ ପରିଚାଳନା କମିଟି ସଭାପତି ହେମନ୍ତ ମହାରଥୀ, ଅକ୍ରୁର ସାହୁ, ସାଧୁଚରଣ ପ୍ରଧାନ, ସଦାନନ୍ଦ ସାହୁ ପ୍ରମୁଖ ଆନୁଷ୍ଠାନିକ ଭାବେ ଖେଳକୁ ଉଦ୍‌ଘାଟନ କରିଥିଲେ। ଏସ୍‌ପିଏଲ୍‌ର ଅଧ୍ୟକ୍ଷ ଦୀପକ ସାମନ୍ତରାୟ ଉପାଧ୍ୟକ୍ଷ ଚନ୍ଦନ ସାହୁ, ପପୁ ସାହୁ ଓ ୫ଟି ଦଳର ଅଧିନାୟକ କୁଳମଣି ସାହୁ, ରାଜେଶ ସାମନ୍ତରାୟ, ସନ୍ତୋଷ ସାମନ୍ତରାୟ, ସୁରେଶ ସାହୁ, ଶଶିକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ଉଦ୍‌ଘାଟନୀ ମ୍ୟାଚ ସୁପରଷ୍ଟ୍ରାଇକର ଏବଂ ଗୋଲ୍ଡେନ ଇଗଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ଗୋଲ୍ଡେନ ଇଗଲ ବ୍ୟାଟିଂ କରି ୧୦ ଓଭରରେ ୬ ଉଇକେଟ୍ ହରାଇ ୮୨ ରନ୍ କରିଥିଲେ। ଜବାବରେ ସୁପରଷ୍ଟ୍ରାଇକର ୬ ଓଭର ଖେଳି ୨ ଉଇକେଟ୍ ହରାଇ ୮୭ ରନ୍ କରି ବିଜୟୀ ହୋଇଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ଖେଳାଳି ରଜନୀକାନ୍ତ ପ୍ରଧାନ ବିବେଚିତ ହୋଇଥିଲେ। ସେହିପରି ଲିଗ ମ୍ୟାଚ୍‌ର ଦ୍ୱିତୀୟ ପାଳିରେ କିଙ୍ଗକୋବ୍ରା ଏବଂ ହଣ୍ଟର ଇଲେଭନ ମଧ୍ୟରେ ଖେଳ ହୋଇଥିଲା। ହଣ୍ଟର ଇଲେଭନ ୧୦ ଓଭରରେ ୭ ଉଇକେଟ ହରାଇ ୧୪୨ ରନ ସଂଗ୍ରହ କରିଥିଲା। ଜବାବରେ କିଙ୍ଗକୋବ୍ରା ୯.୨ ଓଭର ଖେଳି ୫ ଉଇକେଟ୍ ହରାଇ ୧୪୬ କରି ବିଜୟୀ ହୋଇଥିଲା। ଏଥିରେ ନବଘନ ସାହୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଘୋଷିତ ହୋଇଥିଲେ। ତୃତୀୟ ପାଳିରେ ସାଇସୁପରଷ୍ଟାର ଏବଂ ସୁପରଷ୍ଟ୍ରାଇକର ମଧ୍ୟରେ ଖେଳ ହୋଇଥିଲା। ସାଇସୁପରଷ୍ଟାର ୧୦ ଓଭରରେ ୨ ଉଇକେଟ୍ ହରାଇ ୧୭୩ ରନ୍ ସଂଗ୍ରହ କରିଥିଲା। ଜବାବରେ ସୁପରଷ୍ଟ୍ରାଇକର ୯.୪ ଓଭରରେ ଅଲ୍ ଆଉଟ୍ ହୋଇ ୧୧୬ ରନ୍ କରି ପରାଜିତ ହୋଇଥିଲା। ଏହି ମ୍ୟାଚ୍‌ରେ ମିଥୁନ ସାହୁ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସମସ୍ତ ଖେଳକୁ ଅଦ୍ୱୈତ ସାହୁ, ସୁମନ ବେହେରା, ଦିଲୀପ ବେହେରା ପ୍ରମୁଖ ପରିଚାଳନା କରିଥିଲେ। ମା' ମଙ୍ଗଳା କ୍ରିକେଟ ଆସୋସିଏଶନର ସମସ୍ତ ସଦସ୍ୟ ଏଥିରେ ସହଯୋଗ କରିଥିଲେ।



ମ୍ୟାଚ୍‌ରେ ଅଂଶଗ୍ରହଣ କରିଥିବା ଖେଳାଳିମାନେ।

# ରାଜଧାନୀରେ ସାଇବର ଠକେଇ ୧୫୦% ବୃଦ୍ଧି

ଭୁବନେଶ୍ୱର,୩।୧(ସତ୍ୟଜିତ୍ ରାଉତ)

ଡିଜିଟାଲ୍ ଯୁଗରେ ସାଇବର ଅପରାଧ ବଡ଼ ସମସ୍ୟା ସୃଷ୍ଟି କରିଛି। ବିଭିନ୍ନ କୌଶଳ ଆପଣାଇ ସାଇବର ଅପରାଧୀମାନେ ସାଧାରଣ ଲୋକଙ୍କୁ ଜାଲରେ ଫସାଇ ଟଙ୍କା ଠକୁଛନ୍ତି। ସେମାନେ ଓଏଲ୍‌ଏକ୍ସରେ ଚାକିରି ଦେବା ଆଳରେ, ଅନ୍‌ଲାଇନ୍ ପୋଞ୍ଜି ସ୍କାମ୍, ବେଆଇନ୍ ଚାଇନା ଲୋନ୍ ଆପ୍, କ୍ରିପ୍ଟୋ ସ୍କାମ୍, ହୋଟେଲ ବୁକିଂ ଆପ୍ ସ୍କାମ୍, କ୍ୟୁଆର୍ କୋଡ୍ ସ୍କାମ୍, ଟ୍ରେଡିଂ ଆପ୍ ଏବଂ ଅନ୍ୟାନ୍ୟ ସୋସିଆଲ୍ ମିଡିଆ ଜରିଆରେ ଲୋକଙ୍କୁ ବିଭିନ୍ନ ଲୋଭନୀୟ ସ୍କିମ୍ ଓ ବ୍ଲାକମେଲ୍ କରି ବହୁ ଟଙ୍କା ଠକେଇ କରୁଛନ୍ତି। ଏସଂକ୍ରାନ୍ତରେ ପୋଲିସ ଏବଂ ବିଭିନ୍ନ ଏଜେନ୍‌ସି ପକ୍ଷରୁ ବାରମ୍ବାର ସଚେତନ କରାଯାଉଥିଲେ ମଧ୍ୟ ଠକେଇର ପରିମାଣ କମୁନାହିଁ। ୨୦୨୩ରେ ରାଜଧାନୀ ଭୁବନେଶ୍ୱରରେ ସାଇବର ସଂକ୍ରାନ୍ତୀୟ ମାମଲା ଅଧିକ ବଢ଼ିଛି। କମିଶନରେଟ୍ ପୋଲିସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୨୨ ତୁଳନାରେ ୨୦୨୩ରେ ଭୁବନେଶ୍ୱର ସାଇବର କ୍ରାଇମ୍ ଓ ଅର୍ଥନୈତିକ ଅପରାଧ ଥାନାରେ ପଞ୍ଜୀକୃତ ହୋଇଥିବା ମାମଲା ପ୍ରତିଶତ ୧୫୦.୯୪ ବୃଦ୍ଧି ପାଇଛି।

ରିପୋର୍ଟ ଅନୁଯାୟୀ, ଭୁବନେଶ୍ୱର ସାଇବର ଥାନାରେ ୨୦୨୨ରେ ମୋଟ ମାମଲା ସଂଖ୍ୟା ୫୩ ଥିବାବେଳେ ୨୦୨୩ରେ ଏହା ୧୩୩କୁ ବୃଦ୍ଧି ପାଇଛି। ୨୦୨୨ରେ ୧୨ କୋଟି ୯୬ ଲକ୍ଷ ୩୫ ହଜାର ୭୮୧ ଟଙ୍କା ସାଇବର ଠକେଇ ହୋଇଥିଲା। ୨୦୨୩ରେ ମାମଲା ସଂଖ୍ୟା ବଢ଼ିଥିବାରୁ ଠକେଇର ପରିମାଣ ଏଯାବତ୍ ମିଳିପାରି ନ ଥିଲେ ମଧ୍ୟ ପୂର୍ବବର୍ଷ ଅପେକ୍ଷା ଏହା ଅଧିକ ବୋଲି ଅନୁମାନ କରାଯାଉଛି। ୨୦୨୩ରେ ସାଇବର ଥାନାକୁ ମୋଟ ୪ ହଜାର ୯୩୦ ଅଭିଯୋଗ ଆସିଥିଲା। ପୋଲିସ ପକ୍ଷରୁ ୫କୋଟି ୭ଲକ୍ଷ ୫୫ହଜାର ୮୮୯ ଟଙ୍କା ବ୍ଲକ୍, ଫ୍ରିଜ୍ ଓ ଫେରସ୍ତ କରାଯାଇଛି। ତେବେ ଏହି ବର୍ଷରେ



ମୋଟ ୪୧ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ୨୦୨୨ରେ ୩ ହଜାର ୮୧୧ ଅଭିଯୋଗ ଆସିଥିଲା। ତେବେ ୨୦୨୨ରେ ଭୁବନେଶ୍ୱର ସାଇବର ଥାନା ପୋଲିସ ୫୩ ଟି ମାମଲାରେ ୪୧ ଜଣଙ୍କୁ ଗିରଫ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଲୋକଙ୍କ ମଧ୍ୟରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ସମ୍ପର୍କରେ ବିଶେଷ ଜ୍ଞାନ ଓ ସାଇବର ସେବା କ୍ଷେତ୍ରରେ ନିରାପତ୍ତା ନେଇ ସଚେତନତା ଅଭାବ ଯୋଗୁ ଏଭଳି ଅପରାଧ ବଢ଼ିଚାଲିଛି। ଏହି ଅପରାଧ କମାଇବାକୁ ଓଡ଼ିଶା ପୋଲିସ ପକ୍ଷରୁ ବିଭିନ୍ନ ସହଭାଗିତାରେ 'ସାଇବର ସୁରକ୍ଷା ଅଭିଯାନ-୨୦୨୩' ଆରମ୍ଭ କରାଯାଇଥିଲା। ଗତବର୍ଷ ସେପ୍ଟେମ୍ବର ୩୦ରେ ମୁଖ୍ୟମନ୍ତ୍ରୀ କଳିଙ୍ଗ ଷ୍ଟାଡିୟମରେ ସମସ୍ତ ପୋଲିସ ଜିଲା ପାଇଁ ସାଇବର ସୁରକ୍ଷା ରଥର ଶୁଭାରମ୍ଭ କରିଥିଲେ। ପରେ ଏହି ରଥ ସାଇବର ସଚେତନତା ଭିଡିଓ, ଲୋଗୋ, ପୋଷ୍ଟର, ଥିମ୍ ସଙ୍ଗୀତ, ସାଇବର ସୁରକ୍ଷା ପରାମର୍ଶଦାତା ପୁସ୍ତିକା ଆଦି ଜରିଆରେ ଲୋକମାନଙ୍କୁ ୧୫ଦିନ ପର୍ଯ୍ୟନ୍ତ ସଚେତନ କରିଥିଲା। ରାଜଧାନୀରେ ମଧ୍ୟ ଏହି ସଚେତନତା ବ୍ୟାପକ କରାଯାଇଥିଲା। ତେବେ ସାଇବର ଠକେଇ ବଢ଼ୁଥିବାରୁ ଏହାକୁ ରୋକିବାକୁ ପୋଲିସ ପାଇଁ ଚିନ୍ତାର ବିଷୟ ହୋଇଛି।

ସାଇବର ବିଶେଷଜ୍ଞ ଆକାଶ ମିଶ୍ରଙ୍କ କହିବା ହେଲା, ଲୋଭ ଓ ଭୟ ସାଇବର ଅପରାଧୀଙ୍କ ସବୁଠାରୁ ବଡ଼ ଅସ୍ତ୍ର। ଲୋକଙ୍କୁ ଅଧିକ ଟଙ୍କା ରୋଜଗାର କରିବାର ଲୋଭ ଦେଖାଇ ଓ ବ୍ଲାକମେଲ୍ କରି ଠକମାନେ ବହୁ ଟଙ୍କା ନେଉଛନ୍ତି। ସ୍ମାର୍ଟ ଫୋନ୍‌ରେ ଇଣ୍ଟରନେଟ୍‌କୁ ନେଇ ବିଶେଷ ଜ୍ଞାନ ନ ଥିବା ବରିଷ୍ଠ ନାଗରିକ ଓ ଗୃହିଣୀମାନଙ୍କୁ ସାଇବର ଠକମାନେ ଅଧିକ ଟାର୍ଗେଟ୍ କରୁଛନ୍ତି। ଏହାକୁ ରୋକିବାକୁ ଅଧିକ ସଚେତନତା ଓ ପୋଲିସର ତଦନ୍ତ ବ୍ୟାପକ କରାଯିବା ଆବଶ୍ୟକତା ବୋଲି ସେ କହିଛନ୍ତି। ଭୁବନେଶ୍ୱର ଡିସିପି ପ୍ରତୀକ ସିଂ କହିଛନ୍ତି, ସାଇବର ଅପରାଧ ବିରୋଧରେ ଆମ ଅଭିଯାନ ଜାରି ରହିଛି। ବିଭିନ୍ନ ସ୍କୁଲରେ ବିଶେଷ କାର୍ଯ୍ୟକ୍ରମ କରାଯାଇ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଉଛି। ନିକଟରେ ବିଭିନ୍ନ ସଫ୍ଟୱେୟାର କମ୍ପାନୀର ୨୫ସାଇବର ଏକ୍ସପର୍ଟ ଭଲ୍ୟୁଣ୍ଟିର୍ ଭାବେ ଆମ ସହ ଯୋଡ଼ି ହୋଇ କାମ କରୁଛନ୍ତି। ଏକ୍ସପର୍ଟମାନେ ପୋଲିସକୁ ମଧ୍ୟ ପ୍ରଶିକ୍ଷଣ ଦେଉଛନ୍ତି। ଏହି ଅପରାଧ କମାଇବାକୁ ଆମ ପକ୍ଷରୁ ସ୍ୱତନ୍ତ୍ର ପ୍ରୟାସ ଜାରି ରହିଥିବା ପ୍ରତୀକ କହିଛନ୍ତି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ରାଜ୍ୟସ୍ତରୀୟ ବିଶାଳ ହସ୍ତଶିଳ୍ପ ପ୍ରଦର୍ଶନୀ 'ଗାନ୍ଧୀ ଶିଳ୍ପ ବଜାର', ନୟାପଲ୍ଲୀ ଦୁର୍ଗାପୂଜା ପଡ଼ିଆ, ପୂର୍ବାହ୍ନ ୧୦ଟା।
- କଳିଙ୍ଗ ନାଟ୍ୟ ସଂଘର ଉଦ୍‌ଘାଟନୀ ଉତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।

କଟକ

- ଉତ୍କଳ ଖଦିମଣ୍ଡଳ ପକ୍ଷରୁ ସର୍ବୋଦୟ ବିଚାର ପୁସ୍ତକ ଉନ୍ମୋଚନ ଉତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ପୂର୍ବାହ୍ନ ୧୦ଟା।
- ପ୍ରଫେସର କୁମାର ରାଉତ ଜନ୍ମ ଶତବାର୍ଷିକୀ ସମାରୋହ, ସେଭେନ୍ ପିଲାର୍ସ ଅଫ୍ ୱିଜ୍‌ଡମ୍, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, ପୂର୍ବାହ୍ନ ୧୦ଟା ୩୦।
- ଉତ୍କଳ ଯୁବ ସାଂସ୍କୃତିକ ସଂଘ ପକ୍ଷରୁ ୧୫ତମ କଟକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, କଳାବିକାଶ କେନ୍ଦ୍ର, ଅପରାହ୍ନ ୫ଟା।

# ଟାଇମ୍ସ ସ୍କୋୟାରରେ ଚଳଚ୍ଚିତ୍ର 'ଡିଅର ପୁରୁଷ'



ନ୍ୟୁୟର୍କସ୍ଥିତ ଟାଇମ୍ସ ସ୍କୋୟାରରେ ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର ଭାବେ ପ୍ରଦର୍ଶିତ ହୋଇଥିବା 'ଡିଅର ପୁରୁଷ'ର ଟ୍ରେଲର।

ଭୁବନେଶ୍ୱର,୩।୧(ଶର୍ମିଷ୍ଠା ପାଣିଗ୍ରାହୀ)

ଆମେରିକା ନ୍ୟୁୟର୍କସ୍ଥିତ ଟାଇମ୍ସ ସ୍କୋୟାରରେ ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର ଭାବେ ପ୍ରଦର୍ଶିତ ହୋଇଛି 'ଡିଅର ପୁରୁଷ'ର ଟ୍ରେଲର। ସମାଜରେ ନାରୀ ଓ ପୁରୁଷର ସମ୍ପର୍କ ଭିତରେ ପୁରୁଷ ସାମ୍ନା କରୁଥିବା ଆହ୍ୱାନ ସହ ହାସ୍ୟରସକୁ ନେଇ ପ୍ରସ୍ତୁତ ଏହି ଚଳଚ୍ଚିତ୍ରରେ ୬ଜଣ ଦମ୍ପତିଙ୍କ ଜୀବନଯାତ୍ରା ଦର୍ଶାଯାଇଛି। ଏଥିରେ ଅଭିନେତ୍ରୀ ତଥା ପ୍ରଯୋଜିକା ଝିଲିକ୍ ଭଟ୍ଟାଚାର୍ଯ୍ୟ ଏକ ଭିନ୍ନ ଲୁକ୍‌ରେ ନଜର ଆସିଛନ୍ତି। ତାଙ୍କ ଚରିତ୍ରର ନାଁ ରହିଛି ଚିତ୍ରାଙ୍ଗଦା। ସମାଜର ନୀତି ନିୟମ ଭିତରେ ନ୍ୟାୟ ପାଇଁ ଲଢୁଥିବା ବୀର ଯୋଦ୍ଧା ଭାବରେ ତାଙ୍କୁ ଦେଖିବାକୁ ପାଇବେ ଦର୍ଶକ। ଏଥିସହିତ ସିନେମାରେ ଲୋକପ୍ରିୟ କଳାକାର ଚୌଧୁରୀ ଜୟପ୍ରକାଶ ଦାସ, ମହାଶ୍ୱେତା ରାୟ, ସିଦ୍ଧାନ୍ତ ମହାପାତ୍ର, ନୀତୁସିଂ, ସମରେଶ ରାଉତରାୟ, ପିଙ୍କି ପ୍ରଧାନ, ବବି ମିଶ୍ର, ବି.ଏମ. ବୈଶାଳୀ, ଦେବାଶିଷ ପାତ୍ର, ଅନୁରାଧା ପାଣିଗ୍ରାହୀ, ଦୀପନ୍ୱିତ ଦାଶମହାପାତ୍ର, ଦିବ୍ୟାଦିଶା ମହାନ୍ତି, ପାର୍ଥସାରଥୀ ରାୟ, ହିମାଗ୍ନି ଦତ୍ତ, ଅନନ୍ୟା ମିଶ୍ର, ଇପ୍ସିତା ଦାସ, ପ୍ରଦ୍ୟୁମ୍ନ ଲେଙ୍କା, କୁନା ତ୍ରିପାଠୀ, ସୁକାନ୍ତ ରଥ, ନାୟାଜିଦାନ, ଐଶ୍ୱର୍ଯ୍ୟା ବେହେରା, ରବି ମିଶ୍ର, ମନୀଷା ମିଶ୍ର, ରାକ୍ଷୀ ଦାସ, ସୁଦୀପ୍ତ ସୁନ୍ଦର ସ୍ୱାଇଁ, ବିକି ମିଶ୍ର ପ୍ରମୁଖଙ୍କ ନିଖୁଣ ଅଭିନୟ ଦର୍ଶକମାନେ ଦେଖିବାକୁ ପାଇବେ। ସିନେମାଟୋଗ୍ରାଫର୍ ଈଶ୍ୱର ବାରିକ ଲେନ୍ସ ପଛରେ ରହି ସିନେମାରେ ନିଜର ଯାଦୁ ଦେଖାଇଥିବାବେଳେ ଯୁବସଙ୍ଗୀତ ନିର୍ଦ୍ଦେଶକ ଗୌରବ ଆନନ୍ଦଙ୍କ ନିର୍ଦ୍ଦେଶିତ ଗୀତ ବେଶ୍ ରୋମାଞ୍ଚ ଭରିଛି। ଚଳଚ୍ଚିତ୍ରଟି ୧୧ରେ ରିଲିଜ ହେବାକୁ ଯାଉଛି।

# ଓକିଲ-ତହସିଲଦାର ବିବାଦ

### ଉଭୟ ପକ୍ଷରୁ ଥାନାରେ ଅଭିଯୋଗ

ଖୋର୍ଦ୍ଧା/ବୋଲଗଡ଼,୩।୧(ପ୍ରଭାତ ପାଣିଗ୍ରାହୀ/ଦେବବ୍ରତ ହୋତା)

ବୋଲଗଡ଼ରେ ବୁଧବାର ତହସିଲଦାର ଏବଂ ଓକିଲଙ୍କ ମଧ୍ୟରେ ବିବାଦ ଦେଖାଦେଇଛି। ପରସ୍ପର ବିରୋଧରେ ଗାଳିଗୁଲଜକୁ ନେଇ ବୋଲଗଡ଼ ଥାନାରେ ଉଭୟ ପକ୍ଷରୁ ଏତଲା ଦିଆଯାଇଛି। ଘଟଣାରୁ ପ୍ରକାଶ ଯେ, ବୋଲଗଡ଼ ତହସିଲ ଅନ୍ତର୍ଗତ ମାଣିକାଗୋଡା ରାଜସ୍ୱ ସର୍କଲ ଅଧୀନ ଗୋବର୍ଦ୍ଧନପୁର ମୌଜାର ସ୍ୱର୍ଗତ ବାବୁଲା ନାୟକ ଓରଫ ଏକାଦଶୀ ନାୟକଙ୍କ ପିତା ବୈକୁଣ୍ଠ ନାୟକଙ୍କ ନାମରେ ଏକ ସତ୍ୟପାଠ କରାଯାଇଥିଲା। ଏଥିରେ ବାବୁଲାଙ୍କ ଦୁଇ ଝିଅ ସ୍ୱପ୍ନା ନାୟକ ଓ ଜ୍ୟୋଛନା ନାୟକ ଆବେଦନକାରୀ ଥିଲେ। ତହସିଲ ଓକିଲ ପୁରୁଷୋତ୍ତମ ସୁବୁଦ୍ଧି ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ଭିତରେ ତହସିଲଦାର ନିବେଦିତା ପରିଡ଼ାଙ୍କ ନିକଟରେ ସତ୍ୟପାଠ ପ୍ରମାଣପତ୍ର ଦାଖଲ କରିବା ସମୟରେ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ତହସିଲଦାର ପରିଡ଼ା ଓକିଲ ସୁବୁଦ୍ଧିଙ୍କୁ ଧମକ ଚମକ ଦେଇ ଅଫିସରୁ ବାହାରି ଯିବାପାଇଁ କହିଥିଲେ। ଏହାପରେ ଓକିଲଙ୍କ ନାମରେ ବୋଲଗଡ଼ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଥାନା ଅଧିକାରିଣୀ ସ୍ନିଗ୍ଧାମୟୀ ବରାଳ ତାଙ୍କୁ ନେଇ ଥାନାରେ ଅଟକ ରଖିଥିଲେ। ଏହି ଘଟଣାକୁ ନେଇ ବୋଲଗଡ଼ ଓକିଲ ସଂଘ ପକ୍ଷରୁ ତହସିଲଦାର ଓକିଲମାନଙ୍କୁ ଦୁର୍ବ୍ୟବହାର, ଗାଳିଗୁଲଜ କରିବା ଓ ଧମକ ଚମକ ଦେବା ଅଭିଯୋଗ କରି ବୋଲଗଡ଼ ଥାନାରେ ପାଲଟା ଏତଲା ଦେଇଛନ୍ତି। ଉଭୟ ପକ୍ଷର ଅଭିଯୋଗକୁ ପୋଲିସ ଗ୍ରହଣ କରି ତଦନ୍ତ ଜାରି ରଖିଛି। ବୋଲଗଡ଼ ତହସିଲ ଓ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ସାଧାରଣ ଲୋକଙ୍କୁ ଶୋଷଣ କରାଯାଉଥିବା ଓକିଲ ସୁବୁଦ୍ଧି ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ବୋଲଗଡ଼ ତହସିଲଦାରଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।

# ଅତିରିକ୍ତ ଜିଲାଜଜ୍ ତନ୍ମୟ ମହାନ୍ତିଙ୍କ ପରଲୋକ

**କଟକ,୩।୧ (କାର୍ତ୍ତିକ ସାହୁ):** କଟକ ରାଣୀହାଟ ବାସିନ୍ଦା ଅତିରିକ୍ତ ଜିଲାଜଜ୍ ତନ୍ମୟ କୁମାର ମହାନ୍ତି(୪୮)ଙ୍କ ପରଲୋକ ହୋଇଯାଇଛି। ସେ ବ୍ରହ୍ମପୁରସ୍ଥିତ ଓପିଆଇଡି କୋର୍ଟରେ ଅତିରିକ୍ତ ଜିଲା ଜଜ୍ ଭାବେ କାର୍ଯ୍ୟରତ ଥିଲେ। ଦୀର୍ଘଦିନ ହେଲା ସେ କିଡ୍‌ନୀ ଓ ଲିଭର ଜନିତରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ପରଲୋକ ଖବରପାଇ ବହୁ ବିଶିଷ୍ଟ ବ୍ୟକ୍ତି, ବିଚାର ବିଭାଗୀୟ ଅଧିକାରୀ ଓ ଆତ୍ମୀୟ ସ୍ୱଜନ ରାଣୀହାଟସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସେ ଜଣେ ମିଷ୍ଟଭାଷୀ, ମେଳାପୀ ବ୍ୟକ୍ତି ହୋଇଥିବାବେଳେ ବିଚାର ବିଭାଗରେ ବେଶ୍ ସୁନାମ ଅର୍ଜନ କରିଥିଲେ। ପୂର୍ବରୁ ସେ ଦୀର୍ଘଦିନ ଧରି ଓଡ଼ିଶା ହାଇକୋର୍ଟର ସହକାରୀ ରେଜିଷ୍ଟ୍ରାର ଭାବେ କାର୍ଯ୍ୟ କରିଛନ୍ତି।

# ପ୍ରଶିକ୍ଷଣବେଳେ ହୋମଗାର୍ଡଙ୍କ ମୃତ୍ୟୁ

ଭୁବନେଶ୍ୱର,୩।୧ (ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ଆଚାର୍ଯ୍ୟବିହାରସ୍ଥିତ ରିଜର୍ଭ ଅଫିସ ଗ୍ରାଉଣ୍ଡରେ ବୁଧବାର ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ରିଫ୍ରେଶ୍ ଟ୍ରେନିଂବେଳେ ଜଣେ ହୋମ୍‌ଗାର୍ଡଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପୁରୀ ଜିଲା ପିପିଲି ଥାନା ଅଞ୍ଚଳର ବାସୁଦେବ ମାନସିଂ (୫୫)। ବାସୁଦେବ ଏୟାରଫିଲ୍ଡ ଥାନାରେ କାର୍ଯ୍ୟରତ ଥିଲେ। କେଉଁ କାରଣରୁ ତାଙ୍କର ହଠାତ୍ ମୃତ୍ୟୁ ଘଟିଲା ତାହା ସ୍ପଷ୍ଟ ହୋଇନାହିଁ। ଶହୀଦନଗର ଥାନା ପୋଲିସ ଘଟଣାର ତଦନ୍ତ କରୁଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାନୁସାରେ, ଓଡ଼ିଶା ପୋଲିସର ସବୁ ଜିଲାରେ ହୋମ୍‌ଗାର୍ଡଙ୍କୁ ରିଫ୍ରେଶ୍ କୋର୍ସ ପାଇଁ ଟ୍ରେନିଂ ଦିଆଯାଏ। ଏହିକ୍ରମରେ ରିଜର୍ଭ ଗ୍ରାଉଣ୍ଡରେ ଚାଲିଥିବା ଟ୍ରେନିଂରେ ବାସୁଦେବଙ୍କ ସହ ଅନ୍ୟ ହୋମ୍‌ଗାର୍ଡମାନେ ସାମିଲ ଥିଲେ। ବୁଧବାର ସକାଳ ପ୍ରାୟ ୬ଟାରେ ପ୍ରଶିକ୍ଷଣ ଚାଲୁଥିବାବେଳେ ବାସୁଦେବ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରି ତଳେ ପଡ଼ିଯାଇଥିଲେ। ଉପସ୍ଥିତ ଅନ୍ୟ ପୋଲିସ କର୍ମଚାରୀ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ପ୍ରତ୍ୟୁଷ


@ ସଦାନନ୍ଦ


@ ଦୀପାଞ୍ଜଳି


@ ସାଇରଞ୍ଜନ


@ ସୁନୀଲ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ୫ରୁ ସର୍ବଭାରତୀୟ ଗୋଲାପ ପ୍ରଦର୍ଶନୀ

### ୧୮ ବର୍ଷ ପରେ ଦ୍ୱିତୀୟ ସୁଯୋଗ

ଭୁବନେଶ୍ୱର, ୩।୧(ଅସମାପିକା ସାହୁ)

ସର୍ବଭାରତୀୟ ରୋଜ କନ୍‌ଭେଶନ୍ ଓ ଗୋଲାପ ପ୍ରଦର୍ଶନୀ ଆସନ୍ତା ୫ତାରିଖରୁ ଆରମ୍ଭ ହେବ। ଦୀର୍ଘ ୧୮ ବର୍ଷ ପରେ ଦ୍ୱିତୀୟ ଥର ପାଇଁ ଓଡ଼ିଶାରେ ୫ରୁ ୭ ତାରିଖ ପର୍ଯ୍ୟନ୍ତ କିଟ୍‌ରେ ଏହି ୪୦ତମ ସର୍ବଭାରତୀୟ ରୋଜ କନଭେସନ ଓ ଗୋଲାପ ପ୍ରଦର୍ଶନୀ ଅନୁଷ୍ଠିତ ହେବ। ୨୦୦୬ରେ ଏହା ଓଡ଼ିଶାରେ ଅନୁଷ୍ଠିତ ହୋଇଥିଲା। କିଟ୍ ଗୋଲାପ ସୋସାଇଟି, ଓଡ଼ିଶା ଗୋଲାପ ସୋସାଇଟି, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଓଡ଼ିଶା ଉଦ୍ୟାନ କୃଷି ସୋସାଇଟି ଏବଂ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ମିଳିତ ସହଯୋଗରେ କିଟ୍ ବିଶ୍ୱବିଦ୍ୟାଳୟରେ ପ୍ରଥମ ଥର ପାଇଁ ଏଭଳି ସମ୍ମିଳନୀ ଓ ମେଗା ସର୍ବଭାରତୀୟ ପୁଷ୍ପ ପ୍ରଦର୍ଶନୀ ଆୟୋଜିତ ହେଉଛି। ୫ ତାରିଖରେ ଗୋଲାପ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଥିବା ବେଳେ ଅପରାହ୍ନ ୪ଟାରୁ ୮ଟା ଓ ୬ ଓ ୭ ତାରିଖ ସକାଳ ୯ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସାଧାରଣ ଲୋକଙ୍କ ପାଇଁ 'ଗୋଲାପ ପ୍ରଦର୍ଶନୀ' ଖୋଲା ରହିବ। 'ଗୋଲାପ ପ୍ରଦର୍ଶନୀ'ରେ ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ଗୋଲାପ ଚାଷୀଙ୍କ ଦ୍ୱାରା ଉତ୍ପାଦିତ ବିଭିନ୍ନ ପ୍ରଜାତିର ଗୋଲାପ ପ୍ରଦର୍ଶିତ ହେବ। ଗୋଲାପ ସମ୍ମିଳନୀରେ ଦେଶର କୃଷିବୈଜ୍ଞାନିକ, ନର୍ସରିମ୍ୟାନ, କୃଷକ ଏବଂ ଉଦ୍ୟୋଗୀଙ୍କ ଭଳି ପ୍ରାୟ ୪ଶହ ପ୍ରତିନିଧି ଅଂଶଗ୍ରହଣ କରିବେ। ଏହି ଅବସରରେ ଉନ୍ନତ ଗୋଲାପ ଫୁଲ ଚାଷର କଳା, ବିଜ୍ଞାନ ଓ ଉଦ୍ୟୋଗୀ ପ୍ରଶିକ୍ଷଣ ଉପରେ ବିଶେଷଜ୍ଞମାନେ ନିଜ ମତାମତ ରଖିବେ। ଏହି ସହିତ ୪ଟି ନୂଆ ଗୋଲାପ ପ୍ରଜାତିର ନାମକରଣ କରାଯାଇ ସେଗୁଡ଼ିକ ଲୋକାର୍ପଣ କରାଯିବ। କାର୍ଯ୍ୟକ୍ରମରେ ବିଭିନ୍ନ ଲେଖକଙ୍କ ଦ୍ୱାରା ଗୋଲାପ ଉପରେ ଲେଖାକୁ ନେଇ ଏକ ସ୍ମରଣିକା ମଧ୍ୟ ଉନ୍ମୋଚିତ ହେବା ସହ ଓଡ଼ିଶା ଉଦ୍ୟାନ କୃଷି ସୋସାଇଟିର ସାଇଣ୍ଟିଫିକ ଜର୍ନାଲ ଉନ୍ମୋଚନ ହେବ।

# ମୋବାଇଲ ଚୋରି ପରେ ୟୁପିଆଇ ଜରିଆରେ ଟଙ୍କା ଲୁଟ୍

### ଆନ୍ତଃରାଜ୍ୟ ଗ୍ୟାଙ୍ଗର ନାବାଳକ ସମେତ ୯ ଧରାପଡ଼ିଲେ

### ୨୨ ମୋବାଇଲ,୧.୩୦ ଲକ୍ଷ ଟଙ୍କା, ୨୫ ସିମ୍ କାର୍ଡ, ୨୦ ଚିପ୍ ଜବତ

ଭୁବନେଶ୍ୱର,୩।୧ (ସୂର୍ଯ୍ୟକାନ୍ତ ବେହେରା)

ଟଙ୍କା ଲୁଟ୍ ପାଇଁ ଚୋରି କରୁଥିଲେ ମୋବାଇଲ୍ ଫୋନ୍। ଆଉ ଉକ୍ତ ଫୋନ୍‌ର ସିମ୍ କାର୍ଡକୁ ବ୍ୟବହାର କରି ୟୁପିଆଇ ଜରିଆରେ ଆକାଉଣ୍ଟକୁ ଖାଲି କରିଦେଉଥିଲେ ମାଷ୍ଟରମାଇଣ୍ଡ୍। ଏଥିପାଇଁ ସ୍ୱତନ୍ତ୍ର ଗ୍ୟାଙ୍ଗ୍ ଗଢ଼ି ମାସିକିଆ ଦରମାରେ ସଦସ୍ୟ ନିଯୁକ୍ତି ବି ଦେଇଥିଲେ। ଓଡ଼ିଶା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ସହ ଦେଶର ବିଭିନ୍ନ ରାଜ୍ୟରେ ସକ୍ରିୟ ଥିବା ଏହି ଆନ୍ତଃରାଜ୍ୟ ଗ୍ୟାଙ୍ଗର ଜଣେ ନାବାଳକଙ୍କ ସମେତ ୯ଜଣ ସଦସ୍ୟଙ୍କୁ ଧରିଛି ଭୁବନେଶ୍ୱର କମିଶନରେଟ ପୋଲିସ। ଏମାନଙ୍କଠାରୁ ୨୨ଟି ମୋବାଇଲ, ନଗଦ ୧ ଲକ୍ଷ


ଗିରଫ ଅଭିଯୁକ୍ତ ଓ ଜବତ ସାମଗ୍ରୀ।

୩୦ ହଜାର ଟଙ୍କା, ୨୫ଟି ସିମ କାର୍ଡ, ୨୦ଟି ମେମୋରି ଚିପ୍ ଜବତ ହୋଇଛି। ଅଭିଯୁକ୍ତମାନେ ହେଲେ ଝାଡ଼ଖଣ୍ଡ ତିନ୍‌ପାହାଡର ସେର୍‌ଶାହ କୁମାର ମହାତୋ, ଭୁଲୁ କୁମାର ନୁନିଆ, ରାହୁଲ ନୁନିଆ, ଛୋଟୁ ରୟ, ଛୋଟେଲାଲ ମହାତୋ ଏବଂ ଅନ୍ୟ ତିନିଜଣ ହେଲେ ପଶ୍ଚିମବଙ୍ଗର ସୋନୁ ନୁନିଆ, ସୁବାସ ନୁନିଆ ଓ ସୋନୁ କୁମାର ନୁନିଆ। ଏମାନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ଧରାପଡିଥିବା ଜଣେ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡରେ ହାଜର କରାଯାଇଥିବା ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି।

ଡିସିପିଙ୍କ ସୂଚନାନୁସାରେ, ଗ୍ୟାଙ୍ଗ୍‌ର ୧୫ଜଣ ସଦସ୍ୟ ପ୍ରାୟ ସମୟରେ ଓଡ଼ିଶାକୁ ଆସୁଥିଲେ। ଭାଗ ଭାଗ ହୋଇ ଭୁବନେଶ୍ୱର, ପୁରୀ, କଟକ ଆଦି ଜିଲାକୁ ଯାଇ ବିଶେଷକରି ବସ୍‌ଷ୍ଟାଣ୍ଡ, ମନ୍ଦିର, ହସ୍ପିଟାଲ ନିକଟ ଅଞ୍ଚଳରେ ରହି ନେଟ୍‌ୱର୍କ ଚଳାଉଥିଲେ। ପର୍ବ, ଉତ୍ସବ କିମ୍ବା ବଡ଼ଧରଣର ସମାବେଶକୁ ସେମାନେ ଟାର୍ଗେଟ କରୁଥିଲେ। ଭିଡ଼ ଥିବା ବସ୍, ଜନଗହଳିପୂର୍ଣ୍ଣ ସ୍ଥାନ, ମାର୍କେଟ, ମନ୍ଦିରରେ ଲୋକଙ୍କଠାରୁ ମୋବାଇଲ ଫୋନ୍ ଚୋରି ଓ ଲୁଟ୍‌କରି ଫେରାର ହେଉଥିଲେ। ଏପରିକି ଏହି ଗ୍ୟାଙ୍ଗ୍‌ର ମାଷ୍ଟରମାଇଣ୍ଡ ପ୍ରତି ମାସରେ ଗିରଫ ଅଭିଯୁକ୍ତ ବା ଗ୍ୟାଙ୍ଗ୍ ସଦସ୍ୟଙ୍କୁ ୧୦ରୁ ୧୫ ହଜାର ଟଙ୍କା ଲେଖାଏ ଦରମା ଦେଉଥିଲେ। ଏମାନଙ୍କୁ ରୋଷେଇ କରି ଦେବାକୁ ରୋଷେୟା ମଧ୍ୟ ନିଯୁକ୍ତ କରିଥିଲେ। ଏମାନେ କ୍ୟାପିଟାଲ ଥାନାରେ ରୁଜୁ ହୋଇଥିବା ୮ଟି ମାମଲାରେ ସଂପୃକ୍ତ ଥିବା ଜଣାପଡିଛି। ତେବେ ଗ୍ୟାଙ୍ଗ୍ ଲିଡର ବା ମାଷ୍ଟରମାଇଣ୍ଡ୍ ସହ ଏହି ଗ୍ୟାଙ୍ଗକୁ ବୈଷୟିକ ସହାୟତା କରୁଥିବା ଅନ୍ୟ ସହଯୋଗୀ ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଚଳାଇଥିବା ସୂଚନା ଦିଆଯାଇଛି।

### କେମିତି ଧରାପଡ଼ିଲେ...

ଜଣେ ବ୍ୟକ୍ତିଙ୍କର ମୋବାଇଲ ଫୋନ୍ ଲୁଟ୍ ହୋଇଥିଲା। ପରେ ତାଙ୍କ ଆକାଉଣ୍ଟରୁ ଟଙ୍କା ଉଠାଯାଇଥିବା ସହ ବେଆଇନ ଭାବେ ଟଙ୍କା କାରବାର ହୋଇଥିବା ସେ ଜାଣିବାକୁ ପାଇଥିଲେ। ଏହାପରେ ସେ କ୍ୟାପିଟାଲ ଥାନାରେ ଘଟଣା ସମ୍ପର୍କରେ ଅଭିଯୋଗ କରିବା ପରେ ପୋଲିସ ଖୋଳତାଡ଼ ଆରମ୍ଭ କରିଥିଲା। ଏହା ଭିତରେ ଗତ କିଛିମାସ ମଧ୍ୟରେ ଏମିତି ଭାବେ ୧୪ ଲକ୍ଷ ଠକେଇ ହୋଇଥିବା କ୍ୟାପିଟାଲ ଥାନା ଓ ସାଇବର ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଅଭିଯୁକ୍ତଙ୍କୁ ଧରିବା ପାଇଁ ଦୁଇମାସ ଧରି ଟ୍ରାକିଂ ଚଳାଇଥିଲା। ବିଭିନ୍ନ ସ୍ଥାନରୁ ଗ୍ୟାଙ୍ଗ୍‌ର ୯ଜଣ ସଦସ୍ୟଙ୍କୁ ଧରିବା ପରେ ବୁଧବାର ପୋଲିସ ଏକ ମାମଲା (ନଂ.୪/୨୦୨୪) ରୁଜୁ କରି ସେମାନଙ୍କୁ ଅଧିକ ପଚରାଉଚରା କରି ର୍‍ୟାକେଟ୍‌ର ପର୍ଦ୍ଦାଫାଶ କରିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମହିଳା ଦଳଗତ ବିଭାଗରେ ରେଳୱେକୁ ସ୍ୱର୍ଣ୍ଣ

**ଜାତୀୟ ସିନିୟର ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ**

**■ ଅଲ୍‌ରାଉଣ୍ଡରେ ଦୀପାଙ୍କ ଚମକ**

**ଭୁବନେଶ୍ୱର, ୩।୧ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ସିନିୟର ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିବସରେ ଅନୁଷ୍ଠିତ ମହିଳା ବିଭାଗ ପ୍ରତିଯୋଗିତାର ଅଲ୍ ରାଉଣ୍ଡ ବିଭାଗରେ ଚମକ ଦେଖାଇଛନ୍ତି ଅଲିମ୍ପିଆନ ଦୀପା କର୍ମକାର। ସେ ୪୯.୫୫ ପଏଣ୍ଟ ପାଇ ଶୀର୍ଷସ୍ଥାନ ଅଧିକାର କରିଛନ୍ତି। ମହିଳା ଦଳଗତ ବିଭାଗରେ ରେଳୱେ ସ୍ୱର୍ଣ୍ଣ ପଦକ ହାସଲ କରିଛି। ମହାରାଷ୍ଟ୍ର ରୌପ୍ୟ ଓ ପଶ୍ଚିମବଙ୍ଗ ବ୍ରୋଞ୍ଜ ପଦକ ପାଇଛି। ରେଳୱେ ମହିଳା ଦଳ ୧୮୨.୬୦, ମହାରାଷ୍ଟ୍ର ୧୬୯.୯୫ ଓ ପଶ୍ଚିମବଙ୍ଗ ୧୬୬.୮୦ ପଏଣ୍ଟ ଅର୍ଜନ କରିଛି। ଆୟୋଜକ ଓଡ଼ିଶା ୧୬୪.୬୫ ପଏଣ୍ଟ ସହିତ ଚତୁର୍ଥ ସ୍ଥାନରେ ରହିଛି। ଜିମ୍ନାଷ୍ଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ ସଭାପତି ସୁଧିର ମିତ୍ତଲ ଅତିଥିଭାବେ ଯୋଗଦେଇ ପଦକ ପ୍ରଦାନ କରିଥିଲେ।

ତ୍ରିପୁରା ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଦୀପା ଭଲ୍ଟରେ ୧୩.୪୦, ଅନ୍‌ଇଭେନ ବାର୍ସରେ ୧୦.୬୫, ବାଲାନ୍ସ ବିମ୍‌ରେ ୧୩.୧୦ ଓ ଫ୍ଲୋର ଏକ୍ସରସାଇଜ୍‌ରେ ୧୨.୪୦ ପଏଣ୍ଟ ପାଇଥିଲେ। ‘‘ଦୀର୍ଘ ୮ ବର୍ଷ ପରେ ମୁଁ ଜାତୀୟ ସିନିୟର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛି। ତେଣୁ ଏଠାକାର ପ୍ରଦର୍ଶନରେ ମୁଁ ଖୁବ୍ ଖୁସି ଅନୁଭବ କରୁଛି। ଗୁରୁବାର ବ୍ୟକ୍ତିଗତ ବିଭାଗରେ ମଧ୍ୟ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବି। କଳିଙ୍ଗ ଷ୍ଟାଡିୟମର ଜିମ୍ନାଷ୍ଟିକ୍ ସେଣ୍ଟର ଅତ୍ୟନ୍ତ ଉଚ୍ଚକୋଟୀର। ଏଠାରୁ ନିଶ୍ଚିତ ଅଲିମ୍ପିକ୍ସ ଓ ଏସିଆନ ଗେମ୍ସ ପାଇଁ ଜିମ୍ନାଷ୍ଟ ବାହାରିବେ ବୋଲି ଆଶା କରୁଛି। ଓଡ଼ିଶା ସରକାର ଜିମ୍ନାଷ୍ଟଙ୍କ ପାଇଁ ଏପରି ଭିତ୍ତିଭୂମୀ ଯୋଗାଇ ଦେଇଥିବାରୁ ଅଶେଷ ଧନ୍ୟବାଦ’’ ବୋଲି ଦୀପା ପ୍ରକାଶ କରିଛନ୍ତି। ଅଲ୍‌ରାଉଣ୍ଡ ବିଭାଗରେ ରେଳୱେ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ପ୍ରଣତି ଦାସ ୪୭.୦୦ ଓ ସ୍ୱସ୍ତିକା ଗାଙ୍ଗୁଲି ୪୫.୩୦ ପଏଣ୍ଟ ସହିତ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇଥିଲେ। ପ୍ରଣତି ଭଲ୍ଟରେ ୧୨.୮୦, ଅନ୍‌ଇଭେନ ବାର୍ସରେ ୧୦.୬୦, ବାଲାନ୍ସ ବିମ୍‌ରେ ୧୧.୫୦ ଓ ଫ୍ଲୋର ଏକ୍ସରସାଇଜ୍‌ରେ ୧୨.୧୦ ପଏଣ୍ଟ ପାଇଥିଲେ। ସେହିପରି ସ୍ୱସ୍ତିକା ଭଲ୍ଟରେ ୧୨.୮୦, ଅନ୍‌ଇଭେନ ବାର୍ସରେ ୯.୧୫, ବାଲାନ୍ସ ବିମ୍‌ରେ ୧୧.୭୦ ଓ ଫ୍ଲୋର ଏକ୍ସରସାଇଜ୍‌ରେ ୧୧.୬୫ ପଏଣ୍ଟ ହାସଲ କରିଥିଲେ। ଅନ୍ତିମ ଦିବସରେ ଗୁରୁବାର ଉଭୟ ମହିଳା ଓ ପୁରୁଷ ବର୍ଗରେ ବ୍ୟକ୍ତିଗତ ବିଭାଗରେ ପ୍ରତିଯୋଗିତା ହେବ।



କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ସିନିୟର ଜିମ୍ନାଷ୍ଟିକ୍ସ ପ୍ରତିଯୋଗିତାରେ ବୁଧବାର ଦୀପା କର୍ମକାର ଓ ପ୍ରଣତି ନାୟକ କୌଶଳ ପ୍ରଦର୍ଶନ କରୁଛନ୍ତି। (ଫଟୋ: ବିକାଶ ନାୟକ)

# ଗ୍ରୁପ୍ ‘ଏ’ରେ ଓଡ଼ିଶା

**ଭୁବନେଶ୍ୱର, ୩।୧ (ତପନ ସ୍ୱାଇଁ):** କର୍ଣ୍ଣାଟକର ହୁବଲିଠାରେ ଚଳିତ ମାସ ୮ରୁ ୧୨ ପର୍ଯ୍ୟନ୍ତ ଜାତୀୟ ଦୃଷ୍ଟିବାଧିତ ମହିଳା ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହେବ। ଓଡ଼ିଶା ଗ୍ରୁପ୍ ‘ଏ’ରେ ମଧ୍ୟପ୍ରଦେଶ, ଗୁଜରାଟ ଓ ତେଲଙ୍ଗାନା ସହ ସ୍ଥାନ ପାଇଛି। ଗ୍ରୁପ୍ ‘ବି’ରେ କର୍ଣ୍ଣାଟକ, ମହାରାଷ୍ଟ୍ର, ଝାଡ଼ଖଣ୍ଡ, ଆସାମ, ଗ୍ରୁପ୍ ‘ସି’ରେ ଦିଲ୍ଲୀ, କେରଳ, ତାମିଲନାଡୁ, ପଶ୍ଚିମବଙ୍ଗ ଏବଂ ଗ୍ରୁପ୍ ‘ଡି’ରେ ଆନ୍ଧ୍ର ପ୍ରଦେଶ, ରାଜସ୍ଥାନ, ଚଣ୍ଡିଗଡ଼ ଓ ହରିୟାଣା ସ୍ଥାନ ପାଇଛି। ଓଡ଼ିଶା ୮ରେ ତେଲଙ୍ଗାନା, ୯ରେ ଗୁଜରାଟ ଓ ୧୦ରେ ମଧ୍ୟପ୍ରଦେଶକୁ ଭେଟିବ।


**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**Admission Open**
Post Diploma in C.S.S.D TECHNIQUES (Hospital Sterilization Technology)
Eligibility : +3 Science | Duration : 1 Year
Advance Diploma in OPERATION THEATRE TECHNOLOGY (OT Techniques)
Eligibility : +2 (Any Stream) | Duration : 2 Years
RMTI, PALASUNI, RASULGARH
BHUBANESWAR-25
Ph: 93382 12123

Hurry up... Hurry up... Hurry up...
**B.Ed**
**Only @89,000/-**
IMMEDIATELY CONTACT
**B.Ed**
COUNSELLING CENTER
BHUBANESWAR
7606962458
8908210843
9124391142
8908210443

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଭିନେଶ, ସାକ୍ଷୀ, ବଜରଙ୍ଗଙ୍କ ବିରୋଧରେ ପ୍ରତିବାଦ

**ନୂଆଦିଲ୍ଲୀ, ୩।୧ (ପି.ଟି)**

ଭାରତୀୟ ରେସ୍‌ଲିଂରେ ଦେଖାଦେଇଥିବା ସଙ୍କଟ ଏକ ନୂଆ ମୋଡ ନେଇଛି। ବୁଧବାର ଶତାଧିକ ଜୁନିୟର ରେସ୍‌ଲର ବଜରଙ୍ଗ ପୁନିଆ, ଭିନେଶ ଫୋଗଟ୍ ଓ ସାକ୍ଷୀ ମଲିକଙ୍କ ବିରୋଧରେ ଯନ୍ତରମନ୍ତରଠାରେ ୩ ଘଣ୍ଟିଆ ପ୍ରତୀକାତ୍ମକ ପ୍ରତିବାଦ କରିଛନ୍ତି। ଏହି ୩ ଖେଳାଳିଙ୍କ କାରଣରୁ ସେମାନଙ୍କ କ୍ୟାରିୟର ଏକ ମହତ୍ତ୍ୱପୂର୍ଣ୍ଣ ବର୍ଷ ନଷ୍ଟ ହୋଇଛି ବୋଲି ଅଭିଯୋଗ କରିଛନ୍ତି। ଉତ୍ତର ପ୍ରଦେଶ, ହରିୟାଣା ଓ ଦିଲ୍ଲୀର ଜୁନିୟର ରେସ୍‌ଲରମାନେ ବସ୍ ଯୋଗେ ଆସି ବିରୋଧ ପ୍ରଦର୍ଶନ କରିଥିଲେ। ଛପ୍ରାଉଲି ଓ ବାଘପତର ଆର୍ଯ୍ୟ ସମାଜ ଆଖଡା, ନରେଲାର ବୀରେନ୍ଦ୍ର ରେସ୍‌ଲିଂ ଏକାଡେମୀର ରେସ୍‌ଲରମାନେ ପ୍ରତିବାଦ କରିଥିଲେ। ଏକା ସାଥୀରେ ଏତେ ସଂଖ୍ୟକ ରେସ୍‌ଲର ପ୍ରତିବାଦ ପାଇଁ ଆସିବାରୁ ସୁରକ୍ଷା କର୍ମୀ ମଧ୍ୟ ଅସୁବିଧାରେ ପଡିଥିଲେ। ସମସ୍ତେ ଭିନେଶ,ସାକ୍ଷୀ, ବଜରଙ୍ଗଙ୍କ ବିରୋଧରେ ନାରା ଲଗାଇଥିଲେ। ଧାରଣାସ୍ଥଳ ଛାଡିବା ପୂର୍ବରୁ ୧୦ ଦିନ ମଧ୍ୟରେ ରେସ୍‌ଲିଂ ମହାସଂଘ ଉପରୁ ବାସନ୍ଦାଦେଶ ନ ହଟାଇଲେ ସେମାନେ ମଧ୍ୟ ପୁରସ୍କାର ଫେରାଇବେ ବୋଲି ଧମକ ଦେଇଛନ୍ତି। ୟୁଡବ୍ଲ୍ୟୁଡବ୍ଲ୍ୟୁ ଆମ ରେସ୍‌ଲିଂକୁ ଏହି ୩ ଜଣଙ୍କ କବଳରୁ ଉଦ୍ଧାର କରନ୍ତୁ ବୋଲି ବ୍ୟାନର ଧରି ପ୍ରତିବାଦ କରିଥିଲେ। ଅନେକ ରେସ୍‌ଲରଙ୍କ ପାଇଁ ଜୁନିୟର ସ୍ତରରେ ପ୍ରତିଦ୍ୱନ୍ଦ୍ୱିତା କରିବାର ଏହା ଶେଷ ସୁଯୋଗ ରହିଥିଲା। ତେବେ ଏହି ୩ ଖେଳାଳିଙ୍କ ପାଇଁ ଏହା ନଷ୍ଟ ହୋଇଛି ବୋଲି ଅଭିଯୋଗ କରିଥିଲେ ଖେଳାଳି। ଦୀର୍ଘ ଦିନର ବିବାଦ ପରେ ଡିସେମ୍ବର ୨୧ ତାରିଖରେ ଡବ୍ଲ୍ୟୁଏଫ୍‌ଆଇ ନିର୍ବାଚନ ହୋଇଥିଲା। ସଞ୍ଜୟ ସିଂ ସଭାପତି ନିର୍ବାଚିତ ହେବା ଦିନ ହିଁ ୧୫ ଓ ୨୦ ବର୍ଷରୁ କମ୍ ଜାତୀୟ ଟୁର୍ନାମେଣ୍ଟ ପାଇଁ ଘୋଷଣା କରିଥିଲେ। ବର୍ଷ ଶେଷ ହେବା ପୂର୍ବରୁ ଗୋଣ୍ଡାସ୍ଥିତ ନନ୍ଦିନୀ ନଗରରେ ଏହି ଟୁର୍ନାମେଣ୍ଟ ପାଇଁ ଏଭଳି ତରବରିଆ ନିଷ୍ପତ୍ତିକୁ ବିରୋଧ କରାଯାଇଥିଲା। ଡବ୍ଲ୍ୟୁଏଫ୍‌ଆଇ ସମ୍ବିଧାନର ଅନୁଚ୍ଛେଦ-୩ ଅନୁସାରେ ଜାତୀୟ ସିନିୟର, ଜୁନିୟର, ସବ୍‌ଜୁନିୟର ଟୁର୍ନାମେଣ୍ଟ ଆୟୋଜନ ସମ୍ପର୍କିତ ନିଷ୍ପତ୍ତି କେବଳ କାର୍ଯ୍ୟକାରୀ କମିଟି ଗ୍ରହଣ କରିଥାଏ। ଏହାକୁ ଉଲ୍ଲଂଘନ କରି ସଞ୍ଜୟ ନିଜେ ଟୁର୍ନାମେଣ୍ଟ ସମ୍ପର୍କରେ ଘୋଷଣା କରିଥିଲେ। ସଞ୍ଜୟ ସିଂ ଏକପାଖିଆ ଭାବରେ ଏଭଳି ନିଷ୍ପତ୍ତି ନେଇ ନିଜ ପଦ ମର୍ଯ୍ୟାଦାର ଗରିମା କ୍ଷୁଣ୍ଣ କରିଥିବାରୁ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ତାଙ୍କୁ ଓ ସମଗ୍ର ନିର୍ବାଚିତ ସଦସ୍ୟଙ୍କୁ ଡିସେମ୍ବର ୨୪ ତାରିଖରେ ନିଲମ୍ବନ କରାଯାଇଥିଲା।

ବୁଧବାରର ପ୍ରତିବାଦ ଏକ ପ୍ରତୀକାତ୍ମକ ଥିଲା। ସରକାର ଯଦି ନିଷ୍ପତ୍ତି ପରିବର୍ତ୍ତନ ନ କରନ୍ତି ତା’ହେଲେ ଭିନେଶ ଓ ବଜରଙ୍ଗଙ୍କ ଭଳି ଆମେ ମଧ୍ୟ ପଦକ ପ୍ରତ୍ୟାହାର କରିବୁ ବୋଲି କହିଛନ୍ତି ଗ୍ରୀକୋ ରୋମାନ ରେସ୍‌ଲର ସୁନୀଲ ରାଣା। ସୁନୀଲ ଏସିଆନ୍ ଗେମ୍ସ ୨୦୨୩ରେ ବ୍ରୋଞ୍ଜ ପଦକ ବିଜୟୀ ହୋଇଥିବା ବେଳେ ଅର୍ଜୁନ ପୁରସ୍କାର ମଧ୍ୟ ଜିତିଛନ୍ତି। ରେସ୍‌ଲିଂ କୋଚ୍ ପ୍ରଦୀପ୍ କୁମାର କହିଛନ୍ତି, ୯୦ ପ୍ରତିଶତ ଆଖଡାର ସମର୍ଥନ ଆମ ସପକ୍ଷରେ ରହିଛି। ଗୋଟିଏ ପଟେ ଦେଶର ଲକ୍ଷ ଲକ୍ଷ ରେସ୍‌ଲର ରହିଥିବା ବେଳେ ଅନ୍ୟ ପଟରେ ମାତ୍ର ୩ ଜଣ ରେସ୍‌ଲର ରହିଛନ୍ତି। ଅନ୍ୟପକ୍ଷରେ ଜାତୀୟ ପୁରସ୍କାର ପ୍ରତି ଏହି ଖେଳାଳିମାନଙ୍କ ମନରେ ସାମାନ୍ୟ ସମ୍ମାନ ନାହିଁ ବୋଲି କୁମାର କହିଛନ୍ତି। ମହିଳାଙ୍କ ପ୍ରତି ସମ୍ମାନର ନାରା ଦେଇ ଲକ୍ଷ ଲକ୍ଷ ଖେଳାଳିଙ୍କ କ୍ୟାରିୟର ବରବାଦ କରୁଛନ୍ତି ବୋଲି ସେ କହିଛନ୍ତି। ତେବେ କେବଳ ରେସ୍‌ଲିଂ ମହସଂଘର ପଦ ଲାଳସାରେ ସେମାନେ ଏଭଳି କରୁଛନ୍ତି ବୋଲି ଅଭିଯୋଗ ଆଣିଛନ୍ତି ପ୍ରଦୀପ।

# ଓଡ଼ିଶାକୁ ୧୫ ପଦକ

**ଆଇଟିଏଫ୍ ଟାଏକୋଣ୍ଡୋ**

**ଭୁବନେଶ୍ୱର, ୩।୧ (ତପନ ସ୍ୱାଇଁ)**

ବେଙ୍ଗାଲୁରୁସ୍ଥିତ କୋରମଙ୍ଗଲ ଇନ୍‌ଡୋର ଷ୍ଟାଡିୟମରେ ୩୮ତମ ଜାତୀୟ ଆଇଟିଏଫ୍ ଟାଏକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୫ ରାଜ୍ୟରୁ ୬୬୮ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କଳିଙ୍ଗ ଯୋଦ୍ଧା ଟାଏକୋଣ୍ଡୋ ଏକାଡେମୀର ମୁଖ୍ୟ ପ୍ରଶିକ୍ଷକ ଲକ୍ଷ୍ମୀ ପ୍ରସାଦ ନାୟକଙ୍କ ନେତୃତ୍ୱରେ ୧୫ ପ୍ରତିଯୋଗୀ ଭାଗନେଇ ରାଜ୍ୟ ପାଇଁ ୧୫ ପଦକ ଜିତିଛନ୍ତି। ଏହା ମଧ୍ୟରେ ୧ ସ୍ୱର୍ଣ୍ଣ, ୯ ରୌପ୍ୟ ଓ ୫ ବ୍ରୋଞ୍ଜ ପଦକ ସାମିଲ। ବାଳକ ବିଭାଗ ବ୍ୟକ୍ତିଗତ ସ୍ୱାଇରିଂରେ ତ୍ରିନାଥ ମଣ୍ଡଳ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ କୁଳଦୀପ ନାୟକ, ଶୁଭମ୍ ନାୟକ, ପୂର୍ଣ୍ଣବ୍ରହ୍ମ ମୁଦୁଲି ରୌପ୍ୟ ଏବଂ ସାଇପ୍ରେମ୍ ଡୋରା, ଶ୍ରେୟାଂଶୁ ଦାସ, ଆଦିତ୍ୟ ନାରାୟଣ ସୁବୁଦ୍ଧି ଓ ସୁରୋଜ ବେହେରା ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେହିପରି ବ୍ୟକ୍ତିଗତ ଟୁଲ୍‌ସ ବାଳକ ବିଭାଗରେ ଲକ୍ଷ୍ମୀ ପ୍ରସାଦ, ତ୍ରିନାଥ ମଣ୍ଡଳ, କୁଳଦୀପ ରୌପ୍ୟ ଏବଂ ଗ୍ରୁପ୍ ଟୁଲ୍‌ସ ପୁରୁଷ ବିଭାଗରେ ଲକ୍ଷ୍ମୀ ପ୍ରସାଦ, ତ୍ରିନାଥ ମଣ୍ଡଳ ଓ କୁଳୀଦ ଗୋଟିଏ ଲେଖାଏ ରୌପ୍ୟ ପଦକ ହାସଲ କରିଥିଲେ।


ଆଇଟିଏଫ୍ ଟାଏକୋଣ୍ଡୋରେ କୃତିତ୍ୱ ଅର୍ଜନ କରିଥିବା ଖେଳାଳିମାନେ ଅତିଥିଙ୍କ ସହ।

# କିଟ୍ ପୁରୁଷ ଦଳ କ୍ୱାର୍ଟରରେ

**ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଟେନିସ**

**ଭୁବନେଶ୍ୱର, ୩।୧ (ତପନ ସ୍ୱାଇଁ)**

ଜୟପୁରର ମନିପାଲ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ବୁଧବାର ଆରମ୍ଭ ହୋଇଥିବା ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ୍ ଟେନିସ ଟୁର୍ନାମେଣ୍ଟରେ କିଟ୍ ପୁରୁଷ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ପ୍ରି-କ୍ୱାର୍ଟର ଫାଇନାଲରେ ଏହି ଦଳ ରୋହତକର ମହର୍ଷୀ ଦୟାନନ୍ଦ ବିଶ୍ୱବିଦ୍ୟାଳୟକୁ ୩-୦ରେ ପରାସ୍ତ କରିଛି। କିଟ୍ ଦଳ ଏହା ପୂର୍ବରୁ ୪ର୍ଥ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ୨୦୨୩-୨୪ ପାଇଁ ଯୋଗ୍ୟତା ଅର୍ଜନ କରି ସାରିଛି। କିଟ୍ ଦଳର ଖେଳାଳିମାନେ ହେଲେ କବିର ହଂସ, ଅଥର୍ବ ଶର୍ମା, ଅଂଶୁମାନ ସିଂ ଓ ଆଶିଷ କୁମାର ପରିଡ଼ା। କୋଚ୍: ଅନାମୁଲ ହକ୍। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।




**Everyday**
**0674-2580101, 2549949**


REAL ESTATE

**SALE**

Bhubaneswar ready construction yellowzone plotnearPatiaKIITCollege, Hanspal. 9437968618, 8328811411. D-75288

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1200 sqft. 3,60,000/-, ଛତାବର-1200 sqft.- 6,00,000/-. 9348232008. D-75289

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ **Grand Bazar NH-16ରୁ 1K.M. ଏବଂ Sum-2 Hospitalରୁ 2K.M. ମଧ୍ୟରେ ଘରବାରି ପ୍ଲଟ୍ ସୁଲଭ ମୂଲ୍ୟରେ କିଣନ୍ତୁ। 9658562429.** D-75287

ପାତ୍ରପଡ଼ା NHରୁ 400 mtr. ବ୍ରହ୍ମକୁମାରୀ ଆଶ୍ରମକୁ ଲାଗି 30ft. Road, Eelctric, Water ଥାଇ Sqft. 2600/- ରେ ପ୍ଲଟ୍ କିଣନ୍ତୁ । 7788888879, 8249034529. D-75291

Your classified advertisement published in Dharitri will be listed free in Dharitri online edition: **dharitriepaper.in**




**Ashirvaad Salon and SPA get good massage for your health tha best therapy. 7077181074.** D-75081

Relax, refresh your body, mind by expert therapist. Contact: 8338800330. D-75181

**Relax, Refresh your body, Mind at Saikrupa Spa with best therapies. 8984068077.** D-2080

Spa Kerala body Massage best Therapist @699/- Bhubaneswar. Kajal- 9337672475. D-2130

**Asribada Panchakarma herbalSPA,Kesharimall, Bhubaneswar. Contact: 8926173473.** D-75091

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

I, Brundaban Panda, S/o Jagannath Panda and Husband of Bhagyalata Panda, Resident of At- Panda Street, P.O./ Dist./ P.S.- Ganjam, Odisha- 761026 do hereby solemnly affirm and state as follows: 1. That, I am the deponent of this affidavit. 2. That, my son's actual and correct name is Anil Panda and his Date of Birth is 10.06.1974 and it has been recorded in this Aadhaar Card bearing No. xxxxxxxx1269. 3. That in this Passport, bearing No. K3840710, his name has been wrongly recorded as Anil Brundaban Panda instead of actual and correct name Anil Panda. D- 2174

By virtue of an affidavit sworn before the Notary, Jharsuguda I, Srikanta Mahalik, S/o Jeevan Mahalik, R/o Hill Colony, P.O.- Rampur Coliery, P.S.- Brajrajnagar, Dist.- Jharsuguda, Odisha declare by this affidavit No.69, Dtd.02.01.24, that in 10th Marksheet of my daughter Sradhanjali Mahalik my name has been mentioned of Srikanta Mahallik instead of Srikanta Mahalik that both the are one and same person. D-2175


# ବିଜୟଧାରାକୁ ଫେରିଲା ଜଗରନଟ୍ସ

**ଅଲ୍‌ଟିମେଟ୍ ଖୋ ଖୋ**

**ଭୁବନେଶ୍ୱର, ୩।୧ (ସରୋଜ ଜେନା)**

କଟକର ଜବାହରଲାଲ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଅଲ୍‌ଟିମେଟ୍ ଖୋ ଖୋ ଲିଗ୍‌ରେ ଚମତ୍କାର ଡିଫେନ୍ସ ଦେଖାଇ ବିଜୟ ଧାରାକୁ ଫେରିଛି ଓଡ଼ିଶା ଜଗରନଟ୍ସ। ବୁଧବାର ସନ୍ଧ୍ୟାର ଦ୍ୱିତୀୟ ମ୍ୟାଚରେ ରାଜସ୍ଥାନ ୱାରିୟର୍ସକୁ ୩୨-୨୧ ପଏଣ୍ଟରେ ପରାସ୍ତ କରିଥିଲା ଡିଫେଣ୍ଡିଂ ଚାମ୍ପିୟନ ଓଡ଼ିଶା ଜଗରନଟ୍ସ। ଦଳ ୧୦ ଡ୍ରିମ୍ ରନ୍ ପଏଣ୍ଟ ସ୍କୋର କରିଥିଲା। ପ୍ରଥମ ଟର୍ନରେ ଦଳର ଡିଫେଣ୍ଡର ୬.୨୨ ମିନିଟ ମ୍ୟାଟରେ ବିତାଇବା ସହ ୭ ଡ୍ରିମ୍ ରନ୍ ପଏଣ୍ଟ ହାସଲ କରିଥିଲେ। ପ୍ରଥମ ଥର ପାଇଁ ଡିଫେଣ୍ଡ କରୁଥିବା ଟିମ୍ ଅଗ୍ରଣୀ ହାସଲ କରିଥିଲା। ଟର୍ନ ୩ ବେଳକୁ ରାଜସ୍ଥାନ ମାତ୍ର ୩ ପଏଣ୍ଟରେ ଆଗୁଆ ରହିଥିଲା। ଅନ୍ତିମ ଟର୍ନରେ ଓଡ଼ିଶା ୧୪ ପଏଣ୍ଟ ସହ ସହଜ ବିଜୟ ହାସଲ କରିଥିଲା।

ପୂର୍ବରୁ ପ୍ରଥମ ମ୍ୟାଚରେ ତେଲୁଗୁ ଯୋଦ୍ଧାସ ୪୦-୨୨ରେ ମୁମ୍ବାଇ ଖିଲାଡିଜ୍‌କୁ ପରାସ୍ତ କରିଥିଲା। ପ୍ରଥମ ଟର୍ନର ଆଟାକରେ ଯୋଦ୍ଧାସ ୧୬ ପଏଣ୍ଟ ଅର୍ଜନ କରିଥିବା ବେଳେ ମୁମ୍ବାଇ ମାତ୍ର ଗୋଟିଏ ଡ୍ରିମ୍ ରନ୍ ହାସଲ କରିଥିଲା। ଏହାପରେ ଯୋଦ୍ଧାସ ଚମତ୍କାର ଡିଫେନ୍ସ ଦେଖାଇଥିଲା। ପ୍ରତୀକ ୱାଇକାର, ଅବଧୂତ ପାଟିଲ ଓ ଆଦିତ୍ୟ ଗଣପୁଲେ ମ୍ୟାଟ୍ ଉପରେ ୫ ମିନିଟ ୧୭ ସେକେଣ୍ଡ ସମୟ ବିତାଇଥିଲେ। ଏହା ମଧ୍ୟରେ ୫ ଡ୍ରିମ ରନ୍ ସହିତ ଦଳର ଅଗ୍ରଣୀକୁ ୨୧-୭ରେ ପହଞ୍ଚାଇଥିଲେ। ତୃତୀୟ ଟର୍ନରେ ତେଲୁଗୁ ଯୋଦ୍ଧା ୨୯ ପଏଣ୍ଟରେ ଆଗୁଆ ରହିବା ସହ ବିଜୟ ନିଶ୍ଚିତ କରିଥିଲା। ଅନ୍ତିମ ଟର୍ନରେ ମୁମ୍ବାଇ ୧୧ ପଏଣ୍ଟ ଅର୍ଜନ କରିଥିଲେ ମଧ୍ୟ ୪୦-୨୨ରେ ପରାଜିତ ହୋଇଥିଲା।


ଓଡ଼ିଶା ଜଗରନଟ୍ସ ଓ ରାଜସ୍ଥାନ ୱାରିୟର୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# ମିଳିଗଲେ ଗୁରୁ


ଶ୍ରଦ୍ଧା

କଥାରେ ପରା ଅଛି-ଏ ମନ ଖୋଜୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା। ହେଲେ ମନଲାଖି ଆଶା ପୂରଣ ହେବା ତ ଏତେ ସହଜ ନୁହେଁ। ବେଳେବେଳେ ଏଥିଲାଗି ଅପେକ୍ଷା କରିବାକୁ ପଡ଼ିଥାଏ। ଶ୍ରଦ୍ଧା କପୁର କେବେ ବିଶ୍ୱାସ କରି ନ ଥିଲେ ଯେ ତାଙ୍କର ସ୍ୱପ୍ନ ଏପରି ସାକାର ହେବ ବୋଲି। କଥା କ'ଣ କି ସେ ଏକ ଦ୍ୱୈତ ଭୂମିକା ବା ଡବଲ ରୋଲ୍‌ରେ ଅଭିନୟ କରିବାକୁ ଆଶା ବାନ୍ଧି ବସିଥିଲେ। ନିକଟରେ ତାଙ୍କର ଏହି ଆଶା ପୂରଣ ହୋଇଛି। ଜଣେ ନବାଗତ କଳାକାର ତାଙ୍କର ଅନଟାଇଟଲ୍‌ଡ ଫିଲ୍ମ ଲାଗି ତାଙ୍କୁ ସାଇନ୍ କରାଇଛନ୍ତି। ଖାସ୍ କଥା ହେଲା, ଏଥିରେ ଶକ୍ତି ତନୟାଙ୍କୁ ଦୁଇଟି ଭିନ୍ନ ଭିନ୍ନ ଭୂମିକାରେ ଦେଖିବାକୁ ମିଳିବ। ଜଣେ ସାଧାରଣ ଝିଅଟିଏ ହୋଇଥିବା ବେଳେ ଅନ୍ୟ ଜଣେ ହେଉଛି ଆଧୁନିକା। ହେଲେ ଦୁଇଜଣ ମିଶି କିପରି ସେମାନଙ୍କର ଲକ୍ଷ୍ୟ ହାସଲ କରୁଛନ୍ତି ତାହା ସିନେମାରେ ଦେଖିବାକୁ ମିଳିବ। ଏଭଳି ସୁଯୋଗ ସମ୍ପର୍କରେ ଶ୍ରଦ୍ଧା କହନ୍ତି, 'ଯେତେବେଳେ ନୂଆ ପ୍ରଯୋଜକ ଜଣକ ମୋତେ କାହାଣୀ ଶୁଣାଇଲେ ଏବଂ ସେଥିରେ ମୋ ରୋଲ୍ ବିଷୟରେ ବିଶଦ ଭାବରେ ବର୍ଣ୍ଣନା କଲେ ସେତେବେଳେ ମୋ ଖୁସି କହିଲେ ନ ସରେ। କାରଣ ବହୁତ ଦିନ ଧରି ମୁଁ ଡବଲ୍ ରୋଲ୍‌ରେ ଅଭିନୟ କରିବାକୁ ଚାହିଁ ବସିଥିଲି। ଆଶା ରଖିଛି ଏହି ଭୂମିକାଦ୍ୱୟକୁ ଦର୍ଶକ ଗ୍ରହଣ କରିବେ।' ଏହି ଫିଲ୍ମର ପ୍ରାରମ୍ଭିକ କାମ ଚାଲୁରହିଛି। ଚଳିତ ବର୍ଷ ଏପ୍ରିଲରେ ଶୁଟିଂ ଆରମ୍ଭ ହେବାର ଯୋଜନା ରହିଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

ପରଦାରେ...

# ସମୟ କହିବ କିଏ କାହାର

ସନ୍ତାନକୁ ଜନ୍ମ ଦେବା ପରେ ସେ କିପରି ଜଣେ ଭଲ ମଣିଷ ହେବ ସେ ନେଇ ମା'-ବାପା ସବୁବେଳେ ଚେଷ୍ଟିତ ଥାଆନ୍ତି। ସେଥିଲାଗି ସେମାନଙ୍କୁ ସବୁବେଳେ ସ୍ନେହର ଡୋରିରେ ବାନ୍ଧି ରଖିବା ସହ ସେମାନଙ୍କର ପାଠପଢ଼ା ଏବଂ ଭଲ ଗୁଣର ବିକାଶ ଲାଗି ଧ୍ୟାନ ଦିଅନ୍ତି। କିନ୍ତୁ ବୟସର ଅପରାହ୍ନରେ ମା'-ବାପାଙ୍କର ସେମାନେ ସହାୟ ହେବା ବଡ଼ କଥା। ମା'-ବାପା ଏବଂ ପିଲାଙ୍କ ଭିତରେ ଏଭଳି କିଛି ଘଟଣାକୁ ନେଇ ପ୍ରସ୍ତୁତ ହୋଇଛି ଓଡ଼ିଆ ସିନେମା 'ସମୟ କହିବ କିଏ କାହାର'। ସବୁଠାରୁ ଖାସ୍ କଥା ହେଲା, ଏହି ଫିଲ୍ମରୁ ନିର୍ଦ୍ଦେଶକ ସାଜୁଛନ୍ତି ନାମୀ ତଥା ବରିଷ୍ଠ ହାସ୍ୟାଭିନେତା ବ୍ରଜ ସିଂ। ଅନନ୍ୟା ଏଣ୍ଟରଟେନମେଣ୍ଟ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ପ୍ରଭାତୀ ଆଚାର୍ଯ୍ୟ। ସହ ପ୍ରଯୋଜକ ଅଛନ୍ତି ରମେଶ ସିଂ। ବ୍ରଜଙ୍କ କାହାଣୀକୁ ଆଧାର କରି ସଂଳାପ ରଚନା କରିଛନ୍ତି ସଞ୍ଜୟ ମହାକୁଳ। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ପରଲୋକଗତ ସ୍ୱରକାର ଶାନ୍ତିରାଜ ଖୋସଲା। ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ଅମ୍ଳାନ, ତୃପ୍ତି ମିରାମ୍ବିକା, ଓମ୍, ସୋନମ, ବ୍ରଜ ସିଂ, ଜୟୀ, ଦେବୁ ବ୍ରହ୍ମା, ଅରବିନ୍ଦ ଷଡ଼ଙ୍ଗୀ, ଥ୍ରନ୍, ପ୍ରଜ୍ଞା, ଦେବୀ ବାରିକ ଏବଂ ବିଜୟିନୀ ମିଶ୍ର ପ୍ରମୁଖ କଳାକାର। ଫିଲ୍ମଟି ପ୍ରଚାର ପ୍ରସାର ଦାୟିତ୍ୱରେ ଅଛନ୍ତି ଅମରେଶ ବେଉରା।


ଓମ୍-ସୋନମ୍

# ଆଶାରେ ବହିଗଲା...

ଚଙ୍କି ତନୟା ଅନନ୍ୟା ପାଣ୍ଡେ ନିଜ ଅଭିନୟ ଜୀବନର ପ୍ରଥମାର୍ଦ୍ଧର ଏକ ଘଟଣାକୁ ଏପର୍ଯ୍ୟନ୍ତ ମନେରଖିଛନ୍ତି। ଯଦିଓ ଘଟଣାଟି କେବଳ ଆଲୋଚନାରେ ହିଁ ସୀମିତ ଥିଲା, କିନ୍ତୁ ସେକଥା ଜାଣିବା ପରେ ସେ ଏନେଇ ବେଶ୍ ଉତ୍ସୁକ ହୋଇପଡିଥିଲେ। କଥା କ'ଣ କି ଯେତେବେଳେ ସଲମାନ ଖାନ୍ ନିଜ ହୋମ୍ ବ୍ୟାନରରେ 'ଦବଙ୍ଗ' ନିର୍ମାଣ କରିବାକୁ ଯୋଜନା କଲେ ସେତେବେଳେ ଏହି ଫିଲ୍ମରେ କିଏ ନାୟିକା ସାଜିବ ସେ ବିଷୟରେ ଭଲ ଭାବରେ ଚିନ୍ତା କରିଥିଲେ। କାରଣ ଏହାର ମୁଖ୍ୟ ଭୂମିକାରେ ନିଜେ ଅଭିନୟ କରିବେ, ତେଣୁ ତାଙ୍କୁ ମ୍ୟାଚ୍ କରିବା ଭଳି ନାୟିକାଟିଏ ଦରକାର। ଖାସ୍ କଥା ହେଲା ଏଥିଲାଗି ସେ ଜଣେ ନବାଗତାଙ୍କ ସନ୍ଧାନରେ ଥିଲେ। ପ୍ରଥମେ ଅନନ୍ୟା ପାଣ୍ଡେଙ୍କ କଥା ତାଙ୍କ ମନକୁ ଆସିଥିଲା। ଯେତେବେଳେ ଅନନ୍ୟା ଏକଥା ଜାଣିଲେ ତାଙ୍କର ଖୁସି କହିଲେ ନ ସରେ। ହେଲେ ତାଙ୍କୁ ନେଇ ଅଧିକ ଆଗେଇ ନ ଥିଲେ ସଲମାନ। ପରବର୍ତ୍ତୀ ସମୟରେ ସେ ଏଥିଲାଗି ସୋନାକ୍ଷୀ ସିହ୍ନାଙ୍କୁ ଚୟନ କରିଥିଲେ ଏବଂ ଶେଷରେ ଶତ୍ରୁଘ୍ନ ତନୟା ହିଁ ଫାଇନାଲ କାଷ୍ଟିଂରେ ସାମିଲ ହୋଇଥିଲେ। 'ଯଦି ସେତେବେଳେ ସଲମାନଜୀ ମୋତେ ଅଫର ଦେଇଥାଆନ୍ତେ ତେବେ ମୁଁ ଆଦୌ ମନା କରି ନ ଥାନ୍ତି, ହେଲେ ତାହା କେବଳ ତାଙ୍କର ଭାବନାରେ ହିଁ ସୀମିତ ଥିଲା। ଏକଥା ଏବେ ମନେପଡିଲେ ମୋତେ ଟିକେ ଦୁଃଖ ଲାଗେ।' ଏବେ ସେ ଅଭିନୟ କରିଥିବା ନୂଆ ସିନେମା 'କଣ୍ଟ୍ରୋଲ'ର ପୋଷ୍ଟ ପ୍ରଡକ୍ସନ କାମ ଚାଲୁ ରହିଛି।

ଏଥର ରଜରେ...

# ବାବୁସାନ୍‌ଙ୍କ ପାୱାର୍

ଚଳିତ ବର୍ଷ ରଜ ପାଇଁ ଏବେଠାରୁ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ଏବର୍ଷ ଆରମ୍ଭରୁ ବିଗୁଲ ବଜାଇଛନ୍ତି ଅନ୍ୟତମ ଲୋକପ୍ରିୟ ଷ୍ଟାର ବାବୁସାନ୍। ଏଥର ରଜରେ ସେ ଏକ ଭିନ୍ନ ଧରଣର ସିନେମା ଦର୍ଶକଙ୍କୁ ଭେଟିଦେବାକୁ ଯାଉଛନ୍ତି। ଗତ ବର୍ଷ ଶେଷ ସପ୍ତାହରୁ ଏ ନେଇ ପ୍ରାକ୍-ସୂଚନା ଦେବା ପରେ ନିକଟରେ ଏହା ଉପରୁ ପରଦା ହଟାଇଛନ୍ତି। ଆସନ୍ତା ରଜ ପାଇଁ ସେ ନିଜ ହୋମ୍ ବ୍ୟାନର ବାବୁସାନ୍ ଫିଲ୍ମସରେ ନିର୍ମାଣ କରୁଛନ୍ତି ଏକ ସିନେମା। ଏହାର ଟାଇଟଲ ରହିଛି 'ପାୱାର୍'। କିଛି ସତ୍ୟ ଘଟଣାରୁ ଅନୁପ୍ରାଣିତ ହୋଇ ଏହାର କାହାଣୀ ପ୍ରସ୍ତୁତ କରାଯାଇଛି। ସବୁଠାରୁ ଖାସ୍ କଥା ହେଲା ବାବୁସାନ୍‌ଙ୍କ ଧର୍ମପତ୍ନୀ ତୃପ୍ତି ଶତପଥୀ ଏହାକୁ ପ୍ରଯୋଜନା କରୁଛନ୍ତି। ଆଉ ଏକ କଥା। ପୁଣି ଥରେ ଅଶୋକ-ବାବୁ ଏକାଠି ହୋଇଛନ୍ତି। ଅର୍ଥାତ୍, ପୂର୍ବରୁ 'ସଞ୍ଜୁ ଆଉ ସଞ୍ଜନା', 'ଲଭ୍ ଷ୍ଟେଶନ', 'ଇଡିୟଟ୍', 'ସୁପର ମିଛୁଆ' ପରି ହିଟ୍ ସିନେମାରେ ଅଶୋକ ପତିଙ୍କ ନିର୍ଦ୍ଦେଶନାରେ କାମ କରିସାରିଛନ୍ତି ବାବୁସାନ୍। ହେଲେ ଏଥର 'ପାୱାର୍'ରେ କିଛି ନୂଆ କଥା ଲୁଚି ରହିଛି ବୋଲି କହନ୍ତି ଅଶୋକ। ଏହାର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିଛନ୍ତି ଅମିତ କୁମାର ଦାଶ ଏବଂ ପ୍ରଣବ ପ୍ରସନ୍ନ ରଥ। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଗୌରବ ଆନନ୍ଦ। ଫିଲ୍ମଟିର ପ୍ରାରମ୍ଭିକ କାମ ଚାଲୁ ରହିଛି ଏବଂ ଅବଶିଷ୍ଟ କାଷ୍ଟିଂ ଫାଇନାଲ ହୋଇ ଖୁବ୍‌ଶୀଘ୍ର ଶୁଟିଂ ଆରମ୍ଭ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।


ଅନନ୍ୟା
ବାବୁସାନ୍
କ୍ରୀତି

# ଏଡିଟିଂରୁ ନିର୍ଦ୍ଦେଶନା


ରାଜକୁମାର ହିରାନୀ

ବଲିଉଡ୍‌ରେ ବର୍ତ୍ତମାନ ଆଗଧାଡ଼ିର ନିର୍ଦ୍ଦେଶକ ଭାବରେ ପରିଗଣିତ ହେଉଥିବା ବ୍ୟକ୍ତିବିଶେଷଙ୍କ ମଧ୍ୟରେ ରାଜକୁମାର ହିରାନୀ ଅନ୍ୟତମ। ନିଜକୁ ଜଣେ ସଫଳ ନିର୍ଦ୍ଦେଶକ ଭାବରେ ପ୍ରତିପାଦିତ କରିଛନ୍ତି ସିନା, ହେଲେ ଏଥିପାଇଁ ତାଙ୍କୁ କମ୍ ପରିଶ୍ରମ କରିବାକୁ ପଡିନାହିଁ। ପାଠ ପଢ଼ିବା ବେଳେ ତାଙ୍କର ବାପା ଚାହୁଁଥିଲେ ସେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ହୁଅନ୍ତୁ। ହେଲେ ସେଥିପ୍ରତି ତାଙ୍କର ଟିକିଏ ହେଲେ ଆଗ୍ରହ ନ ଥିଲା। ତା'ପରେ ସେ ସିନେମା ଦିଗକୁ ମନ ବଳାଇଥିଲେ। ବାଣିଜ୍ୟରେ ସ୍ନାତକ ଡିଗ୍ରୀ ହାସଲ ପରେ ସେ ପୁଣେସ୍ଥିତ ଫିଲ୍ମ ଆଣ୍ଡ ଟେଲିଭିଜନ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଇଣ୍ଡିଆରେ ନିର୍ଦ୍ଦେଶନା ପାଠ ପଢ଼ିବାକୁ ଆବେଦନ କରି ବିଫଳ ହେଲେ। କିନ୍ତୁ ପରବର୍ତ୍ତୀ ସମୟରେ ସେ ଏହି ସଂସ୍ଥାରେ ଅଭିନୟ କୋର୍ସରେ ଡିଗ୍ରୀ ହାସଲ କରିଥିଲେ। ସେହି ସମୟରେ ସେ ଏକ ଶର୍ଟ ଫିଲ୍ମ ପ୍ରସ୍ତୁତ କରିଥିଲେ। ଏହାକୁ ମିଳିଥିଲା ଆଶାତୀତ ସଫଳତା। ବାସ୍, ତା'ପରେ ନିଜର ଉତ୍ଥାନ ପତନ ଜୀବନ ଭିତରେ ସେ ମୁମ୍ବାଇ ଆସି ମାସକୁ ମାତ୍ର ୧୫୦୦ ଟଙ୍କାରେ ଚାକିରିଟିଏ କଲେ। ତା'ପରେ ହାତୀ ମୁଣ୍ଡରେ ସୁନା କଳସ ଢାଳିବା ପରି ଏଡିଟିଂ କ୍ଷେତ୍ରରେ ପାଦ ଦେଲେ। ନାମୀ ପ୍ରଯୋଜକ ବିଧୁ ବିନୋଦ ଚୋପ୍ରାଙ୍କର '୧୯୪୨-ଏ ଲଭ ଷ୍ଟୋରି' ଏବଂ 'ମିଶନ କାଶ୍ମୀର'ର ଏଡିଟିଂ ସଫଳତାର ସହ କରିବା ପରେ ତାଙ୍କୁ ନିର୍ଦ୍ଦେଶନା ଦେବାକୁ ପ୍ରସ୍ତାବ ଦେଇଥିଲେ ବିଧୁ। ଅନ୍ୟପକ୍ଷରେ ଯଶ୍ ଚୋପ୍ରାଙ୍କ ମଧ୍ୟ ତାଙ୍କ ଭିତରେ ଲୁଚି ରହିଥିବା ପ୍ରତିଭାକୁ ଚିହ୍ନି ପାରିଥିଲେ। ଶେଷରେ ବିଧୁଙ୍କ ପ୍ରଯୋଜିତ 'ମୁନ୍ନା ଭାଇ ଏମ୍‌ବିବିଏସ୍'ର ନିର୍ଦ୍ଦେଶନା ଭାର ତାଙ୍କୁ ମିଳିଥିଲା। ଫିଲ୍ମଟି ହିଟ୍ ହେବା ସହ ତାଙ୍କୁ ରାତାରାତି ଜଣେ ନାମୀ ନିର୍ଦ୍ଦେଶକର ମାନ୍ୟତା ମିଳିଥିଲା। ତା'ପରେ 'ଲଗେ ରହୋ ମୁନ୍ନା ଭାଇ', 'ସଞ୍ଜୁ', 'ପିକେ', 'ଥ୍ରୀ ଇଡିୟଟ୍‌ସ' ଏବଂ ବର୍ତ୍ତମାନ ପ୍ରେକ୍ଷାଳୟରେ ପ୍ରଦର୍ଶିତ ହେଉଥିବା ଶାହରୁଖଙ୍କ ଅଭିନୀତ 'ଡଙ୍କି'ର ନିର୍ଦ୍ଦେଶନା ଦେଇଛନ୍ତି। ଖାସ୍ କଥା ହେଲା ତାଙ୍କ ନିର୍ଦ୍ଦେଶିତ ସମସ୍ତ ଫିଲ୍ମ ହିଟ୍ ସାବ୍ୟସ୍ତ ହୋଇଛି। ବର୍ତ୍ତମାନ ସେ ରଣବୀର କପୁରଙ୍କୁ ନେଇ ଏକ ନୂଆ ସିନେମା ନିର୍ମାଣ କରିବାକୁ ଯାଉଛନ୍ତି।

# କୁଲ୍ କୁଲ୍ କ୍ରୀତି

ମଣିଷ ତା' ଜୀବନକାଳ ଭିତରେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥାଏ। ହେଲେ ଅନେକ କଥାକୁ ବେଶ୍ ସତର୍କତାର ସହ ମୁକାବିଲା କରିବାକୁ ପଡ଼େ। ଦେଖୁନାହାନ୍ତି, ପ୍ରଶଂସକମାନଙ୍କର ଏଣୁତେଣୁ ପ୍ରଶ୍ନର ଉତ୍ତର ଦେବା ବେଳେ ସେ କେମିତି ଶେଷ ପର୍ଯ୍ୟନ୍ତ ନିଜର ଧୈର୍ଯ୍ୟକୁ ଅତୁଟ ରଖିଥିଲେ ? ସେ କିଏ ଜାଣନ୍ତି ? କ୍ରୀତି ସାନନ୍। କଥା କ'ଣ କି ନିକଟରେ ସେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଆସିଥିଲେ। ଏହି କାମ ଶେଷ ପରେ କେତେଜଣ ପ୍ରଶଂସକଙ୍କ ସହ ତାଙ୍କର ସାମନା ସାମନି ହୋଇଯାଇଥିଲା। ସେମାନେ ତାଙ୍କୁ କେତେକ ପ୍ରଶ୍ନ ପଚାରିବାକୁ ପଛାଇ ନ ଥିଲେ। ହେଲେ କ୍ରୀତି ବେଶ୍ ଥଣ୍ଡା ମିଜାଜ୍‌ରେ ସେଗୁଡ଼ିକର ଉତ୍ତର ଦେଇଥିଲେ। ଶେଷ ପର୍ଯ୍ୟନ୍ତ ଟିକିଏ ହେଲେ ବିବ୍ରତ ହୋଇ ନ ଥିଲେ। ଏ ନେଇ ସେ କହନ୍ତି, 'ସେଦିନ କେତେଜଣ ପ୍ରଶଂସକ ମୋ କ୍ୟାରିୟର ଏପରି କି ବ୍ୟକ୍ତିଗତ ଜୀବନକୁ ନେଇ ପ୍ରଶ୍ନ ପଚାରିଥିଲେ। ହେଲେ ସେହି ସମୟରେ ମୁଁ ନିଜକୁ ଶାନ୍ତ ରଖି ଉତ୍ତର ଦେଇଥିଲି। କାରଣ ଆମକୁ ସବୁବେଳେ ପଜିଟିଭ ଏବଂ ନେଗେଟିଭ-ଦୁଇଟିର ସାମନା କରିବାକୁ ପଡିବ। ତେଣୁ ସେହି ସମୟରେ ସାହସର ଆବଶ୍ୟକତା ରହିଛି।' ସେପଟେ କ୍ରୀତିଙ୍କ ଅଭିନୀତ ଦୁଇଟି ସିନେମା-'ଆଦିପୁରୁଷ' ଏବଂ 'ଗଣପଥ' ପଛକୁ ପଛ ଫ୍ଲପ୍ ହୋଇଛି। ବର୍ତ୍ତମାନ ତାଙ୍କ ହାତରେ 'ଦ କ୍ରୀୟୁ', 'ଦୋ ପତି' ଏବଂ ଆଉ ଏକ ଅନଟାଇଟଲ୍‌ଡ ରୋମାଣ୍ଟିକ-କମେଡି ଫିଲ୍ମ ରହିଛି। ଅନ୍ୟପକ୍ଷରେ 'ଦୋ ପତି' ଫିଲ୍ମର ସେ ଅନ୍ୟତମ ପ୍ରଯୋଜକ ଅଛନ୍ତି।

# ଲୈଲା ମଜନୁରୁ ଆରମ୍ଭ


ତ୍ରିପ୍ତି

ଅଭିନୟ ପ୍ରତି ତାଙ୍କର ପିଲାଟିଦିନରୁ ଆଗ୍ରହ ଥିଲା। ମନସ୍ତତ୍ତ୍ୱ ବିଜ୍ଞାନରେ ଗ୍ରାଜୁଏଶନ ପରେ ସେ ପୁଣେସ୍ଥିତ ଫିଲ୍ମ ଆଣ୍ଡ ଟେଲିଭିଜନ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆରେ ଆକ୍ଟିଂରେ ଡିଗ୍ରୀ ହାସଲ କଲେ। ବାସ୍, ତା'ପରେ ସେ ଆଗେଇ ଚାଲିଲେ ନିଜ ଲକ୍ଷ୍ୟ ପଥରେ। ବର୍ତ୍ତମାନ ସୁଦ୍ଧା ତାଙ୍କର ସାତ ବର୍ଷର ଅଭିନୟ କ୍ୟାରିୟରରେ ସେ ମାତ୍ର ୭ଟି ସିନେମାରେ ଅଭିନୟ କରିଛନ୍ତି। ଏହି ଅଭିନେତ୍ରୀ ଜଣକ ହେଲେ ତ୍ରିପ୍ତି ଡିମ୍ରି। ଶ୍ରେୟାସ ତଲପାଡେଙ୍କ ନିର୍ଦ୍ଦେଶିତ ପ୍ରଥମ ଫିଲ୍ମ 'ପୋଷ୍ଟରବୟ'ରେ ତାଙ୍କୁ ବ୍ରେକ୍ ମିଳିଥିଲା। ହେଲେ 'ଲୈଲା ମଜ୍‌ନୁ' ଫିଲ୍ମରେ ସେ ସୋଲୋ ନାୟିକା ହୋଇଥିଲେ। ଇତିମଧ୍ୟରେ ସେ 'ମମ୍', 'ବୁଲ୍‌ବୁଲ୍', 'କୋଆଲା', 'ଆନିମଲ୍' ଏବଂ ଚଳିତ ବର୍ଷ ରିଲିଜ ଅପେକ୍ଷାରେ ଥିବା 'ମେରେ ମେହେବୁବ ମେରେ ସନମ୍'ରେ ଅଭିନୟ କରିସାରିଛନ୍ତି। ନିଜ କ୍ୟାରିୟର ସମ୍ପର୍କରେ ତ୍ରିପ୍ତି କହନ୍ତି, 'ଅପେକ୍ଷାର ଫଳ ମିଠା। ଏହା ଭିତରେ ମୋତେ ଯେତିକି ସୁଯୋଗ ମିଳିଛି ସେଥିରେ ମୁଁ ସନ୍ତୁଷ୍ଟ। ତେଣୁ ମୁଁ ଦେଖିଚାହିଁ ଫିଲ୍ମ ସାଇନ୍ କରିବି।'

# ଇନ୍ସ୍ୟୁରାନ୍ସ ପଲିସି ମିସ୍ ସେଲିଂରେ ଲାଗିବ ରୋକ୍

ଭୁବନେଶ୍ୱର,୩।୧(ଅନୁରାଧା ମହାରଣା)

ଏଣିକି ଇନ୍ସ୍ୟୁରାନ୍ସ ଏଜେଣ୍ଟମାନେ ଠକେଇ କରିବାକୁ ସମର୍ଥ ହେବେ ନାହିଁ। କୌଣସି ଇନ୍ସ୍ୟୁରାନ୍ସ ପ୍ଲାନ୍ ବିଷୟରେ ସୂଚନା ଦେବାବେଳେ ସେମାନଙ୍କୁ ଅଡିଓ ଭିଜୁଆଲ ରେକର୍ଡ ରଖିବାକୁ ପଡିବ। ଏହି ସମୟ ମଧ୍ୟରେ ସେମାନଙ୍କୁ ପଲିସି ବିଷୟରେ ସମ୍ପୂର୍ଣ୍ଣ ସୂଚନା ଦେବାକୁ ପଡ଼ିବ। ଏପରି କରିବା ଦ୍ୱାରା ମିସ୍ ସେଲିଂ କରିବାକୁ ଏଜେଣ୍ଟମାନେ ଚେଷ୍ଟା କରିବେ ନାହିଁ। ନିକଟ ଅତୀତରେ ମିସ୍ ସେଲିଂ ମାମଲା ଖୁବ୍ ବଢ଼ିଛି। ଭୁଲ୍ ତଥ୍ୟ ଦେଇ ଲୋକଙ୍କୁ ବୀମା ପଲିସି ବିକ୍ରୟ କରାଯିବାର ଅନେକ ଘଟଣା ସାମ୍ନାକୁ ଆସିଛି। ଏନେଇ କଞ୍ଜ୍ୟୁମର ଫୋରମରେ ହଜାର ହଜାର ଅଭିଯୋଗ ହୋଇଛି। ଏଗୁଡିକ ହ୍ରାସ କରିବାକୁ ଶୀଘ୍ର ଏକ ନୂତନ ନିୟମ ଆସିପାରେ। ନିକଟରେ ଉପଭୋକ୍ତା ବ୍ୟାପାର ମନ୍ତ୍ରଣାଳୟ ଏ ସମ୍ପର୍କରେ ଅର୍ଥ ମନ୍ତ୍ରଣାଳୟକୁ ଏକ ଚିଠି ଲେଖିଛି। ମନ୍ତ୍ରଣାଳୟ ଏକ ଚିଠି ମାଧ୍ୟମରେ ନିୟମରେ ପରିବର୍ତ୍ତନ ଆଣିବାକୁ ଦାବି କରିଛି। ବୀମା ଏଜେଣ୍ଟମାନେ ସମସ୍ତ ସର୍ତ୍ତାବଳୀ କିମ୍ବା ପଲିସିର ସମରି(ସାରାଂଶ) ପଢ଼ିବାକୁ ଏଥିରେ ଅନୁରୋଧ କରାଯାଇଛି। ଆର୍ଥିକ ସେବା ସଚିବ ବିବେକ ସିଂଙ୍କୁ ଗ୍ରାହକ ମନ୍ତ୍ରଣାଳୟର ସଚିବ ରୋହିତ କୁମାର ସିଂ ଏହି ଚିଠି ଲେଖିଛନ୍ତି। ଏଥିରେ ସେ ଉଲ୍ଲେଖ କରିଛନ୍ତି, ଗ୍ରାହକ ଏବଂ ବୀମା ଏଜେଣ୍ଟମାନଙ୍କ ମଧ୍ୟରେ ଅଧିକାଂଶ ବିବାଦ କେବଳ ସର୍ତ୍ତ ଏବଂ ସର୍ତ୍ତଗୁଡିକର ଭୁଲ୍ ବୁଝାମଣା କାରଣରୁ ହୋଇଥାଏ। ବୀମା ଏଜେଣ୍ଟମାନେ ଗ୍ରାହକଙ୍କୁ କେବଳ ପଲିସିର ସକାରାତ୍ମକ ଦିଗଗୁଡିକ କୁହନ୍ତ, ମାତ୍ର ସମସ୍ତ ତଥ୍ୟ ଦିଅନ୍ତି ନାହିଁ। ଭବିଷ୍ୟତରେ ଏହା ଅନେକ ବିବାଦର କାରଣ ପାଲଟିଥାଏ। ଏହି ପ୍ରସଙ୍ଗରେ ବୀମା ନିୟାମକ ଏବଂ ବିକାଶ ପ୍ରାଧିକରଣ ଅଫ୍ ଇଣ୍ଡିଆ (ଆଇଆର୍‌ଡିଏଆଇ) ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିବ। ଆଇଆର୍‌ଡିଏଆଇ ନିଜେ ବୀମାକ୍ଷେତ୍ରରେ ନିୟମ ସ୍ଥିର କରେ। ଏହା ବ୍ୟତୀତ ବୀମା ପଲିସିର ସର୍ତ୍ତାବଳୀରେ ଅସ୍ୱଷ୍ଟ ଭାଷାର ପ୍ରସଙ୍ଗ ମଧ୍ୟ ଚିଠିରେ ଉଠିଛି। ସେ କହିଛନ୍ତି, ଏପରି କଠିନ ଭାଷା ଯୋଗୁ ଗ୍ରାହକମାନେ ଅନେକ ସମସ୍ୟାର ସମ୍ମୁଖୀନ ହୁଅନ୍ତି। ଏହା ବ୍ୟତୀତ ନ୍ୟାଶନାଲ କଞ୍ଜ୍ୟୁମର ଡିସ୍‌ପୁଟ୍ ରିଡ୍ରେସାଲ କମିଶନର ପ୍ରେସିଡେଣ୍ଟ ଜଷ୍ଟିସ ଅମୃଶ୍ୱର ପ୍ରତାପ ମେଡିକାଲ ଇନ୍ସ୍ୟୁରାନ୍ସ ଉପରେ ୨୪ ଘଣ୍ଟା ଆଡମିଶନ ନିୟମକୁ ରଦ୍ଦ କରିବାକୁ ପରାମର୍ଶ ଦେଇଛନ୍ତି।

## ଖସିଲା ଶେୟାର ବଜାର

ନୂଆଦିଲ୍ଲୀ,୩।୧

କ୍ରମାଗତ ୨ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୫୩୬ (୫୩୫.୮୮) ପଏଣ୍ଟ ଖସି ୭୧,୩୫୭ (୭୧,୩୫୬.୬୦) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୧୪୮ (୧୪୮.୪୫) ପଏଣ୍ଟ ହ୍ରାସ ଘଟି ୨୧,୫୧୭ (୨୧,୫୧୭.୩୫) ଅଙ୍କରେ କାରବାର ବନ୍ଦ କରିଥିଲା।

## ୭ ବ୍ଲକ୍ ହାତେଇଲା ଓଏନ୍‌ଜିସି

ନୂଆଦିଲ୍ଲୀ,୩।୧

ଅଏଲ ଆଣ୍ଡ ନାଚୁରାଲ ଗ୍ୟାସ୍ କର୍ପୋରେଶନ (ଓଏନ୍‌ଜିସି) ତୈଳ ଏବଂ ଗ୍ୟାସ୍‌ର ଅନୁସନ୍ଧାନ ପାଇଁ ୭ଟି ବ୍ଲକ୍ ହାତେଇଥିବାବେଳେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ଏବଂ ବିପି ପିଏଲ୍‌ସିର ଏକ କନ୍‌ସୋର୍ଟିୟମ୍ ସର୍ବଶେଷ ବିଡ୍ ରାଉଣ୍ଡରେ ଚାଲିଯାଇଥିଲା। ତୈଳ ମନ୍ତ୍ରୀ ହରଦୀପ ସିଂ ପୁରୀ କହିଛନ୍ତି, ଓପନ ଏକ୍ରେରେଜ ଲାଇସେନ୍ସିଂ ପଲିସି (ଓଏଲ୍‌ପି-୮) ର ୮ମ ରାଉଣ୍ଡରେ ତୈଳ ଓ ଗ୍ୟାସ୍ ଅନୁସନ୍ଧାନ ଏବଂ ଉତ୍ପାଦନ ପାଇଁ ୧୦ଟି ବ୍ଲକ୍ ପ୍ରଦାନ କରାଯାଇଛି। ଏପରିକି ବୁଧବାର ୧୦ଟି ବ୍ଲକ୍ ପାଇଁ ଆବଶ୍ୟକ ଚୁକ୍ତିନାମା ମଧ୍ୟ ସ୍ୱାକ୍ଷରିତ ହୋଇଯାଇଛି ବୋଲି ମନ୍ତ୍ରୀ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଅପରପକ୍ଷରେ ମନ୍ତ୍ରୀ କହିଛନ୍ତି, ମନ୍ତ୍ରଣାଳୟ ପକ୍ଷରୁ ପ୍ରଦାନ କରାଯାଇଥିବା ୧୦ଟି ବ୍ଲକ୍ ମଧ୍ୟରୁ ଓଏନ୍‌ଜିସି ୭ଟି ବ୍ଲକ୍ ଜିତିଥିବାବେଳେ ରିଲାଏନ୍ସ-ବିପି, ଅଏଲ ଇଣ୍ଡିଆ ଲିମିଟେଡ୍ ଏବଂ ସନ୍ ପେଟ୍ରୋକେମିକାଲ୍ସ ପ୍ରାଇଭେଟ୍ ଲିମିଟେଡ୍ ଗୋଟିଏ ଲେଖାଏ ବ୍ଲକ ପାଇଛନ୍ତି। ସେହିଭଳି ସମାନ୍ତରାଳ ଭାବେ ୩ଟି କୋଲ୍-ବେଡ୍ ମିଥେନ (ସିବିଏମ୍) ବ୍ଲକ୍ ମଧ୍ୟ ପୁରସ୍କୃତ ସହ ଟେଣ୍ଡର ପାଇଁ ଓଏଏଲ୍‌ପିର ୯ମ ରାଉଣ୍ଡ ଆରମ୍ଭ କରାଯାଇଥିଲା। ବିଶେଷକରି ଏକ ପ୍ରତିବଦ୍ଧ ଅନୁସନ୍ଧାନ କାର୍ଯ୍ୟ ପାଇଁ ପୁରସ୍କୃତ ହୋଇଥିବା ବ୍ଲକଗୁଡିକର ଆନୁମାନିକ ୨୩୩ ନିୟୁତ ଆମେରିକୀୟ ଡଲାର ବିନିଯୋଗ ହେଉଛି ବୋଲି ତୈଳ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

# ଏସ୍‌ବିଆଇର ଆର୍‌ବିଓ-୪ ଉଦ୍‌ଘାଟିତ



ଭୁବନେଶ୍ୱର,୩।୧ (ଅଭୟ ଦାଶ)

ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ)ର ଭୁବନେଶ୍ୱର ମଣ୍ଡଳ ଅନ୍ତର୍ଗତ ଖୋର୍ଦ୍ଧା ରିଓଜିନାଲ ବିଜ୍‌ନେସ୍ ଅଫିସ-୪ (ଆର୍‌ବିଓ-୪) ବୁଧବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଏସ୍‌ବିଆଇ ଭୁବନେଶ୍ୱର ମଣ୍ଡଳର ମୁଖ୍ୟ ମହାପ୍ରବନ୍ଧକ ଦିନେଶ ପୃଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ବିଆଇ ଭୁବନେଶ୍ୱର ମଣ୍ଡଳର ନେଟ୍‌ୱର୍କ-୧ ମହାପ୍ରବନ୍ଧକ ପୋନ୍ନମବଲମ ମୁରୁଗାନ, ଏସ୍‌ବିଆଇ ଭୁବନେଶ୍ୱର ଅଞ୍ଚଳର ଉପମହାପ୍ରବନ୍ଧକ ସଞ୍ଜୟ କୁମାର ଝା ଏବଂ କ୍ଷେତ୍ରୀୟ ପ୍ରବନ୍ଧକ ନରେନ୍ଦ୍ର କୁମାର ଜେନାଙ୍କ ସମେତ ସେବା, ଷ୍ଟେଟ ବ୍ୟାଙ୍କ ଅଧିକାରୀ ଓ କର୍ମଚାରୀ ସଂଗଠନର ନେତୃବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଷ୍ଟେଟ ବ୍ୟାଙ୍କର କ୍ଷେତ୍ରୀୟ ବ୍ୟବସାୟିକ କାର୍ଯ୍ୟାଳୟ ଖୋର୍ଦ୍ଧା ଜେମାଦେଇସ୍ଥିତ ମା' ବରୁଣେଇ ହୋଟେଲର ପ୍ରଥମ ମହଲାକୁ ସ୍ଥାନାନ୍ତରିତ ହୋଇଯାଇଛି।

# ଡିସିବି ବ୍ୟାଙ୍କର ନୂତନ ସୁବିଧା

ଭୁବନେଶ୍ୱର,୩।୧

ଡିସିବି ବ୍ୟାଙ୍କର ନୂତନ ସୁବିଧା 'ଡିସିବି ହାପି ସେଭିଂସ୍ ଆକାଉଣ୍ଟର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ସୁବିଧା ଗ୍ରାହକମାନଙ୍କ ପାଇଁ ଲାଭଦାୟକ ହେବ। ଏପରିକି ଖାତାଧାରୀମାନେ ବର୍ତ୍ତମାନ,ଭାରତ ଭିତରେ ସେମାନଙ୍କ ଯୋଗ୍ୟ ୟୁପିଆଇ ଡେବିଟ୍ କାରବାର ଉପରେ କ୍ୟାଶ୍‌ବ୍ୟାକ୍ ରିୱାର୍ଡ ଉପଭୋଗ କରିବାର ସୁଯୋଗ ପାଇବେ। ବିଶେଷକରି ଯୋଗ୍ୟ ୟୁପିଆଇ କାରବାର ଉପରେ ବାର୍ଷିକ ୭,୫୦୦ ଟଙ୍କା ପର୍ଯ୍ୟନ୍ତ ପୁରସ୍କାର ମିଳିବ। ଅପରପକ୍ଷରେ ୟୁପିଆଇ କାରବାର ସର୍ବବ୍ୟାପୀ ହୋଇଥିବାବେଳେ ଡିସିବି ହାପି ସେଭିଂ ଆକାଉଣ୍ଟ ମାଧ୍ୟମରେ ଯେତେ ଅଧିକ କାରବାର କରିହେବ, ସେତେ ଅଧିକ କ୍ୟାଶ୍ ବ୍ୟାକ୍ ରିୱାର୍ଡ ଗ୍ରାହକମାନେ ପାଇପାରିବେ। ଏଥିପାଇଁ ସର୍ବନିମ୍ନ ୟୁପିଆଇ କାରବାର ରାଶି ମାତ୍ର ୫୦୦ଟଙ୍କା ରହିଛି। ସେହିଭଳି ଆକାଉଣ୍ଟଧାରୀମାନଙ୍କୁ ସେମାନଙ୍କ ଡିସିବି ହ୍ୟାପି ସେଭିଂ ଆକାଉଣ୍ଟ ଜରିଆରେ ହାରାହାରି ୨୫,୦୦୦ ଟଙ୍କାର ତ୍ରୈମାସିକ ବାଲାନ୍ସ ରଖିବାକୁ ପଡିବ। ଏପରିକି ଲୋଭନୀୟ କ୍ୟାଶ୍‌ବ୍ୟାକ୍ ରିୱାର୍ଡ ବ୍ୟତୀତ ଡିସିବି ହାପି ସେଭିଂସ ଆକାଉଣ୍ଟ ଭାରତରେ ଥିବା ସମସ୍ତ ଡିସିବି ବ୍ୟାଙ୍କ ଏଟିଏମକୁ ଅସୀମିତ ମାଗଣା ବ୍ୟବହାର କରିବା, ଅନ୍‌ଲାଇନ୍ ଆର୍‌ଟିଜିଏସ୍, ଏନ୍‌ଇଏଫ୍‌ଟି ଏବଂ ଆଇଏମ୍‌ପିଏସ୍ ସୁବିଧାର ମାଗଣା ଅସୀମିତ ବ୍ୟବହାର, ଡିସିବି ବ୍ୟକ୍ତିଗତ ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍ ଏବଂ ଡିସିବି ମୋବାଇଲ ବ୍ୟାଙ୍କିଙ୍ଗ୍ ଆପ୍ ସମେତ ଅନେକ ସୁବିଧା ପ୍ରଦାନ କରୁଛି।

ଏ ସମ୍ପର୍କରେ ଡିସିବି ବ୍ୟାଙ୍କର ରିଟେଲ ଆଣ୍ଡ୍ ଏଗ୍ରି ବ୍ୟାଙ୍କିଙ୍ଗ୍ ମୁଖ୍ୟ ପ୍ରବୀଣ କୁଟ୍ଟୀ କହିଛନ୍ତି, ଡିସିବି ହାପି ସେଭିଂସ୍ ଆକାଉଣ୍ଟ ଆକର୍ଷଣୀୟ କ୍ୟାଶ୍‌ବ୍ୟାକ୍ ରିୱାର୍ଡ ଏବଂ ଏକ ନିରବଚ୍ଛିନ୍ନ ବ୍ୟାଙ୍କିଙ୍ଗ୍ ଅଭିଜ୍ଞତା ପ୍ରଦାନ କରୁଥିବା ବେଳେ ଏକ ବିଶ୍ୱସ୍ତରୀୟ ଉତ୍ପାଦକୁ ଆମେ ବିଶ୍ୱାସ କରୁ ଯେ ଏହି ଆକାଉଣ୍ଟ ଆମ ଗ୍ରାହକମାନଙ୍କୁ ସେମାନଙ୍କ ଦୈନନ୍ଦିନ ବ୍ୟାଙ୍କିଙ୍ଗ୍‌ର ସର୍ବାଧିକ ଉପଯୋଗ କରିବାକୁ ସଶକ୍ତ କରିବ ଏବଂ ଆବଶ୍ୟକ ହାରାହାରି ତ୍ରୈମାସିକ ବାଲାନ୍ସ ବଜାୟ ରଖିବା ସହିତ ଏଥିରେ ଉଲ୍ଲେଖନୀୟ କ୍ୟାଶ୍‌ବ୍ୟାକ୍ ହାସଲ କରିବାର ସମ୍ଭାବନା ମଧ୍ୟ ରହିଛି। ବିଶେଷକରି ଏହା ଆମର ମୂଲ୍ୟବାନ ଗ୍ରାହକମାନଙ୍କୁ ଅଭିନବ ଏବଂ ଲାଭଦାୟକ ବ୍ୟାଙ୍କିଙ୍ଗ୍ ସମାଧାନ ପ୍ରଦାନ କରିବା ପାଇଁ ଆମର ପ୍ରତିବଦ୍ଧତାର ପ୍ରମାଣ ରହିଛି। ଉଲ୍ଲେଖଯୋଗ୍ୟ,ଡିସିବି ହାପି ସେଭିଂ ଆକାଉଣ୍ଟ ପାଇଁ ସର୍ବନିମ୍ନ ହାରାହାରି ତ୍ରୈମାସିକ ବାଲାନ୍ସ ୧୦,୦୦୦ ଟଙ୍କା ହୋଇଥିବାବେଳେ କ୍ୟାଶ୍‌ବ୍ୟାକ୍ ପୁରସ୍କାର ପାଇବାକୁ ହେଲେ ଆକାଉଣ୍ଟଧାରୀଙ୍କୁ ୨୫,୦୦୦ ଟଙ୍କାର ସର୍ବନିମ୍ନ ତ୍ରୈମାସିକ ବାଲାନ୍ସ ରଖିବାକୁ ପଡ଼ିବ। ଏକ ନିର୍ଦ୍ଦିଷ୍ଟ ତ୍ରୈମାସିକ ପାଇଁ କ୍ୟାଶ୍‌ବ୍ୟାକ୍ ପରବର୍ତ୍ତୀ ତ୍ରୈମାସର ପ୍ରଥମ ମାସରେ ଗ୍ରାହକଙ୍କ ଆକାଉଣ୍ଟରେ ଜମା କରାଯିବ। ମାସକୁ ସର୍ବାଧିକ ୬୨୫ଟଙ୍କା ଏବଂ ବାର୍ଷିକ ୭,୫୦୦ଟଙ୍କା କ୍ୟାଶ୍‌ବ୍ୟାକ୍ ମିଳିବ।

# ଟିପିସିଓଡିଏଲ୍‌ର ଅଭିନବ ପ୍ରୟାସ



ଭୁବନେଶ୍ୱର,୩।୧: ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିସିଓଡିଏଲ୍)ର ବହୁ ପ୍ରତୀକ୍ଷିତ ତଥା ଅଭିନବ ପ୍ରୟାସ 'ରୁଫ୍ ଟପ୍ ସୋଲାର'ର ଶୁଭାରମ୍ଭ କରାଯାଇଛି। ବିଶେଷକରି ପରିବେଶ ଅନୁକୂଳ ଓ ସ୍ଥାୟୀ ଭବିଷ୍ୟତ ପାଇଁ ସବୁଜ ଶକ୍ତି ସମାଧାନକୁ ପ୍ରୋତ୍ସାହିତ କରିବା ଦିଗରେ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ରହିଛି। ଏପରିକି ଗ୍ରାହକମାନେ ସହଜରେ ସୋଲାର ରୁଫ୍‌ଟପ୍ ବ୍ୟବସ୍ଥାକୁ ଆପଣାଇପାରିବେ। ଏହା ଏକ ସ୍ୱଚ୍ଛ ଏବଂ ସ୍ଥାୟୀ ଭବିଷ୍ୟତ ପାଇଁ ସୂର୍ଯ୍ୟଙ୍କ ଶକ୍ତିକୁ ବ୍ୟବହାର କରିବାରେ ଟିପିସିଓଡିଏଲ୍‌ର ଦୃଷ୍ଟିକୋଣ ସହ ସମନ୍ୱିତ ହୋଇପାରିବ। ସେହିଭଳି ଟିପିସିଓଡିଏଲ୍ ନେଟ୍ ମିଟରିଂ ବ୍ୟବସ୍ଥା ମାଧ୍ୟମରେ ୮୨୮ ସୌର ପ୍ଲାଣ୍ଟ ସ୍ଥାପନ କରିବାରେ ସହାୟକ ହୋଇଛି, ଯାହା ସାମୂହିକ ଭାବେ ୨୮,୦୦୩.୬୮୪ କିଲୋୱାଟ୍-ପିକ୍ (କେଡବ୍ଲ୍ୟୁପି) କ୍ଷମତା ସୃଷ୍ଟି କରିଛି। ରୁଫ୍‌ଟପ୍ ସୋଲାର (ସୌର ଶକ୍ତି) ଅନେକ ସୁବିଧା ପ୍ରଦାନ କରୁଥିବାରୁ ଏହା ଉପଭୋକ୍ତାଙ୍କ ପସନ୍ଦରେ ପରିଣତ ହୋଇଛି। ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂହ କହିଛନ୍ତି, ଗ୍ରାହକଙ୍କ ଛାତ କିମ୍ବା ପଡ଼ିଆରେ ଲଗାଯାଇଥିବା ସୋଲାର ରୁଫ୍‌ଟପ୍ ସୂର୍ଯ୍ୟଙ୍କ ଶକ୍ତିର ଉପଯୋଗ ପାଇଁ ଉପଯୁକ୍ତ ହୋଇଥିବାବେଳେ ତାହା କେବଳ ଗ୍ରାହକଙ୍କ ବିଦ୍ୟୁତ୍ ଖର୍ଚ୍ଚକୁ ହ୍ରାସ କରିବ ନାହିଁ ବରଂ ପରିବେଶରେ ସକାରାତ୍ମକ ଯୋଗଦାନ ଦେବ। ବିଶେଷକରି ଦାୟିତ୍ୱବାନ ନାଗରିକ ଭାବେ ଗ୍ରାହକଙ୍କ ଭୂମିକା ନିର୍ବାହ କରିବାକୁ ମଧ୍ୟ ହିତାଧିକାରଙ୍କୁ ସଶକ୍ତ କରିବ। ଟିପିସିଓଡିଏଲ୍ ଗ୍ରାହକଙ୍କୁ ସ୍ଥାୟୀ ଏବଂ ପରିବେଶ ଅନୁକୂଳ ଶକ୍ତି ସମାଧାନ ପ୍ରଦାନ କରିବା ପାଇଁ ପ୍ରତିବଦ୍ଧ ରହିଛି। ସୌରଶକ୍ତି ବ୍ୟବହାର କରିବା ଦ୍ୱାରା କେବଳ ବ୍ୟକ୍ତିଗତ ଉପଭୋକ୍ତାଙ୍କୁ ଲାଭ ମିଳେ ନାହିଁ ବରଂ ଏହା ଆମ ସମସ୍ତଙ୍କ ପାଇଁ ଏକ ସ୍ୱଚ୍ଛ ଏବଂ ସବୁଜ ଭବିଷ୍ୟତ ଦିଗରେ ଏକ ସାମୂହିକ ପ୍ରୟାସ ମଧ୍ୟ ହୋଇଥାଏ।




























# ସବୁ କ୍ଷେତ୍ରରେ ପାରଙ୍ଗମ ଦୃଷ୍ଟିବାଧିତ

## ବିଶ୍ୱ ବ୍ରେଲି ଦିବସ



**ସୁସ୍ଥ** ଲୋକ ବିଭିନ୍ନ କ୍ଷେତ୍ରରେ ସହଜରେ ସଫଳତା ହାସଲ କରିବା ସାଧାରଣ କଥା। ମାତ୍ର ଦୃଷ୍ଟିବାଧିତଙ୍କ ଭଳି କେତେକଙ୍କ ପକ୍ଷରେ ଅକ୍ଷର ଚିହ୍ନିବା ପଢ଼ିବା ତଥା ଜ୍ଞାନ ଆହରଣ କରିବା ପୂର୍ବରୁ କଷ୍ଟକର ହେଉଥିଲା। ଏହି ସମସ୍ୟାର ସମାଧାନ କରିଥିଲେ ଲୁଇସ ବ୍ରେଲି। ୪ ଜାନୁଆରି ୧୮୦୯ରେ ଫ୍ରାନ୍ସରେ ଜନ୍ମ ହୋଇଥିଲେ ଦୃଷ୍ଟିହୀନଙ୍କ ପାଇଁ ଉଦ୍ଦିଷ୍ଟ ବ୍ରେଲି ଲିପିର ସ୍ରଷ୍ଟା ହେଉଛନ୍ତି ଲୁଇସ ବ୍ରେଲି। ତାଙ୍କ ସ୍ମୃତିରେ ପ୍ରତି ବର୍ଷ ବିଶ୍ୱ ବ୍ରେଲି ଦିବସ ପାଳନ କରାଯାଇଥାଏ। ଫରାସୀ ସେନାର କ୍ରିପ୍ଟୋଗ୍ରାଫର୍ ଚାର୍ଲ୍ସ ବାର୍ବିୟେଁଙ୍କ ନାଇଟ ରାଇଟିଂ ଲିପି ଦ୍ୱାରା ଅନୁପ୍ରାଣିତ ହୋଇ ବ୍ରେଲି, ଦୃଷ୍ଟି ବାଧିତମାନେ ପଢ଼ିବା ପାଇଁ ସାଙ୍କେତିକ ଲିପି ଉଦ୍ଭାବନ କରିଥିଲେ। ସେତେବେଳେ ତାଙ୍କୁ ପନ୍ଦର ବର୍ଷ ହୋଇଥିଲା।

୧୮୨୯ରେ ସେ ପ୍ରଥମ ବ୍ରେଲି ପୁସ୍ତକ ଛାପିଥିଲେ। ବ୍ରେଲି ମାଧ୍ୟମରେ ଦୃଷ୍ଟିହୀନମାନେ ଯେକୌଣସି ଭାଷା ପଢ଼ିପାରିବାକୁ ସକ୍ଷମ ହୋଇଥିଲେ। ଆକାର ଦୃଷ୍ଟିରୁ ସାଧାରଣ ଲିପି ତୁଳନାରେ ବ୍ରେଲି ଲିପି ଅନ୍ୟୂନ ଦଶ ଗୁଣା ବଡ଼। ଏହି ଲିପି ବ୍ରେଲି ମେସିନରେ ପ୍ରସ୍ତୁତ କରାଯାଇଥାଏ। ଲୁଇସ ବ୍ରେଲି ଅର୍ଗାନ ଓ ସେଲୋ ବାଦ୍ୟ ବଜାଇବାରେ ପ୍ରବୀଣ ଥିଲେ। ସେ ଯେଉଁ ବିଦ୍ୟାଳୟରେ ପଢ଼ିଥିଲେ, ପରେ ସେହିଠାରେ ହିଁ ଶିକ୍ଷକତା କରିଥିଲେ। ମାତ୍ର ତେୟାଳିଶ ବର୍ଷ ବୟସରେ ରାଜଯକ୍ଷ୍ମାରେ ଆକ୍ରାନ୍ତ ହୋଇ, ତାଙ୍କର ପରଲୋକ ହୋଇଥିଲା।ଦୃଷ୍ଟିବାଧିତଙ୍କ ପାଇଁ ବ୍ରେଲିର ଉପଯୋଗୀତା ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଜାନୁୟାରୀ ୪ରେ ବିଶ୍ୱ ବ୍ରେଲି ଦିବସ ପାଳନ କରାଯାଇଥାଏ। ଏହା ଦୃଷ୍ଟି ବାଧିତଙ୍କୁ ସବୁ କ୍ଷେତ୍ରରେ ପାରଙ୍ଗମ କରିବାରେ ସହାୟତା ପ୍ରଦାନ କରିଥାଏ।

ଦୃଷ୍ଟିବାଧିତଙ୍କ ପାଇଁ ମାନବିକ ଅଧିକାରର ପୂର୍ଣ୍ଣ ହୃଦୟଙ୍ଗମ କରିବାରେ ଯୋଗାଯୋଗର ମାଧ୍ୟମ ଭାବରେ ବ୍ରେଲିର ମହତ୍ତ୍ୱ ବିଷୟରେ ସଚେତନତା ଲାଗି ଏହି ଦିବସ ପାଳିତ ହୁଏ। ମିଳିତ ଜାତିସଂଘର ସାଧାରଣ ସଭା ଦ୍ୱାରା ନଭେମ୍ବର ୨୦୧୮ରେ ଘୋଷଣା ମାଧ୍ୟମରେ ଏହି ଦିବସ ପାଳନ କରିବା ନିମନ୍ତେ ତାରିଖ ଚୟନ କରାଯାଇଥିଲା। ଦୃଷ୍ଟି ବାଧିତଙ୍କ ଲାଗି ଏହି ଲେଖା ପ୍ରଣାଳୀର ସୃଷ୍ଟିକର୍ତ୍ତା ଲୁଇସ ବ୍ରେଲିଙ୍କ ଜନ୍ମଦିନ ପାଳନ ଅବସରରେ ଏହି ଦିନ ପାଳନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ୨୦୧୯ ଜାନୁଆରୀ ୪ରେ ପ୍ରଥମ ବିଶ୍ୱ ବ୍ରେଲି ଦିବସ ପାଳନ କରାଯାଇଥିଲା।

# ଜଗିଙ୍ଗ୍ କରି ବିବାହ ମଣ୍ଡପକୁ ଆସିଲେ ଇରାଙ୍କ ବର

ମୁମ୍ବାଇ

ଆମିର ଖାନ୍‌ଙ୍କ ଝିଅ ଇରା ଖାନ୍ ଏବଂ ଫିଟ୍‌ନେସ କୋଚ୍ ନୂପୁର ଶିଖାରେ ବୁଧବାର ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ମୁମ୍ବାଇର ତାଜ୍ ଲାଣ୍ଡ ଏଣ୍ଡ ହୋଟେଲରେ ଦୁହିଁଙ୍କ ବିବାହ ସମ୍ପନ୍ନ ହୋଇଛି। ବିବାହ ଅତ୍ୟନ୍ତ ଧୁମ୍‌ଧାମରେ ନ ହୋଇ ସାଧାରଣ ଭାବେ ସରିଛି। ଏଥିରେ ତାଙ୍କ ପରିବାର, ସାଙ୍ଗସାଥୀ ଉପସ୍ଥିତ ଥିଲେ। ତେବେ ବିବାହ ପୂର୍ବରୁ ନୂପୁରଙ୍କୁ ବିବାହ ମଣ୍ଡପରେ ପହଞ୍ଚିବାକୁ ଜଗିଙ୍ଗ୍ କରିବାକୁ ପଡ଼ିଛି। ସେ ସାଣ୍ଟା କ୍ରୁଜ୍‌ରୁ ବାନ୍ଦ୍ରା ପର୍ଯ୍ୟନ୍ତ ୮ କି.ମି. ରାସ୍ତା ଅତିକ୍ରମ କରି ବିବାହ ସ୍ଥାନରେ ପହଞ୍ଚିଛନ୍ତି। ଏହାର କିଛି ଫଟୋ ଏବେ ଭାଇରାଲ ହେଉଛି। ଫଟୋରେ ୩ ଜଣ ସାଙ୍ଗଙ୍କ ସହିତ ନୂପୁର ସହ ଜଗିଙ୍ଗ୍ କରି ଆସୁଥିବା ଦେଖିବାକୁ ମିଳିଛି। ଏହାପରେ ସେ ମଣ୍ଡପ ପାଖରେ ଢୋଲ ବଜାଇବା ସହ ସମ୍ପର୍କୀୟଙ୍କ ସହିତ ନାଚିଥିଲେ। ବିବାହରେ ଆମିରଙ୍କ ୨ଜଣ ସ୍ତ୍ରୀ ରୀନା ଦତ୍ତା ଏବଂ କିରଣ ରାଓଙ୍କୁ ମଧ୍ୟ ଏକାଠି ଦେଖିବାକୁ ମିଳିଥିଲା। ଆସନ୍ତା ୧୩ ତାରିଖରେ ସେମାନଙ୍କ ରିସେପଶନ ପାର୍ଟିର ଆୟୋଜନ ହୋଇଛି। ତେବେ ଇରା ଏବଂ ନୂପୁର ପୂର୍ବରୁ ଡେଟିଂ କରୁଥିଲେ। ନୂପୁର ଆମିର, ସୁସ୍ମିତା ସେନ୍, ଟାଇଗର ଶ୍ରଫ ଭଳି କଳାକାରଙ୍କୁ ଫିଟ୍‌ନେସ ଟ୍ରେନିଂ ମଧ୍ୟ ଦେଇଛନ୍ତି। ୨୦୨୦ କରୋନା ସମୟଠାରୁ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଆରମ୍ଭ ହୋଇଥିଲା।






# ଇଜିପ୍ଟରେ ଛୁଟି କଟାଉଛନ୍ତି ସୋନାକ୍ଷୀ



ମୁମ୍ବାଇ

ବଲିଉଡ୍ ଦବଙ୍ଗ ଗର୍ଲ ସୋନାକ୍ଷୀ ସିହ୍ନା ଏବେ ଇଜିପ୍ଟରେ ଛୁଟିଦିନ ମନାଉଛନ୍ତି, ଯାହାର କିଛି ସୁନ୍ଦର ଫଟୋ ସେ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ବ୍ୟସ୍ତବହୁଳ ଜୀବନଠାରୁ ଦୂରରେ ରହି ସୋନାକ୍ଷୀ ଇଜିପ୍ଟରେ ଆରାମଦାୟକ ମୁହୂର୍ତ୍ତ ବିତାଉଛନ୍ତି। ଅଭିନେତ୍ରୀ ବର୍ତ୍ତମାନ ତାଙ୍କ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ଭ୍ୟାକେଶନର ଫଟୋ ଶେୟାର କରିଛନ୍ତି। ଫଟୋରେ ସେ ପିରାମିଡ୍ ସାମ୍ନାରେ ଠିଆ ହୋଇ ପୋଜ୍ ଦେଉଥିବା ନଜରକୁ ଆସିଛନ୍ତି। ଆଉ କିଛି ଫଟୋରେ ସେ ଓଟ ପାଖରେ ବସିଛନ୍ତି। ସୋନାକ୍ଷୀ ସମସ୍ତ ଫଟୋରେ ଦବଙ୍ଗ ଲୁକ୍‌ରେ ନଜରକୁ ଆସୁଛନ୍ତି। ଅଭିନେତ୍ରୀ ଏକ ଗାଢ଼ ସବୁଜ ରଙ୍ଗର କୋ-ଅର୍ଡ ସେଟ୍ ପିନ୍ଧିବା ସହ ଏକ ଲମ୍ବା କୋର୍ଟ ଓ କଳା ବୁଟ୍ ପିନ୍ଧିଛନ୍ତି। ଫ୍ୟାନ୍ସ ତାଙ୍କର ଏହି ଲୁକ୍‌କୁ ବେଶ୍ ପସନ୍ଦ କରିଛନ୍ତି। ସୋନାକ୍ଷୀ ୨୦୧୦ରେ ତାଙ୍କ ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ଶେଷ ଥର ପାଇଁ ତାଙ୍କୁ ଫିଲ୍ମ 'ଡବଲ ଏକ୍ସଏଲ୍'ରେ ଦେଖିବାକୁ ମିଳିଥିଲା। ଆଗକୁ ତାଙ୍କ ପାଖରେ ଆଉ ୩ଟି ଫିଲ୍ମ ରହିଛି। ଏଥିସହ ସେ କିଛି ମ୍ୟୁଜିକ୍ ଭିଡିଓରେ ମଧ୍ୟ ନଜରକୁ ଆସିଛନ୍ତି।
















# ଘୋଡ଼ା ଚଢ଼ି ଖାଦ୍ୟ ଡେଲିଭରି

**ହାଇଦ୍ରାବାଦ୍:** ଆଗକାଳରେ ଘୋଡ଼ା, ଗଧ, ଓଟ ଭଳି ପ୍ରାଣୀ ପରିବହନର ମାଧ୍ୟମ ସାଜିଥିଲେ। ତେବେ ନିକଟରେ ଏପରି ଏକ ଭିଡିଓ ଦେଖିବାକୁ ମିଳିଛି। ଜଣେ ଡେଲିଭରି ବୟ ବର୍ତ୍ତମାନ ଯୁଗରେ ବାଇକ୍ ବଦଳରେ ଏକ ଘୋଡ଼ାକୁ ତାଙ୍କ ସବାରି କରି ଖାଦ୍ୟ ଡେଲିଭରି କରିବାକୁ ଯାଉଛନ୍ତି। ସେ ହାଇଦ୍ରାବାଦ୍‌ର ଏକ ଟ୍ରାଫିକ୍‌ରେ ହଠାତ୍ ଲୋକଙ୍କ ସାମ୍ନାରେ ଘୋଡ଼ାରେ ଆସି ପହଞ୍ଚିଥିଲେ। ଏହି ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ଜଣେ ଜୋମାଟୋ ଡେଲିଭରି ବୟ କାନ୍ଧରେ ବ୍ୟାଗ୍ ଧରି ରାସ୍ତାରେ ଘୋଡ଼ା ଚଢ଼ି ଯାଉଥିବା ନଜରକୁ ଆସିଛନ୍ତି। ଡେଲିଭରି ବୟଙ୍କ ଏପରି ଘୋଡ଼ା ଚଢ଼ି ଆସିବା ସେଠାରେ ଉପସ୍ଥିତ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଲୋକେ ଏହି ଭିଡିଓକୁ ବେଶ୍ ପସନ୍ଦ କରିବା ସହିତ ଅନେକ ୟୁଜର ଏଥିରେ ବହୁ ଆକର୍ଷଣୀୟ ମନ୍ତବ୍ୟ ଦେଇଛନ୍ତି।

































ଧରିତ୍ରୀ DHARITRI
ଧରିତ୍ରୀ 50 Years
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୪/୨୦୨୪ Bhubaneswar, Thursday, January 4/ 2024

# ପ୍ରଥମ ଦିନରେ ୨୩ ଉଇକେଟର ପତନ

## ■ ଟେଷ୍ଟରେ ଦକ୍ଷିଣ ଆଫ୍ରିକାର ଦ୍ୱିତୀୟ ସର୍ବନିମ୍ନ ସ୍କୋର
## ■ ଭାରତର ନାଟକୀୟ ବିପର୍ଯ୍ୟୟ

**କେପ୍‌ଟାଉନ୍,୩।୧(ପି.ଟି)**

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟ ମ୍ୟାଚର ପ୍ରଥମ ଦିନରେ ୨୩ ଉଇକେଟର ପତନ ଘଟିଛି। ପ୍ରଥମେ ଦକ୍ଷିଣ ଆଫ୍ରିକା ମାତ୍ର ୫୫ ରନ୍‌ରେ ଅଲଆଉଟ ହୋଇଥିବା ବେଳେ ଜବାବରେ ଭାରତ ନାଟକୀୟ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୫୩ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ୯୮ ରନ୍ ପଛୁଆ ରହିବା ପରେ ଷ୍ଟମ୍ପ ଅପସାରଣ ସୁଦ୍ଧା ଘରୋଇ ଦଳ ୧୭ ଓଭରରେ ୩ ଉଇକେଟ ହରାଇ ୬୨ ରନ୍ ସଂଗ୍ରହ କରିଛି। ହାତରେ ୭ ଉଇକେଟ ରହିଥିବା ବେଳେ ଦଳ ୩୬ ରନ୍‌ରେ ପଛୁଆ ରହିଛି।



ଉଇକେଟ ନେବାପରେ ଉଲ୍ଲସିତ ଭାରତର ମହମ୍ମଦ ସିରାଜ।

### ସିରାଜଙ୍କ କ୍ୟାରିୟର ଶ୍ରେଷ୍ଠ ବୋଲିଂ

ଟସ୍ ଜିତି ଦକ୍ଷିଣ ଆଫ୍ରିକା ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ସାଧାରଣତଃ ବ୍ୟାଟିଂ ସହାୟକ ରହୁଥିବା କେପ୍‌ଟାଉନ୍ ପିଚ୍ କିନ୍ତୁ ବୁଧବାର ବ୍ୟାଟରଙ୍କ ପାଇଁ କୌଣସି ମାଇନ୍ ଫିଲ୍ଡରୁ କମ୍ ନ ଥିଲା। ଏଭଳି ପିଚ୍‌ର ଭରପୂର ଫାଇଦା ଉଠାଇ ମହମ୍ମଦ ସିରାଜ କ୍ୟାରିୟରର ଶ୍ରେଷ୍ଠ ବୋଲିଂ ଫିଗର ଅର୍ଜନ କରିଥିଲେ। ମାତ୍ର ୧୫ ରନ୍ ବ୍ୟୟରେ ୬ ଆଫ୍ରିକୀୟ ଖେଳାଳିଙ୍କୁ ଆଉଟ କରିଥିଲେ। ଫଳରେ ଦକ୍ଷିଣ ଆଫ୍ରିକା ମାତ୍ର ୫୫ ରନ୍‌ରେ ଅଲଆଉଟ ହୋଇ ଟେଷ୍ଟ କ୍ରିକେଟରେ ନିଜର ଦ୍ୱିତୀୟ ସର୍ବନିମ୍ନ ସ୍କୋର ରେକର୍ଡ କରିଥିଲା। ୧୯୩୨ରେ ଦଳ ଅଷ୍ଟ୍ରେଲିଆ ବିପକ୍ଷରେ ୪୫ ରନ୍‌ରେ ଅଲ୍‌ଆଉଟ ହୋଇଥିଲା। ଦକ୍ଷିଣ ଆଫ୍ରିକାର ୯ ଜଣ ଖେଳାଳି ଦୁଇ ଅଙ୍କ ଛୁଇଁ ପାରି ନ ଥିବା ବେଳେ କାଇଲ୍ ଭେରେୟିନ ୧୫ ଓ ଡେଭିଡ୍ ବେଡିଙ୍ଗହାମ୍ ୧୨ ରନ୍ କରିଥିଲେ। ସିରାଜଙ୍କ ବ୍ୟତୀତ ଯଶପ୍ରୀତ୍ ବୁମରା ଓ ମୁକେଶ କୁମାର ଦୁଇଟି ଲେଖାଏ ଉଇକେଟ ନେଇଥିଲେ।



ମୁକେଶ କୁମାର



ଲୁନ୍‌ଗି ଏନ୍‌ଗିଡି

### ବିନା ରନରେ ୬ ଉଇକେଟ

ଭାରତ ଇନିଂସ ଆରମ୍ଭ କରିଥିବା ବେଳେ ଯଶସ୍ୱୀ ଜୟସ୍ୱାଲ ଖାତା ଖୋଲିବାରେ ବିଫଳ ହୋଇଥିଲେ। ତେବେ ଅଧିନାୟକ ରୋହିତ ଶର୍ମା(୩୯) ଓ ଶୁବମନ ଗିଲ୍(୩୬) ଦ୍ୱିତୀୟ ଉଇକେଟରେ ୫୫ ରନ୍ ଯୋଡିଥିଲେ। ପୂର୍ବତନ ଭାରତୀୟ ଅଧିନାୟକ ବିରାଟ କୋହଲି ନିଜ ଚମତ୍କାର ଫର୍ମ ବଜାୟ ରଖି ୪୬ ରନ୍‌ର ଉପଯୋଗୀ ଇନିଂସ ଖେଳିଥିଲେ। କୋହଲି ୫୯ ବଲ୍ ଖେଳି ୬ ଚୌକା ଓ ୧ ଛକା ମାରିଥିଲେ। ଏହି ୩ ଖେଳାଳିଙ୍କୁ ବାଦ୍ ଦେଲେ ଭାରତର ଅନ୍ୟ କୌଣସି ଖେଳାଳି ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ଅନ୍ୟପକ୍ଷରେ ୭ ଜଣ ଭାରତୀୟ ଖେଳାଳି ଦୁଇଅଙ୍କ ସ୍କୋର ଛୁଇଁପାରି ନ ଥିଲେ। ଚା' ପାନ ବିରତି ପୂର୍ବରୁ ଭାରତ ୪ ଉଇକେଟରେ ୧୫୩ ରନ୍ ସ୍କୋର କରିଥିଲା। ତେବେ ପରବର୍ତ୍ତୀ ଦୁଇ ଓଭରରେ ନାଟକୀୟ ବିପର୍ଯ୍ୟୟ ସହିତ ଦଳ ଆଉ କୌଣସି ରନ୍ ଯୋଡିବା ଆଗରୁ ୬ ଉଇକେଟ ହରାଇ ସମାନ ସ୍କୋରରେ ଅଲଆଉଟ ହୋଇଥିଲା। ଦକ୍ଷିଣ ଆଫ୍ରିକା ପକ୍ଷରୁ ଲୁନ୍‌ଗି ଏନ୍‌ଗିଡି, ନାନ୍ଦ୍ରେ ବର୍ଗର ଓ କାଗିସୋ ରାବାଡା ୩ଟି ଲେଖାଏ ଉଇକେଟ ନେଇଥିଲେ।

ଭାରତ ୯୮ ରନ୍‌ରେ ଆଗୁଆ ରହିବା ପରେ ଦକ୍ଷିଣ ଆଫ୍ରିକା ଇନିଂସ ଆରମ୍ଭ କରିଥିଲା। ଏଡେନ୍ ମାରକ୍ରମ(୩୬*) ଓ ଡିନ୍ ଏଲଗାର(୧୨) ପ୍ରଥମ ଉଇକେଟରେ ୩୭ ରନ୍ ଯୋଡିଥିଲେ। ଏଲଗାର ଓ ଟୋନି ଡି ଜୋର୍ଜି(୧)ଙ୍କୁ ଆଉଟ କରିଥିଲେ ମୁକେଶ କୁମାର। ପରବର୍ତ୍ତୀ ବ୍ୟାଟର ଟ୍ରିଷ୍ଟାନ ଷ୍ଟବ୍ସ(୧)ଙ୍କୁ ଆଉଟ କରିଥିଲେ ଯଶପ୍ରୀତ୍ ବୁମ୍‌ରା।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୨୩.୨ ଓଭରରେ ୫୫/୧୦ (କାଇଲ୍ ଭେରେୟିନ-୧୫, ଡେଭିଡ୍ ବେଡିଙ୍ଗହାମ୍-୧୨, ମହମ୍ମଦ ସିରାଜ-୬/୧୫, ମୁକେଶ କୁମାର-୨/୨, ଯଶପ୍ରୀତ୍ ବୁମ୍‌ରା-୨/୨୫)। ଭାରତ ପ୍ରଥମ ଇନିଂସ: ୩୪.୫ ଓଭରରେ ୧୫୩/୧୦ (ବିରାଟ କୋହଲି-୪୬, ରୋହିତ ଶର୍ମା-୩୯, ଶୁବମନ ଗିଲ-୩୬, ଲୁନ୍‌ଗି ଏନ୍‌ଗିଡି-୩/୩୦, ନାନ୍ଦ୍ରେ ବର୍ଗର-୩/୪୨, କାଗିସୋ ରାବାଡା-୩/୩୮)।ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ: ୧୭ ଓଭରରେ ୬୨/୩ (ଏଡେନ୍ ମାରକ୍ରମ-୩୬*, ମୁକେଶ କୁମାର-୨/୨୫, ଯଶପ୍ରୀତ୍ ବୁମ୍‌ରା-୧/୨୫)।

# ଦ୍ୱିତୀୟ ଟେଷ୍ଟରେ ପାଲେଷ୍ଟାଇନ୍ ସମର୍ଥିତ ସ୍ଲୋଗାନ

**କେପ୍‌ଟାଉନ୍,୩।୧(ପି.ଟି)**

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟ ମ୍ୟାଚରେ ପାଲେଷ୍ଟାଇନ୍ ସମର୍ଥିତ ସ୍ଲୋଗାନ ଦେଖିବାକୁ ମିଳିଥିଲା। ଇସ୍ରାଏଲ ବିରୋଧୀ ସ୍ଲୋଗାନ ଦେବା ସହିତ ଦକ୍ଷିଣ ଆଫ୍ରିକା ୧୯ ବର୍ଷରୁ କମ୍ ଦଳର ଅଧିନାୟକଙ୍କୁ ବିଦା କରିବାକୁ ନାରା ଲଗା ଯାଇଥିଲା। କିଛି ଦିନ ପୂର୍ବର ଦକ୍ଷିଣ ଆଫ୍ରିକା ୧୯ ବର୍ଷରୁ କମ୍ ଦଳର ଅଧିନାୟକ ଡେଭିଡ୍ ଟିଗର ଇସ୍ରାଏଲ ସେନାର ସମର୍ଥନରେ ଏକ ମନ୍ତବ୍ୟ ଦେଇଥିଲେ। କିଛି ଲୋକ ଏକ ଗ୍ରୁପରେ ଆସିବା ସହିତ ବୟକଟ୍ ଇସ୍ରାଏଲର ପ୍ଲା କାର୍ଡ ଧରି ବିରୋଧ ପ୍ରଦର୍ଶନ କରିଥିଲେ। ଏହା ସହିତ ସ୍ୱାଧୀନ ପାଲେଷ୍ଟାଇନ୍ ଗଠନ ପାଇଁ ମଧ୍ୟ ସ୍ଲୋଗାନ ଶୁଣିବାକୁ ମିଳିଥିଲା। ପ୍ରଥମେ ହମାସ ଆତଙ୍କବାଦୀ ମାନେ ଇସ୍ରାଏଲ ଉପରେ ଆକ୍ରମଣ କରି ନରସଂହାର କରିବା ପରେ ଇସ୍ରାଏଲ ପ୍ରତି ଆକ୍ରମଣ କରିଥଲା। ଏଥିରେ ବର୍ତ୍ତମାନ ସୁଦ୍ଧା ୧୨୦୦ରୁ ଅଧିକ ଲୋକ ପ୍ରାଣ ହରାଇ ସାରିଛନ୍ତି। ଅକ୍ଟୋବର ୨୨ ତାରିଖରେ ଟିଗରଙ୍କୁ ଜିଓ୍ୱିସ୍ ଆଚିଭର ପକ୍ଷରୁ ରାଇଜିଂ ଷ୍ଟାର ଆଓ୍ୱାର୍ଡ ପ୍ରଦାନ କରାଯାଇଥିଲା। ଏହି ଅବସରରେ ସେ କହିଥିଲେ ମୁଁ ହୁଏତ ରାଇଜିଂ ଷ୍ଟାର ହୋଇ ଥାଇ ପାରେ ତେବେ ପ୍ରକୃତ ଷ୍ଟାର ହେଉଛି ଇସ୍ରାଏଲୀ ସେନା। ଏହାପରେ ଏକ କମିଟି ମାମଲାର ତଦନ୍ତ କରି ତାଙ୍କୁ ନିର୍ଦ୍ଦୋଷ ଘୋଷଣା କରିଥିଲେ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ।